# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, February 4/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 72 | ମୂଲ୍ୟ ₹୭/-





**ସଞ୍ଜୁ ସାମସନ ଆଘାତପ୍ରାପ୍ତ**

ଇଂଲଣ୍ଡ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ବେଳେ ଆଘାତପ୍ରାପ୍ତ ହୋଇଛନ୍ତି ଭାରତୀୟ ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନ।

୧୪

୦୨

**‘କନ୍ନାପା’ରେ ପ୍ରଭାସଙ୍କ ରୁଦ୍ର ଅବତାର**

‘କନ୍ନାପ୍ପା’ ଫିଲ୍ମରେ ଅଭିନେତା ପ୍ରଭାସଙ୍କ ପ୍ରଥମ ଲୁକ୍‌କୁ ସୋମବାର ଜାରି କରାଯାଇଛି।






ପ୍ରୟାଗରାଜରେ ମହାକୁମ୍ଭ ମେଳାର ବସନ୍ତ ପଞ୍ଚମୀ ଅମୃତ ସ୍ନାନ ଅବସରରେ ସୋମବାର ସଙ୍ଗମ ସ୍ଥଳରେ ସାଧୁସନ୍ଥ ସ୍ନାନ କରୁଛନ୍ତି।

**ମହାକୁମ୍ଭ ଦଳାଚକଟା**

# ଲୋକ ସଭାରେ ହଙ୍ଗାମା

**କରଦାତାଙ୍କ ବିପୁଳ ଟଙ୍କା ବ୍ୟୟରେ ଆୟୋଜିତ ପ୍ରୟାଗରାଜ କୁମ୍ଭମେଳାରେ ଗତ ମାସ ୨୯ରେ ଘଟିଥିବା ଦଳାଚକଟାକୁ ନେଇ ସୋମବାର ଲୋକ ସଭାରେ ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଥିବାବେଳେ ରାଜ୍ୟ ସଭାରେ କକ୍ଷତ୍ୟାଗ କରିଛନ୍ତି। ସରକାରଙ୍କ ଅବହେଳା ଏବଂ ସମ୍ବେଦନହୀନତା ଯୋଗୁ ବହୁସଂଖ୍ୟକ ଲୋକଙ୍କ ଜୀବନ ଗଲା ବୋଲି ବିରୋଧୀ କହିବା ସହ ଏଥିପାଇଁ ସରକାର ନିଜକୁ ଉତ୍ତରଦାୟୀ କରନ୍ତୁ ବୋଲି ଦାବି କରିଛନ୍ତି। ଦଳାଚକଟାରେ ୩୦ ନୁହେଁ, ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆକଳନ କରିବା ସହ ସରକାର ମୃତ୍ୟୁସଂଖ୍ୟା ଲୁଚାଉଥିବା ନେଇ ରାଜ୍ୟ ସଭାରେ ଅଭିଯୋଗ କରିଛନ୍ତି। ସେହିପରି ମୃତଦେହଗୁଡ଼ିକୁ ନଦୀରେ ଫିଙ୍ଗି ଦିଆଯାଇଥିବା ଏବଂ ଏଥିଯୋଗୁ ନଦୀ ଦୂଷିତ ହୋଇପଡ଼ିଥିବା ନେଇ ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ ସଂସଦ ବାହାରେ ସଙ୍ଗିନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଖାର୍ଗେଙ୍କ ବୟାନକୁ ଶାସକ ଦଳ ପକ୍ଷରୁ ବିରୋଧ କରାଯାଇଥିବାବେଳେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ମନ୍ତବ୍ୟ ଫେରାଇ ନେବାକୁ କହିଛନ୍ତି।**

ନୂଆଦିଲ୍ଲୀ,୩।୨(ପି.ଟି.)

ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଡିଏମ୍‌କେ ଏମ୍‌ପି କାନିମୋଝି କୁମ୍ଭମେଳା ଦଳାଚକଟାରେ ମୃତକଙ୍କ ପାଇଁ ଦୁଃଖପ୍ରକାଶ କରିବା ସହ ସରକାର ତୀର୍ଥଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବିଫଳ ହୋଇଥିବାରୁ ସମାଲୋଚନା କରିଛନ୍ତି। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଦଳାଚକଟା ଘଟଣା ଉପରେ ଆଲୋଚନା ଦାବିରେ ଦୀର୍ଘ ସମୟ ଧରି ହଙ୍ଗାମା ହୋଇଛି। ସେମାନେ ମୃତକମାନଙ୍କ ତାଲିକା ଦାବି କରିଥିଲେ। ରାଜନୀତି ଓ ଧର୍ମର ମିଳନ ଯୋଗୁ ନିରୀହ ଲୋକେ ଅସୁବିଧାରେ ପଡୁଛନ୍ତି। ଦଳାଚକଟାରେ ପ୍ରକୃତରେ କେତେ ଲୋକଙ୍କ ମୃତ୍ୟୁ ଘଟିଲା, ତାହା ଦେଶବାସୀ ଜାଣିପାରିନାହାନ୍ତି ବୋଲି କାନିମୋଝି କହିଛନ୍ତି। ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଏବଂ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ନେତୃତ୍ୱରେ ବିରୋଧୀ ସଦସ୍ୟମାନେ ପ୍ରଶ୍ନୋତ୍ତର କାଳ ସ୍ଥଗିତ ରଖାଯାଇ ଷ୍ଟାମ୍ପେଡ୍ ଉପରେ ଆଲୋଚନା ହେଉ ବୋଲି ଦାବି କରିଛନ୍ତି।

## ରାଜ୍ୟ ସଭାରେ ବିରୋଧୀଙ୍କ କକ୍ଷତ୍ୟାଗ

ଗତ ମାସ ୨୯ ତାରିଖ ମୌନି ଅମାବାସ୍ୟା ଯୋଗୁ ସଙ୍ଗମରେ ବୁଡ଼ ପକାଇବା ପାଇଁ ବହୁ କୋଟି ଲୋକଙ୍କ ଭିଡ଼ ହୋଇଥିଲା। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଅମୃତ ସ୍ନାନ ପାଇଁ ଗଲାବେଳେ ଠେଲାପେଲାରେ ବାରିକେଡ୍ ଭାଙ୍ଗିଯିବାରୁ ଦଳାଚକଟା ହୋଇଥିଲା। ଏଥିରେ ୩୦ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହି ସଂଖ୍ୟାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶ୍ନୋତ୍ତର କାଳ ଆଲୋଚନା ଜାରି ରହିବାରୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ସଦସ୍ୟମାନେ ସ୍ୱଳ୍ପ ସମୟ ପାଇଁ କକ୍ଷତ୍ୟାଗ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ଦଳାଚକଟା ପ୍ରସଙ୍ଗକୁ ନେଇ ଅନୁରୂପ ସ୍ଥିତି ଉପୁଜିଥିଲା। ଗୃହର ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଆଲୋଚନା ପାଇଁ ଅନୁମତି ନ ଦେବାରୁ ବିରୋଧୀମାନେ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଦଳାଚକଟାରେ ୩୦ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯିବା ଆଦୌ ଗ୍ରହଣୀୟ ନୁହେଁ। କୁମ୍ଭମେଳାରେ ୧,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ସେ ଆକଳନ କରୁଛନ୍ତି ବୋଲି କହିଛନ୍ତି। ତେବେ ଦଳାଚକଟାରେ ପ୍ରକୃତ ମୃତ୍ୟୁସଂଖ୍ୟା କେତେ ଏବଂ କେତେ ଜଣ ନିଖୋଜ ହୋଇଛନ୍ତି, ତାହା ସରକାର ପ୍ରକାଶ କରିବା ଉଚିତ। ଯଦି ତାଙ୍କ ଆକଳନ ଭୁଲ୍ ହୋଇଥାଏ, ତେବେ ସେ କ୍ଷମା ମାଗିବେ ବୋଲି ଖାର୍ଗେ କହିଛନ୍ତି। ତାଙ୍କ ମନ୍ତବ୍ୟକୁ ଶାସକ ଦଳ ପକ୍ଷରୁ ଜୋର୍‌ଦାର ବିରୋଧ କରାଯାଇଥିଲା। ଖାର୍ଗେ ତାଙ୍କ ମନ୍ତବ୍ୟ ଫେରାଇ ନିଅନ୍ତୁ ବୋଲି ଧନ୍‌କର କହିଛନ୍ତି। ସେହିପରି ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହକୁ ନଦୀରେ ଫିଙ୍ଗିଦିଆଯାଇଥିବା ରାଜ୍ୟ ସଭାରେ ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଉଥିବା ନଦୀରେ ମୃତଦେହ ଫିଙ୍ଗାଯାଇଥିବାରୁ ଏହାର ଜଳ ଅତ୍ୟନ୍ତ ଦୂଷିତ ବୋଲି ସେ କହିଛନ୍ତି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ବଡ଼ କିନ୍ତୁ ଗୁଣବତ୍ତା ନୁହେଁ**


# ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି

- ମାଲଦାରୁ ବେଙ୍ଗାଲୁରୁକୁ ନୂଆ ଅମୃତ ଭାରତ ଏକ୍ସପ୍ରେସ୍ ଚାଲିବ
- ୧୮୯୮ କି.ମି. ଟ୍ରାକ୍ ତିଆରିରେ କବଚ ଟେକ୍ନୋଲୋଜି
- ୫୯ ଅମୃତ ଷ୍ଟେଶନର ଉନ୍ନତୀକରଣ ପାଇଁ ୨,୩୭୯ କୋଟି



| ବର୍ଷ | ଓଡ଼ିଶାକୁ ମିଳିଥିବା ଅନୁଦାନ |
|---|---|
| ୨୦୧୯-୨୦ | ୪,୫୬୮ କୋଟି |
| ୨୦୨୦-୨୧ | ୫,୨୯୬ କୋଟି |
| ୨୦୨୧-୨୨ | ୬,୪୭୧ କୋଟି |
| ୨୦୨୨-୨୩ | ୯୭୩୪ କୋଟି |
| ୨୦୨୩-୨୪ | ୧୦,୦୧୨ କୋଟି |
| ୨୦୨୪-୨୫ (ଅନ୍ତରୀଣ ବଜେଟ୍) | ୧୦, ୫୩୬ |
| ୨୦୨୫-୨୬ | ୧୦, ୫୯୯ କୋଟି |

ଭୁବନେଶ୍ୱର,୩।୨ (ଅନୁରାଧା ମହାରଣା)

କେନ୍ଦ୍ରୀୟ ବଜେଟ ୨୦୨୫-୨୬ରେ ରେଳଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ପାଇଁ ଏଥିରେ ୧୦,୫୯୯ କୋଟି ଟଙ୍କାର ଅନୁଦାନ ଘୋଷଣା କରାଯାଇଛି। ଏହା ୨୦୦୯-୨୦୧୪ ଅବଧି ତୁଳନାରେ ୧୨.୫% ଅଧିକ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏନେଇ ସୋମବାର ଭୁବନେଶ୍ୱରସ୍ଥିତ ରେଳସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରେଳମନ୍ତ୍ରୀ ନୂଆଦିଲ୍ଲୀରୁ ଭର୍ଚୁଆଲରେ ଯୋଡ଼ିହୋଇ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ୭୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ସରକାର ଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ୨୦୪୬ଟି ନୂଆ ରେଳ ଟ୍ରାକ୍ ତିଆରି କରିଛନ୍ତି, ଯାହାକି ମାଲେସିଆର ରେଳ ନେଟ୍‌ୱର୍କଠାରୁ ଅଧିକ ରହିଛି। ଓଡ଼ିଶାରେ ବର୍ତ୍ତମାନ ମୋଟ ୬ଟି ବନ୍ଦେ ଭାରତ ଟ୍ରେନ୍ ଗଡୁଛି। ଭବିଷ୍ୟତରେ ଆହୁରି ଅଧିକ ଚଳାଚଳ କରିବାର ଯୋଜନା ରହିଛି। ଏହା ୧୭ଟି ଜିଲା ସହ ୨୫ଟି ସ୍ୱତନ୍ତ୍ର ଷ୍ଟପେଜକୁ ସଂଯୋଗ କରୁଛି। ଏହା ବ୍ୟତୀତ ରାଜ୍ୟରେ ଆହୁରି ୭୩,୭୨୩ କୋଟି ଟଙ୍କାର ରେଳ ପ୍ରକଳ୍ପ କାମ ଚାଲିଛି। ☞ପୃଷ୍ଠା-୪

# ଋଣ ବୋଝ ସହି ନ ପାରି ଦମ୍ପତିଙ୍କ ଆତ୍ମହତ୍ୟା

ଯାଜପୁର/ବ୍ରହ୍ମବରଦା,୩।୨ (ହର୍ଷବର୍ଦ୍ଧନ ବେହେରା/ଯଯାତି କେଶରୀ ବେହେରା)

**କାନ୍ଥରେ ମୃତକଙ୍କ ଶେଷକଥା**

ଋଣ ବୋଝ ଅସହ୍ୟ ହେଲା। ମାନସିକ ସନ୍ତୁଳନ ହରାଇ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ କୋଠାସାହି ଗ୍ରାମର ଏକ ଦମ୍ପତି ବେକରେ ରଶି ବାନ୍ଧି ସୋମବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବିଜୟ ରାଉତ(୬୦) ଏବଂ ତାଙ୍କ ସ୍ତ୍ରୀ ପଦ୍ମିନୀ ରାଉତ(୫୫)। ବ୍ରହ୍ମବରଦା ଥାନା ପୋଲିସ ସୋମବାର ପୂର୍ବାହ୍ନରେ ଖବର ପାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ୨ଟି ଅପମୃତ୍ୟୁ ମାମଲା(ନଂ.୨/୨୦୨୫ ଓ ୩/୨୦୨୫) ରୁଜୁ ହୋଇଛି। ପୋଲିସ ଅଧିକ ତଦନ୍ତ ଚଳାଇଛି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବିଜୟ ଏକ ଅଟୋରିକ୍ସା କିଣିଥିଲେ। ସେଥିପାଇଁ କରିଥିବା ଋଣକୁ ସେ ☞ପୃଷ୍ଠା-୪

# ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ

## ୧ ଡଲାର= ୮୭.୧୭ ଟଙ୍କା

ନୂଆଦିଲ୍ଲୀ,୩।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା, ମେକ୍ସିକୋ ଏବଂ ଚାଇନା ଉପରେ ଟାରିଫ୍ ଲାଗୁ କରିବା ପରେ ବୈଶ୍ୱିକ ବାଣିଜ୍ୟ ଯୁଦ୍ଧ ବ୍ୟାପକ ରୂପ ନେବା ଆଶଙ୍କା ପ୍ରକଟ ପାଇଛି। ଏହାର ପ୍ରଭାବରେ ଡଲାର ଇଣ୍ଡେକ୍ସ ୧.୨୪% ବୃଦ୍ଧି ପାଇଛି। ଫଳରେ ସୋମବାର ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ହ୍ରାସ ଘଟି ୮୭.୧୭ରେ ପହଞ୍ଚିଛି, ଅର୍ଥାତ୍ ୧ ଡଲାରର ବିନିମୟ ମୂଲ୍ୟ ୮୭ ଟଙ୍କା ୧୭ ପଇସା ହୋଇଛି। କିଛି ସମୟ ପୂର୍ବରୁ ଟଙ୍କା ମୂଲ୍ୟ ସର୍ବାଧିକ ୮୭.୨୯ ସ୍ତରକୁ ଖସିଥିଲା। ଆମେରିକୀୟ ଡଲାର ଇଣ୍ଡେକ୍ସ ୬ଟି ବିଦେଶୀ ମୁଦ୍ରାର ବାସ୍କେଟ୍ ସହ ତୁଳନା କରାଯାଇ ଆକଳନ କରାଯାଇଥାଏ। ତଦନୁଯାୟୀ ଡଲାର ସୂଚକାଙ୍କ ୧.୨୪% ବୃଦ୍ଧି ପାଇ ଟଙ୍କା ତୁଳନାରେ ୧୦୯.୮୪%ରେ ଟ୍ରେଡ୍ କରିବାକୁ ଯାଉଛି। ଶୁକ୍ରବାର ଡଲାରର ବିନିମୟ ମୂଲ୍ୟ ୮୬.୬୨ ଟଙ୍କା ରହିଥିଲା।

ଟ୍ରମ୍ପ ଶନିବାର ସ୍ୱାକ୍ଷର କରିଥିବା ଅର୍ଡର ଅନୁସାରେ କାନାଡ଼ା ଓ ମେକ୍ସିକୋରୁ ଆସୁଥିବା ସାମଗ୍ରୀ ଉପରେ ମଙ୍ଗଳବାରଠାରୁ ୨୫% ଏବଂ ଚାଇନା ☞ପୃଷ୍ଠା-୪

# ଭାରତୀୟ ବଂଶୋଦ୍ଭବ ଚନ୍ଦ୍ରିକା ଟଣ୍ଡନ ଜିତିଲେ ଗ୍ରାମୀ ପୁରସ୍କାର

ଲସ୍‌ଏଞ୍ଜେଲ୍ସ, ୩।୨




ଚନ୍ଦ୍ରିକା ଟଣ୍ଡନ

ସଙ୍ଗୀତ କ୍ଷେତ୍ରରେ ସବୁଠାରୁ ପ୍ରତିଷ୍ଠିତ ପୁରସ୍କାର ସମାରୋହ ଗ୍ରାମୀ ଆୱାର୍ଡ୍ସର ୬୭ତମ ସଂସ୍କରଣ ସୋମବାର ଆମେରିକାର ଲସ୍‌ଏଞ୍ଜେଲ୍ସସ୍ଥିତ କ୍ରିପ୍ଟୋ ଡଟ୍ କମ୍ ଏରିନାଠାରେ ରେକର୍ଡିଙ୍ଗ ଏକାଡେମୀ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରେଣୀରେ ପ୍ରଖ୍ୟାତ ସଙ୍ଗୀତଜ୍ଞଙ୍କୁ ସମ୍ମାନିତ କରାଯାଇଛି। ଭାରତୀୟ ଆମେରିକୀୟ ସଙ୍ଗୀତଜ୍ଞ ତଥା ଉଦ୍ୟୋଗୀ ଚନ୍ଦ୍ରିକା ଟଣ୍ଡନ ତାଙ୍କ ଆଲବମ୍ ‘ତ୍ରିବେଣୀ’ ପାଇଁ ବେଷ୍ଟ ନ୍ୟୁ ଏଜ୍, ଆମ୍ବିଆଣ୍ଟ ଏବଂ ଚାଣ୍ଟ ଆଲବମ୍ ଶ୍ରେଣୀରେ ଗ୍ରାମୀ ପୁରସ୍କାର ଜିତିଛନ୍ତି। ସେ ତାଙ୍କର ସହକର୍ମୀ ଦକ୍ଷିଣ ଆଫ୍ରିକାର ବଂଶୀ ବାଦକ ୱାଉଟର କେଲରମ୍ୟାନ ଓ ଜାପାନର ଭାଓଲିନ ବାଦକ ମାଟସୁମୋଟୋଙ୍କ ସହ ଗ୍ରାମୀ ପୁରସ୍କାର ଗ୍ରହଣ କରିଥିଲେ। ପେପ୍ସିକୋର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଇନ୍ଦ୍ରା ନୁୟୀଙ୍କର ବଡ଼ଭଉଣୀ ଚନ୍ଦ୍ରିକା ଜଣେ ବିଜନେସ୍ ଲିଡର ଭାବେ ମଧ୍ୟ ପରିଚିତ। ଚେନ୍ନାଇରେ ବଢ଼ିଥିବା ଚନ୍ଦ୍ରିକା ଗ୍ରାମୀ ପୁରସ୍କାର ଜିତି ଖୁସି ପ୍ରକାଶ କରିଛନ୍ତି। ଏହା ତାଙ୍କ ପାଇଁ ଅଦ୍ଭୁତ ଅନୁଭବ ହୋଇଥିବା ଚନ୍ଦ୍ରିକା କହିଛନ୍ତି। ସଙ୍ଗୀତ ତାଙ୍କ ଜୀବନର ସବୁକିଛି ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚନ୍ଦ୍ରିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏକ୍ସ’ରେ ଲେଖିଛନ୍ତି, ଭାରତୀୟ ସଂସ୍କୃତିକୁ ବିଶ୍ୱବ୍ୟାପୀ ପରିଚୟ ଦେବାରେ ଚନ୍ଦ୍ରିକାଙ୍କର ଉଦ୍ୟମ ☞ପୃଷ୍ଠା-୪





For more information, call 1800-103-1644 or log on to www.daburdentalcare.com I Email: daburcares@dabur.com

Also available at amazon bigbasket Flipkart JioMart and a store near you.

*Accepted by the Indian Dental Association (IDA) for its proven safety, efficacy, and effectiveness in reducing dental diseases and improving oral health when used as directed by the manufacturer. **Claim basis NIELSENIQ Retail Index Data for the Period May 2024 for the Indian Market in Toothpaste Category #Based on clinical study on toothpaste for teeth sensitivity (CTRI/2024/07/071115) and fighting dental problems like toothache, dental care & oral hygiene (CTRI/2014/11/005212)

Dabur

# ସୁରେଶ୍ୱରୀ ପ୍ରକଳ୍ପ ନିର୍ମାଣ ଦାବି ନେଇ ଆନ୍ଦୋଳନ



ବଇଣ୍ଡା, ୩।୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ୍ ବାମୁର ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପକୁ ନେଇ ଚାଷୀମାନେ ବହୁବାର ଦାବି କରୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକଳ୍ପ ପାଇଁ କୃଷି ସଙ୍ଗଠନ ପକ୍ଷରୁ ବହୁବାର ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନଥିବା ଯୋଗୁ ସୋମବାର ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ କିଶୋରନଗର ବ୍ଲକ୍ ସମ୍ମୁଖରେ ଗଣଧାରଣା ଦିଆଯାଇ ଆନ୍ଦୋଳନ କରାଯାଇଛି। କମିଟି ପକ୍ଷରୁ ପରମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କମିଟି ଆବାହକ ନବକିଶୋର ପ୍ରଧାନ, କିଶୋରଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଲକ୍ଷ୍ମଣ ଭୋଇ, କୈଳାସ ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା, ତୀର୍ଥବାସୀ ଭୋଇ , ରମେଶ ସାହୁ, ସୁରୁଚି ପ୍ରଧାନ, ତରୁଣ ବେହେରା, ବାବାଜି ଚରଣ ବେହେରାଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ସେମାନଙ୍କ କହିବା ଅନୁଯାୟୀ, ସୁରେଶ୍ୱରୀ ପ୍ରକଳ୍ପ ନିର୍ମାଣ ହେଉନଥିବା ଯୋଗୁ ଅଞ୍ଚଳର ଚାଷକାର୍ଯ୍ୟ ବଢ଼ିପାରୁନାହିଁ । ବିଶେଷକରି, ଅଞ୍ଚଳର ବହୁ ଚାଷୀ ଧାନଚାଷ ଉପରେ ନିର୍ଭର କରୁଥିବାବେଳେ ସୁରେଶ୍ୱରୀ ପ୍ରକଳ୍ପ ସେମାନଙ୍କୁ ସାହା ହେବ। ପ୍ରକଳ୍ପ ନିର୍ମାଣ ହେଲେ ବାମୁର, ଓସ୍କାପାଲି, ଜଏରାଟ, ଧଉରାପାଲି, ରଣିଆକଟା, କଦଳୀମୁଣ୍ଡା, ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ୧୦ ହଜାର ଏକର ଚାଷ ଜମିକୁ ପାଣି ମଡ଼ାଯାଇପାରିବ। ୨୦୦୨ରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ପାଇଁ ସରକାର ଅନୁମୋଦନ କରିଥିଲେ। ୨୦୦୪ ରେ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ଶୁଭ ଦେଇଥିଲେ। ୨୦୦୫ରେ ପ୍ରକଳ୍ପ ପାଇଁ ପ୍ରଥମେ ୬ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ପୁଣି ୨୦୦୯ରେ ୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ହେଲେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି କିଶୋରନଗର ସମେତ କିଶୋରନଗର ବ୍ଲକ୍‌ରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ ସେବା ପାଇଁ ରୋଗୀ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ କଡା ଚେତାବନୀ ଦିଆଯାଇଛି। ଏଥିସହ ଏକ ଦାବିପତ୍ର ଅନୁଗୋଳ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

# ଅଭିଯୋଗ ଶୁଣାଣି ଶିବିରରେ ୮୧ ଅଭିଯୋଗ

ବଇଣ୍ଡା,୩।୨ (ପରିକ୍ଷିତ ସାହୁ)



କିଶୋରନଗର ବ୍ଲକ୍ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅବ୍‌ଦଲ ଏମ୍ ଅଖତର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୧ ଅଭିଯୋଗ ଶୁଣାଣି କରିବା ସହ ଗ୍ରାମାଞ୍ଚଳରେ ରହୁଥିବା ଲୋକେ କିଭଳି ସରକାରୀ ଯୋଜନା ପାଇପାରିବେ, ସେ ନେଇ ସମସ୍ତ ସରକାରୀ ଅଧିକାରୀ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହାସହ ଆସିଥିବା ସମସ୍ତ ଅଭିଯୋଗର କିଭଳି ଶୀଘ୍ର ସମାଧାନ ହେବ ସେ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅତିରିକ୍ତ ଏସ୍‌ପି ଅନିଲ ବେଉରିଆ, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ଆଠମଲ୍ଲିକ ଉପଜିଲାପାଳ ଦିଲୀପ କୁମାର ବେହେରା, ଜିଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆର୍‌ଟିଓ ନିଖିଲ କୁମାର ପଟ୍ଟନାୟକ, କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ, କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ ।

# ବାଗଡ଼ିଆ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଛେଣ୍ଡିପଦା, ୩।୨ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଶିଶୁ ବିଦ୍ୟାମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପରିଚାଳକ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ବିକ୍ରମ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାନ୍ତ ନୀରିକ୍ଷକ ଡକ୍ଟର ନିତ୍ୟାନନ୍ଦ ଖମାରୀ, ସମ୍ମାନିତ ଅତିଥି ବାଗଡିଆ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ରୁଦ୍ରନାରାୟଣ ପ୍ରଧାନ, ବାଗଡିଆ ସରପଞ୍ଚ ପୁଷ୍ପଲତା ବେହେରା, ଆଠମଲିକର ରାଜା ପରେଶ ଦେଓ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବେହେରା ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷା ଓ ସଂସ୍କାର ଦେଇ ଗଢ଼ି ତୋଳିବା ସହିତ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ମାନସ ନାଥ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ସାହୁ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



# ବାସନ୍ତୀ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ



ଅନୁଗୋଳ, ୩।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ବାସନ୍ତୀ ଦୁର୍ଗା ପଡ଼ିଆଠାରେ ଏପ୍ରିଲ ୩ତାରଖଠାରୁ ୭ତାରଖ ପର୍ଯ୍ୟନ୍ତ ଆରମ୍ଭ ହେବ ବାସନ୍ତୀ ଦୁର୍ଗା ପୂଜା। ଏହି ଅବସରରେ ରାଜକିଶୋରପଡ଼ା ଜଗନ୍ନାଥ ମନ୍ଦିରରେ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ବାସନ୍ତୀ ଦୁର୍ଗାପୂଜା କମିଟିର ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଗତ ପୂଜାର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପୂଜାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ପୂଜା, ମୂର୍ତ୍ତି, ସାଜ ସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମକୁ କିଭଳି ଆକର୍ଷଣୀୟ କରାଯିବ ତା’ ଉପରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ କମିଟିର ସମ୍ପାଦକ ଅନୁପ କୁମାର ମହାନ୍ତି, ଉପ ସଭାପତି ଯତୀନ ସେଠି, ଯୁଗ୍ମ କୋଷାଧ୍ୟକ୍ଷ ରଶ୍ମି ରଞ୍ଜନ ପ୍ରଧାନ, ତାପସ ରଞ୍ଜନ ରାୟ, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତା, ମନୁ ପ୍ରଧାନ, ରିତେଶ ଦଳବେହେରା, ଅନିଲ ପଟନାୟକ, ପ୍ରତାପ ମାଝୀ, ଅମ୍ବିକା ପ୍ରସାଦ ଦେବତା, ଶୁଭେନ୍ଦୁ ପ୍ରଧାନ, ବିଜୁ ରାଉତ, ସରୋଜ ସାହୁ, ବାପୁ ଭଞ୍ଜ, ବିକି, ଗୁଡ୍ଡୁ, ମୁନ୍ନୁ, ଜଗୁ, ଡୁଗୁ, ହାପି, ସୌମ୍ୟ, ମନିଶ, ଆଶୁ, ଗୁରୁ, ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# କିଶୋରନଗରରେ ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ବଇଣ୍ଡା,୩।୨ (ପରିକ୍ଷିତ ସାହୁ)



କିଶୋରନଗର ବ୍ଲକ୍‌ର ନୂତନ ବିଡିଓ ଭାବେ ସୁବ୍ରତ କୁମାର ବେହେରା ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଠାରେ ଥିବା ବିଡିଓ ବିନୋଦ ବିହାରୀ ବେହେରାଙ୍କୁ ସଚିବାଳୟକୁ ବଦଳି କରାଯାଇଛି । ପିସି କାରବାରକୁ ନେଇ କିଛି ମାସ ହେବ କିଶୋରନଗର ବ୍ଲକ୍ ବିବାଦରେ ଥିବାରୁ ଅଚାନକ ରବିବାର ବଦଳି ହୋଇ ସରକାରଙ୍କ ନିର୍ଦ୍ଦେଶକ୍ରମେ ଛୁଟିଦିନରେ ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବା ସହ ସମସ୍ତ ସରକାରୀ ଯୋଜନା ଲୋକଙ୍କଠାରେ କିପରି ପହଞ୍ଚିବ ସେନେଇ ଅଧିକ ଧ୍ୟାନ ଦିଆଯିବ ବୋଲି ନୂତନ ବିଡିଓ କହିଛନ୍ତି ।

# ପେଡ଼ିପଥରରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର



ବଇଣ୍ଡା,୩।୨ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ଥାନା ପେଡ଼ିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୀର ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଜରିଆରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ବ୍ଲକ୍ ଶିକ୍ଷାଧିକାରୀ ଦାଶରଥି ଶୁଣ୍ଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନୁପ କୁମାର ସାହୁ, ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ଆକାଶ କୁମାର ବେହେରା, ଶିକ୍ଷୟିତ୍ରୀ ସରିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗ ଡାକ୍ତର ତାରେଶ୍ୱର ମହାନ୍ତି ଓ ଶଙ୍କର୍ଷଣ ବନଛୋର ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରଙ୍କ ଚକ୍ଷୁ ଡିଜିଟାଲ ଜରିଆରେ ପରୀକ୍ଷା କରିଥିବାବେଳେ ୧୫୦ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ରିପୋର୍ଟ ଆସିବାପରେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ମାଗଣା ଚଷମା ଯୋଗାଇ ଦିଆଯିବ ବୋଲି କହିଥିଲେ ।

# ପ୍ରେସ ଖଲି ଚୌପତି ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭ

ରାସୋଳ, ୩।୨ (ସରୋଜ ମିଶ୍ର)

ହିନ୍ଦୋଳ ଉପଖଣ୍ଡସ୍ଥିତ ଗଣେଶ୍ୱର କ୍ଲବ ତରଫରୁ ଉନ୍ନତମାନର ପ୍ରେସ ଖଲି ଚୌପତି ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଢ଼େଙ୍କାନାଳ ଡିଆସିର ଜେନେରାଲ ମ୍ୟାନେଜର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ସଭାପତି ଶ୍ରୀନିବାସ ମିଶ୍ର, ଅବସର ପ୍ରାପ୍ତ ହର୍ଟି କଲଚର ଓଭରସିଅର ଶିବ ପ୍ରସାଦ ସାହୁ, ରାସୋଳ ୟୁନିଅନ ବ୍ୟାଙ୍କ ପରିଚାଳକ ଏବଂ ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ କୁମାର ପତି ଯୋଗଦେଇଥିଲେ। ମରୁତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରାଜେନ୍ଦ୍ର କୁମାର ପାଳ ଅନୁଷ୍ଠାନର ବିଗତ ଓ ବର୍ତ୍ତମାନର କାର୍ଯ୍ୟ ସମ୍ବନ୍ଧରେ ଆଲୋକପତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ବ୍ୟବସାୟୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ଅନୁଷ୍ଠାନର ସଭ୍ୟସଭ୍ୟା ସମେତ ୬୦ଜଣ ଅଂଶଗ୍ରହଣ କରିଥିଲେ। ସହସମ୍ପାଦିକା ସୁଶ୍ରୀ ସ୍ୱାଗତିକା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃନିଳୟର ବାର୍ଷିକ ଉତ୍ସବ



ବନ୍ତଲା, ୩।୧ (ସୁଶୀତ ସାହୁ)

ଅନୁଗୋଳ ବ୍ଲକ ଖିଣ୍ଡା ପଞ୍ଚାୟତ ବଣାମୀରା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃନିଳୟ ପରିସରରେ ରବିବାର ଛାତ୍ରଛାତ୍ରୀଙ୍କୁ ନେଇ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ବିଷ୍ଣୁ ଚରଣ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଢେଙ୍କାନାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରଭାତ ପ୍ରଧାନ, ଗଡ଼ତରାସ ସରପଞ୍ଚ ସତ୍ୟଜିତ ସାମଲ, ଖିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନ, ବଡ଼କନ୍ଧ କୂଳସରପଞ୍ଚଙ୍କ ପ୍ରତିନିଧି ବିରେନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାକୁ ବିକାଶର ମନ୍ତ୍ର ଭାବେ ଗ୍ରହଣ କରି ସମାଜ କଲ୍ୟାଣରେ ବ୍ରତୀ ହୋଇପାରିଲେ ପୂର୍ଣ୍ଣାଙ୍ଗ ଶିକ୍ଷାର ମହତ୍ୱ ବଜାୟ ରହିବା ସହ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆମ ସମସ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟଅତିଥି ପ୍ରଧାନ କହିଥିଲେ। ପ୍ରଧାନ ଶିକ୍ଷକ ପବିତ୍ର ମହୋନ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଢ଼ଳ ନାଏକ ପଞ୍ଚାଳି ସାମଲ, ବ୍ରହ୍ମାନନ୍ଦ ରାଉତ ଓ ପ୍ରିୟଙ୍କା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସାଇ ଗୁରୁକୁଳର ୧୩ତମ ବାର୍ଷିକ ଉତ୍ସବ

ଢେଙ୍କାନାଳ,୩।୨ (ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ କୋରିଆଁ ସ୍ଥିତ ସାଇ ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଚେୟାରମ୍ୟାନ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ଭାଇସ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ଘଡେଇଙ୍କ ସଂଯୋଜନାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ଶିକ୍ଷାବିତ ଦେବୀ ପ୍ରସାଦ ମିଶ୍ର, ପରିବେଶବିତ ଉପେନ୍ଦ୍ର କୁମାର ରାଉତ, ବିଦ୍ୟାଳୟର ଉପଦେଷ୍ଟା ଉମା ପ୍ରସାଦ ପଟ୍ଟନାୟକ ଓ ରଶ୍ମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଚେୟାରମ୍ୟାନ ବିଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଚାପମୁକ୍ତ ଅଧ୍ୟୟନ ଶିକ୍ଷାର୍ଥୀଙ୍କୁ ସଫଳତା ଦେଇଥାଏ



ଆଠମଲ୍ଲିକ, ୩।୨ (ଉଦିପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ୍ ଅନ୍ତର୍ଗତ ଅଏଡ଼ା ପଞ୍ଚାୟତ ସ୍ଥିତ ମୈତ୍ରୀ ବିହାରରେ ଥିବା ସମାଧାନ ଶିକ୍ଷା ନିକେତନର ଅଷ୍ଟମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସଙ୍ଗଠନ ସମାଧାନର ସଭାପତି ସୁଧାଂଶୁ ଶେଖର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଜୀବର୍ଦ୍ଧନ ବାରିକ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା, କ୍ରିମିନାଲ କୋର୍ଟ ବାର ଆସୋସିଏଶନ ସମ୍ପାଦକ ସବ୍ୟସାଚୀସିଂହ ସାମନ୍ତ, ଫିଟ୍‌ନେସ୍ କୋଚ ରାମଚନ୍ଦ୍ର ପ୍ରଧାନ,ଏସ୍‌କେ ଜହୀର ବକ୍ସ, ସଲମା ବେଗମ ଓ ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଦ୍ୱାରା ଜୀବନର ମାର୍ଗ ପରିବର୍ତ୍ତନ ହୋଇଥାଏ ଓ ଚାପମୁକ୍ତ ଅଧ୍ୟୟନ ଶିକ୍ଷାର୍ଥୀଙ୍କୁ ସଫଳତା ଦେଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷା ନିକେତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଚାଳନା କମିଟି ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ଓ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଭଞ୍ଜନ କ୍ଷେତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରଶ୍ମିତା ମହାନ୍ତି ସଂଯୋଜନା କରିଥିଲେ। ଶିକ୍ଷକ ନରହରି ପ୍ରଧାନ, ବିଶାଲ ସାହୁ, ଶିକ୍ଷୟିତ୍ରୀ ଭୂମିସୁତା ସାହୁ, ପ୍ରଭାତ ନଳିନୀ କ୍ଷେତି, କ୍ରିଷ୍ଣା ରାଣୀ ନାୟକ, ଲିପିକା ବେହେରା, ଶୁଭଶ୍ରୀ ଦେହୁରୀ, ମାମାଲି ତରିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାପତି କ୍ଷେତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ କ୍ଷେତି ଧନ୍ୟବାଦ ଦେଇଥିଲେ ।

# ଛେଣ୍ଡିପଦାରେ ବ୍ଲକସ୍ତରୀୟ ପରାମର୍ଶ ଶିବିର

ଛେଣ୍ଡିପଦା, ୩।୨( ଅଜିତ ଧଳ)



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହ ପରିସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଓଡିଶା ଜୀବିକା ମିଶନ ତତ୍ତ୍ୱବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅଜିତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଦେବାଶିଷ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଂଶୁ ଶେଖର ନାୟକ, ଦକ୍ଷତା ବିକାଶ ସଂଯୋଜକ ବିଶ୍ୱଜିତ ପଣ୍ଡା, ବ୍ଲକ ଓଡିଶା ଜୀବିକା ମିଶନ ପରିଚାଳକ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଅତିଥିମାନେ ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଓଡିଶା ସରକାରଙ୍କ ଦକ୍ଷତା ବିକାଶ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଛା ମୁତାବକ ତାଲିମ ନେଇପାରିବେ ବୋଲି କହିଥିଲେ। ଶିବିରରେ ଯୋଗ ଦେଇଥିବା ସରକାରୀ ପଲିଟେକନିକ, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଓ ଦକ୍ଷତା ବିକାଶ କେନ୍ଦ୍ର, ପିସିଆଇଟି ଯାନ୍ତ୍ରିକ ବିଦ୍ୟାଳୟ ସମେତ ପ୍ରାୟ ୧୪ଟି ସଂସ୍ଥା ଯୋଗ ଦେଇଥିବା ବେଳେ ସେମାନେ ସେମାନଙ୍କର ନାମ ପଞ୍ଜୀକରଣ କରି ଏହାର ସୁଯୋଗ ନେଇପାରିବେ ବୋଲି ପରାମର୍ଶ ଦେଇଥିଲେ। ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରୁ ମୋଟ ୧୫୨ଜଣ ପ୍ରାର୍ଥୀ ପ୍ରାର୍ଥିନୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ଓ ଯଶୋବନ୍ତ ପ୍ରଶାଦ ବେହେରା, ପିସିଆଇଟି ଅଧ୍ୟକ୍ଷ ହେମନ୍ତ କୁମାର ପ୍ରଧାନ, କଙ୍କରାଇ ସରପଞ୍ଚ ପ୍ରତାପ କୁମାର ସାହୁ, ଟାଙ୍ଗିରୀ ସରପଞ୍ଚ ଅମରେଶ ନାଥ, ଛେଣ୍ଡିପଦା ସରପଞ୍ଚ ସୁଦିପ୍ତ କୁମାର ପ୍ରଧାନଙ୍କ ସମେତ ଛେଣ୍ଡିପଦା ବ୍ଲକର ନିର୍ବାଚିତ ଜନ ପ୍ରତିନିଧି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଏଲଏମ୍‌ର ବ୍ଲକ ଜୀବିକା ସଂଯୋଜକ ସଞ୍ଜୟ କୁମାର ସାହୁ, ପଞ୍ଚାନନ ସାହୁ, ସଂଯୋଜିକା ହିରଣ୍ମୟୀ ପ୍ରଧାନ, ଦକ୍ଷତା ବିକାଶ ସଂଯୋଜକ ସୁବ୍ରତ କୁମାର ସାହୁ ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।







# ଅଭିଯୋଗ ଶୁଣାଣି

# ପ୍ରତ୍ୟୁଷାଙ୍କ ଚିକିତ୍ସା ଲାଗି ୫ ଲକ୍ଷ ଦେଲେ ମୁଖ୍ୟମନ୍ତ୍ରୀ

■ ୮୦୩୧ ଅଭିଯୋଗ ପତ୍ରରୁ ୬୫୪୫ଟି ସମାଧାନ କରାଯାଇଛି

ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଷ୍ଟମ ପାଳି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଚାଲିଥିବା ଏହି କାର୍ଯ୍ୟକ୍ରମ ଅବସରରେ ବୌଦ୍ଧ ଜିଲାର ହେରମ୍ବ ଗିରି ତାଙ୍କ ୭ ବର୍ଷର ଝିଅ ପ୍ରତ୍ୟୁଷା ଗିରିଙ୍କୁ ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ। ଝିଅଟି ଜେରୋଡର୍ମା ନାମକ ଏକ ଜଟିଳ ରୋଗରେ ପୀଡ଼ିତ। ଏହି ରୋଗର ଚିକିତ୍ସା ମଧ୍ୟ ବହୁ ବ୍ୟୟସାପେକ୍ଷ। ଗତ ଡିସେମ୍ବର ୩୦ରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଆସି ଦେଖା କରିଥିଲେ। ମୁଖ୍ୟମନ୍ତ୍ରୀ ପିଲାଟିର ଅବସ୍ଥା ଦେଖି ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କଟକ ବଡ଼ ମେଡିକାଲକୁ ପଠାଇ ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। ମାସେ ଚିକିତ୍ସିତ ହୋଇ ଫେରିବା ପରେ ସେ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ ଆସି ସହାୟତା ପାଇଁ ଦେଖାକଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ଚିକିତ୍ସା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ତ୍ୱରିତ ସହାୟତା ଅନୁମୋଦନ କରି ତୁରନ୍ତ ଯୋଗାଇ ଦେବାକୁ ବ୍ୟବସ୍ଥା କରିଥିଲେ। ଏହାସହ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୋଟିଏ ଘର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବଲାଙ୍ଗୀରର ରତନ କାଲ୍‌ଶେ ତାଙ୍କ ୧୬ ବର୍ଷର ଭିନ୍ନକ୍ଷମ ପୁଅ ଆଲୋକ କାଲଶେଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଯୁବକ ବସି, ଚାଲିବୁଲି ପାରୁନାହାନ୍ତି। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇ ତା'ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସି.ଏମ୍.ଆର୍.ଏଫ୍.ରୁ ସହାୟତା ପ୍ରଦାନ କରିବା ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପହଞ୍ଚିବା ପରେ ବାହାରେ ଚେୟାରରେ ବସିଥିବା ପ୍ରାୟ ୩୦ ଜଣ ଭିନ୍ନକ୍ଷମଙ୍କୁ ଭେଟିଥିଲେ। ସେମାନଙ୍କ ସମସ୍ୟା ଅଭିଯୋଗକୁ ଗୋଟିଏ ଗୋଟିଏ କରି ଶୁଣିବା ପରେ ପାଖରେ ଥିବା ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅଭିଯୋଗପତ୍ର ଧରାଇ ସମାଧାନ କିପରି ହେବ ସେଥିପ୍ରତି ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ। ମୁଖ୍ୟମନ୍ତ୍ରୀ, ତାଙ୍କ ସହଯୋଗୀ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ସମସ୍ତଙ୍କ ଅଭିଯୋଗକୁ ଗୁରୁତ୍ୱଦେଇ ଶୁଣୁଛନ୍ତି। ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ପ୍ରକୋଷ୍ଠରେ ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ନ୍ୟାୟ ଦେବାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଫଳତା ହାସଲ କରିଛି। ଗତବର୍ଷ ଜୁଲାଇରୁ ଆରମ୍ଭ ହୋଇଥିବା ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ୭ମ ପାଳି ସୁଦ୍ଧା ୮୧ ପ୍ରତିଶତ ମାମଲାର ସମାଧାନ ହୋଇଛି। ଗତ ୭ଟି ପାଳି ସୁଦ୍ଧା ସମୁଦାୟ ୮୦୩୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୬୫୪୫ଟି ଅଭିଯୋଗର ସମାଧାନ କରାଯାଇଛି। ପ୍ରଥମ ପାଳିରେ ୯୦% ଅଭିଯୋଗର ସମାଧାନ ହୋଇଥିଲା ବେଳେ ୨ୟ ପାଳିରେ ୮୮%, ୩ୟ ପାଳିରେ ୮୬%, ୪ର୍ଥ ପାଳିରେ ୮୪%, ୫ମ ପାଳିରେ ୮୩%, ୬ଷ୍ଠ ପାଳିରେ ୫୪% ଏବଂ ୭ମ ପାଳିରେ ୪୭% ଅଭିଯୋଗର ସମାଧାନ କରାଯାଇଛି। ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି। ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ। ସମସ୍ତଙ୍କ ଅଭିଯୋଗ ଓ ସମସ୍ୟାକୁ ଗୁରୁତ୍ୱଦେଇ ଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ଜରିଆରେ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି, ହଇରାଣ ଓ ଖର୍ଚ୍ଚାନ୍ତ ହୋଇ ଏଠାକୁ ନ ଆସି ଜିଲାପାଳମାନଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଥମେ ଅଭିଯୋଗ ଜଣାନ୍ତୁ। ସେଠାରେ ମଧ୍ୟ ସମାଧାନ ହେଉଛି। ଜଟିଳ ସମସ୍ୟା ହେଲେ ଜିଲାପାଳଙ୍କ ଅନୁମୋଦନକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।



LAND FOR SALE
Berhampur National Highway side more than 4 (Four) Acres of Patta Land (20 Bharana) in Prime Location with a Frontage of 500ft (Approx) with Boundarywall & Shed of nearly 15000 Sqfeet at Bhaligarh Mouza, Berhampur.
For Sale Contact
7377061717

# ପୂର୍ବତନ ଜିଲାପାଳଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ

## ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ମୃତ୍ୟୁ ମାମଲା

ମାଲକାନଗିରି,୩।୨ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ନିଖୋଜ ଏବଂ ମୃତ୍ୟୁ ଘଟଣାର ଶୁଣାଣି କରି ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟ ସୋମବାର ଅଗ୍ରୱାଲଙ୍କ ବିରୋଧରେ ଜାମିନ ବିହୀନ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଅଗ୍ରୱାଲଙ୍କ ସମେତ ଅନ୍ୟ ୩ଜଣଙ୍କ ବିରୋଧରେ ମଧ୍ୟ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଛି। ସେମାନେ ହେଲେ ଅବସରପ୍ରାପ୍ତ ଓଆର୍‌ଏସ୍ ଅଧିକାରୀ ଭଗବତ ପାଣିଗ୍ରାହୀ, ଡାଟା ଏଣ୍ଟ୍ରି ଅପରେଟର ବେଣୁ ଏବଂ ଷ୍ଟେନୋ ପ୍ରକାଶ ଚନ୍ଦ୍ର ସ୍ୱାଇଁ। ବାରମ୍ବାର ନୋଟିସ୍ ସତ୍ତ୍ୱେ ଅଦାଲତରେ ହାଜର ନ ହେବାରୁ ଏହି ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୨୭ରେ ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ନିଖୋଜ ହୋଇଯାଇଥିଲେ। ତା'ପରଦିନ ଅର୍ଥାତ୍ ଡିସେମ୍ବର ୨୮ରେ ମାଲକାନଗିରି ସଦରମହକୁମା ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ତାଙ୍କ ମୃତ୍ୟୁ ପଛରେ ତତ୍କାଳୀନ ଜିଲାପାଳ ଅଗ୍ରୱାଲ ଏବଂ ଆଉ ୩ଜଣ ସମ୍ପୃକ୍ତ ବୋଲି ମୃତ ଦେବନାରାୟଣଙ୍କ ସ୍ତ୍ରୀ ବନଜା ପଣ୍ଡା ଏକ ମାମଲା ଦାୟର କରିଥିଲେ। ଏହି ମାମଲା ଗତ ୫ ବର୍ଷ ଧରି ମାଲକାନଗିରି ନ୍ୟାୟାଳୟରେ ଚାଲିଥିଲା। ପରବର୍ତ୍ତୀ ସମୟରେ ଏହି କେସ୍ କଟକ ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର ହୋଇଥିଲା। ସେଠାରେ କୌଣସି ଫଇସଲା ନ ହେବା ପରେ ପୁନର୍ବାର ଏହି ମାମଲା ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟରେ ଚାଲିଛି।

# ଓଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

ଭୁବନେଶ୍ୱର, ୩।୨ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଫିସର ସୁବାସ ଚନ୍ଦ୍ର ରାଏଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଛି। ଓଏଏସ୍ ଅଫିସର ଅବିନାଶ ରାଉତଙ୍କୁ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଅବିନାଶ ରାଉତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ତୁଲାଉଥିଲେ।




# ନିଯୁକ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

## ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମାମଲା

■ ଚୟନ ପ୍ରକ୍ରିୟା ଚାଲୁରହିବ

■ ସ୍ୱାସ୍ଥ୍ୟ ସଚିବ, ଓଏସ୍ଏସ୍ଏସ୍ସି ଆୟୁକ୍ତଙ୍କୁ ନୋଟିସ

କଟକ,୩।୨ (କାର୍ତ୍ତିକ ସାହୁ)

ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନେଇ ରୁଜୁ ମାମଲାରେ ହାଇକୋର୍ଟ ନିଯୁକ୍ତି ଉପରେ ସୋମବାର ରହିତାଦେଶ ଜାରି କରିଛନ୍ତି। ନିଯୁକ୍ତି ପ୍ରକ୍ରିୟା କରୁଥିବା ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍ଏସ୍ସି) ଚୟନ ପ୍ରକ୍ରିୟା ଜାରି ରଖିବ। ମାତ୍ର ହାଇକୋର୍ଟଙ୍କ ଅନୁମତି ବିନା ନିଯୁକ୍ତି କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ଓଏସ୍ଏସ୍ଏସ୍ସି ଆୟୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି। ମାର୍ଚ୍ଚ ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଓଏସ୍ଏସ୍ଏସ୍ସି ପକ୍ଷରୁ ୨୭୫୩ଟି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦବୀରେ ନିଯୁକ୍ତି ନିମନ୍ତେ ୨୦୨୩ ଏପ୍ରିଲ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଆବେଦନ ସମୟସୀମା ରହିଥିଲା। ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷାରେ ୧୦୦ ନମ୍ବର ବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ରହିଥିଲା। ପରୀକ୍ଷାର ସମୟ ଦୁଇ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ଏଥିସହ ପ୍ରତି ଭୁଲ୍ ଉତ୍ତରରେ ୦.୨୫% ନମ୍ବର କଟିବା ବ୍ୟବସ୍ଥା ରହିଥିଲା। ପରୀକ୍ଷା ଶେଷହେବା ପରେ ୨୦୨୩ ଡିସେମ୍ବର ୭ରେ ଓଏସ୍ଏସ୍ଏସ୍ସି ଏକ ନୋଟିସ ଜାରି କରିବା ସହ ଉତ୍ତର ସିଟ ପ୍ରକାଶ କରିଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ୨୦୨୪ ଫେବୃଆରୀ ୫ରେ ଓଏସ୍ଏସ୍ଏସ୍ସି ପ୍ରକାଶ କରିଥିବା ଉତ୍ତର ଖାତାର ତ୍ରୁଟି ସଂଶୋଧନ କରିଥିଲା। ସେଥିରେ ୨୧ଟି ପ୍ରଶ୍ନର ଉତ୍ତରରେ ତ୍ରୁଟି ରହିଥିଲା ବୋଲି ଦର୍ଶାଯାଇଥିଲା। ସେଥିମଧ୍ୟରୁ ୧୩ଟି ପ୍ରଶ୍ନର ସଂଶୋଧିତ ଉତ୍ତର ପ୍ରକାଶ କରାଯାଇଥିବାବେଳେ ୮ଟି ପ୍ରଶ୍ନର ଉତ୍ତର ପ୍ରକାଶ ପାଇ ନ ଥିଲା। ଅପରପକ୍ଷରେ ଗ୍ରେସ୍ ମାର୍କ ଆଧାରରେ ନିଯୁକ୍ତି ଦେବା ଲାଗି ଓଏସ୍ଏସ୍ଏସ୍ସି ପକ୍ଷରୁ ସ୍ଥିର କରାଯାଇଥିଲା। ମାତ୍ର ଏହାଦ୍ୱାରା ବହୁ ମେଧାବୀ ଆଶାୟୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ। ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ଥିବା ଅଭିଯୋଗ ଆଣି ଗଙ୍ଗାମଣି ଜେନା ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗତ ମାମଲାଗୁଡ଼ିକର ଏକତ୍ର ଶୁଣାଣି ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ରାଜ ଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା।
- ଅଲ୍ ଓଡ଼ିଶା ବିଇଓ ଲେଭଲ ମିସ୍ ଆଣ୍ଡ ଆକାଉଟାଣ୍ଟ ମିଳିତ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ସଂଘ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ରାଜମହଲ ଛକ, ସମୟ: ୧୦ଟା ୩୦।
- ଆଦିକବି ସାରଳା ଦାସ ବିକାଶ ପରିଷଦ ପକ୍ଷରୁ ଆଦିକବି ତିରୋଧାନ ଦିବସରେ ଆଲୋଚନା ଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱରବର୍ଣ୍ଣର ଗୁରୁପ୍ରସାଦ ମହାନ୍ତି କବିତା ଆସର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ୨୩ତମ ବାର୍ଷିକୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କ୍ୟାପିଟାଲ ହାଟ, ୟୁନିଟ୍-୧, ସମୟ: ଅପରାହ୍ନ ୨ଟା।
- ଆଦିକବି ସାରଳା ଦାସ ଓ ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ଓ ସଙ୍ଗୀତ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

## କଟକ

- ଏସ୍‌ସିବି ଦନ୍ତ ଚିକିତ୍ସା ବିଭାଗ ପକ୍ଷରୁ ଭେଲିଡେଟାରୀ କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ସିବି ନୂତନ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଫାଉଣ୍ଡର ଆଣ୍ଡ ଆକ୍ଟିଭ୍ ମେମ୍ବର ଅଫ୍ ପାର୍ଟ ଅଫ୍ ଲାଇଫ କ୍ୟାନ୍ସର ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳନ, ସ୍ଥାନ: ହୋଟେଲ ବିଶାଳ ଇନ୍, ବାଦାମବାଡ଼ି, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଗତିଶ୍ୱର ମହାଦେବଙ୍କ ପୀଠରେ ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ଛଣଘର-କୁସୁମାଟି ଗ୍ରାମ, ଜଟଣୀ, ସମୟ: ସକାଳ ୬ଟା।
- ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଡୋ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମା'ବାରଡ଼ଙ୍ଗୀଙ୍କ ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପରିସର, ଷଣ୍ଢପୁର ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ଗେଡ଼ିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗେଡ଼ିଆପଲ୍ଲୀ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ଗାୟତ୍ରୀ ହୋମ ଓ ଗୀତାଯଜ୍ଞ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସକାଳ ୭ଟା।
- ବ୍ରହ୍ମଗୋଛନ୍ଦ ମହାଯଜ୍ଞ, ସ୍ଥାନ: ଅବଧୂତ ଧାମ ଅନନ୍ତ ବଟ, ଧାମନଗର, ସମୟ: ସକାଳ ୮ଟା।
- ଆଙ୍କୁଡ଼େଶ୍ୱରୀ ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୯ଟା।
- ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାରାପୁର ଡିଗ୍ରୀ କଲେଜର ବାର୍ଷିକୋତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରହଯଜ୍ଞ ଆରମ୍ଭ, ସ୍ଥାନ: କୋହ୍ଳହାଟ ନବଗ୍ରହ ମନ୍ଦିର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ନିତ୍ୟାନନ୍ଦ ସ୍ମାରକୀ ପାଠାଗାର ଉଦ୍‌ଘାଟନ, ସ୍ଥାନ: ଧାମନଗର ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ଅର୍ଜୁନ ପଲ୍ଲିଶ୍ରୀ ମେଳାର ୯ମ ସନ୍ଧ୍ୟା, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବେତିରା, ହାଟଡ଼ିହୀ, ସମୟ : ସକାଳ ୬ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୬ ଟା।
- ଗ୍ରାମଦେବତୀ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜା, ଭଜନ, ନାମ ସଂକୀର୍ତ୍ତନ, ସ୍ଥାନ: ରାଘବପୁର, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନସିରପୁର, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ସ୍ମୃତି ଚାରଣ ସଭା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ସରସ୍ୱତୀ ସଙ୍କୀର୍ତ୍ତନ କମିଟି ପକ୍ଷରୁ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରର ଦଧିନଉତି ସ୍ଥାପନ, ସ୍ଥାନ:ଫୁଲୁଣିଆ, ସାରସକଣା,ସମୟ: ସକାଳ ୯ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଘଟୋତ୍ତଳନ ଓ ନାମାରମ୍ଭ,ସ୍ଥାନ:ଆରପଟା, ବଡ଼ସାହି,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବର ଘଟୋତ୍ତଳନ,ସ୍ଥାନ:ମାଳିହାଟୀ,ମାଣତ୍ରୀ, ବଡ଼ସାହି,ସମୟ:ସକାଳ ୯ଟା।
- ଡିଆର୍‌କେ ବନାମ ମୟୂରଭଞ୍ଜ ଗ୍ରୀନ କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଜନଶୁଣାଣି ଶିବିର,ସ୍ଥାନ:ମୋରଡ଼ା ବ୍ଲକ ପରିସର.ସମୟ:ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ମନ୍ଦିର ପରିସର, ଚିତ୍ରଡ଼ା, ମୋରଡ଼ା, ସମୟ: ଅପରାହ୍ନ ୨ଟା।
- ସେବକ ଗୋପାଳ ଦାସଙ୍କ ପ୍ରବଚନ,ସ୍ଥାନ:ମାଳିହାଟୀ, ମାଣତ୍ରୀ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- କର୍କଟ ଦିବସରେ କ୍ରାନ୍ତି ଅନୁଷ୍ଠାନର ୱାକାଥନ, ସ୍ଥାନ: ସରକାରୀ ଆଇଟିଆଇ ଖେଳପଡିଆ, ସମୟ: ସକାଳ ୮ଟା।
- ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା।

## ଗଞ୍ଜାମ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଦିଗପହଣ୍ଡି, ସମୟ: ସକାଳ ୮ ଟା।
- ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର, ସ୍ଥାନ: ଆସିକା ବ୍ଲକ ଦେବଭୂମି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଦିଗପହଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ : ବିଦ୍ୟାଳୟ ସଭା ମଣ୍ଡପ, ସମୟ : ପୂର୍ବାହ୍ନ ୧୧ ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କ. ନୂଆଗାଁ ବ୍ଲକ ଗୁଣ୍ଡିବାଡ଼ି ପଞ୍ଚାୟତ ଧରମପୁର, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ମାଘ ସପ୍ତମୀ ଅବସରରେ ଉତରାୟଣୀ ଗଙ୍ଗା ତଟରେ ମହା ଅଲଭ୍ୟ ବାରୁଣୀ ବୁଡ଼, ସ୍ଥାନ: ନଗନାଥେଶ୍ୱର ବ୍ରାହ୍ମଣୀ ନଦୀ ଘାଟ, ବଡ଼ନାଗେନା, ସମୟ: ସକାଳ ସାଢେ ୮ଟା।

## ଜଗତ୍‌ସିଂହପୁର

- ବସ୍ତିବାସିନ୍ଦା ସୁରକ୍ଷା ପରିଷଦ ପକ୍ଷରୁ ପିପିଏଲ୍ ଗେଟ ଆଗରେ ବିକ୍ଷୋଭ, ସ୍ଥାନ: ରଙ୍ଗିଆଗଡ ପିପିଏଲ୍ ଫାଟକ ପାଖ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ନବ ଜଗନ୍ନାଥ ମନ୍ଦିରରେ ବିଗ୍ରହ ସ୍ଥାପନା କାର୍ଯ୍ୟକ୍ରମ, ସ୍ଥାନ: ଉଦୟବଟ ଧାମ, ଦୋଛକି, ପାରାଦୀପ, ସମୟ: ଅପରାହ୍ନ ୩ ଟା।

## କେନ୍ଦ୍ରାପଡ଼ା

- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯଖପୁରା ଶ୍ରୀ ଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ,ସ୍ଥାନ : ମନ୍ଦିର ପରିସର, ସମୟ : ଅପରାହ୍ନ ୧ଟା।
- ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ : ଦାନଗଦି ମହାପାଟ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।
- ଯାଜପୁର ଏକ୍ସପ୍ରେସର ଶୁଭ ଉଦଘାଟନ, ସ୍ଥାନ : ଯାଜପୁର ରୋଡ଼ ବ୍ୟାସବିହାର କଲୋନୀ,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ନବମ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସରେ ସାଧାରଣ ସଭା, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଲମତାଗୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ମେଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ କନ୍ଦେଇମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ସୁରକ୍ଷା ସଚେତନତା ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଉପଜିଲାପାଳଙ୍କ ବାସଭବନ ନିକଟ ପାର୍କ, ସମୟ: ସକାଳ ୯ଟା ୩୦।
- ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଧନପୁର, ସମୟ: ଅପରାହ୍ନ ୩ଟା।
- ଜିଲାରେ ସ୍ୱତନ୍ତ୍ର ସୌର ଗ୍ରାମ ସୃଷ୍ଟି ନେଇ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ଟିବି ନିରାକରଣ ନେଇ ୧୦୦ ଦିନିଆ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ ଟା।
- ମା' ତାରଣୀଙ୍କ ବାର୍ଷିକ ଉତ୍ସବ ଓ ପୂର୍ଣ୍ଣାହୁତି, ସ୍ଥାନ: ହାଲ୍ ବି ଜୋନ୍ ତାରିଣୀ ମନ୍ଦିର, ସମୟ: ରାତି ୮ଟା।

## ସମ୍ବଲପୁର

- ସାଥୀ ଚାରିଟେବୁଲ ଟ୍ରଷ୍ଟର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଭାରତ ବିକାଶ ପରିଷଦ ଆୟୋଜିତ ସ୍ୱଦେଶୀ ସ୍ୱାବଲମ୍ବୀ ଭାରତ କାର୍ଯ୍ୟକ୍ରମ, ସ୍ଥାନ : କୁଞ୍ଜେଲପଡା ନିକଟସ୍ଥ ସଂସ୍କୃତି ଭବନ, ସମୟ : ଅପରାହ୍ନ ୫ଟା ୩୦।
- ସାହିତ୍ୟ ଅନୁଷ୍ଠାନ ଅନ୍ୟା ଆୟୋଜିତ ସ୍ମୃତିରେ ସୁଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ରାଉରକେଲା

- ଆର୍‌ଏସ୍‌ପି ପ୍ରାୟୋଜିତ ସ୍ପର୍ଦ୍ଧା-୨୦୨୫ କ୍ରୀଡ଼ା ପ୍ରତିଯୋଗିତାର ୩ୟ ଦିବସ, ସ୍ଥାନ: ଆର୍‌ଏସ୍‌ପି ଟ୍ରେନିଜ ହଷ୍ଟେଲ, ସମୟ: ସକାଳ ୯ଟା।
- ୩୦ତମ ପୁସ୍ତକ ମେଳାର ଚତୁର୍ଥ ଦିବସରେ ସାହିତ୍ୟ ସଭା, ସ୍ଥାନ: ଭଞ୍ଜ ଭବନ ପଡିଆ, ରାଉରକେଲା, ସମୟ: ଅପରାହ୍ନ ୪ଟା।
- ସାହିତ୍ୟ ଆଲୋଚନା ଓ କବିତା ପାଠ ଉତ୍ସବ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସେକ୍ଟର-୫ ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ସରସ୍ୱତୀ ପୂଜା କମିଟିର ସାଂସ୍କୃତିକ ଉତ୍ସବ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ବଡ଼ଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନିପୁଣ ମେଳା,ସ୍ଥାନ:ବାଳିକା ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା।
- ଶ୍ରୀଅନ୍ନ ଏବଂ ରବି ଫସଲ ପରିଚାଳନା ସମ୍ବନ୍ଧୀୟ ୪ଦିବସୀୟ ତାଲିମ କାର୍ଯ୍ୟକ୍ରମ,ସ୍ଥାନ:ଆଞ୍ଚଳିକ କୃଷି ଗବେଷଣା ଓ ବୈଷୟିକ ସମ୍ପ୍ରସାରଣ ଉପକେନ୍ଦ୍ର, କିରେଇ,ସମୟ:ପୂର୍ବାହ୍ନ୧୦ଟା।

## ବରଗଡ଼

- କର୍କଟ ସଚେତନତା ଦୌଡ଼-ପଦଯାତ୍ରା, ସ୍ଥାନ: ଗାନ୍ଧିଛକ, ବରଗଡ଼,ସମୟ: ସକାଳ ୭ଟା ୩୦ମିନିଟ୍
- କର୍କଟ ସଚେତନତା ଦୌଡ଼-ପଦଯାତ୍ରା, ସ୍ଥାନ:ଅଗ୍ରସେନ ଭବନ, ଅତାବିରା,ସମୟ: ସକାଳ ୭ଟା ୩୦ମିନିଟ୍
- ମା' ଗ୍ରାମଦେବୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଭାଲୁପାଲି(ରୁଷୁଡ଼ା), ଭେଡ଼େନ,ସମୟ: ସକାଳ ୮ଟା।
- ଜିଲା ଯୁବ କଂଗ୍ରେସର ଆନ୍ଦୋଳନ, ସ୍ଥାନ:ଏସ୍‌ପି ଅଫିସ୍, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଭୁର୍ଷୁଣ୍ଡପାଟ୍ ମନ୍ଦିର ପ୍ରତିଷ୍ଠାରେ ପାରାୟଣ, ସ୍ଥାନ:ଡାଙ୍ଗ(ପଧାନଟିକ୍ରା), ବରଗଡ଼, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜୁନାଗଡ଼ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହାଇସ୍କୁଲ ପଡିଆ ଜୁନାଗଡ଼, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳାର ଚତୁର୍ଥ ଦିବସ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ, ଦେବଗଡ଼, ସମୟ: ଅପରାହ୍ନ ୫ଟା।
- ଉତ୍ସବ ପ୍ରଧାନପାଟ-୨୦୨୫ର ଚତୁର୍ଥ ଦିବସ ଓ ସାଧାରଣ ସଭା, ସ୍ଥାନ: ବଡ଼ ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍ସବ ପ୍ରଧାନପାଟ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ତରଭା ବ୍ଲକ କମସରା ସ୍ଥିତ ରାଣୀଝୁଲା ପାହାଡ, ସମୟ: ସକାଳ ୯ଟା।
- ପାତାଳି ଶ୍ରୀକ୍ଷେତ୍ରରେ ୫୬ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ : କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ : ସକାଳ ୯ଟା।
- ୧୬ ତମ ମା' ଉମଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କଦୋଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ କୃମି ନାଶକ ଦିବସ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରଶିକ୍ଷଣ କକ୍ଷ, ସମୟ: ଅପରାହ୍ନ ୪ଟା।
- ପାତାଳି ମହୋତ୍ସବର ସାଂସ୍କୃତିକ ସଭା ଓ କାର୍ଯ୍ୟକ୍ରମର ଷଷ୍ଠସନ୍ଧ୍ୟା, ସ୍ଥାନ: କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଝୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ ; ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ବସ୍ତିପଡ଼ା, ସମୟ: ଅପରାହ୍ନ ୩ଟା ୨୫।
- ଖଡିଆଳ ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ରାତ୍ର ୮ଟା।
- ମହୋତ୍ସବ ଉପଲକ୍ଷେ କବିତା ପାଠୋତ୍ସବ, ସ୍ଥାନ: ସାଂସ୍କୃତିକ ଅନୁଷ୍ଠାନ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ତିଳସପ୍ତମୀ ଉପଲକ୍ଷେ ତିନି ବିଗ୍ରହଙ୍କ ସ୍ନାନ କାର୍ଯ୍ୟକ୍ରମ, ସ୍ଥାନ: କୁକୁରଜଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ରବି ମହାଗ୍ରହଙ୍କ ଜୟନ୍ତୀ ଉପଲକ୍ଷେ ପୂଜା ଓ ହୋମ, ସ୍ଥାନ: ପୁଖାରୀପାଲି ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ବୀର ସୁରେନ୍ଦ୍ର ସାଏ ଜୟନ୍ତୀ କୁଇଜ ପ୍ରତିଯୋଗୀତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ହିର୍ମା, ସମୟ: ଅପରାହ୍ନ ୪ଟା।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କୁ ରାଗିଂ

**ବଲାଙ୍ଗୀର, ୩।୨ (ବୀରେନ୍ଦ୍ର କୁମାର ଝାଙ୍କର)** ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଡୁମ୍ବେରବାହାଲସ୍ଥିତ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟରେ ଛାତ୍ର ରାଗିଂ ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ଯୁକ୍ତ ଦୁଇ ଶ୍ରେଣୀର ପ୍ରାୟ ୧୫ ଛାତ୍ର ସେହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ପୂର୍ଣ୍ଣଚନ୍ଦ୍ର ଧରୁଆଙ୍କ ସମେତ ୮ ଛାତ୍ରଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ପୂର୍ଣ୍ଣଚନ୍ଦ୍ରଙ୍କ ବାପା ସୁଦାମ ଧରୁଆ ରବିବାର ରାତିରେ ପୁଇଁତଲା ଥାନାରେ ଏସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୩୧ ତାରିଖ ୧୧ଟାରେ ଯୁକ୍ତଦୁଇ ଶ୍ରେଣୀର ଜଣେ ଛାତ୍ର ଛାତ୍ରାବାସକୁ ଆସି ଅଷ୍ଟମ ଶ୍ରେଣୀରେ ପଢୁଥିବା ପୂର୍ଣ୍ଣଚନ୍ଦ୍ରଙ୍କୁ ତାଙ୍କ ଛାତ୍ରାବାସକୁ ଡାକି ନେଇଥିଲେ। ସେଠାରେ ଅନ୍ୟ ୧୫ ଛାତ୍ର ମିଳିତ ଭାବେ ପୂର୍ଣ୍ଣଚନ୍ଦ୍ରଙ୍କୁ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗପତ୍ରରେ ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ବିଦ୍ୟାଳୟର ଅନ୍ୟ ୮ ଛାତ୍ରଙ୍କୁ ସମ୍ପୃକ୍ତ ଯୁକ୍ତ ଦୁଇ ଶ୍ରେଣୀ ଛାତ୍ରମାନେ ମାଡ ମାରିଥିବା ଉଲ୍ଲେଖ କରିଛନ୍ତି। ଏହି ଘଟଣା ଜଣାପଡିବା ପରେ ପୁଇଁତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁ, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଆଦିବାସୀ ନେତା ସତ୍ୟନାରାୟଣ ଭୋଇ, ପୁଇଁତଲା ଥାନା ଅଧିକାରୀ, ଉଭୟ ମାଡ ମାରିଥିବା ଏବଂ ମାଡ ଖାଇଥିବା ଛାତ୍ରଙ୍କ ଅଭିଭାବକ, ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ରାୟଗୁରୁଙ୍କ ଉପସ୍ଥିତିରେ ସୋମବାର ଅପରାହ୍ନରେ ସ୍କୁଲ ପରିସରରେ ଆଲୋଚନା ହୋଇଥିଲା। ଆଲୋଚନାରେ ଅଭିଯୁକ୍ତ ଯୁକ୍ତଦୁଇ ଛାତ୍ରମାନେ ମାଡ ମାରିଥିବା ସ୍ୱୀକାର କରିଥିବା ଜଣାପଡିଛି। ଆଗକୁ ଏଭଳି ଭୁଲ ହେବ ନାହିଁ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ବିଦ୍ୟାଳୟ ପରିସରରେ ରାଗିଂ ଅଭିଯୋଗ ପରେ ହଇଚଇ ସୃଷ୍ଟି ହୋଇଥିଲା। ଅଭିଭାବକମାନେ ଏହି ଘଟଣାକୁ ନେଇ ଚିନ୍ତାପ୍ରକଟ କରିଥିଲେ। ଆହତ ଛାତ୍ର ପୂର୍ଣ୍ଣଚନ୍ଦ୍ର ସୁସ୍ଥ ହୋଇ ନ ଥିବା ଜଣାଇଛନ୍ତି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜି ପଡ଼ୋଶୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ହିଁ ଚିନ୍ତାର କାରଣ ହୋଇପାରେ। ସମସ୍ୟାକୁ ସୁଧାରି ନେବା ସକାଶେ ପ୍ରଯତ୍ନକଲେ ସଫଳତା ମିଳିବ। କର୍ମକ୍ଷେତ୍ରର ଅସଜଡ଼ା ପରିସ୍ଥିତି ଆପଣଙ୍କୁ ଅତ୍ୟଧିକ ଦାୟିତ୍ୱ ନେବାକୁ ବାଧ୍ୟକରିବ। ପରିବାର ମଧ୍ୟରେ ପିଲାଙ୍କ କାର୍ଯ୍ୟକଳାପ ଆପଣଙ୍କୁ ଅସୁବିଧାରେ ପକାଇପାରେ।

**ବୃଷ** ଯାହା ଚାହୁଁଛନ୍ତି ତାହା ପାଇବାରେ ଅନୁକୂଳ ବାତାବରଣ ସୃଷ୍ଟିକରିବେ। ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ର, ସାଙ୍ଗଠନିକ କାମ, ପ୍ରତିଯୋଗିତାରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ।

**ମିଥୁନ** ଆଜି ଯାହା କରନ୍ତୁନା କାହିଁକି ପ୍ରତିବନ୍ଧକ ଓ ବିଳମ୍ବିତ ସମୟ ଦୁଶ୍ଚିନ୍ତାର କାରଣ ହେବ। ଜଣେ ମିତ୍ର ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବାକୁ ଆଗେଇଆସିବେ। ରାଜନୀତି, ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଜଣାଶୁଣା ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ପରିବାରରେ ଅଶାନ୍ତି ବାତାବରଣ ଦେଖାଦେବ।

**କର୍କଟ** ବନ୍ଧୁଙ୍କ ସହାନୁଭୂତି, ଅଧସ୍ତନ କର୍ମଚାରୀଙ୍କ ଆନୁଗତ୍ୟ ଓ ପାରିବାରିକ କ୍ଷେତ୍ରରେ ଅନୁରାଗରୁ ଖୁସି ରହିବେ। କାର୍ଯ୍ୟ ଚାପ ବୃଦ୍ଧି ହେତୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ପରାମର୍ଶରେ ଅବଶ୍ୟ ସାନ୍ତ୍ୱନା ମିଳିବ। ସରକାରୀ ସ୍ତରରେ ଅଟକି ରହିଥିବା କୌଣସି କାମ ସକାଶେ ମନ ଅସ୍ଥିର ରହିପାରେ।

**ସିଂହ** ଯେତେ ସହଯୋଗ ଓ ଉଦାରତା ପ୍ରଦର୍ଶନକଲେ ମଧ୍ୟ ନିଜ ଲୋକ ତାହାର ମୂଲ୍ୟ ବୁଝିବେ ନାହିଁ। କର୍ମକ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଅସୁବିଧା ପରିସ୍ଥିତି ବଦଳିଯିବ। ଖଳଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଫେରିବା ବାଟରେ ବନ୍ଧୁଙ୍କୁ ଭେଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିପାରନ୍ତି।

**କନ୍ୟା** ଶିକ୍ଷା କ୍ଷେତ୍ର ଓ ସନ୍ତାନଙ୍କ ସମସ୍ୟା ଏବଂ ଭଲ ସମ୍ପର୍କରେ ଫାଟ ସୃଷ୍ଟି ଚିନ୍ତାରେ ଚିନ୍ତିତ କରାଇବ। ଅର୍ଥନୈତିକ ଦୃଷ୍ଟିକୋଣରୁ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରୁ, ରାଜନୀତି କ୍ଷେତ୍ରରୁ ସନ୍ତୋଷଜନକ ସୁଫଳ ମିଳିବ। ବନ୍ଧୁଙ୍କ କାମ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ତୁଳା** କର୍ମକ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଏହାଦ୍ୱାରା କୌଣସି ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ରହିଛି। ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ବରଂ ଲାଭବାନ୍ ହେବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ବିଶେଷ ଭାବରେ ଉପକୃତ ହେବେ।

**ବିଛା** କର୍ମକ୍ଷେତ୍ରରେ ଠିକ୍ ସମୟରେ ଉଚିତ ପଦକ୍ଷେପ ନେବା କାରଣରୁ ଯାହା ଆଶା କରୁଥିବେ ତାହା ସୁବିଧାରେ ପାଇବେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ବିବ୍ରତ କରିପାରେ। ବାରମ୍ବାର ଚେଷ୍ଟାକରି ମଧ୍ୟ ପାଇ ନ ଥିବା ଅର୍ଥ ଆଦାୟ କରିବାରେ ଆଜି ସକ୍ଷମ ହେବେ। ବାକ୍ ଅସଂଯମ ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ** ସକାଳୁ ବନ୍ଧୁଙ୍କ ଜରିଆରେ ଖୁସି ଖବରଟିଏ ପାଇ ମନ ହାଲୁକା ହୋଇଯିବ। ଅତ୍ୟଧିକ ସ୍ନେହବଶତଃ ଅତି ନିକଟତମ ବ୍ୟକ୍ତିଟି ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ କିମ୍ବା କଳା, ସାହିତ୍ୟ, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସକାଶେ ଚେଷ୍ଟା କରିପାରନ୍ତି। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** ପାରିବାରିକ ସମସ୍ୟାରେ ଭାରାକ୍ରାନ୍ତ ମନ ବେଶି ସମୟ ତିଷ୍ଠି ରହିବନାହିଁ। ମନ ଭଲ ନ ଥିବାରୁ ଆନନ୍ଦଦାୟକ ପରିବେଶକୁ ମଧ୍ୟ ଉପଭୋଗ କରିପାରିବେ ନାହିଁ। ମନର କଥାକୁ ଲୁଚାଇ ବନ୍ଧୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିପାରନ୍ତି। ଶିକ୍ଷା, ପରୀକ୍ଷା, ଆଲୋଚନା, ଦୂରଯାତ୍ରା ପାଇଁ ଦିନଟି ଭଲ।

**କୁମ୍ଭ** ସକାଳୁଆ ପ୍ରୀତିଦାୟକ ଯାତ୍ରା, ଶାରୀରିକ ସୁସ୍ଥତା ଓ ଦୃଢ଼ ମନୋବଳ କାମକୁ ତ୍ୱରାନ୍ୱିତ କରିବ। କୌଣସି କାମକୁ ବାଧ ବାଧକତାରେ କରିବାକୁ ପଡ଼ିବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ, ଯାହାକି ପାରିବାରିକ ଜୀବନରେ ସମସ୍ୟା ସୃଷ୍ଟି କରିବ।

**ମୀନ** ଆଜି ଅର୍ଥଲାଭ ସହ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇବା ହେତୁ ନିର୍ମାଣ କାମ ମଧ୍ୟ ତ୍ୱରାନ୍ୱିତ ହୋଇ ପାରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପରିଶ୍ରମଜନିତ କ୍ଲାନ୍ତିବୋଧ କରିପାରନ୍ତି। ପ୍ରିୟଜନଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ଆଜି ହଠାତ୍ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହେବ।

ଆଜି ଫେବୃଆରୀ ୪ ତାରିଖ, ବିଶ୍ୱ କର୍କଟ ଦିବସ, ମାଘ ମାସ ଶୁକ୍ଳପକ୍ଷର ତିଳସପ୍ତମୀ ମଙ୍ଗଳବାର, ଚନ୍ଦ୍ରଭାଗା ତୀର୍ଥେସ୍ନାନ ଓ ଯାତ୍ରା, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବ୍ରହ୍ମଲୀନ ଦିବସ, ଆଦିକବି ଶାରଳା ଦାସଙ୍କ ଶ୍ରାଦ୍ଧଦିବସ, ଉତ୍କଳ ଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୩।୧୨ ଗତେ, ଘ.୧୦।୫୩ ମଧ୍ୟେ, ଘ. ୦୧।୦୭ ଗତେ, ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୪୮ ମି. ଗତେ, ଘ. ୦୪।୧୨ ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଲୋକ ସଭାରେ...

ସରକାର ଦଳାଚକଟା ମୃତ୍ୟୁର ପ୍ରକୃତ ସଂଖ୍ୟା ଜଣାନ୍ତୁ ବୋଲି ଜୟା ଦାବି କରିଛନ୍ତି। ଅମୃତ ସ୍ନାନ ପାଇଁ ମହାକୁମ୍ଭରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଏହା ସତ୍ତ୍ୱେ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ଲୋକଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନ ଥିବା ବିରୋଧୀ ଦଳଗୁଡ଼ିକ କହିଛନ୍ତି। ମହାକୁମ୍ଭରେ ପ୍ରତି ଦିନ ଲକ୍ଷାଧିକ ଲୋକ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଉଛନ୍ତି। ବସନ୍ତ ପଞ୍ଚମୀ ଶାହୀ ସ୍ନାନରେ ମଧ୍ୟ ୩ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇବା ଆଶା କରାଯାଉଛି। ତେଣୁ ମହାକୁମ୍ଭରେ ଲୋକଙ୍କ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନାକୁ ପ୍ରାଥମିକତା ଦିଆଯିବା ଜରୁରୀ ବୋଲି ଦାବି କରି ବିରୋଧୀ ସଦସ୍ୟମାନେ ଏଥିପାଇଁ ନୋଟିସ୍ ଦେଇଥିଲେ ମଧ୍ୟ ଅଧ୍ୟକ୍ଷ ଏହାକୁ ଗ୍ରହଣ ନ କରିବାରୁ ସେମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ।

### ରେଳ ବଜେଟରେ...

ବର୍ତ୍ତମାନ ୪୭୮୪ କି.ମି. ଦୀର୍ଘ ୪୮ଟି ନୂଆ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ୧୮୯୮ କି.ମି. ଟ୍ରାକ ଡିଆରିରେ କବଚ ଟେକ୍ନୋଲୋଜି ବ୍ୟବହାର କରାଯାଇଥିବା ନେଇ ମନ୍ତ୍ରୀ ବୈଷ୍ଣବ ପ୍ରକାଶ କରିଛନ୍ତି। ବର୍ତ୍ତମାନ ୬୪୫ କି.ମି. ରେଳଲାଇନ୍‌ରେ ବିକାଶମୂଳକ କାର୍ଯ୍ୟ ଚାଲିଥିବାବେଳେ ୧୦୦୦ ଲୋକୋମୋଟିଭ୍ ଇଣ୍ଟିଗ୍ରେଟ୍ କରାଯିବାର ଯୋଜନା ରହିଛି। ଅନ୍ୟପଟେ ୧୫୧୬ କି.ମି. ଟ୍ରାକ୍ ଇଲେକ୍ଟ୍ରିଫିକେଶନ୍ କାର୍ଯ୍ୟ ସହ ରାଜ୍ୟରେ ଶତପ୍ରତିଶତ ବିଦ୍ୟୁତୀକରଣ କରାଯାଇଛି। ୨୦୧୪ରୁ ୨୦୨୫ ମଧ୍ୟରେ ଓଡ଼ିଶାରେ ୧୩୮ କି.ମି. ଦୀର୍ଘ ଟ୍ରାକ ବିଦ୍ୟୁତୀକରଣ କରାଯାଇଛି। ଅନ୍ୟପଟେ ୨,୩୭୯ କୋଟି ବ୍ୟୟରେ ରାଜ୍ୟର ୫୯ ଅମୃତ ଷ୍ଟେଶନର ଉନ୍ନତୀକରଣ କରାଯାଉଛି। ଏହିସବୁ ଷ୍ଟେଶନ ମଧ୍ୟରେ କଟକ, ପୁରୀ, ସମ୍ବଲପୁର ଏବଂ ରାଉରକେଲା ଆଦି ଷ୍ଟେଶନ୍ ରହିଛି। ସେହିପରି ଯାତ୍ରୀ ସୁରକ୍ଷାକୁ ଗୁରୁତ୍ୱ ଦେଇ ୨୦୧୪ ପରଠାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୫୨୨ ରେଳ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ଅତିରିକ୍ତ ଭାବେ ୪୩ ଲିଫ୍ଟ, ୧୮ ଏସ୍କାଲେଟର ସ୍ଥାପନ ସହ ୨୩୪ ଷ୍ଟେଶନରେ ୱାଇଫାଇ ସୁବିଧା ଉପଲବ୍ଧ କରାଯାଇଛି। ତେବେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧି ସହ ୫ ରାଜ୍ୟକୁ ପରିବହନ ପାଇଁ ମାଲଦା ଟାଉନରୁ ବେଙ୍ଗାଲୁରୁକୁ ଏକ ନୂଆ ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳ କରାଯିବାର ଯୋଜନା ରହିଛି। ଗତ ୩ବର୍ଷରେ ଓଡ଼ିଶା ୧୦ ହଜାର କୋଟିରୁ ଅଧିକ ଅନୁଦାନ ପାଇଥିବାବେଳେ ୭୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏଥିସହ ଅତିରିକ୍ତ ଭାବେ ୨୦ହଜାର କୋଟିର ଅନୁଦାନ ମିଳିଛି। କୋଲକାତାରୁ ଚେନ୍ନାଇ ମଧ୍ୟରେ ଜାରି ରହିଥିବା ମଲ୍ଟି ଟ୍ରାକିଂ କାର୍ଯ୍ୟ ମଧ୍ୟରୁ କୋଲକାତାରୁ ଭଦ୍ରକ ମଧ୍ୟରେ ଥିବା ଅଂଶ ସମାପ୍ତ ହୋଇଛି। ତୃତୀୟ ଲାଇନ୍ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାବେଳେ ଖୁବ୍‌ଶୀଘ୍ର ଚତୁର୍ଥ ଲାଇନ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏହ ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥର ଆଡିଶନାଲ ଜେନେରାଲ ମ୍ୟାନେଜର ମୋହେଶ କୁମାର ବେହେରା ଓ ମୁଖ୍ୟ ଜନସମ୍ପର୍କ ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଋଣ ବୋଝ...

ମାସିକ କିସ୍ତିରେ ଶୁଝୁଥିଲେ। ଏହାସହ ବିଭିନ୍ନ ସୂତ୍ରରୁ ସେ ଲକ୍ଷାଧିକ ଟଙ୍କା ଋଣ କରିଥିଲେ। ହେଲେ କୌଣସି କାରଣରୁ ସେ ମାସିକ କିସ୍ତି ଓ ସୁଧ ଟଙ୍କା ଦେଇପାରୁ ନ ଥିଲେ। ଏଥିପାଇଁ ବିଜୟ କିଛି ଦିନ ତଳେ ଜମି ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ସେ ନିଜର ୩ ଭଉଣୀଙ୍କ ସହ ଆଲୋଚନା କରିଥିଲେ। ହେଲେ କୌଣସି କାରଣରୁ ଜମି ବିକ୍ରି ହୋଇ ପାରି ନ ଥିଲା। ବିଜୟଙ୍କ ଏକମାତ୍ର ପୁଅ ବାଙ୍ଗାଲୋରରେ ରହି କାମ କରନ୍ତି। ପ୍ରତିଦିନ ପରି ସେ ସୋମବାର ସକାଳୁ ଘରକୁ ଫୋନ କରିଥିଲେ। ତାଙ୍କ ମା'ବାପା ଫୋନ ନ ଉଠାଇବାରୁ ଗାଁରେ ରହୁଥିବା ସାଙ୍ଗ ସୋମନାଥଙ୍କ ନିକଟକୁ ସେ ଫୋନ କରି ଘରକୁ ଯିବା ପାଇଁ କହିଥିଲେ। ସୋମନାଥ ପ୍ରଥମେ ଯାଇ ଘରର କବାଟ ବନ୍ଦ ଥିବା ଦେଖି ଫେରି ଆସିଥିଲେ। କିଛି ସମୟ ପରେ ପୁଣି ସୋମନାଥ ଯାଇ ଦେଖନ୍ତିତ ଠାକୁର ଘରେ ଏହି ଦମ୍ପତି ଫ୍ୟାନରେ ଝୁଲିଛନ୍ତି। ଘରର କାନ୍ଥରେ ମୋ ୩ ଭଉଣୀଙ୍କୁ ଆମ ଶବକୁ ଛୁଇଁବାକୁ ଦେବ ନାହିଁ, ନଚେତ୍ ମୋ ଆତ୍ମା ଶାନ୍ତି ପାଇବ ନାହିଁ। ଗ୍ରାମବାସୀଙ୍କ ଦ୍ୱାରା ଆମ ଶବ ସତ୍କାର କରିବାକୁ କଳା ଅକ୍ଷରରେ ଲେଖାଯାଇଛି। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ ପୋଲିସ ଘରୁ ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷେ ବିଜୟଙ୍କ ପୁଅ ବାଙ୍ଗାଲୋରରୁ ଆସିବା ପରେ ଏହି ଘଟଣାର ପ୍ରକୃତ ରହସ୍ୟା ଜଣାପଡିବ ବୋଲି ପୋଲିସ କହିଛି।

### ଟଙ୍କା ମୂଲ୍ୟରେ...

ସାମଗ୍ରୀ ଉପରେ ୧୦% ଆମଦାନୀ ଶୁଳ୍କ ଲାଗିବ। ଆମେରିକୀୟଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଚାଇନା, ମେକ୍ସିକୋ ଓ କାନାଡ଼ା ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିବା ଜରୁରୀ ହୋଇପଡ଼ିଥିଲା ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ବୈଶ୍ୱିକ ଅର୍ଥନୀତିକୁ ଅନିଶ୍ଚିତତା ଆଡ଼କୁ ଠେଲିଦେଇଥିବା ସମାଲୋଚକମାନେ କହିଛନ୍ତି। ନୂଆ ଟାରିଫ୍ ଜାରି ରହିଲେ ମୁଦ୍ରାସ୍ଫୀତି ଅହେତୁକ ବୃଦ୍ଧି ଘଟିବା ସହ ଆମେରିକା ସହିତ ଏହି ରାଷ୍ଟ୍ରଗୁଡ଼ିକର ବାଣିଜ୍ୟ ଯୁଦ୍ଧ ଚାଲିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ଦେଇଥିଲେ। କାରଣ ମେକ୍ସିକୋ ଏବଂ କାନାଡ଼ା ମଧ୍ୟ ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲଗାଇବେ ବୋଲି କହିସାରିଛନ୍ତି। ଏହାର ପ୍ରଭାବ ସହ ଆମେରିକାର ମଜଭୁତ ନିଯୁକ୍ତି ତଥ୍ୟ ଏବଂ ଉଚ୍ଚ ସୁଧହାର ଆଶା ରହିଥିବାରୁ ଡଲାର ଇଣ୍ଡେକ୍ସ ବୃଦ୍ଧି ପାଇଥିବା କୁହାଯାଉଛି। ଏଥିସହ ନିବେଶକଙ୍କ ବର୍ଦ୍ଧିତ ରିଟର୍ନ କ୍ରମାଗତ ଭାବେ ଆକର୍ଷଣୀୟ ରହିଥିବାରୁ ଏହା ଡଲାରକୁ ଆଗକୁ ବଢ଼ିବାରେ ସହାୟକ ହୋଇଛି। ଡଲାର ଇଣ୍ଡେକ୍ସ କ୍ରମାଗତ ଭାବେ ବଢ଼ିଚାଲିଥିବାରୁ ଟଙ୍କା ମୂଲ୍ୟ ହ୍ରାସ ପାଇଚାଲିଛି। କେନ୍ଦ୍ରୀୟ ବ୍ୟାଙ୍କ ହସ୍ତକ୍ଷେପ ଦ୍ୱାରା ଟଙ୍କାକୁ କିଛିଟା ସମର୍ଥନ ମିଳିପାରେ। ଚଳିତ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି ବୈଠକ ଥିବାରୁ ନିବେଶକମାନେ ସତର୍କ ରହିପାରନ୍ତି ବୋଲି ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧାରୀ କହିଛନ୍ତି।

### ଭାରତୀୟ ବଂଶୋଦ୍ଭବ...

ପ୍ରଶଂସନୀୟ। ଚନ୍ଦ୍ରିକା ଯୁବ ସଙ୍ଗୀତଜ୍ଞଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ ବେଷ୍ଟ କଣ୍ଟ୍ରି ଆଲ୍‌ବମ୍ ଏବଂ ଆଲ୍‌ବମ୍ ଅଫ୍ ଦି ଇୟର ଶ୍ରେଣୀରେ ପ୍ରସିଦ୍ଧ ଆମେରିକୀୟ ସିଙ୍ଗର ବିୟୋନ୍ସେ ତାଙ୍କର ଆଲବମ 'କାଓବଏ କାର୍ଟରେ' ପାଇଁ ଗ୍ରାମୀ ପୁରସ୍କାର ଜିତିଛନ୍ତି। ସେହିପରି ବେଷ୍ଟ ଲାଟିନ୍ ପପ୍ ଆଲବମ ଶ୍ରେଣୀରେ କଲମ୍ବିଆର ପ୍ରସିଦ୍ଧ ସିଙ୍ଗର ସକିରା ତାଙ୍କ ଷ୍ଟୁଡିଓ ଆଲବମ 'ଲାସ୍ ମୁଜେରେସ ୟା ନୋ ଲୋରୋନ୍' ପାଇଁ ଗ୍ରାମୀ ପୁରସ୍କାର ଜିତିଛନ୍ତି।

# ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଆପୋଲୋରେ ଭର୍ତ୍ତି



ବରଗଡ଼, ୩।୨
(ପ୍ରେମାନନ୍ଦ ଖମାରୀ)

ପୂର୍ବତନ ମନ୍ତ୍ରୀ ତଥା ବରଗଡ଼ ଜିଲା ଭଟ୍ଲି ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସୁଶାନ୍ତ ସିଂ ପୁଣି ଅସୁସ୍ଥ ହୋଇ ପଡ଼ିଛନ୍ତି। ସୋମବାର ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିଂ ଦୀର୍ଘଦିନ ହେଲା ଅସୁସ୍ଥତା ଅନୁଭବ କରୁଛନ୍ତି। ଗତ କିଛିଦିନ ହେଲା ରାୟପୁରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସୋହେଲାସ୍ଥିତ ବାସଭବନକୁ ଫେରିଥିଲେ। ପୁଣି ଅସୁସ୍ଥତା ଅନୁଭବ କରିବାରୁ ୨ଦିନ ତଳେ ବରଗଡ଼ର ଏକ ଘରୋଇ ନର୍ସିଂହୋମ୍‌ରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ନିଆଯାଇଛି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସିଂଙ୍କୁ ଚିକିତ୍ସା କରୁଥିବା ବରଗଡ଼ ଡାକ୍ତରଙ୍କ ସହିତ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# କର୍କଟ ଯୋଦ୍ଧା ସଂଘମିତ୍ରା ପାଲଟିଛନ୍ତି ପ୍ରେରଣା

## ୧୪ ଥର ସର୍ଜରି ହୋଇଛି, ୩୨ କେମୋ ନେଇଛି

କଟକ,୩।୨(ଶିଳ୍ପା ପ୍ରିୟଦର୍ଶିନୀ)

ଆଜି ବିଶ୍ୱ କର୍କଟ ଦିବସ। ଏହି ଦିବସକୁ କର୍କଟ ସହ ଲଢ଼େଇ କରୁଥିବା ଲୋକଙ୍କ ମଧ୍ୟରେ ଆଶା ଓ ଖୁସି ଭରିଦେବାକୁ ଉତ୍ସର୍ଗ କରାଯାଇଛି। କର୍କଟ ରୋଗ ଏହାର ନାମ ହିଁ ଅଧିକାଂଶ ରୋଗୀଙ୍କ ଶରୀର ଓ ମାନସିକତାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। କିନ୍ତୁ ବିଶେଷଜ୍ଞଙ୍କ ମତରେ କର୍କଟ ରୋଗୀ ଚିକିତ୍ସା ସମୟରେ ଖୁସି ରହିବା ନିହାତି ଆବଶ୍ୟକ। କାନାଡ଼ାର ମେଲାଣ୍ଡି ରୋଜ୍ କର୍କଟରେ ପୀଡ଼ିତ ହେବା ପରେ ଡାକ୍ତର ତାଙ୍କୁ କିଛି ସପ୍ତାହ ବଞ୍ଚିବେ ବୋଲି କହିଥିଲେ। ହେଲେ ସେ ଜୀବନରେ ହାର୍ ମାନି ନ ଥିଲେ। ସେ ମନୋବଳ ଦୃଢ଼ କରି ଅନ୍ୟ କର୍କଟ ରୋଗୀଙ୍କୁ ସଚେତନ କରାଇବା ସହ ଖୁସିରେ ବଞ୍ଚିବାକୁ ପ୍ରେରଣା ଦେଉଥିଲେ। ଠିକ୍ ସେହିପରି ଓଡ଼ିଶାରେ ମଧ୍ୟ ବହୁ କର୍କଟ ଯୋଦ୍ଧା ଅଛନ୍ତି, ଯେଉଁମାନେ ନିଜେ ରୋଗ ସହ ଲଢ଼େଇ କରି ମଧ୍ୟ ଅନ୍ୟମାନଙ୍କ ମନରେ ଖୁସିର ଆଶା ଭରିଦେବାକୁ ଉଦ୍ୟମ ଚଳାଇଛନ୍ତି। ସେମିତି ଜଣେ ମହିଳା ହେଉଛନ୍ତି କଟକ ବେଲେଶ୍ୱରସ୍ଥିତ ନ୍ୟୁ କଲୋନୀ ଅଞ୍ଚଳର ସଂଘମିତ୍ରା ପଣ୍ଡା(୪୩)। ୨୦୧୫ରେ ଶରୀର ଅସୁସ୍ଥ ହେବାରୁ ସେ ପରୀକ୍ଷା କରାଇବା ପରେ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଚିକିତ୍ସା କରାଇଥିଲେ। ହେଲେ ୨୦୨୨ରେ ତାଙ୍କ ଶରୀରରେ ରୋଗ ପୁଣି ଚିହ୍ନଟ ହେଲା ଏବଂ ଚତୁର୍ଥ ପର୍ଯ୍ୟାୟରେ ରୋଗ ପହଞ୍ଚିଲା। ତାଙ୍କ ଚିକିତ୍ସା ପାଇଁ ସ୍ୱାମୀ ମହେନ୍ଦ୍ର ନାଥ ପଣ୍ଡା ଚିନ୍ତାରେ ଥିଲେ। ମହେନ୍ଦ୍ର ଜଗତ୍‌ସିଂହପୁର ଜିଲାର ମୂଳବାସିନ୍ଦା। ସଂଘମିତ୍ରା ଓ ମହେନ୍ଦ୍ର ପ୍ରେମବିବାହ କରିଥିଲେ। କଟକରେ ଏଲ୍‌ଆଇସି ଏଜେଣ୍ଟ ଭାବେ ମହେନ୍ଦ୍ର କାମ କରୁଥିବାରୁ ଭଡ଼ାଘରେ ରହୁଥିଲେ। ହେଲେ କର୍କଟ ରୋଗରେ ପୀଡ଼ିତ ସଂଘମିତ୍ରାଙ୍କ ଶେଷ ଇଚ୍ଛା ଥିଲା କଟକରେ ଘର କରିବା। ତାଙ୍କ ଇଚ୍ଛା ପୂରଣ କରିବା ପାଇଁ ମହେନ୍ଦ୍ର ବ୍ୟାଙ୍କରୁ ଋଣ ନେଇ କଟକ ବେଲେଶ୍ୱର ଅଞ୍ଚଳରେ ଘର କଲେ। ହେଲେ ପରିବାର ଚଳାଇ ସଂଘମିତ୍ରାଙ୍କ ଚିକିତ୍ସା, ବ୍ୟାଙ୍କ ଋଣ ଶୁଝିବା ଓ ଦୁଇପୁଅଙ୍କ ପାଠପଢ଼ା ଖର୍ଚ୍ଚ ନେଇ ମହେନ୍ଦ୍ର ବେଶ୍ ଚିନ୍ତାରେ ପଡ଼ିଯାଇଥିଲେ। ବାପା ଏଭଳି ଚିନ୍ତାରେ ରହୁଥିବାରୁ ବଡ଼ପୁଅ ୟୁଟ୍ୟୁବ୍ ଭିଡିଓ କରି ରୋଜଗାର କରିବାକୁ ପ୍ରସ୍ତାବ ଦେଇଥିଲେ। ପରେ ସଂଘମିତ୍ରା ନିଜ ଚିକିତ୍ସା ଓ ସେ ସମୟର ଅନୁଭୂତି, ରୋଗୀ ଏବଂ ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରେଇବା ଉଦ୍ଦେଶ୍ୟରେ ଭିଡିଓ କରିବାକୁ ଚିନ୍ତା କଲେ। ୟୁଟ୍ୟୁବ୍‌ରେ କ୍ୟାନ୍‌ସର ଜର୍ନି ନାମକ ଏକ ଚ୍ୟାନେଲ କରି ସେଥିରେ ନିଜ କର୍କଟ ରୋଗର କାହାଣୀ ବଖାଣିବା ସହ ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ। ହେଲେ କର୍କଟ ସହ ଦଇବ ଯେପରି ତାଙ୍କ ଭାଗ୍ୟ ଉପରେ ଦାଉ ସାଧିଲା। ସଂଘମିତ୍ରାଙ୍କ ଚିକିତ୍ସା ଜାରି ରହିଥିବାବେଳେ ୨୦୨୩ରେ ହୃଦ୍‌ଘାତରେ ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଶାଶୁଘର ବି ସଂଘମିତ୍ରାଙ୍କ ପାଇଁ ପର ହୋଇଗଲା। ଏବେ ସଂଘମିତ୍ରାଙ୍କ ପରିବାର କହିଲେ ମା' ବନଶ୍ରୀ ଦାଶ, ବାପା ବିଜୟ କୁମାର ଦାଶ, ବଡ଼ପୁଅ ରୁଦ୍ର ନାରାୟଣ ପଣ୍ଡା, ସାନପୁଅ ରୌପ୍ୟ ନାରାୟଣ ପଣ୍ଡା। ସ୍ୱାମୀଙ୍କ ମୃତ୍ୟୁ ପରେ ସଂଘମିତ୍ରା ଭାଙ୍ଗିପଡ଼ିଥିଲେ, ହେଲେ ଦୁଇ ପୁଅଙ୍କ ପାଇଁ ନିଜ ମନୋବଳ ଦୃଢ଼ କରି ପୂର୍ବପରି ଭିଡିଓ ଜାରି କରି ଲୋକଙ୍କୁ ସଚେତନ କରାଇଲେ। ୟୁଟ୍ୟୁବ୍‌ରେ ସାଢ଼େ ୩ ଲକ୍ଷରୁ ଅଧିକ ଲୋକ ସଂଘମିତ୍ରାଙ୍କ ସହ ଜଡ଼ିତ ରହିଛନ୍ତି। ୟୁଟ୍ୟୁବ୍‌ରେ ନିଜ କାହାଣୀ କହି ସଂଘମିତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏଥିରୁ ଯାହା ରୋଜଗାର ହେଉଛି, ସେଥିରେ ପିଲାଙ୍କ ଭବିଷ୍ୟତ ଗଢ଼ିବା ସହ ପରିବାର ଚଳାଇବା ଓ ନିଜ ଚିକିତ୍ସା କରାଉଛନ୍ତି ସଂଘମିତ୍ରା।

### ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ିବି



ସ୍ତନ କର୍କଟ ରୋଗ ଯେପରି ମୋ ଜୀବନ ବଦଳାଇ ଦେଇଛି। ଗୋଟିଏ ନାରୀର ଯାହା ସୌନ୍ଦର୍ଯ୍ୟ ତାହା ଏବେ ମୋ' ପାଖରେ ନାହିଁ। ୩୨ଟି କେମୋ, ୧୪ ସର୍ଜରି, ୨୫ ରେଡିଏଶନ ନେଇଛି। ତଥାପି ହାର୍ ମାନିନି। ମୋ ପିଲାଙ୍କ ପାଇଁ ମୋତେ ବଞ୍ଚିବାକୁ ପଡୁଛି। ସାଧାରଣତଃ ସ୍ତନ କର୍କଟ ରୋଗୀକୁ ଯୁବତୀ ଓ ମହିଳାମାନେ ଲାଜ କରି ଲୁଚାଇଥାନ୍ତି। ହେଲେ ଏଭଳି ରୋଗକୁ ଅବହେଳା କରିବା ଉଚିତ୍ ନୁହେଁ। ଏହାର ଚିକିତ୍ସା କରାଇ ରୋଗର ମୁକାବିଲା କରିବା ଜରୁରୀ। ସେହିପରି ଲୋକମାନେ ଏଭଳି ରୋଗୀଙ୍କୁ ଘୃଣା ନ କରି ରୋଗକୁ ଘୃଣା କରିବା ଆବଶ୍ୟକ। ଏବେ ମଧ୍ୟ ଡାକ୍ତର କହିଛନ୍ତି ଯେ ଏହି ରୋଗ ପୁଣିଥରେ ମୋତେ ହେବ। କିନ୍ତୁ ନିରାଶ ହୋଇନାହିଁ, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼େଇ କରିବି ବୋଲି ସଂଘମିତ୍ରା କହିଛନ୍ତି।

# ପଶ୍ଚିମ ଓଡ଼ିଶାରେ ତାତି, ଉପକୂଳରେ ଘନ କୁହୁଡ଼ି

## ପୁଣି ୩୬ ଡିଗ୍ରୀ ଉପରେ ପାରଳାଖେମୁଣ୍ଡି

ଭୁବନେଶ୍ୱର,୩।୨
(ଅନୁରାଧା ମହାରଣା)

ଏବେ ରାତିରେ କୁହୁଡ଼ି ଓ ଦିନରେ ଖରା ହେଉଛି। ସୋମବାର ମଧ୍ୟ ପାରଦ ୩୬ ଡିଗ୍ରୀ ଉପରେ ରହିଥିବାବେଳେ ପୁଣି ପାରଳାଖେମୁଣ୍ଡିରେ ୩୬.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀର ୩୬ ଡିଗ୍ରୀ, ଝାରସୁଗୁଡା ୩୫.୬, ସୁନ୍ଦରଗଡ଼ ୩୫.୪ ଓ ସମ୍ବଲପୁରରେ ତାପମାତ୍ରା ୩୫.୨ ଡିଗ୍ରୀ ସେଲସିୟସ୍ ରହିଥିଲା। ଅନ୍ୟପଟେ ଗତ ୨୧ ତାରିଖରୁ ଲଗାତର ଭାବେ ଉପକୂଳ ଓଡ଼ିଶା ସମେତ ପାର୍ଶ୍ୱବର୍ତ୍ତୀ କିଛି ଜିଲାରେ ଘନକୁହୁଡି ଦୃଶ୍ୟମାନ ହେଉଛି। ମୁଖ୍ୟତଃ ଓଡ଼ିଶା ଉପକୂଳସ୍ଥ ବଙ୍ଗୋପସାଗର ଅଞ୍ଚଳରେ ଗୁରୁଚାପ ବଳୟର ଉପସ୍ଥିତି ହେତୁ ଏହା କୁହୁଡି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରୁଛି। ସୋମବାର ରାଜ୍ୟର ବାଲେଶ୍ୱର, ଖୋର୍ଦ୍ଧା, ଅନୁଗୋଳ ଜିଲାରେ ଘନକୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଆସନ୍ତା ୨ ଦିନ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଘନକୁହୁଡ଼ି ହେବ। ଏନେଇ ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ ଓ ଗଞ୍ଜାମ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଆଜି ବିଶ୍ୱ କ୍ୟାନ୍‌ସର ଦିବସ

ବର୍ତ୍ତମାନ ସମଗ୍ର ବିଶ୍ୱ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ କ୍ୟାନ୍‌ସର ବା କର୍କଟ ରୋଗ ଅନ୍ୟତମ। ଏହି ରୋଗର ଲକ୍ଷଣ ଜାଣିବା ମାତ୍ରେ ତୁରନ୍ତ ଚିକିତ୍ସା କରାଇ ନେବା ନିହାତି ଦରକାର। ଏବେ କ୍ୟାନ୍‌ସର ଚିକିତ୍ସା ପାଇଁ ଅନେକ ପ୍ରକାର ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଅନୁସରଣ କରାଯାଉଛି। କେବଳ ସେତିକି ନୁହେଁ, କେତେକ କ୍ୟାନ୍‌ସରକୁ ପ୍ରାରମ୍ଭରୁ ଚିହ୍ନଟକରି ସେଥିରୁ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ମିଳୁଛି। କ୍ୟାନ୍‌ସର ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୪ରେ 'ବିଶ୍ୱ କ୍ୟାନ୍‌ସର ଦିବସ' ପାଳନ କରାଯାଇଥାଏ। ଏହି ଦିବସରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଦ୍ୱାରା ଅନେକ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଯଦି ଜଣେ ବ୍ୟକ୍ତି ଏହି ରୋଗ ବିଷୟରେ ଆରମ୍ଭରୁ ସଚେତନ ରହିବ ତେବେ ସେ ନିଜକୁ ଏଥିରୁ ଅନେକାଂଶରେ ଦୂରେଇ ରଖିପାରିବ। ଉକ୍ତ ରୋଗର ଲକ୍ଷଣ ଜାଣିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କ୍ୟାନ୍‌ସର ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



### ଉନ୍ନତ ଜୀବନଶୈଳୀ କମାଏ କ୍ୟାନ୍‌ସର ଆଶଙ୍କା

ଆଜିକାଲିର ଧାଁଧପଡ଼ ଜୀବନରେ ଆମେ ସୁସ୍ଥ ରହିବା ନିହାତି ଜରୁରୀ। କୌଣସି ରୋଗକୁ ଛୋଟ ବୋଲି ଭାବି ତାହାକୁ ଅବହେଳା କରିବା ଠିକ୍ ନୁହେଁ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି, କ୍ୟାନ୍‌ସର ଦିନକୁ ଦିନ ତାହାର କାୟା ବିସ୍ତାର କରିଚାଲିଛି। ହେଲେ ଆମେ କେତୋଟି ବିଷୟ ପ୍ରତି ସଚେତନ ରହିଲେ ଏହାଠାରୁ ନିଜକୁ ଦୂରେଇ ରଖିପାରିବା। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି, ଉନ୍ନତ ଜୀବନଶୈଳୀ ଦ୍ୱାରା ଜଣେ ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବ। ତେଣୁ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ସହ ନିଶାଦ୍ରବ୍ୟ ସେବନ ବର୍ଜନ କରିବା ଦରକାର। ନିଜର ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ତା'ସହ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନିଅନ୍ତୁ। ନିଜ ଜୀବନଶୈଳୀ ପ୍ରତି ଯଦି ଜଣେ ସଚେତନ ରୁହନ୍ତି, ତେବେ ସେ କ୍ୟାନ୍‌ସର ଆଶଙ୍କାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ବାର୍ତ୍ତା ପ୍ରକାଶିତ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ୟୁନାଇଟେଡ୍ ବାଏ ୟୁନିକ୍' ଅର୍ଥାତ୍, ଆମେ ଏକ ଭିନ୍ନ ଢଙ୍ଗରେ ଏକତ୍ରିତ ହୋଇ କ୍ୟାନ୍‌ସର ସହ ଲଢ଼ିବା। ଜନସାଧାରଣ ଏହାର କାରଣ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର। ତେଣୁ ଏଥର ବିଶ୍ୱ କ୍ୟାନ୍‌ସର ଦିବସରେ ସମସ୍ତଙ୍କୁ ଏକାଠି ହେବାକୁ ଆହ୍ୱାନ ଦିଆଯାଇଛି। ଏହି ରୋଗ ଏବେ ଚିକିତ୍ସକଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କାରଣ ଅନେକେ ଏହାର କାରଣ ବିଷୟରେ କେତେକାଂଶରେ ଅବଗତ ହୋଇ ମଧ୍ୟ ତାହାର ଚିକିତ୍ସା ଠିକ୍ ସମୟରେ କରାଇ ନ ଥାନ୍ତି। ଯେତେବେଳେ ଚିକିତ୍ସା ଆରମ୍ଭ କରନ୍ତି ସେତେବେଳକୁ କ୍ୟାନ୍‌ସର ଗୁରୁତର ଆକାର ଧାରଣ କରିସାରିଥାଏ। ଏହାଦ୍ୱାରା ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବା ସହ ଅକାଳ ମୃତ୍ୟୁକୁ ସାମ୍ନା କରିବାକୁ ହୋଇଥାଏ।







# ବଡ଼ କିନ୍ତୁ ଗୁଣବତ୍ତା ନୁହେଁ

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ସକାଶେ ଜାତୀୟ ଶିକ୍ଷାନୀତି ୨୦୨୦ ଅଣାଯାଇଛି। କିନ୍ତୁ ଶିକ୍ଷା କ୍ଷେତ୍ରରେ ଦୁର୍ନୀତି ଏହାର ସଫଳତା ଉପରେ ପ୍ରଶ୍ନ ଉଠାଉଛି। ନିକଟରେ ନ୍ୟାଶ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ୍ ଆକ୍ରିଡେଶନ କାଉନ୍‌ସିଲ (ନାକ୍) ବା ଜାତୀୟ ମାନ୍ୟତା ଆକଳନ ପରିଷଦର ପ୍ରକ୍ରିୟାରେ ଲାଞ୍ଚ କାରବାର ସମ୍ପର୍କିତ ଖବର ଏହାର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି। ପ୍ରକାଶିତ ଖବରରୁ ଜଣାପଡ଼ିଛି ଯେ, ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ କୋନେରୁ ଲକ୍ଷ୍ମୈଆ ଏଜୁକେଶନ ଫାଉଣ୍ଡେଶନ୍ (କେଏଲ୍‌ଇଏଫ୍) ଅଧୀନ ଏକ ଶିକ୍ଷାନୁଷ୍ଠାନକୁ ନାକ୍ ମାନ୍ୟତା ପ୍ରଦାନ ପାଇଁ ହୋଇଥିବା ଲାଞ୍ଚ କାରବାର ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦେଶର ୬ଜଣ ନାକ୍ ଯାଞ୍ଚ କମିଟି ସଦସ୍ୟଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ଏକାବେଳକେ ୨୦ଟି ସ୍ଥାନରେ ଚଢ଼ାଉ କରି ୩୬ ଲକ୍ଷ ଟଙ୍କା, ୬ଟି ଲାପ୍‌ଟପ୍, ଗୋଟିଏ ଆଇଫୋନ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସିବିଆଇ ସୂତ୍ରରୁ ପ୍ରକାଶ ଯେ, ସେମାନେ ୧ କୋଟି ୮୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର)ର ଲାଇବ୍ରେରି ସାଇନ୍ସ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ସମେତ ଅନ୍ୟ ନାକ୍ ସଦସ୍ୟମାନେ। ଆଶ୍ଚର୍ଯ୍ୟର ବିଷୟ ହେଉଛି, କେଏଲ୍‌ଇଏଫ୍‌ର ଉପସଭାପତି କୋନେରୁ ରାଜା ହରିନ ମଧ୍ୟ ଏହି ମାମଲାରେ ଗିରଫ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ନାକ୍ ହେଉଛି ବିଶ୍ୱବିଦ୍ୟାଳୟ ଅନୁଦାନ କାଉନ୍‌ସିଲ (ୟୁଜିସି)ର ଏକ ଶାଖା। ଏହାକୁ ୧୯୯୪ରେ ସ୍ଥାପନ କରାଯାଇଥିଲା ଓ ଏହାର ମୁଖ୍ୟାଳୟ ରହିଛି ବେଙ୍ଗାଲୁରୁରେ। ଭାରତବର୍ଷର ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକର ଭିତ୍ତିଭୂମି ଓ ପଠପଢ଼ା ଉପରେ ଅନୁଧ୍ୟାନ କରି ନାକ୍ ମାନ୍ୟତା ଦେଇଥାଏ। ଶିକ୍ଷାନୁଷ୍ଠାନଗୁଡ଼ିକ ପାଠପଢ଼ା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ନେଇ ଏକ ସେଲ୍ଫ ଷ୍ଟଡି ରିପୋର୍ଟ (ଏସ୍‌ଏସ୍‌ଆର୍) ନାକ୍ ମୁଖ୍ୟାଳୟକୁ ପଠାଇଥାନ୍ତି। ପରେ ନାକ୍ ସଦସ୍ୟଙ୍କ ୫ ଜଣିଆ କିମ୍ବା ୩ ଜଣିଆ ଟିମ୍ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପାଠପଢ଼ା ମାନ ଓ ପରିବେଶ ଅଛି କି ନାହିଁ ତାହା ଯାଞ୍ଚ କରିବାକୁ ଯାଇଥାନ୍ତି। ଯାଞ୍ଚ ପରେ ସେମାନେ ନାକ୍‌କୁ ସେମାନଙ୍କ ରିପୋର୍ଟ ଦେବା ପରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଚୂଡ଼ାନ୍ତ ମାନ୍ୟତା ସ୍ଥିର କରାଯାଇଥାଏ। ଏଥିରେ ଏ++ ସର୍ବୋଚ୍ଚ ମାନ୍ୟତା ହୋଇଥିବାବେଳେ ଏହା ପଛକୁ ଏ+, ଏ, ବି++, ବି+, ବି, ସି ରହିଛି। ୟୁଜିସି ଅନୁଦାନ ଓ ଆର୍ଥିକ ସହାୟତା ପାଇବା ଲାଗି ଏହିସବୁ ମାନ୍ୟତା ସକାଶେ ଶିକ୍ଷାନୁଷ୍ଠାନଗୁଡ଼ିକ ଚେଷ୍ଟା କରିଥାନ୍ତି। ଦେଖାଯାଏ ଅନେକ ଘରୋଇ ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ମାନ୍ୟତା ପାଇଁ ଶିକ୍ଷା ପରିସରରେ ଚିକିତ୍ସାଳୟ, ବ୍ୟାଙ୍କ, ଖେଳପଡ଼ିଆ, ଇ-ଲାଇବ୍ରେରି ଓ ଅନ୍ୟାନ୍ୟ ବ୍ୟବସ୍ଥା କରି ଏସ୍‌ଏସ୍‌ଆର୍‌ରେ ଦର୍ଶାଇବା ସହ ନାକ୍ କମିଟି ସଦସ୍ୟଙ୍କୁ ଏହାର ଯାଞ୍ଚ ସମୟରେ ପ୍ରଭାବିତ କରିଥାନ୍ତି। ଶୁଣିବାକୁ ମିଳେ ଯେ,ସେମାନଙ୍କୁ ଦାମୀ ଉପହାର ସହ ବିଭିନ୍ନ ସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଏ। କିନ୍ତୁ ଏବେ ଅନେକ ଲକ୍ଷ ଟଙ୍କା ଲାଞ୍ଚ କାରବାର ଘଟଣା ସାମ୍ନାକୁ ଆସିବା ପରେ ନାକ୍ କାର୍ଯ୍ୟଶୈଳୀ ତଥା ଉଚ୍ଚଶିକ୍ଷାର ମାନ ବା ଗୁଣବତ୍ତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ।

> ଗୋଟିଏ ପଟେ ଶିକ୍ଷାକୁ ବିଶ୍ୱ ସ୍ତରୀୟ କରାଯିବା ପାଇଁ ପ୍ରୟାସ ଜାରି ରହୁଥିଲା ବେଳେ ଅନ୍ୟପଟେ ଦୁର୍ନୀତିର ଛିଟା ଶିକ୍ଷାନୀତିକୁ କ୍ଷତି ପହଞ୍ଚାଇବ। ଉଚ୍ଚମାନର ଶିକ୍ଷା ନ ପାଇଲେ ଭାରତୀୟ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡ଼ିବ।

ଉଲ୍ଲେଖନୀୟ ଯେ, ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ହେଉଛି ବିଶ୍ୱର ସବୁଠୁ ବଡ଼, ଅର୍ଥାତ୍ କଲେଜ ଓ ୟୁନିଭର୍ସିଟିରେ ପଢୁଥିବା ଛାତ୍ରଙ୍କ ସଂଖ୍ୟା ସର୍ବାଧିକ। କିନ୍ତୁ ସେହି 'ବଡ଼' ଶବ୍ଦକୁ ଗୁଣବତ୍ତା ବୋଲି କହିହେବ ନାହିଁ। ସରକାରୀ ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୪ ସୁଦ୍ଧା ଦେଶରେ ବିଭିନ୍ନ ବର୍ଗର ୧୧୧୩ ବିଶ୍ୱବିଦ୍ୟାଳୟ, ୫୨, ୬୨୭ ଡିଗ୍ରୀ କଲେଜ ରହିଥିଲା। ଏବେ ଏହି ସଂଖ୍ୟା ଅଧିକ ହୋଇଥିବ । ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବାକୁ ଗଲେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ବାଦ୍ ଦେଲେ ରାଜ୍ୟରେ ୨୫ଟି ବିଶ୍ୱବିଦ୍ୟାଳୟ, ୧୨ଟି ଘରୋଇ ଓ ୪ଟି ଡିମ୍ଡ ବିଶ୍ୱବିଦ୍ୟାଳୟ ସମେତ ୧୨୭୩ କଲେଜ ରହିଛି। ଏମାନଙ୍କ ମଧ୍ୟରୁ ଅନେକ ଏ+ କିମ୍ବା ଏ ମାନ୍ୟତା ପାଇଥିବା ପ୍ରକାଶିତ ଖବରରୁ ଜଣାପଡ଼ିଛି। ତେବେ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ସର୍ବଭାରତୀୟ ସ୍ତରରେ ୨୦୨୩ ଜୁନ୍ ସୁଦ୍ଧା ୮୨୦ ବିଶ୍ୱବିଦ୍ୟାଳୟ ଓ ୧୫,୫୦୧ କଲେଜକୁ ନାକ୍ ମାନ୍ୟତା ଦିଆଯାଇଛି। ତଥାପି ସାମଗ୍ରିକ ଭାବେ ଭାରତର ଶିକ୍ଷାର ମାନକୁ ବିଚାରକୁ ନେଲେ ଏହା ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକର ଉଚ୍ଚଶିକ୍ଷା ତୁଳନାରେ ଦୁର୍ବଳ। ଭାରତରେ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ପ୍ରାଧ୍ୟାପକ, ଅଧ୍ୟାପକ, ଭିତ୍ତିଭୂମି ଓ ଶିକ୍ଷାର ଗୁଣବତ୍ତାରେ ଅଭାବ ପରିଲକ୍ଷିତ ହୋଇଥାଏ। ଉଦାହରଣ ସ୍ୱରୂପ ବିଶ୍ୱ ୟୁନିଭର୍ସିଟି ର୍ୟାଙ୍କିଂରେ ୧୦୦ ମଧ୍ୟରେ ଭାରତର କୌଣସି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇପାରି ନାହିଁ। ଗୋଟିଏ ପଟେ ଶିକ୍ଷାକୁ ବିଶ୍ୱ ସ୍ତରୀୟ କରାଯିବା ପାଇଁ ପ୍ରୟାସ ଜାରି ରହୁଥିଲା ବେଳେ ଅନ୍ୟପଟେ ଦୁର୍ନୀତିର ଛିଟା ଶିକ୍ଷାନୀତିକୁ କ୍ଷତି ପହଞ୍ଚାଇବ। ଉଚ୍ଚମାନର ଶିକ୍ଷା ନ ପାଇଲେ ଭାରତୀୟ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡ଼ିବ। ଦୁର୍ବଳ ଉଚ୍ଚଶିକ୍ଷା ଦେଶକୁ ଉଚ୍ଚସ୍ତରକୁ ନେଇପାରିବ ନାହିଁ। ଅନ୍ୟ ଅର୍ଥରେ କହିବାକୁ ଗଲେ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ସ୍ୱପ୍ନ ଅଧୁରା ରହିଯିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | 9 | | 5 | |
| | | 5 | | | 2 | | | 1 |
| | 2 | | | | | | | |
| | | 6 | 3 | | | | | |
| 2 | 4 | | | 5 | | | | |
| | 3 | | 1 | | 7 | | | |
| | | 7 | | | | 8 | 6 | |
| | | | 9 | | | 7 | | 5 |
| | 8 | | | | 6 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 2 | 9 | 8 | 1 | 6 | 4 | 7 |
| 1 | 9 | 4 | 6 | 5 | 7 | 2 | 8 | 3 |
| 6 | 7 | 8 | 4 | 3 | 2 | 5 | 9 | 1 |
| 4 | 5 | 1 | 2 | 9 | 8 | 3 | 7 | 6 |
| 9 | 8 | 6 | 3 | 7 | 5 | 1 | 2 | 4 |
| 7 | 2 | 3 | 1 | 4 | 6 | 9 | 5 | 8 |
| 8 | 6 | 7 | 5 | 1 | 9 | 4 | 3 | 2 |
| 2 | 4 | 9 | 7 | 6 | 3 | 8 | 1 | 5 |
| 3 | 1 | 5 | 8 | 2 | 4 | 7 | 6 | 9 |

ଗତକାଲିର ଉତ୍ତର

# ଗାଁରେ ଦରଦାମ୍ ଅସମ୍ଭାଳ କାହିଁକି



ନଟବର ଖୁଣ୍ଟିଆ

ଏବେ ଖବରକାଗଜଗୁଡ଼ିକରେ ଆମ ରାଜ୍ୟ ଓଡ଼ିଶାରେ ଦରଦାମ୍ ବୃଦ୍ଧି ହେତୁ ସାଧାରଣ ଜନତା ହନ୍ତସନ୍ତ ହେବା ଖବର ବଡ଼ ବଡ଼ ଅକ୍ଷରରେ ପ୍ରକାଶ ପାଉଛି। ବିଶେଷକରି ଗାଁରେ ଦରଦାମ୍ ଅସମ୍ଭାଳ ଏବଂ ସର୍ବଭାରତୀୟ ସ୍ତରର ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ୫.୭୬ ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୭.୭୬ ପ୍ରତିଶତ। ହାରାହାରି ଭାବେ ଓଡ଼ିଶାର ଗ୍ରାମୀଣ ଖୁଚୁରା ବଜାର ସବୁଠାରୁ ମହଙ୍ଗା ବଜାର ହୋଇଛି। ମହଙ୍ଗା ବଜାର ମୁଖ୍ୟତଃ କୃଷିଜାତ ଦ୍ରବ୍ୟର ଚଢ଼ା ଦର ପାଇଁ ଦାୟୀ। ନିତ୍ୟ ବ୍ୟବହାର୍ଯ୍ୟ କୃଷିଜାତ ସାମଗ୍ରୀ କହିଲେ ଅଟା, ଚାଉଳ, ଲୁଣ, ଡାଲି, ଖାଇବା ତେଲ, ଆଳୁ, ପିଆଜ, ରସୁଣ, ଅଦା, ବିଲାତି ବାଇଗଣ, କଦଳୀ, ଦେଶୀ ଆଳୁ, ଓଲୁଅ, ସାରୁ କୋବି, ସଜନା ଛୁଇଁ, ଅମୃତ ଭଣ୍ଡା, ବିନ, ମଟର ଛୁଇଁ, ବରଗୁଡିଛୁଇଁ, ମାଛ, ମାଂସ, ଅଣ୍ଡା ଇତ୍ୟାଦି।

ପୂର୍ବେ ଆମେ ଓଡ଼ିଆମାନେ ସାଧାରଣତଃ ରୁଟି ଖାଉ ନ ଥିଲେ । ଏବେ କିନ୍ତୁ ଅନେକ ଲୋକ ଅନ୍ତତଃ ରାତିରେ ରୁଟି ଖାଉଛନ୍ତି। ଏହାଛଡ଼ା ଗହମଜାତ ଦ୍ରବ୍ୟ ହେଉଛି ମଇଦା, ପାସ୍ତା, ପାଉଁରୁଟି ଆଦି। ଗହମ ଆମ ରାଜ୍ୟରେ ଅମଳ ହେଉ ନାହିଁ। ବାହାର ରାଜ୍ୟରୁ ଆସିଲେ ପରିବହନ ଖର୍ଚ୍ଚ ଅଧିକ ହେଉଛି। ତେଣୁ ଗହମ ଜାତ ଖାଦ୍ୟସାମଗ୍ରୀର ମୂଲ୍ୟ ଅଧିକ ହେବା ସ୍ୱାଭାବିକ। ଚାଉଳ ଦାମ୍ ମଧ୍ୟ ତୁଳନାତ୍ମକ ଭାବେ ଓଡ଼ିଶାରେ ଅଧିକ। ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ପ୍ରାୟ ୮୦ ପ୍ରତିଶତ ପରିବାର ମାଗଣାରେ ଚାଉଳ ପାଉଛନ୍ତି। ସେମାନେ ମୁଣ୍ଡପିଛା ୫ କେଜି ପାଉଛନ୍ତି। ଗାଁରେ, ସହରରେ ଚାଷୀ, ଶ୍ରମିକମାନଙ୍କୁ ପଚାରିବାରୁ ସେମାନେ କହନ୍ତି, ଯେହେତୁ ତିନି ବକ୍ତ ଭାତ ଖାଆନ୍ତି ଆଉ ୯/୧୦ କେଜି ବାହାରୁ କିଣନ୍ତି। ଯେଉଁମାନେ ସରକାରୀ ମାଗଣା ଚାଉଳ ନ ଖାଇ ବେପାରୀଙ୍କୁ ବିକି ଦିଅନ୍ତି, ସେହି ଚାଉଳକୁ ସେମାନେ କେଜି ପ୍ରତି ୩୦ ଟଙ୍କା ଦେଇ କିଣନ୍ତି। କିନ୍ତୁ ଏହି ଚାଉଳ ନ ମିଳିଲେ ସେମାନେ କେଜି ପ୍ରତି ୩୮ଟଙ୍କାରେ କିଣନ୍ତି। ଏବେ ପିଲାମାନେ ମୋଟା ଚାଉଳ ଖାଉ ନାହାନ୍ତି। ରାୟପୁର, ଜଗଦଳପୁର, ଆନ୍ଧ୍ରପ୍ରଦେଶ, କଲିକତାରୁ ଆସୁଥିବା ଚାଉଳ ଖାଉଛନ୍ତି ; ଯାହାର ଦାମ୍ ୪୫ରୁ ୫୦ଟଙ୍କା। ଅନ୍ୟ ରାଜ୍ୟରୁ ଚାଉଳ ଆସୁଥିବାରୁ ପରିବହନ ଖର୍ଚ୍ଚ ଅଧିକ ହେଉଛି। ଡାଲି, ତୈଳବୀଜ, ପିଆଜ, ଆଳୁ, ଅଣ୍ଡା, ମାଛରେ ଆତ୍ମନିର୍ଭରଶୀଳ ନ ହୋଇଥିବାରୁ ବାହାର ରାଜ୍ୟରୁ ଏସବୁ ଖାଦ୍ୟ ସାମଗ୍ରୀ ଆମଦାନୀ ହେଉଛି । ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ହେଉଛି। ବଜାରରେ ଖବର ନେଲେ ଜାଣିବେ



କଞ୍ଚା ଲଙ୍କା, ପାଚିଲା ଓ କଞ୍ଚା ଅମୃତ ଭଣ୍ଡା ଓ କଦଳୀ, ପିଜୁଳି, ସଜନା ଛୁଇଁ ଆଦି ଯାହାକି ଆମେ ଅମଳ କରିପାରିବା ସେସବୁ ମଧ୍ୟ ବାହାର ରାଜ୍ୟରୁ ଆସୁଛି। ଆମର ୪୮୦ କିଲୋମିଟର ସମୁଦ୍ର ତଟ ଅଥଚ ଲୁଣ ଉତ୍ପାଦନ ବୁଡ଼ିଗଲା ପରିସ୍ଥିତି। ଆମେ ଲୁଣ ଆମଦାନୀ କରୁଛୁ।

ଯେଉଁ ସବୁ ଖାଦ୍ୟ ସାମଗ୍ରୀ ଆମେ ଆମଦାନୀ କରୁଛୁ ଆମ ରାଜ୍ୟରେ ସେସବୁର ଚାଷ କରିବାର ଅନେକ ସୁବିଧା ଅଛି। ଯୁବ ସମାଜ ଚାଷ କରିବାକୁ ଚାହୁଁ ନାହାନ୍ତି। ଏହି ଲେଖକର ଘର ଉପକୂଳ ଓଡ଼ିଶାରେ। ପିଲାଦିନେ ଦେଖିଛି ଅଧିକାଂଶ ଚାଷୀ ନିଜ ପରିବାରର ପିଆଜ, ଆଳୁ, ରସୁଣର ଆବଶ୍ୟକତା ମେଣ୍ଟାଇ କିଛି ସ୍ଥାନୀୟ ବଜାରରେ ବିକ୍ରି କରିବା ପାଇଁ ଅଳ୍ପ ଜମିରେ ସେସବୁ ଚାଷ କରିଥାନ୍ତି। ଗ୍ରାମାଞ୍ଚଳ ବଜାରକୁ ବାହାରୁ ଏସବୁ ଦ୍ରବ୍ୟ ପ୍ରାୟ ଆସେ ନାହିଁ, ଯାହା ବି ଆସେ ନାମକୁ ମାତ୍ର।

ଅମୃତଭଣ୍ଡା ଗଛ ଯଦି ଆମ ବାଡ଼ିରେ ସମସ୍ତେ ଗୋଟା ଦୁଇଟା ଲଗାନ୍ତେ ଆନ୍ଧ୍ରରୁ ଆମଦାନୀ କରନ୍ତେ ନାହିଁ କି ଚଢ଼ା ଦାମ ଦେଇ କିଣନ୍ତେ ନାହିଁ । ଗାଁକୁ ଯାଇ ଦେଖନ୍ତୁ ଯୁବକମାନେ ଚାଷ ନ କରି ଦାଦନ ଶ୍ରମିକ ରୂପେ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଯେଉଁମାନେ ରହୁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ କୌଣସି ନା କୌଣସି ରାଜନୈତିକ ସ୍ଥାନୀୟ ନେତାଙ୍କ ସହ ଯୋଡ଼ି ହୋଇ କେତେ ବେଳେ କେମିତି କିଛି ସାହାଯ୍ୟ ପାଉଛନ୍ତି। ଖାଦ୍ୟ ସୁରକ୍ଷା ଆଇନରେ ମାସକୁ ୫ କେଜି ଲେଖା ଖାଦ୍ୟଶସ୍ୟ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମାଗଣା ମିଳୁଛି। ପିଏମ୍ କିଷାନରେ ବର୍ଷକୁ ୬ ହଜାର, ରାଜ୍ୟ ସରକାର କାଳିଆ ବଦଳରେ ସିଏମ୍ କିଷାନ ନାମରେ ଜମି ଥିବା ଲୋକଙ୍କୁ ସାହାଯ୍ୟ ଦେଉଛନ୍ତି। ଯଦି ସର୍ଭେ କରିବେ ଏହି ଅର୍ଥ ଅନେକ କ୍ଷେତ୍ରରେ ଚାଷରେ ଖର୍ଚ୍ଚ ନ ହୋଇ ଅଣଉତ୍ପାଦନ ମୂଳକ କାମରେ ବ୍ୟୟ ହେଉଛି। ଘରେ ବୃଦ୍ଧ ପିତାମାତା ଥିଲେ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ଅଧିକାଂଶ କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯେଉଁ ଋଣ ବ୍ୟାଙ୍କରୁ ଆଣୁଛନ୍ତି ଆତ୍ମନିଯୁକ୍ତି ପାଇଁ, ସେହି ଋଣକୁ ଅଧିକ ସୁଧରେ ଅଣଉତ୍ପାଦନ ଲାଗି ଋଣ ଲଗାଉଛନ୍ତି। ସେହି ଲାଭକୁ ନିଜ ମଧ୍ୟରେ ବାଣ୍ଟି ନେଉଛନ୍ତି। ଏବେ ଖୁବ୍ ପ୍ରଚାରିତ ଓଡ଼ିଶାର ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଯେଉଁ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଇଛି ସେହି ଅର୍ଥରେ କେତେ ପ୍ରତିଶତ ମହିଳା ଉତ୍ପାଦନମୂଳକ ଉଦ୍ୟୋଗରେ ବିନିଯୋଗ କରୁଛନ୍ତି ? ଏହା ମୁଖ୍ୟତଃ ମୁଦ୍ରାସ୍ଫୀତିକୁ ବୃଦ୍ଧି କରୁଛି।

ଯେଉଁ ଯୁବକମାନେ କୃଷି ଶ୍ରମିକ ଭାବେ ଗାଁରେ କାମ କରୁଛନ୍ତି ଅନେକ ଅଞ୍ଚଳରେ ସାତଘଣ୍ଟା କାମ ନ କରି ୪ରୁ ସାଢ଼େ ୪ ଘଣ୍ଟା କାମ କରୁଛନ୍ତି ଏବଂ ମଝିରେ ମଧ୍ୟ ଜଳଖିଆ ଚାଷୀଠାରୁ ଖାଉଛନ୍ତି । ଧାନରୁଆ ବେଳେ କେଉଁ କେଉଁଠାରେ ମଦ୍ୟପାନ ପାଇଁ ପଇସା ମାଗୁଛନ୍ତି। ଏଥିରେ ଚାଷୀର ଚାଷ ଖର୍ଚ୍ଚ ବୃଦ୍ଧି ପାଉଛି। ଚାଷ ଲାଭଜନକ ହେଉନାହିଁ। ଗାଁରେ ହେଉ ଅବା ସହରର ବସ୍ତି ଅଞ୍ଚଳରେ ମାଇକ୍ରୋ ଫାଇନାନ୍ସ କମ୍ପାନୀମାନେ ଅନ୍ୟୂନ ୨୬ ପ୍ରତିଶତ ସୁଧରେ ଋଣ ଉତ୍ପାଦନମୂଳକ କାମ ପାଇଁ କାଗଜପତ୍ରରେ ଦେଖାଇ ଅଣ ଉତ୍ପାଦନମୂଳକ କାମ ପାଇଁ ଋଣ ଦେଇ ମାସିକ କିସ୍ତି ଆଦାୟ କରୁଛନ୍ତି। ସମଗ୍ର ଖଟିଖିଆ ସମାଜ ଋଣ ଗ୍ରସ୍ତ। ସୁଧ ଗଣି ଗଣି ଆୟ ଶେଷ କରି ଦେଉଛନ୍ତି। ଋଣଯନ୍ତା କବଳରେ ଆଜି ଶ୍ରମିକ ଗୋଷ୍ଠୀ। ଉତ୍ପାଦନମୂଳକ କାମ ପାଇଁ ଅର୍ଥ ବିନିଯୋଗ ହେଉ ନ ଥିବାରୁ ଉତ୍ପାଦନ କମ୍ ହେଉଛି, ଏଣେ ଚାହିଦା ବଢୁଛି। ସୁତରାଂ ଅର୍ଥନୀତିର ଚାହିଦା ଓ ଯୋଗାଣ ସୂତ୍ର ଅନୁସାରେ ଦରଦାମ୍ ବଢ଼ିବା ସ୍ୱାଭାବିକ। ଦରଦାମ୍ ବୃଦ୍ଧି ହେତୁ ଶ୍ରମିକ ଗୋଷ୍ଠୀ ଆବଶ୍ୟକ ମୁତାବକ ଖାଦ୍ୟ ସାମଗ୍ରୀ ପାଉ ନାହାନ୍ତି , ନିଜ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରୁ ନାହାନ୍ତି ନା ସ୍ୱାସ୍ଥ୍ୟର ଆବଶ୍ୟକ ଯତ୍ନ ନେଇପାରୁ ନାହାନ୍ତି। ଋଣ ଯନ୍ତାର ବିଷ ବଳୟରେ ଛନ୍ଦି ହୋଇ ଢୋକେ ପିଇ ଦଣ୍ଡେ ବଞ୍ଚୁଛନ୍ତି।

ଖଟିଖିଆମାନଙ୍କୁ ଏଥିରୁ ଉଦ୍ଧାର କରିବାକୁ ହେଲେ ଦରଦାମ୍ ସ୍ଥିର ରଖିବାକୁ ହେବ। ସେଥିପାଇଁ ଉତ୍ପାଦନମୂଳକ କାମ ପାଇଁ ଅଗ୍ରାଧିକାର ଦେବାକୁ ହେବ। ଭୋଟ ପାଇଁ ମାଗଣା ବଣ୍ଟନକୁ ବନ୍ଦ କରିବାକୁ ହେବ, ଯାହା ଆଜି ଫ୍ରିନାମରେ ଅଭିହିତ। ଫ୍ରିବି ଆମର ଅର୍ଥନୀତିକୁ କିପରି ଦୁର୍ବଳ କରି ଆମ ରାଜକୋଷରୁ ଅଣଉତ୍ପାଦନମୂଳକ ବ୍ୟୟ କରି ମୁଦ୍ରାସ୍ଫୀତିକୁ ପ୍ରୋତ୍ସାହନ ଦେଉଛି ତାହା ଅର୍ଥଶାସ୍ତ୍ରୀ, ବୁଦ୍ଧିଜୀବୀ, ସମାଜସେବୀମାନେ ତାତ୍ତ୍ୱିକ ଆଲୋଚନା କରି ବିଭିନ୍ନ ରାଜନୈତିକ ଦଳଙ୍କୁ ବୁଝାନ୍ତୁ ଯେ ଦୀର୍ଘସ୍ଥାୟୀ ବିକାଶର ଏହା କିପରି ପରିପନ୍ଥୀ। ଯେଉଁମାନଙ୍କୁ ଫ୍ରି ଦିଆଯାଉଛି ସେମାନେ ପରୋକ୍ଷ ଭାବରେ କ୍ଷତିଗ୍ରସ୍ତ। ସାଧାରଣ ଲୋକଙ୍କ ପାଇଁ ଯଥେଷ୍ଟ ନିଯୁକ୍ତିମୂଳକ ଉଦ୍ୟୋଗ ହେଉ ନ ଥିବାରୁ ସେମାନଙ୍କ ପୁଅ ଝିଅମାନେ ବେକାର ହୋଇ ବୁଲୁଛନ୍ତି।

ଫ୍ରି ରାଜନୀତି ଜମା ଭଲ ରାଜନୀତି ନୁହେଁ, ଭଲ ଅର୍ଥନୀତିହିଁ ଭଲ ରାଜନୀତି। ଦରଦାମ୍ ସୀମା ମଧ୍ୟରେ ରଖିବାକୁ ହେଲେ ଉତ୍ପାଦନ ବଢ଼ାଇବା ଆବଶ୍ୟକ ଏବଂ ଲୋକଙ୍କର ଆୟ ବଢ଼ିବା ଆବଶ୍ୟକ।

**ମୋ: ୯୯୩୭୯୫୧୨୬୨**

# ଶିକ୍ଷା ଚାପରେ ଜୀବନ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ରାଜସ୍ଥାନର କୋଟାରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା(ଏନ୍‌ଇଇଟି) ପାଇଁ ପ୍ରସ୍ତୁତିକରୁଥିବା ୧୮ ବର୍ଷୀୟା ଓଡ଼ିଆ ଝିଅର ଆତ୍ମହତ୍ୟା ସହ ଚଳିତ ମାସରେ ଏହିଭଳି ତିନୋଟି ଘଟଣା ଘଟିବା ସେହି ଅନୁଷ୍ଠାନ ଏବଂ ପ୍ରଶାସନ ବ୍ୟବସ୍ଥାର ଅସଫଳତାକୁ ଦର୍ଶାଉଛି। ୨୦୨୩ରେ ୨୪ରୁ ଅଧିକ ଏବଂ ୨୦୨୪ରେ ୧୬ରୁ ଅଧିକ ଆତ୍ମହତ୍ୟା ହୋଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଆହୁରି ମଧ୍ୟ ଜଣାପଡିଛି ଯେ ରାଜସ୍ଥାନର କୋଟା ସହରକୁ ପରୀକ୍ଷା ପ୍ରସ୍ତୁତି ପାଇଁ ଯାଉଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବିଗତ ବର୍ଷ ୨ ଲକ୍ଷରୁ ଚଳିତ ବର୍ଷ ୧.୧ ଲକ୍ଷକୁ ହ୍ରାସ ପାଇଛି। କୋଟାର ଏକ ପ୍ରସିଦ୍ଧ ସ୍ଥାନ 'କୋରାଲ ପାର୍କ' ଯେଉଁଠି ବିଦ୍ୟାର୍ଥୀମାନଙ୍କ ପାଇଁ ବହୁ ସଂଖ୍ୟାରେ ହଷ୍ଟେଲ ରହିଛି, ଉକ୍ତ ସ୍ଥାନରେ ମଧ୍ୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାର ତଥ୍ୟ ସାମ୍ନାକୁ ଆସିଛି। ଯେଉଁଠି ଦିନେ ୩୨,୦୦୦ ଛାତ୍ରୀଛାତ୍ର ରହୁଥିଲେ, ସେଠି ଆଜି ମାତ୍ର ୮,୦୦୦ ପିଲା ରହି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯେଉଁମାନେ ହଷ୍ଟେଲ ନିର୍ମାଣ କରିଥିଲେ, ଭାରି କ୍ଷତି ସହୁଛନ୍ତି, ଏପରି କି ହଷ୍ଟେଲ ଖାଲି ପଡିବା ଯୋଗୁ ସେମାନେ ନେଇଥିବା ଋଣ ମଧ୍ୟ ପରିଶୋଧ କରିପାରୁନାହାନ୍ତି। ଆଶଙ୍କା କରାଯାଉଛି ଯେ ଯଦି ଏହି ସ୍ଥିତିରେ ପରିବର୍ତ୍ତନ ନ ଆସେ ଖୁବ୍‌ଶୀଘ୍ର ହଷ୍ଟେଲ ମାଲିକମାନେ ହଷ୍ଟେଲ ବନ୍ଦ କରିଦେବେ।

ଭାରତରେ ଯୁବପିଢ଼ିଙ୍କ ଭିତରେ ଆତ୍ମହତ୍ୟାର ହାର ଅନ୍ୟଦେଶ ତୁଳନାରେ ସର୍ବାଧିକ। ୧୫-୨୯ ବର୍ଷ ବୟସ ଭିତରେ ଥିବା ଯୁବତୀଯୁବକମାନଙ୍କର ମୃତ୍ୟୁର କାରଣ ଭିତରେ ଆତ୍ମହତ୍ୟା ହିଁ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଆତ୍ମହତ୍ୟା ଘଟଣାଗୁଡ଼ିକ ପଛରେ ଥିବା କାହାଣୀ ଲୋକଲୋଚନକୁ ଆସିବା ପରେ ଖୁବ୍ ବିଚଳିତ ଲାଗେ ଯେ ବିନା କୌଣସି ଚେତାବନୀ ବା ବିପଦର ସୂଚନା ଦେଇ ଏହା ଘଟୁଛି କେମିତି ? ଦିନ ଦିନ, ବର୍ଷ ବର୍ଷ ଧରି ସେମାନେ ଭୋଗୁଥିବା ଆବେଗାତ୍ମକ କ୍ଷଣ ହିଁ ଧୀରେ ଧୀରେ ତାଙ୍କୁ ଜୀବନ ପ୍ରତି ବୀତସ୍ପୃହ କରେ ଏବଂ ସେମାନେ ଆତ୍ମହତ୍ୟା ଭଳି ରାସ୍ତା ବାଛିନେବାକୁ ବାଧ୍ୟ ହୁଅନ୍ତି। ଦୁଃଖର କଥା ସେହି କଷ୍ଟ ଭୋଗୁଥିବା ମୁହୂର୍ତ୍ତଗୁଡିକୁ ପରିବାରର ସଦସ୍ୟ, ସାଙ୍ଗସାଥୀ, ଗୁରୁଜନ ଏପରି କି ମା'ବାପା ମଧ୍ୟ ଅନୁଭବ କରିପାରନ୍ତି ନାହିଁ। ଗୋଟିଏ ପଟେ ନିଜର ଅବ୍ୟକ୍ତ ଭାବନାକୁ ପରିପ୍ରକାଶ କରିବାର ସାହସ ସେମାନଙ୍କ ଭିତରେ ନ ଥାଏ, ସମକାଳରେ ସେମାନଙ୍କର ବ୍ୟବହାର, ମନର ଅବସ୍ଥା କ'ଣ ସେ ବିଷୟରେ କେହି ଜାଣନ୍ତି ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଯାହା କରାଯିବା ଉଚିତ ତାହା ହେଉଛି ଧୈର୍ଯ୍ୟର ସହିତ ପିଲାଙ୍କ କଥା ଶୁଣିବା, ଯେତେ ଶୀଘ୍ର ସମ୍ଭବ ସେମାନେ ଗତି କରୁଥିବା ଚାପର ଲକ୍ଷଣକୁ ଚିହ୍ନିବା ଏବଂ ସେମାନଙ୍କୁ ଆତ୍ମହତ୍ୟାପ୍ରବଣ ହେବା ଦିଗରେ ଯିବାରୁ ରୋକିବା ପାଇଁ ହସ୍ତକ୍ଷେପ କରିବା।

ଆତ୍ମହତ୍ୟା ରୂପକ ଏଇ ମହାମାରୀକୁ ରୋକିବା



ପାଇଁ ସେମାନଙ୍କ ବ୍ୟବହାର ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତି ବୁଝାମଣା ଓ ଦୃଷ୍ଟିଭଙ୍ଗୀରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଆତ୍ମହତ୍ୟାପ୍ରବଣତା ଏକ ଜଟିଳ ସମସ୍ୟା, ଯାହା ଜୈବିକ, ସାମାଜିକ- ସାଂସ୍କୃତିକ, ଆର୍ଥିକ, ସମ୍ବନ୍ଧିତ ଏବଂ ରାଜନୈତିକ ପ୍ରସଙ୍ଗର ଶୃଙ୍ଖଳାକୁ ପ୍ରଭାବିତ କରେ। ଛାତ୍ରୀଛାତ୍ରମାନଙ୍କ ଭିତରେ ଆତ୍ମହତ୍ୟା ଭାବନା ପାଇଁ ଦାୟୀ ଥିବା ବିନ୍ଦୁଗୁଡିକ ହେଉଛି ପାଠପଢ଼ାଜନିତ ଚାପ, ପରୀକ୍ଷାରେ ଅସଫଳତା, ସମ୍ପର୍କ ଭଙ୍ଗ, ଇଣ୍ଟରନେଟ ଦ୍ୱାରା ଉତ୍ପୀଡ଼ନ ଆହୁରି ଅନେକ। ଛାତ୍ରୀଛାତ୍ରମାନେ ସୁସ୍ଥ ରହିବା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା। ମାନସିକ ଭାବରେ ସେମାନେ ସୁସ୍ଥ ରହିଲେ ସେମାନଙ୍କ ଭିତରେ ଆତ୍ମହତ୍ୟା କରିବାର ମନୋବୃତ୍ତି ନିଶ୍ଚିତ ରୂପେ ହ୍ରାସ ପାଇବ। ଆଶ୍ଚର୍ଯ୍ୟର ବିଷୟ ହେଉଛି କୋଭିଡ୍ ମହାମାରୀ ପୂର୍ବରୁ ମାନସିକ ସ୍ୱାସ୍ଥ୍ୟ ପାଇଁ ବଜେଟ ୪୦ କୋଟି ଥିଲା, ଯାହା ୨୦୨୩ – ୨୪ରେ ବୃଦ୍ଧି ପାଇ ୧୩୪ କୋଟିରେ ଆସି ପହଞ୍ଚି ଯାଇଛି।

ସମାଜରେ ଗୋଟିଏ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ପାଇଁ ସବୁ ବର୍ଗର ଲୋକଙ୍କଠାରୁ ସାହାଯ୍ୟ ଓ ସହଯୋଗ ଲୋଡ଼ାଯାଏ, ଯେପରି କି ଅଭିଭାବକ, ଶିକ୍ଷକ, ପେସାଦାର, ସରକାରୀ ନୀତି ନିର୍ମାତା ଇତ୍ୟାଦି। ଯେଉଁ ଯୁବବର୍ଗ ନିଜ ଅନୁଭୂତି ଓ ଅନୁଭବ ମାଧ୍ୟମରେ ବିଭିନ୍ନ ଜଟିଳ ସମସ୍ୟାର ସମାଧାନ ସହ ସେଠାରୁ ବାହାରି ଆସିଛନ୍ତି, ସେମାନଙ୍କଠାରୁ ଶିକ୍ଷା ଗ୍ରହଣ କରାଯାଇ ପାରିବ। ଅପେକ୍ଷାକୃତ ଅଧିକ ଅଭିଜ୍ଞ ଓ ବୟସ୍କ ହୋଇଥିବାରୁ ଆମକୁ ଆମର ପିଲାଙ୍କ କଥା ଶୁଣିବାକୁ ହେବ, ସେମାନେ କେଉଁ ସମସ୍ୟା ଓ ସଂଘର୍ଷ ଦେଇ ଗତି କରୁଛନ୍ତି ତାକୁ ବୁଝିବାକୁ ହେବ, ସେମାନଙ୍କ ଦକ୍ଷତା ଓ କ୍ଷମତା ଉପରେ ଆସ୍ଥା ପ୍ରକଟ କରିବାକୁ ହେବ ଏବଂ ଶେଷରେ କେଉଁ ଦିଗରେ ଗଲେ ସେମାନେ ସୁରକ୍ଷିତ ରହିବେ ଏବଂ ସଫଳତାର ଶିଡ଼ି ଚଢିବେ ସେ ରାସ୍ତା ବିଷୟରେ ତାଙ୍କର ମାର୍ଗଦର୍ଶନ ବି କରିବାକୁ ହେବ।

କେବଳ ଆନୁଷ୍ଠାନିକ ପାଠପଢା ଯେ ଯଥେଷ୍ଟ ତା' ନୁହେଁ ଗୋଟିଏ ସଫଳ ଜୀବନ ବଞ୍ଚିବା ପାଇଁ ଅନ୍ୟ ବହୁ ଶିକ୍ଷା ଆୟତ୍ତ କରିବାକୁ ହୁଏ। କୌଣସି ଅସଫଳତାରେ ହାରି ଯାଇ ନିରାଶ ହୋଇ ଆତ୍ମହତ୍ୟା କରିବା ଏକ ଭୀରୁର କାମ, ବରଂ ଜୀବନରେ ଅନେକ ଶିକ୍ଷା କୌଣସି ଅନୁଷ୍ଠାନ ବା ଘରେ ଦିଆଯାଏ ନାହିଁ। ପରିବେଶ, ପରିସ୍ଥିତି, ସମୟ ମଣିଷକୁ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଶିକ୍ଷା ଦେଉଥାଏ। ଏହି ପରିପ୍ରେକ୍ଷୀରେ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଏକ ଉକ୍ତି ପ୍ରାସଙ୍ଗିକ ମନେହୁଏ, ''ପିଲାଙ୍କୁ ବହୁତଗୁଡ଼ିଏ ଖବର, ସୂଚନା ଯୋଗାଇଦେଇ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ବାଧ କରିବା ଶିକ୍ଷାଗ୍ରହଣ କରିବାର ସବୁଠାରୁ ବୁଦ୍ଧିହୀନ ମାଧ୍ୟମ ବୋଲି କହିପାରିବା।''

ଏଣୁ ଛାତ୍ରୀଛାତ୍ରମାନେ ନିଜର ଦକ୍ଷତାକୁ ଚିହ୍ନନ୍ତୁ, ଗୋଟିଏ କ୍ଷେତ୍ରରେ ଅସଫଳ ହେଲେ ଯେ ସୁଯୋଗ ସରିଗଲା କିମ୍ବା ଲୋକ ମୋ ବିଷୟରେ କ'ଣ ଭାବିବେ ଏହା ଭାବି ଲଜ୍ଜିତ ହେବା ଉଚିତ ନୁହେଁ। ବରଂ ଜୀବନକୁ ଭିନ୍ନ ଏକ ଦିଗରୁ ପୁଣିଥରେ ନୂଆ ଭାବରେ ଦେଖିବାକୁ ଆରମ୍ଭ କଲେ, କେତେ ନୂଆ ନୂଆ ରାସ୍ତା ଆଗକୁ ପଥ ହାତ ବାଇ ସ୍ୱାଗତ ଜଣେଇବେ।

**ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

ଜୈବିକ କୃଷିର ବିସ୍ତାର କ୍ଷେତ୍ରରେ ତାମିଲନାଡୁର ୩୨ ବର୍ଷୀୟ ସଲାଇ ଅରୁଣଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଜୈବିକ କୃଷି ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବା ପରେ ତାଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା। ଏବେ ସେ ମଙ୍ଗଲମ୍ ନାମକ ଏକ ଛୋଟ ଗାଁରେ ରହି ଜୈବିକ କୃଷି ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ଅରୁଣ ଜୈବିକ କୃଷି ପାଇଁ ଦେଶର ବିଭିନ୍ନ ଅଞ୍ଚଳରୁ ଦେଶୀ ବିହନ ସଂଗ୍ରହ କରି ଏକ ସିଡ୍ ବ୍ୟାଙ୍କ କରିଛନ୍ତି। ଏହି ସିଡ୍ ବ୍ୟାଙ୍କକୁ ୩୦୦ ଟଙ୍କାରେ ସେ ଆରମ୍ଭ କରିଥିଲେ। ପରେ ସେ ଚାଷରୁ ଯାହା ଆୟ କରନ୍ତି ତାହାକୁ ବିହନ ସଂଗ୍ରହ କାର୍ଯ୍ୟରେ ବ୍ୟୟ କରି ଚାଲିଛନ୍ତି। ଏବେସୁଦ୍ଧା ଅରୁଣ ୩୦୦ରୁ ଅଧିକ ପ୍ରକାର ଦେଶୀ ଫଳ ଓ ପରିବା ବିହନ ସଂଗ୍ରହ କରି ଏହି ବ୍ୟାଙ୍କରେ ରଖିଛନ୍ତି। ଏଥି ମଧ୍ୟରେ ରହିଛି ୧୦ପ୍ରକାର ବିନ୍ସ, ୨୦ ପ୍ରକାର ଟମାଟୋ,୧୦ ପ୍ରକାର ଲଙ୍କା ଓ ୧୦ ପ୍ରକାର ଜହ୍ନି ସମେତ ଅନ୍ୟ ସବୁ ଫଳ ଓ ପରିବା ବିହନ। ଏଗୁଡ଼ିକୁ ସଂଗ୍ରହ କରିବା ଲାଗି ଅରୁଣ ଦେଶରେ ୮୦ ହଜାର କିଲୋମିଟର ଭ୍ରମଣ କରିବା ସହ ୫୦୦ରୁ ଅଧିକ କୃଷକଙ୍କୁ ସାକ୍ଷାତ କରିଛନ୍ତି। ବର୍ତ୍ତମାନ ତାଙ୍କ ଗାଁ ଆଖପାଖର ଚାଷୀମାନେ ସିଡ ବ୍ୟାଙ୍କରୁ ବିହନ ନେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଫେବୃଆରୀ ୧୯୭୬

- ଲୋକସଭାରେ ସହରାଞ୍ଚଳ ଜମି ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ବିଲ୍ ଗୃହୀତ ହୋଇଯାଇଛି।
- ତାମିଲନାଡୁର ଡିଏମ୍‌କେ ମନ୍ତ୍ରିମଣ୍ଡଳର ଦୁର୍ନୀତି ଅଭିଯୋଗ ସଂକ୍ରାନ୍ତରେ ନିରପେକ୍ଷ ତଦନ୍ତ କରିବା ଲାଗି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ଜି. ସରକାରିଆଙ୍କ ଅଧ୍ୟକ୍ଷତାରେ ଏକ ଜଣିକିଆ କମିଶନ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

ଧାନକ୍ଷେତ ପରେ ବଉଦ ଭାସୁଛି
ସେ ଚାହିଁଛି ମୋର ଆଶାରେ,
ନୀଳ ଆକାଶରେ ଚାତକ ମିଶଇ
ମୋହରି ବିରହ ଦଶାରେ।
-(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷା ପ୍ରତି ଅବହେଳା

ମହାଶୟ,

ଓଡ଼ିଆ ଭାଷା ସରକାରୀ ସ୍ୱୀକୃତି ସହିତ ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ସରକାରୀସ୍ତରରେ ବ୍ୟବହାର ହେଉନାହିଁ। କେବଳ ଏହା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଆରମ୍ଭ କରାଯାଇଥିଲା। ଏହା ଉପରିଭାଗରେ ଓଡ଼ିଆ ଥିବା ବେଳେ ଭିତରେ ଓଡ଼ିଆ ଲେଖା ବଦଳରେ ଇଂଲିଶ୍‌ର ବ୍ୟବହାର ହେଉଛି। ମାତୃଭାଷାର ବ୍ୟବହାର ଅଧିକରୁ ଅଧିକ କରା ନ ଗଲେ ସ୍ଥାୟିତ୍ୱ ହେବ ନାହିଁ। ରାଜ୍ୟ ସରକାର ତୀକ୍ଷ୍ଣ ଦୃଷ୍ଟି ଦେବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସେହିପରି ଚିଠିଗୁଡ଼ିକ ଓଡ଼ିଆରେ ଲେଖା ନ ହୋଇ ଇଂଲିଶ୍‌ରେ ହେଉଅଛି।

**–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସୋମବାର ପ୍ରଚାର ଶେଷ ହୋଇଛି। ଆପ୍ ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ, ମୁଖ୍ୟମନ୍ତ୍ରୀ ଆତିଶୀ ଓ ଦଳୀୟ କର୍ମକର୍ତ୍ତାମାନେ ଗୋବିନ୍ଦପୁରଠାରେ ରୋଡ୍ ଶୋ' କରୁଛନ୍ତି।

# ଦିଲ୍ଲୀରେ ୩ୟ ଥର ସରକାର ଗଢ଼ିବୁ: କେଜ୍‌ରିୱାଲ

**ନୂଆଦିଲ୍ଲୀ, ୩।୨**

ଦିଲ୍ଲୀରେ ୩ୟ ଥର ପାଇଁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସରକାର ଗଢ଼ିବା ନେଇ ସେ ଆଶାବାଦୀ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ପ୍ରଚାରର ଶେଷ ଦିନରେ ସେ ରୋଡ୍ ଶୋ' କରିବା ସହ ନିର୍ବାଚନୀ ସଭାରେ ଯୋଗ ଦେବା ଅବସରରେ କହିଛନ୍ତି, ତାଙ୍କ ଆକଳନ ଅନୁଯାୟୀ ୭୦ ଆସନବିଶିଷ୍ଟ ଦିଲ୍ଲୀ ବିଧାନସଭାରେ ଆପ୍ ୫୫ ଆସନରେ ବିଜୟଲାଭ କରିବ। ଯଦି ପରିବାରର ମହିଳାମାନେ ସେମାନଙ୍କ ପୁରୁଷଙ୍କୁ ଠିକ୍ ଭାବେ ବୁଝାଇପାରିବେ ତାହା ହେଲେ ସଂଖ୍ୟା ୬୦ ଅତିକ୍ରମ କରିପାରେ ବୋଲି କେଜ୍‌ରିୱାଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୫ ନିର୍ବାଚନରେ ଆପ୍ ୬୭ ସିଟ୍ ପାଇଥିବା ବେଳେ ୨୦୨୦ରେ ୬୨ ଆସନ ଅକ୍ତିଆର କରିଥିଲା।

ଦିଲ୍ଲୀ, କାଲ୍‌କାଜି ଓ ଜଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା ଅତ୍ୟନ୍ତ ତୀବ୍ର ହେବ ବୋଲି ଭାଜପା କହୁଥିବାରୁ ସେସବୁ ସ୍ଥାନରେ ଆପ୍ ଭଲ ପ୍ରଦର୍ଶନ କରିବ ବୋଲି କହିଛି। ନୂଆଦିଲ୍ଲୀ ଆସନ ପାଇଁ ଆପ୍‌ରୁ କେଜ୍‌ରିୱାଲ ଲଢୁଥିବା ବେଳେ ଭାଜପାର ପରଭେଶ ସିଂ ବର୍ମା ଓ କଂଗ୍ରେସରୁ ସନ୍ଦୀପ ଦୀକ୍ଷିତ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି କାଲ୍‌କାଜି ସିଟ୍‌ରୁ ମୁଖ୍ୟମନ୍ତ୍ରୀ ଆତିଶୀ ନିର୍ବାଚନ ଲଢୁଥିବା ବେଳେ ଭାଜପାରୁ ରମେଶ ବିଧୁରି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅନୁରୂପ ଭାବେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଜଙ୍ଗପୁରାରୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ବେଳେ କଂଗ୍ରେସରୁ ପୂର୍ବତନ ବିଧାୟକ ତରଭିନ୍ଦର ସିଂ ମାରୱାହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୨୫ ନିର୍ବାଚନରେ ଦିଲ୍ଲୀରେ ଆପ୍, ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଆପ୍ ସରକାର ବିରୋଧୀ ପବନର ସମ୍ମୁଖୀନ ହେଉଥିଲେ ମଧ୍ୟ ୩ୟ ଥର କ୍ଷମତା ହାସଲ କରିବ ବୋଲି ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଆପ୍‌କୁ ଗାଦିଚ୍ୟୁତ କରିବା ନେଇ ଭାଜପା ଏକପ୍ରକାର ପ୍ରତିଜ୍ଞା କରିଥିବା ଭଳି ପ୍ରତୀୟମାନ ହେଉଛି। ଏଭଳି ସ୍ଥଳେ ଏକଦା ୧୫ ବର୍ଷ ଧରି କ୍ଷମତା ଚାଖିଥିବା କଂଗ୍ରେସ ହରାଇଥିବା ଦିଲ୍ଲୀବାସୀଙ୍କ ବିଶ୍ୱାସ ଫେରିପାଇବା ଲକ୍ଷ୍ୟରେ ସଂଗ୍ରାମ କରୁଥିବା ଦେଖିବାକୁ ମିଳିଛି। ଆସନ୍ତା ବୁଧବାର ଦିଲ୍ଲୀରେ ଭୋଟଗ୍ରହଣ ହେବାକୁ ଥିବା ବେଳେ ୮ ତାରିଖ ଗଣତି ହେବ ବୋଲି ଦିନଧାର୍ଯ୍ୟ କରାଯାଇଛି।

# ଭାଗବତଙ୍କୁ ତୁଷ୍ଟ ଲକ୍ଷ୍ୟରେ ଛାତ୍ର କଂଗ୍ରେସ ନେତାଙ୍କୁ ଜେଲ: ଜୟଦେବ

**ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)**

ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ତୁଷ୍ଟ କରିବା ଲାଗି ଭାଜପା ସରକାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଓ ଅନ୍ୟ ନେତାଙ୍କୁ ଗିରଫ କରି ଝାରପଡ଼ା ଜେଲକୁ ପଠାଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ପୂର୍ବତନ ସଭାପତି ଜୟଦେବ ଜେନା କହିଛନ୍ତି । ୭ ମାସ ହେଲା ଓଡ଼ିଶାରେ ଫାସିବାଦର ଶାସନ ଚାଲିଛି। ଭାଜପା ସରକାର ବିରୋଧୀ ଦଳର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଉଛନ୍ତି। ଛାତ୍ର କଂଗ୍ରେସ ସଭାପତି ଏବଂ ଅନ୍ୟ ସାଥୀମାନେ ଆର୍‌ଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତଙ୍କୁ ଯେଉଁ କଳାପତାକା ପ୍ରଦର୍ଶନ କଲେ ତାହା ଅଗଣତାନ୍ତ୍ରିକ ନୁହେଁ କିମ୍ବା ଏକ ଅକ୍ଷମଣୀୟ ଅପରାଧ ନୁହେଁ ବୋଲି ଜେନା କହିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ପଦ ବଞ୍ଚାଇବା ପାଇଁ ଏଭଳି କାର୍ଯ୍ୟ କରିଛନ୍ତି ବୋଲି ସେ କହିଛନ୍ତି।



ଜୟଦେବ ଜେନା

କଂଗ୍ରେସ ଭବନଠାରେ ସୋମବାର ଖବରଦାତା ସମ୍ମିଳନୀରେ ଜୟଦେବ କହିଛନ୍ତି, ଭାଗବତ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଯେଉଁ ମନ୍ତବ୍ୟ ଦେଉଛନ୍ତି, ତାହା ବର୍ତ୍ତମାନର ଛାତ୍ର ସମାଜକୁ ବ୍ୟଥିତ ଓ ମର୍ମାହତ କରିଛି। ଭାଗବତ କହୁଛନ୍ତି ରାମ ମନ୍ଦିର ପ୍ରତିଷ୍ଠା ପରଠାରୁ ଦେଶ ସ୍ୱାଧୀନ ହୋଇଛି। ଏହି ଗୈରିକ ସଙ୍ଗଠନ କହୁଛି, ୨୦୧୪ ପରଠାରୁ ଦେଶ ସ୍ୱାଧୀନ ହୋଇଛି। ଭାଗବତ ମଧ୍ୟ କହିଛନ୍ତି, ଏହି ସ୍ୱାଧୀନତା ଭିକ୍ଷାରେ ମିଳିଛି। ଏହା ଆମର ରାଷ୍ଟ୍ରନାୟକମାନଙ୍କ ପ୍ରତି ଭୟଙ୍କର ଅପମାନ। କେବଳ ଭାରତଛାଡ଼ ଆନ୍ଦୋଳନରେ ୧୦ ହଜାର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରାଣହାନି ହୋଇଥିଲା, ଲକ୍ଷେ ସଂଗ୍ରାମୀ ଜେଲଦଣ୍ଡ ଭୋଗିଲେ। ହେଲେ ସ୍ୱାଧୀନତା ସଂଗ୍ରାମୀଙ୍କ କିଛି ମୂଲ୍ୟ ନାହିଁ ବୋଲି ଭାଗବତ କହିଥିବାରୁ ଛାତ୍ର କଂଗ୍ରେସ କଳା ପତାକା ପ୍ରଦର୍ଶନ କରିବା ଯଥାର୍ଥ। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଜଣେ କର୍ତ୍ତବ୍ୟରତ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିଥିଲେ ମଧ୍ୟ ବର୍ତ୍ତମାନ ଶାସନରେ ଦଣ୍ଡିତ ହୋଇପାରିଲେ ନାହିଁ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଘର ନିକଟରେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଧର୍ମାନ୍ତରୀକରଣର ମିଥ୍ୟା ଅଭିଯୋଗ ଲଗାଇ ଉଲଗ୍ନ କରି ଗଛରେ ବାନ୍ଧି ଚପଲରେ ଗୈରିକ ସଙ୍ଗଠନ ଦ୍ୱାରା ନିର୍ମମ ଆକ୍ରମଣ କରାଗଲା। ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି କୁହନ୍ତୁ ବୋଲି ଜେନା ପ୍ରଶ୍ନ କରିଛନ୍ତି।

# ୧୪ରେ ପାଟଣା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ଗଣତି

**ପାଟଣା,୩।୨(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକଙ୍କ ବିରୋଧରେ ଗତ ଜାନୁଆରୀ ୪ରେ ଅନାସ୍ଥା ଭୋଟ ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କୁ ମିଶାଇ ମୋଟ ୩୫ ଜଣ ସଦସ୍ୟ ଉପସ୍ଥିତ ଥିଲେ। ୩୪ ଜଣ ସଦସ୍ୟ ମତଦାନ କରିଥିଲେ। ହାଇକୋର୍ଟଙ୍କ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶରେ ଗଣତିକୁ ସ୍ଥଗିତ ରଖାଯାଇଥିଲା। ତେବେ ଫେବୃଆରୀ ୧୪ ତାରିଖ ୧୧ଟା ୩୦ରେ ଭୋଟ ଗଣତି ହେବ ବୋଲି ଉପ ଜିଲାପାଳ ଉମାଶଙ୍କର ଦଳେଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ଭୋଟ ଗଣତିକୁ ସ୍ଥଗିତ ରଖାଯାଇଥିଲା।

# ୭ ମାସ ହେଲା ଜଙ୍ଗଲରାଜ ଆରମ୍ଭ କରିଛି ଭାଜପା: କଂଗ୍ରେସ

**ଭୁବନେଶ୍ୱର, ୩।୨(ସୁନିତ୍ ମିଶ୍ର)**

ଆଦିବାସୀ, ଅନୁସୂଚିତ, ଗରିବ ମହିଳାଙ୍କ ଉପରେ ଗତ ୧୦ ବର୍ଷ ହେଲା ଯେଉଁଭଳି ଅତ୍ୟାଚାର ହୋଇଚାଲିଛି ସେହିସବୁ ବିଷୟ ଲୋକଙ୍କ ଆଗରେ ରଖିବାକୁ କଂଗ୍ରେସ ସବୁବେଳେ ଚେଷ୍ଟା କରିଆସିଛି। ଦେଶରେ ଥିବା ମୁଖ୍ୟ ଗଣମାଧ୍ୟମଗୁଡିକ ଏହି କଥାକୁ ଆଗକୁ ଆଣିବେ ବୋଲି ବିଶ୍ୱାସ ରଖାଯାଇଛି। ଓଡିଶାରେ ଗତ ୭ ମାସ ହେଲା ଜଙ୍ଗଲରାଜ ଆରମ୍ଭ ହୋଇଛି। ଭାଜପା ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ନିଜେ ଏକ ଉତ୍ସବରେ କହୁଛନ୍ତି ଆଦିବାସୀ ଝିଅମାନେ ସଫା ସୁତୁରା ନୁହନ୍ତି। ସେଥିଲାଗି ସେ ଅନ୍ୟ ଜିଲା ଯାଇ ବାହା ହେଲେ। ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ବିରୋଧରେ ଯେଉଁ ଭାଷା ପ୍ରୟୋଗ କଲେ ଏହା କେବଳ ଆର୍‌ଏସଏସ ଛାତ୍ର ହିଁ କରିପାରିବେ। ମୋହନ ମାଝୀ ହେଉଛନ୍ତି ସେହି ବିଦ୍ୟାଳୟର ଛାତ୍ର। ଏହା କେତେ କ୍ଷତିକାରକ ବିଚାରଧାରା। ଜଣେ ମୁଖ୍ୟମନ୍ତ୍ରୀ ନିଜ ଜାତିର ମହିଳାଙ୍କ ପ୍ରତି ଯେଉଁ ଭାଷା ପ୍ରୟୋଗ କରୁଛନ୍ତି ଭାଜପା ଓ ଆରଏସ୍‌ଏସ୍ ଗ୍ରାଜୁଏଟ କରିପାରିବେ। ବାଲେଶ୍ୱର ଜିଲାରେ ବଡଦିନ ପାଳନ ସମୟରେ ଦୁଇ ଜଣ ଆଦିବାସୀ ମହିଳାଙ୍କୁ ଗଛରେ ବାନ୍ଧିକି ମାରିଲେ। ଯଦି ଏହି ଘଟଣା ବାଲେଶ୍ୱରରେ ହୋଇପାରୁଛି ଆଗକୁ ଭୁବନେଶ୍ୱର ଏବଂ ପରେ ଦିଲ୍ଲୀରେ ଏମିତି ହୋଇପାରିବ ବୋଲି ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

ଦିଲ୍ଲୀଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କୁମାର କହିଛନ୍ତି, ଗତ ନିର୍ବାଚନ ପ୍ରଚାର ସମୟରେ ଓଡିଶା ଲୋକଙ୍କୁ ସୂଚାଇ ଦିଆଯାଇଥିଲା ଭାଜପା ସରକାରକୁ ଆସିଲେ କୌଣସି ଜିନିଷ ସୁରକ୍ଷିତ ରହିବ ନାହିଁ। ସେହି କଥା ଏବେ ସତ୍ୟ ପ୍ରମାଣିତ ହେଉଛି। ଗତ ୭ ମାସ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ମହିଳା ଗଣବଳାତ୍କାରର ଶିକାର ହୋଇଛନ୍ତି। ଭରତପୁର ଥାନାରେ ଜଣେ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ଜଣେ ପୋଲିସ୍ ଅଧିକାରୀ ପ୍ରବଳ ମାରିକି ନିଯାତନା ଦେଲେ ବୋଲି ସେ କହିଛନ୍ତି। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ଭାଜପା ସରକାର ଚାହୁଁଛନ୍ତି ରାଜ୍ୟରେ ଆର୍‌ଏସ୍‌ଏସ୍ ଏଜେଣ୍ଡା ଚାଲୁ। ଭାଜପାର ଉଦ୍ଦେଶ୍ୟ ହେଉଛି ଏଠି ଆଦିବାସୀ ଚେହେରାକୁ ଶୀର୍ଷ ସ୍ଥାନରେ ବସାଇ ଏହି ଜାତିକୁ ନିଯାତନା ଦେବେ। ଆର୍‌ଏସ୍‌ଏସ୍ ସବୁବେଳେ ଆଦିବାସୀଙ୍କୁ ବନବାସୀ ବୋଲି କହିଆସିଛନ୍ତି। ଓଡିଶା ଖଣିଜ ଭରା ଅଞ୍ଚଳରେ ପରିପୂର୍ଣ୍ଣ। ଆଦିବାସୀଙ୍କୁ ବନବାସୀ କହିକି ଖଣିଜ ସମ୍ପଦ ଲୁଟିବେ ତାର ଯୋଜନା କରୁଛନ୍ତି। ପୋଲାଭରମ ପ୍ରକଳ୍ପ ହେଲେ ଓଡିଶାର ୧୨୨ ଆଦିବାସୀ ଗାଁ ବୁଡିଯିବ। ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ସେମାନେ କିଛି କହୁନାହାନ୍ତି। ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଥିବା ସତ୍ତ୍ୱେ ସେମାନେ ସମାଧାନ କରୁନାହାନ୍ତି। ଆଦିବାସୀଙ୍କ ହିତ ଲାଗି ମୁଖ୍ୟମନ୍ତ୍ରୀ କହିବା ଆରମ୍ଭ କରନ୍ତୁ। ସେମାନେ ଓଡିଶା ଲୋକଙ୍କ ସମ୍ପତ୍ତି ଲୁଟିକି ଯାହା ପୁଞ୍ଜିପତିଙ୍କୁ ଦେବାକୁ ଚାହୁଁଛନ୍ତି ତାହା ହେବାକୁ ଦେବୁ ନାହିଁ ବୋଲି ଉଲାକା କହିଛନ୍ତି।

UNION BUDGET 2025-2026



INCOME TAX DEPARTMENT

ମଧ୍ୟବିତ୍ତ ବର୍ଗଙ୍କ ସଶକ୍ତୀକରଣ
ଭାରତର ସଶକ୍ତୀକରଣ

ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଆୟକରରେ ବଡ଼ ଆଶ୍ୱସ୍ତି

- ₹୧୨ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିମାନଙ୍କୁ କୌଣସି ଆୟକର ଦେବାକୁ ପଡ଼ିବ ନାହିଁ
- ବେତନଭୋଗୀ ବର୍ଗଙ୍କୁ ବାର୍ଷିକ ₹୧୨.୭୫ ଲକ୍ଷ ପର୍ଯ୍ୟନ୍ତ ଆୟ ପାଇଁ କୌଣସି ଆୟକର ଦେବାକୁ ପଡ଼ିବ ନାହିଁ (ଯାହା ମଧ୍ୟରେ ₹୭୫,୦୦୦ର ମାନକ କାଟ ଅନ୍ତର୍ଭୁକ୍ତ)
- ଟିକସଦାତାମାନେ ଏବେ ବିନା କୌଣସି ସର୍ତ୍ତରେ ଦୁଇଟି ଆତ୍ମ-ଭୋଗଦଖଲଯୁକ୍ତ ସମ୍ପତ୍ତି ପାଇଁ ଶୂନ୍ୟ ବାର୍ଷିକ ମୂଲ୍ୟ ଦାବି କରିପାରିବେ
- ଭଡ଼ା ଉପରେ ଟିଡିଏସ୍ ପାଇଁ ₹୨.୪ ଲକ୍ଷର ବାର୍ଷିକ ସୀମାକୁ ₹୬ ଲକ୍ଷକୁ ବୃଦ୍ଧି କରାଯାଇଛି
- ବରିଷ୍ଠ ନାଗରିକଙ୍କ ପାଇଁ ସୁଧ ଉପରେ ଟିକସ କାଟର ସୀମାକୁ ସମ୍ପ୍ରତି ରହିଥିବା ₹୫୦,୦୦୦ରୁ ₹୧ ଲକ୍ଷକୁ ଦ୍ୱିଗୁଣିତ କରାଯିବ
- ଟିକସଦାତାଙ୍କ ବିଶ୍ୱାସକୁ ଦୃଢ଼ୀକୃତ କରିବା ପାଇଁ ଅପ୍‌ଡେଟେଡ୍ ରିଟର୍ନ ଫାଇଲିଂର ସମୟ ସୀମାକୁ ସମ୍ପୃକ୍ତ ମୂଲ୍ୟାୟନ ବର୍ଷ ସମାପ୍ତିରୁ ୪୮ ମାସକୁ ବୃଦ୍ଧି କରାଯାଇଛି, ଯାହା ପୂର୍ବରୁ ୨୪ ମାସ ଥିଲା
- ୨୯ ଅଗଷ୍ଟ, ୨୦୨୪ରେ କିମ୍ବା ତା'ପରେ ଜମା କରାଯାଇଥିବା ଅର୍ଥରାଶି ପାଇଁ ଜାତୀୟ ସଞ୍ଚୟ ଯୋଜନା (ଏନ୍‌ଏସ୍‌ଏସ୍) ଉଠାଣଗୁଡ଼ିକ ଏବେ ଟିକସମୁକ୍ତ

ନୂଆ ସ୍ଲାବ୍ ଓ ଟିକସ ଦର

| ମୋଟ ଆୟ | ଟିକସ ହାର |
|---|---|
| ₹୪ ଲକ୍ଷ ପର୍ଯ୍ୟନ୍ତ | ଶୂନ୍ୟ |
| ₹୪ ଲକ୍ଷରୁ ₹୮ ଲକ୍ଷ | ୫% |
| ₹୮ ଲକ୍ଷରୁ ₹୧୨ ଲକ୍ଷ | ୧୦% |
| ₹୧୨ ଲକ୍ଷରୁ ₹୧୬ ଲକ୍ଷ | ୧୫% |
| ₹୧୬ ଲକ୍ଷରୁ ₹୨୦ ଲକ୍ଷ | ୨୦% |
| ₹୨୦ ଲକ୍ଷରୁ ₹୨୪ ଲକ୍ଷ | ୨୫% |
| ₹୨୪ ଲକ୍ଷରୁ ଊର୍ଦ୍ଧ୍ୱ | ୩୦% |

CBC 15401/13/0014/2425

ୱେବ୍‌ସାଇଟ୍ ପାଇଁ ସ୍କାନ୍ କରନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ

ବାରମ୍ବାର ପଚରାଯାଉଥିବା ପ୍ରଶ୍ନଗୁଡ଼ିକ ପାଇଁ ସ୍କାନ୍ କରନ୍ତୁ

@IncomeTaxIndia @IncomeTaxIndia.Official @IncomeTaxIndiaOfficial @IncomeTaxIndiaOfficial www.incometax.gov.in

## ସଂକ୍ଷେପରେ

### ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ପ୍ରତିବାଦ

ବେଲପଡା,୩।୨(ମନୋଜ କୁମାର ମିଶ୍ର)

ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଲେ ବ୍ଲକ କାର୍ଯ୍ୟାଳୟର କେତେକ ଅଧିକାରୀ, କର୍ମଚାରୀ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। କର୍ମଚାରୀ, ଅଧିକାରୀମାନେ ଜନଅଭିଯୋଗ କାର୍ଯ୍ୟକ୍ରମ ନାମରେ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଭୋଜିଭାତର ଆସର ଜମାଉଥିବା କୋଶଲ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ସୋମବାର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ କୋଶଲ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ବ୍ଲକ ସମ୍ମୁଖରେ ବସି ପ୍ରତିବାଦ କରିଥିଲେ। ଅଭିଯୋଗ ଅନୁଯାୟୀ ପ୍ରତ୍ୟେକ ସୋମବାର ବ୍ଲକ କର୍ମଚାରୀମାନେ ଛୁଟିର ମଜା ନେଉଛନ୍ତି। କୋଶଲ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ପହଞ୍ଚି କର୍ମଚାରୀଙ୍କ ଉପରେ ନଜର ରଖିଥିଲେ। କୌଣସି ଅଧିକାରୀ ଅଫିସକୁ ପହଞ୍ଚି ନ ଥିଲେ। ସମସ୍ତ ଅଧିକାରୀ ପଣ୍ଡରିଯୋର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଜନଅଭିଯୋଗ ଶୁଣାଣିର ଆୟୋଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ କିଛି ଅଧିକାରୀ ଛୁଟିର ଫାଇଦା ନେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହାରି ପ୍ରତିବାଦରେ ସଙ୍ଗଠକ ଜନାର୍ଦ୍ଦନ ସିଂ, ଜିତୁ ନାଏକ, ଜୁଗଲ ମେହେର, ସିପୁନ ଖମାରୀ, ଚନ୍ଦନ ରାଜପୁତ, ସରୋଜ ନାଏକ, ପିଣ୍ଟୁ ବୁଡ଼େକ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଏବିଡିଓ ସାରଥି ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏଭଳି ଆଗକୁ ହେବ ନାହିଁ କହି ଆଶ୍ୱାସନା ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଜନ ଅଭିଯୋଗ ଶୁଣାଣି ଶିବିରରେ କମୁଛି ଅଭିଯୋଗକାରୀଙ୍କ ସଂଖ୍ୟା

ଲୋଇସିଂହା, ୩।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଓ ଆରକ୍ଷୀ ଅଧୀକ୍ଷକ ରଷିକେଶ ଖିଲାରୀଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଭାରପ୍ରାପ୍ତ ବିଡିଓ ମାହାପାତ୍ର କୁଳଦୀପ ମହାନ୍ତିଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ରହିଥିଲେ। ଶିବିରରେ ମାତ୍ର ୨୮ଟି ଅଭିଯୋଗ ଦାଖଲ ହୋଇଥିଲା। ଗୋଟିଏ ଘଣ୍ଟା ମଧ୍ୟରେ ମଧ୍ୟାହ୍ନ ୧୨ଟା ୩୬ରେ ଅଭିଯୋଗ ଶିବିର ଶେଷ ହୋଇଥିଲା। ପ୍ରଚାର ପ୍ରସାର ଅଭାବ ଏବଂ ପୂର୍ବ ଶିବିର ଗୁଡ଼ିକର ଅଭିଯୋଗର ସମାଧାନ ହେଉ ନ ଥିବାରୁ ଏପରି ଶିବିରରେ ଅଭିଯୋଗକାରୀଙ୍କ ସଂଖ୍ୟା କମିକମି ଯାଉଥିବା ପରିଲକ୍ଷିତ କରାଯାଉଛି ବୋଲି ସରଗାଡ ସମିତିସଭ୍ୟ ଅଜିତ ସାହୁ ଅଭିଯୋଗ କରିଛନ୍ତି। ଅଭିଯୋଗର ସମାଧାନ ହେଉ ନ ଥିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡସଭ୍ୟ ଟିକେଲାଲ ସାହୁ, ଶଶ୍ରାଜିତ ସାହୁ ଦାବି କରିଛନ୍ତି। ହୀରାପୁର ପଞ୍ଚାୟତର ପୂର୍ବତନ ପିଇଓଙ୍କ ବଦଳି ସତ୍ତ୍ୱେ ନୂତନ ପିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ସରପଞ୍ଚ ରମାକାନ୍ତ ବିଶ୍ୱାଳ ଫେରାଦ ହୋଇଛନ୍ତି।

# ପୋଲିସର ଭୂମିକାକୁ ନେଇ ସନ୍ଦେହ

ପାଟଣାଗଡ଼, ୩।୨ (ସଚ୍ଚିଦାନନ୍ଦ ମହାକୁର)

ବାରୁଦ ଗୋଳା ବିସ୍ଫୋରଣରେ ୨ ନାବାଳକ ଜଗା ସରାଫ (୧୧) ଓ ସଞ୍ଜୀବ ଦଲେଇ (୧୩) ଗୁରୁତର ହୋଇ ବଲାଙ୍ଗୀର ଭୀମଭୋଇ ମେଡିକାଲ ଓ କଲେଜରେ ଚିକିତ୍ସାଧୀନ ଥିଲେ। ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ଜଗାର ହାତକୁ ପ୍ଲାଷ୍ଟିକ ସର୍ଜରୀ କରିବା ପାଇଁ ବିଶାଖାପାଟଣାକୁ ସ୍ଥାନାନ୍ତରିତ କରାଯାଇଛି। ଆର୍ଥିକ ସ୍ଥିତି ଠିକ ନ ଥିବା କାରଣରୁ ସଞ୍ଜୀବ ଏବେ ମଧ୍ୟ ଭୀମଭୋଇ ମେଡିକାଲରେ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଘଟଣାସ୍ଥଳରୁ ଗ୍ରାମରକ୍ଷୀ ଜଣେ ଯୁବକଙ୍କ ସହ ମିଶି ଅନ୍ୟ ଏକ ବାରୁଦ ଗୋଳାକୁ ଜବତକରି ପୋଲିସରେ ଜିମା ଦେଇଛନ୍ତି। କିନ୍ତୁ ପୋଲିସ ଜାଣିଶୁଣି ତଦନ୍ତକୁ ବାଟବଣା କରୁଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ପୋଲିସର ଭୂମିକାକୁ ନେଇ ଗ୍ରାମବାସୀ ସନ୍ଦେହ କରୁଥିବାବେଳେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ସୋମବାର ମଧ୍ୟାହ୍ନ ସମୟରେ ଜଗା ଓ ସଞ୍ଜୀବ ଏକାଠି ଜଗାଙ୍କ ଘର ପଛପଟେ ଥିବା କୁଡ଼ିଆ ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ କୁଡ଼ିଆ ଭିତରେ ଥିବା ଏକ ଗୋଲାକାର ବସ୍ତୁ ଉପରେ ଉଭୟଙ୍କ ଦୃଷ୍ଟି ପଡ଼ିଥିଲା। ଉଭୟ ମିଶି ଗୋଲାକାର ବସ୍ତୁକୁ ଆଣି ଏକ ଟାଙ୍ଗିଆ ଉପରେ ରଖି ହାତୁଡ଼ି ମାଧ୍ୟମରେ ବାଡେଇଥିଲେ। ଯାହା ଫଳରେ ହଠାତ ଏହା ବିସ୍ଫୋରଣ ହୋଇ ନାବାଳକ ଦ୍ୱୟ ଗୁରୁତର ଆହତ ହୋଇ ଦୁର୍ଘଟଣାସ୍ଥଳରେ ଛଟପଟ ହେଉଥିଲେ। ବିସ୍ଫୋରଣର ଶବ୍ଦ ଓ ନାବାଳକ ଦ୍ୱୟଙ୍କ କାନ୍ଦିବା ଶୁଣି ପଡୋଶୀ ଲୋକମାନେ ସେଠାରେ ଏକତ୍ରିତ ହୋଇଥିଲେ। ସେମାନଙ୍କ କହିବା ଅନୁସାରେ ସେତେବେଳକୁ ଘଟଣାସ୍ଥଳରେ ବାରୁଦର ଗନ୍ଧ ହେଉଥିଲା। ନାବାଳକ ଦ୍ୱୟଙ୍କ ଅବସ୍ଥାଦେଖି ପଡୋଶୀମାନେ ପ୍ରଥମେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ବାଇକ ଯୋଗେ ନାବାଳକ ଦ୍ୱୟକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। ପରେ ସେଠାରେ ଗ୍ରାମରକ୍ଷୀ ପହଞ୍ଚି ଖୋଜିବାରୁ ଦୁର୍ଘଟଣାସ୍ଥଳରୁ ଏକ କଳାରଙ୍ଗର ସୁତା ବନ୍ଧା ବାରୁଦ ଗୋଳା ପାଇଥିଲେ। ଏହାପରେ ଗ୍ରାମରକ୍ଷୀ ଜଣକ ଗ୍ରାମର ଜଣେ ଯୁବକଙ୍କ ସହ ମିଶି ପୋଲିସରେ ଜିମା ଦେଇଥିଲେ। ପୋଲିସକୁ ଜିମା ଦେବାପରେ ଦୁର୍ଘଟଣାସ୍ଥଳକୁ ଥାନା ଅଧିକାରୀ ଆସି ତଦନ୍ତ ଆରମ୍ଭ କରିଥିଲେ। ଏସମ୍ପର୍କରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ପଚାରିବାରୁ ଘଟଣାକୁ ହାଲକା ଭାବରେ ନେଇ ଏବିଷୟରେ ଥାନାରେ କୌଣସି ମାମଲା ହୋଇ ନ ଥିବାବେଳେ ଛୁଆମାନେ ଖେଳୁଥିଲେ, ସେଇଟା ଫାଟିଗଲା ବୋଲି ତାଙ୍କର ପ୍ରତିକ୍ରିୟା ରଖିଥିଲେ। ଏଠି ପ୍ରଶ୍ନଉଠୁଛି ଯେ, ଏକ ସମ୍ବେଦନଶୀଳ ଘଟଣାକୁ ପୋଲିସ କାହିଁକି ଓ କେଉଁ ଉଦ୍ଦେଶ୍ୟରେ ହାଲୁକା ଭାବରେ ନେଉଛନ୍ତି ତାହା ତଦନ୍ତ ସାପେକ୍ଷ।

## ଗୋଁଣ୍ଡି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ ଦାବି



ବଲାଙ୍ଗୀର ଗୋଁଣ୍ଡୱାନା ଭବନ ଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର, ୩।୨ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗୋଁଣ୍ଡୱାନା ଭବନରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡି ମହାସଭା ଓ ଆଦିବାସୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ମହାନ ଗୋଁଣ୍ଡି ଭାଷାବିତ, ଗବେଷକ, ଲେଖକ, ସମାଜ ସଂସ୍କାରକ ଡା.ମୋତିରାବଣ କଙ୍ଗାଲିଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଥିଲା। କଙ୍ଗାଲି ସର୍ବପ୍ରାଚୀନ ଗୋଁଣ୍ଡି ଭାଷାକୁ ପୁନରୁଦ୍ଧାର କରି ସୈନ୍ଧବ ଲିପି କା ଗୋଁଣ୍ଡି ମେ ଉଦ୍‌ବାଚନ, ଗୋଁଣ୍ଡି ବ୍ୟାକରଣ, ବୃହତ ହିନ୍ଦୀ–ଗୋଁଣ୍ଡି ଶବ୍ଦକୋଷ, ଗୋଁଣ୍ଡି ଶବ୍ଦକୋଷ, ଗୋଁଣ୍ଡି ଲିପି ପରିଚୟ, ଗୋଁଣ୍ଡି ପୁନେମ ଦର୍ଶନ ଆଦି ବହୁ ପୁସ୍ତକ ରଚନା କରି ଗୋଁଣ୍ଡି ଭାଷାକୁ ସମୃଦ୍ଧ କରିଛନ୍ତି। ଗୋଁଣ୍ଡି ଭାଷା ପ୍ରତି ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କର ଜନ୍ମ ଦିବସକୁ ସାରା ଭାରତରେ ଗୋଁଣ୍ଡି ଭାଷା ଦିବସ ଭାବରେ ପାଳନ କରାଯାଉଛି। ଦହିତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ଉନ୍ନୟନ ସମନ୍ୱୟ ପରିଷଦ ଜିଲା ସଭାପତି ମୀନକେତନ ମାଝି, ମୁଖ୍ୟବକ୍ତା ଭାବେ ଗୋଁଣ୍ଡି ଭାଷା ଗବେଷକ ଗଣେଶ ମାଝି ଓ ସମ୍ମାନିତ ଅତିଥି ଦାମୋଦର ମାଝି, ରୁଦ୍ରମଣି ମାଝି, ବେଣୁପାଣି ଧରୁଆ ଯୋଗ ଦେଇଥିଲେ। ସମ୍ପାଦକ ନୃପ ଭୋଇ ସଭା ପରିଚାଳନା କରିଥିଲେ। ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ଡା.ମୋତିରାବଣ କଙ୍ଗାଲିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଏହି ଭାଷାକୁସାମିଲ କରିବା ଦାବିକରାଯାଇଛି। କାର୍ଯ୍ୟକ୍ରମରେ ଧନଞ୍ଜୟ କୁଅଁର, ତାନିତ କୁମାର ମାଝି ସହଯୋଗ କରିଥିଲେ।

## ଏକତାରା କଳାକେନ୍ଦ୍ରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ କଳାକାର ବୃନ୍ଦ।

ଟିଟିଲାଗଡ, ୩।୨(ଶରତ ମିଶ୍ର)

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ରାଜ୍ୟ ସଂସ୍କୃତିବିଭାଗ ଓ ରେଳବାଇଙ୍କ ଆନୁକୂଲ୍ୟରେ ଟିଟିଲାଗଡ଼ ଏକ ତାରା କଳାକେନ୍ଦ୍ର ଏକାଡେମୀର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଳବାଇ ତଥା ବିଭିନ୍ନ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ବିଶିଷ୍ଟ କଳାକାରଙ୍କୁ ନେଇ ଗୁରୁ ଶାନ୍ତନୁ ବେହେରାଙ୍କ ତତ୍ତ୍ୱାବଧାନରେ ୧୯୯୯ରେ ରାଜ୍ୟରେ ପ୍ରଥମ ଭାବରେ ଡାପନୃତ୍ୟକୁ ନେଇ ଗଢି ଉଠିଥିଲା ଏହି ଅନୁଷ୍ଠାନ। ବର୍ତ୍ତମାନ ଅନୁଷ୍ଠାନର କଳାକାର ଦେଶର କୋଣଅନୁକୋଣରେ ଡାପ ନୃତ୍ୟ ପ୍ରଦର୍ଶନ ସହ ଏହାର ପ୍ରଚାର ପ୍ରସାର ମଧ୍ୟ ହୋଇଛି। ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ସମାରୋହରେ ସମ୍ବଲପୁର ଇଷ୍ଟକୋଷ୍ଟ ରେଳପଥର ଡିଆର୍‌ଏମ୍ ତୁଷାର ପାଣ୍ଡେ ମୁଖ୍ୟଅତିଥି, ମହିଳା କଲ୍ୟାଣ ସମିତି ଅଧ୍ୟକ୍ଷା ଲୀନା ପାଣ୍ଡେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରେଳ ବିଭାଗ ସହାୟତାରେ ନିର୍ମିତ ଅନୁଷ୍ଠାନର ନୃତ୍ୟସଙ୍ଗୀତ, ଏବଂ ଚିତ୍ରକଳା ତାଲିମ କେନ୍ଦ୍ରର ନୂତନ କୋଠା ଉଦ୍‌ଘାଟନ କରିଥିଲେ। ପରେ ସ୍ଥାନୀୟ ରେଳବାଇ ଇନଷ୍ଟିଚ୍ୟୁଟ ପରିସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ମଞ୍ଚପୂଜା ପରେ ଏକତାରା କଳାକେନ୍ଦ୍ରର କଳାକାର, ପୁଷ୍ପରାଜ ସୁନାଙ୍କ ତତ୍ତ୍ୱାବଧାନରେ ସମ୍ବଲପୁରର ପଞ୍ଚବାଦ୍ୟ ଅନୁଷ୍ଠାନ, ଟିଟିଲାଗଡ଼ର ନିଉ ଲାଇଫ ଡ୍ୟାସ ଗ୍ରୁପ, ନିରାକାର ସାହୁଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଭୋର କରିଥିଲା। ବିଶିଷ୍ଟ ଗାୟକ ନିରାକାର ସାହୁ, ଲକ୍ଷ୍ମଣ ବାଗ, ରାଜୀବ ବେହେରା, ରଣଧିର କୁମାରଙ୍କ ଗୀତ ଆମୋଦିତ କରିଥିଲା। ପୂର୍ବତଟ ରେଳ ବିଭାଗ ସମ୍ବଲପୁରର ବରିଷ୍ଠ ଡିଇଇ (ଓପି), ବରିଷ୍ଠ, ଡିଇଇ (ଟିଆରଡ଼ି), ବରିଷ୍ଠ ଡ଼ିଏସଓ (ଜି), ଡିଇଇ (ଜି ) ଡିଇଏନ (ଦକ୍ଷିଣ ) ଏଡ଼ିଇଏନ, ଏଏସଟିଏନଇ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କଳାକେନ୍ଦ୍ରର ସଭାପତି ରଞ୍ଜନ ପଟ୍ଟନାୟକ, ସମ୍ପାଦକ ଅରୁଣ ସୁନା, ଗୁରୁ ତଥା ଉପଦେଷ୍ଟା ଶାନ୍ତନୁ ବେହେରା, ଗଗନ ବାଗ, ଅଶୋକ ନାଗ, ଜୟନ୍ତୀ ଟାକ୍ରୀ, ହିମାଂଶୁ ନାଗ, ସତ୍ୟନାରାୟଣ ଭୋଇ, ଚକ୍ରଧର ମହାନନ୍ଦ, ବିରୁନ ସୁନା, ଭୁବନେଶ୍ୱର ବାଗ, ସଞ୍ଜୀବ ବିଶାଲ,. ମଦନ ବାଗ, ଶୁଚିସ୍ମିତା ଷଡ଼ଙ୍ଗୀ, ନିରଝରିଣୀ ମହାରଣା, ବି.ସାରାନ, ଦୀପକ ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଷ୍ଠିତ ଏଙ୍କର ମାନଭଞ୍ଜନ ମିଶ୍ର ମଞ୍ଚ ସଞ୍ଚାଳନା କରିଥିଲେ।

## ରୁଗୁଡିଖାଲ ବିଶ୍ୱଶାନ୍ତି ମାନସ ଯଜ୍ଞ

ଲୋଇସିଂହା,୩।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ରାମ ମନ୍ଦିର ପ୍ରାଙ୍ଗଣରେ ନବ ଦିନାତ୍ମକ ବିଶ୍ୱଶାନ୍ତି ମାନସ ଯଜ୍ଞ ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦିନ ଯଜ୍ଞ ସହିତ ବିଭିନ୍ନ ବକ୍ତାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହେଉଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାବଣ ଦରବାର ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି। ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଦଳମାନେ ଆସି କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ସୋମବାର ଅଯୋଧ୍ୟା କାଣ୍ଡ କଥାବସ୍ତୁ ରହିଥିଲା। ଏହି ପରିପ୍ରେକ୍ଷୀରେ ରବିବାର ସାନ୍ଧ୍ୟ ସାଂସ୍କୃତିକ ସଭାରେ ସଭାପତି ଯୁଧିଷ୍ଠିର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ସରୋଜ ବିଶ୍ୱାଳ, ଜ୍ୟୋସ୍ନାମୟୀ ସାହୁ, ଭକ୍ତବନ୍ଧୁ ନାୟକ, ଦୁଷ୍ମନ୍ତ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାକୁ ସରୋଜ ମହାକୁର ପରିଚାଳନା କରିଥିଲେ।

## ଭାଗବତ ଟୁଙ୍ଗି ଉଦ୍‌ଘାଟନ, କଳାକାର ମହୋତ୍ସବ




ଭାଗବତ ଟୁଙ୍ଗୀର ଶୁଭଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜି, ୩।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଲର୍କି ଗ୍ରାମରେ ରବିବାର ନବନିର୍ମିତ ଭାଗବତ ଟୁଙ୍ଗିର ଶୁଭଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ତୁରେକେଲା ବ୍ଲକ ଅଧିନରେ ଥିବା କଳାକାରଙ୍କୁ ନେଇ ଏକ ଦିନିକିଆ କଳାକାର ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଧାୟକ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଳାକାର ମହୋତ୍ସବ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲା କଳା ଓ ସଂସ୍କୃତି ସଂଘର ଉପସଭାପତି ସୁଦାମଚରଣ ବିଶି, ତୁରେକେଲା ବ୍ଲକ ସଭାପତି କାର୍ତ୍ତିକେଶ୍ୱର ସାହୁ, ପୂର୍ବତନ ଉପସଭାପତି ଅମିଲ ପୁଟେଲ, ଜିଲା ଜଗନ୍ନାଥ ସଂକୀର୍ତ୍ତନ ସଂସ୍କୃତି ସମ୍ପାଦକ ରସରାଜ ବୁଡେକ, ତୁରେକେଲା ପଞ୍ଚାୟତ ସମିତି ସଭ୍ୟ ପ୍ରମୋଦ କୁମାର ମାହାପାତ୍ର, ଗ୍ରାମ୍ୟକଳା ସଙ୍ଗଠନ ଟିକ୍ରାପଡା ସଭାପତି ପୁରନ୍ଦର ପୁଟେଲ ମଞ୍ଚାସୀନ ଥିଲେ। ସଭାକୁ ତୁଳସିରାମ ଜଗତ ମଞ୍ଚ ପରିଚାଳନା କରିଥିଲେ।

## ଘରୋଇ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

**ସଫଳତାର ସହ ଜଟିଳ ପ୍ୟୁବିକ୍ ସିମ୍ଫିସିସ୍ ଡାଇଷ୍ଟାସିସ୍ ଅସ୍ତ୍ରୋପଚାର ସମ୍ପନ୍ନ**

ବଲାଙ୍ଗୀର, ୩।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଏକ ଘରୋଇ ହସ୍ପିଟାଲରେ ସଫଳତାର ସହ ଏକ ବିରଳ ଏବଂ ଜଟିଳ ପ୍ୟୁବିକ୍ ସିମ୍ଫିସିସ୍ ଡାଏଷ୍ଟାସିସ୍ ଅସ୍ତ୍ରୋପଚାର କରାଯାଇଛି। ଏ ସଂକ୍ରାନ୍ତରେ ସୋମବାର ସନ୍ଧ୍ୟାରେ ସ୍ୱରାଜ ହସ୍ପିଟାଲ ପରିସରରେ ଖବରଦାତା ସମ୍ମିଳନୀ କରି ଏହି ବିରଳ ଅସ୍ତ୍ରୋପଚାର ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସ୍ୱରାଜ ହସ୍ପିଟାଲ ପ୍ରତିଷ୍ଠାତା ଡା. ସୁଜ୍ଞାନେନ୍ଦ୍ର ମିଶ୍ର, ଅସ୍ତ୍ରୋପଚାର କରିଥିବା ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସବ୍ୟସାଚୀ ସ୍ୱାଇଁ, ଡା. ସୁରେଶ ମେହେର, ହସ୍ପିଟାଲ ନିର୍ଦ୍ଦେଶକ ସ୍ୱରାଜ ମିଶ୍ର, ହସ୍ପିଟାଲ ମ୍ୟାନେଜର ପଙ୍କଜ ତିୱାରୀ, ପ୍ରଶାସକ ଶିବ ପ୍ରସାଦ ମହାନ୍ତି ଓ ସିଦ୍ଧାର୍ଥ ପଣ୍ଡା ଉପସ୍ଥିତ ଥିଲେ। ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସ୍ୱାଇଁ ବିରଳ ଓ ଜଟିଳ ଅସ୍ତ୍ରୋପଚାର ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଗତ ୨୬ ତାରିଖ ପାଟଣାଗଡ ନିକଟ ଭାଲୁଯୋରୀ ଗାଁର ଜଗଦାନନ୍ଦ ପଧାନ (୪୦) ଏକ କାର ଧକ୍କାରେ ଗୁରୁତର ଆହତ ହୋଇଥିଲେ। ତାଙ୍କର ପେଲଭିସ୍ ବୋନ୍ ସମ୍ମୁଖ ଭାଗ ଲିଗାମେଣ୍ଟ ଓ ହାଡ ଭାଙ୍ଗି ଯାଇଥିଲା। ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ କେସିଙ୍ଗା ହସ୍ପିଟାଲରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଏବଂ ପରେ ବୁର୍ଲା ହସ୍ପିଟାଲ ନିଆଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏବଂ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ଥିବାରୁ ତାଙ୍କୁ ବୁର୍ଲା ଭିମସାର ହସ୍ପିଟାଲରୁ ଉନ୍ନତର ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରଣ କରାଯାଇଥିଲା। ତେବେ ଜଗଦାନନ୍ଦଙ୍କ ପରିବାର ଲୋକେ ତାଙ୍କୁ ସେଠାରୁ ବଲାଙ୍ଗୀର ସ୍ୱରାଜ ହସ୍ପିଟାଲକୁ ନେଇ ଆସିଥିଲେ। ଏଠାରେ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡା. ସବ୍ୟସାଚୀ ସ୍ୱାଇଁ ଓ ତାଙ୍କ ଟିମ୍ ତାଙ୍କର ଅସ୍ତ୍ରୋପଚାର କରିଛନ୍ତି। ଗୁରୁତର ରୋଗୀ ପଧାନଙ୍କ ପ୍ୟୁବିକ୍ ସିମ୍ଫିସିସ୍ ଡାଇଷ୍ଟାସିସ୍ ସମ୍ପୂର୍ଣ୍ଣ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି। ପ୍ୟୁବିକ୍ ସିମ୍ଫିସିସ୍ ଡାଏଷ୍ଟାସିସ୍ ଏକ ଅସାଧାରଣ ବିରଳ ଅବସ୍ଥା। ଯାହା ଗର୍ଭବତୀ ମହିଳାଙ୍କଠାରେ ଅତି ବିରଳ ଭାବେ ଦେଖାଯାଏ। ପୁରୁଷଙ୍କଠାରେ କୌଣସି ଦୁର୍ଘଟଣାଜନିତ ସମସ୍ୟା ଯୋଗୁଁ ଅତି ବିରଳ ଭାବେ ଦେଖାଯାଇଥାଏ। ଏହି ଅବସ୍ଥାର ସର୍ଜିକାଲ୍ ମରାମତି ଏକ ଜଟିଳ ଅସ୍ତ୍ରୋପଚାର ପ୍ରକ୍ରିୟା।

## ଛାତ୍ରଙ୍କୁ ମାଡ଼ ମାରିଥିବା ନେଇ ଶିକ୍ଷକଙ୍କ ବିରୋଧରେ ଏତଲା

ଲାଠୋର, ୩।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତର ଏକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକ ଅନ୍ୟ ଏକ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଛାତ୍ରଙ୍କ ବାପା ଲବ ମେହେର ସୋମବାର ସନ୍ଧ୍ୟାରେ ଲାଠୋର ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁସାରେ ଲବଙ୍କ ପୁଅ ସୁବାସ ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଛନ୍ତି। ସୋମବାର ଅପରାହ୍ନ ୨ଟା ୩୦ ରେ ସୁବାସ ତାଙ୍କ ସାଙ୍ଗ ଭୀଷ୍ମ ହଂସଙ୍କ ସହ ଜଣେ ସମ୍ପର୍କୀୟଙ୍କ ଘରୁ ଭୋଜିଭାତ ଖାଇ ଫେରୁଥିଲେ। ଏତିକି ବେଳେ ବାପା ଡାକୁଛନ୍ତି କହି ସମ୍ପୃକ୍ତ ଶିକ୍ଷକଙ୍କ ପୁଅ ବିଦ୍ୟାଳୟ ପଛପଟକୁ ସୁବାସଙ୍କୁ ଡାକି ନେଇଥିଲେ। ଆଗରୁ ସେଠାରେ ଥିବା ଶିକ୍ଷକ ନିସ୍ତୁକ ମାଡ଼ମାରି ସୁବାସଙ୍କ ଟି–ଶାର୍ଟ ଫାଡ଼ି ଦେଇଛନ୍ତି। ମାଡ଼ ଜୋର ହୋଇଥିବା ଯୋଗୁ ତାଙ୍କ ବେକ ଏବଂ ମୁହଁରେ ଲାଲ ଦାଗ ରହିଛି। ମାଡ଼ ମାରି ସାରିବା ପରେ ଲବଙ୍କୁ ଶିକ୍ଷକ ଜଣକ ଫୋନ କରି ମାଡ଼ ମାରିଛି ବୋଲି କହିଥିଲେ। ଅନ୍ୟ ବିଦ୍ୟାଳୟର ଛାତ୍ରଙ୍କୁ ଶିକ୍ଷକ କାହିଁକି ମାଡ଼ ମାରିଲେ ତାହା ବୁଝାପଡୁ ନାହିଁ ବୋଲି ଛାତ୍ରଙ୍କ ବାପା ପ୍ରକାଶ କରିଛନ୍ତି । ଏନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରେ ସେ କହିଛନ୍ତି, ଅନ୍ୟ ବିଦ୍ୟାଳୟର ସମ୍ପୃକ୍ତ ଦୁଇ ଛାତ୍ର ତାଙ୍କ ବିଦ୍ୟାଳୟରେ ପଶି ତାଙ୍କ ପୁଅକୁ ମାଡ଼ ମାରିବା ପାଇଁ ଟାଣି ନେଉଥିଲେ। ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାରପିଟ କରିବାରୁ ଜଣେ ଛାତ୍ରଙ୍କୁ ଦୁଇ ଚାପୁଡ଼ା ମାରିଥିଲେ ବୋଲି କହିଛନ୍ତି। ଥାନା ଦାୟିତ୍ୱରେ ଥିବା ଅଧିକାରୀ ଯତୀନ୍ଦ୍ର ବଡ଼େଇଙ୍କୁ ପଚାରିବାରେ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବଡ଼ଗମଡା ଦଳ ଚାମ୍ପିୟନ

**ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ମୁରିବାହାଲ, ୩।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତର ଗୁରୁଣ୍ଡା ଖେଳ ପଡିଆରେ ଗତ ୨୭ ତାରିଖଠାରୁ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବଡ଼ଗମଡା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଆଜାଦ ଚନ୍ଦ୍ର ଶେଖର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବଡ଼ଗମଡା ଦଳ ଓ ଖଲିଆକ୍ଷମାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଗମଡା ଦଳ ୧/୦ ଗୋଲରେ ବିଜୟୀ ହୋଇଛି। ଉଦ୍‌ଯାପନୀ ଦିବସରେ ଭାରତୀୟ ଜନତା ପାର୍ଟିର ଜିଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହ ନଗଦ ୭୭୭୭ ଟଙ୍କା ଓ ଉପ ବିଜେତା ଦଳକୁ ୫୫୫୫ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଭାଜପାର ବରିଷ୍ଠ ନେତା ପୁରନ୍ଦର ବାଗ, କଣ୍ଟାବାଞ୍ଜି ନଗର କାଉନସେଲର ନୀଳକଣ୍ଠ ଶତପଥୀ, ଗୋଇମୁଣ୍ଡା ସରପଞ୍ଚ କାଳିଆ ସରାଫ, ପଦ୍ମନାଭ ସାହୁ, ମହାଦେବ ଟାହାଣୀ, ୱାର୍ଡ ମେମ୍ବର ବିଶାଖା ଭୋଇ, ପୁଷ୍ପା ଛୁରା ପ୍ରମୁଖ ଉପସ୍ଥିତ ରହି ଉଭୟ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଉକ୍ତ ମ୍ୟାଚ ବିବଛ ମାଝୀ, ବୈଷ୍ଣବ ତାଣ୍ଡି, ନବୀନ ସରାଫ ଓ ନୀତେଶ ମାଝୀ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଶ୍ରେଷ୍ଠ ଖେଳାଳି ରାହୁଲ ଭୋଇ, ଶ୍ରେଷ୍ଠ ଡ଼ିଫେସ ଜୁନା ପୋଡ଼, ଶ୍ରେଷ୍ଠ ଗୋଲ କିପରି ଅଜିତ ଭୋଇଙ୍କୁ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟକୁ ସଫଳ କରିବାରେ ମୁଖ୍ୟ ଆୟୋଜକ ମଧୁସୂଦନ ସରାଫ,ସଭାପତି ପଦ୍ମ ଲୋଚନ ସରାଫ, ସମ୍ପାଦକ ଦୁଲା କୃଷ୍ଣ ବେହେରା, କୋଷାଧ୍ୟକ୍ଷ ମୋହନ ଲାଲ ସରାଫ, କୁମାର ବେହେରା, କୈଶପ୍ୟ ସରାଫ, ସୁବୋଧ ସରାଫ, ମୁକେଶ ସରାଫ, କାଳିଆ ମହାନନ୍ଦ, ଦୁଲାମିନି ବେହେରା, ବୁଦୁ ଭୋଇ, ବିଚାରୁ ଭୋଇ, ନିର୍ମଳ ଯାନୀ, ଝସକେତନ ସରାଫ, ଟେକ ସରାଫ, ବୀର ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ଧଣ୍ଡାମୁଣ୍ଡା ଦଳ ଚାମ୍ପିୟନ

**ଭୈରବୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଖପ୍ରାଖୋଲ, ୩।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲାଠାରେ ଚାଲିଥିବା ୧୭ତମ ଭୈରବୀ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଧଣ୍ଡାମୁଣ୍ଡା ଦଳ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଧଣ୍ଡାମୁଣ୍ଡା ଓ ବନ୍ଦେପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନ୍ଦେପଦର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୮ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଧଣ୍ଡାମୁଣ୍ଡା ଦଳ ୧୨.୪ ଓଭରରେ ୪ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରି ନେଇଥିଲା। ଫଳରେ ଧଣ୍ଡାମୁଣ୍ଡା ଦଳ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୈରବୀ କ୍ରିକେଟ କ୍ଲବ ସଭାପତି ଜ୍ୟୋତିରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟଣାଗଡ ପୂର୍ବତନ ବିଧାୟକ ସରୋଜ ମେହେର, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଏନଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ ମେହେର, ଭାନପୁର ସରପଞ୍ଚ ରୀନା ଜାଲ, ଅମିତ ସୁନା, ଡିଲେଶ୍ୱର ଜାଲ, ଶୋଭନମୟ ମିଶ୍ର, ତୁର୍ଲା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲା, ବୃନ୍ଦାବନ ସେଠ, ଗୋପାଳ ପାତ୍ର, ବ୍ରହ୍ମା ନନ୍ଦ ସାହୁ, ଟିକେଲାଲ ପାତ୍ର ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧୦୧୧ ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୭୦୭୦ ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ନିକୁ ଶବର ଓ ଆଶିଷ ପାଣିଗ୍ରାହୀ ଖେଳକୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ପ୍ରଶାନ୍ତ ମେହେର ଦାୟିତ୍ୱ ତୁଲାଇଥିଲେ। ସୁଦାମ ସାହୁ ଓ ରଞ୍ଜିତ ମେହେର ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ଭୋଇ, ସଞ୍ଜୀବ ପାଣିଗ୍ରାହୀ, ମନିଲାଲ ଛତର, ଗୋପାଲ ବାରିକ, ନିରଞ୍ଜନ ଭୋଇ, ରାମଚନ୍ଦ୍ର ବରିହା, କୁଶ ରଞ୍ଜନ ଭୋଇ, ସୁବନ ଶବର, ବାବାଜୀ ଭୁଏ, ଜଗତ ଦୀପ, ଆକାଶ ପାଣିଗ୍ରାହୀ, ଧନଞ୍ଜୟ ବାରିକ, କେଦାର ବାରିକ, ଓଁକାର ଭୋଇ, ସୁବିତ ଭୋଇ, ସ୍ୱାଧୀନ ପଣ୍ଡା, ଦେବାଶିଷ ପାଣିଗ୍ରାହୀ, ନବୀନ ଭୁଏ, ଛବିଲ ପଧାନ ପ୍ରମୁଖ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟଟି ଆଠ ଦିନ ଧରି ଚାଲିଥିବାବେଳେ ୧୬ଟି ଦଳ ଭାଗ ନେଇଥିଲେ।




ଭୈରବୀ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

## ସଂକ୍ଷେପରେ

### ଚମ୍ପାମାଳ ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କିଶୋର ହୋତା ସଭାପତି, ଆଶୁତୋଷ କର୍ଣ୍ଣ ସମ୍ପାଦକ**

ଅମରପାଲି,୩।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ପ୍ରସିଦ୍ଧ ଦୋଳ ପୂର୍ଣ୍ଣିମା ଯାତ୍ରା ପାଇଁ ଚମ୍ପାମାଳ ଚମ୍ପେଶ୍ୱର ଦୋଳ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାତ୍ରା ପରିଚାଳନା ପାଇଁ ଏକ ନୂତନ କମିଟି ଗଠିତ ହୋଇଯାଇଛି। ଏଥିରେ ସଭାପତିଭାବେ କିଶୋର ହୋତା, ଉପସଭାପତି ବିଶ୍ୱନାଥ ଥନାପତି, ସମ୍ପାଦକ ଆଶୁତୋଷ କର୍ଣ୍ଣ, ସହ ସମ୍ପାଦକ ଭୋଳାନାଥ ସେଠୀ, କୋଷାଧ୍ୟକ୍ଷ ପଞ୍ଚାନନ ମହାରଣା ଓ ରବିନାରାୟଣ ବିଶି ମନୋନୀତ ହୋଇଛନ୍ତି । ଚଳିତ ବର୍ଷ ଚମ୍ପେଶ୍ୱର ମନ୍ଦିର ପରିସରରେରେ ରାମାୟଣ ଗାନ, ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ସରୋଜ କୁମାର ହୋତା, ପ୍ରମୋଦ କୁମାର ପୁରୋହିତ, ଅନନ୍ତ ନାରାୟଣ ପୁରୋହିତ, ସିତୁ ଥନାପତି, ଆକାଶ ଥନାପତି, ରାମ ଚନ୍ଦ୍ର ଭୁକ୍ତା ପ୍ରମୁଖ ଯୋଗଦେଇଥିଲେ।

# ସୁସ୍ଥ ସମାଜ ଗଠନ ପାଇଁ ପ୍ରୟାସ ଲୋଡ଼ା



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ରବୀନ୍ଦ୍ର ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ଅମରପାଲି,୩।୨(ପୀତାମ୍ବର ସାହୁ)

ସମାଜରେ ସୁଧାର ଆବଶ୍ୟକ। ଏହାର ସୁଧାର ପାଇଁ ଯୁବ ଓ ଛାତ୍ର ସମାଜ ଆଗଭର ହେବା ଜରୁରୀ। ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଛାତ୍ରୀଛାତ୍ରମାନେ ନିଜ ଚରିତ୍ର ଗଠନ ସହିତ ଭଲ ଶିକ୍ଷା ଗ୍ରହଣ କରି ସୁସ୍ଥ ସମାଜ ଗଠନ ପାଇଁ ପ୍ରୟାସ କରିବାକୁ ହେବ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ରବୀନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

କଲେଜର ଅଧ୍ୟକ୍ଷ ଜଗବନ୍ଧୁ ବରିହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସମାରୋହରେ କଲେଜ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଶଙ୍ଖୁଆ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ଶିକ୍ଷାବିତ ଝାସକେତନ ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମନଦେଇ ପାଠ ପଢ଼ିବା ସହିତ ନିଜ ଓ କଲେଜର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟି ସମ୍ପାଦକ ବିଜୟ କୁମାର ପ୍ରଧାନ, ସ୍ୱେଚ୍ଛାସେବୀ ବିଦ୍ୟାଧର ପ୍ରଧାନ, ରତ୍ନାକର ପ୍ରଧାନ ଓ ଲକ୍ଷ୍ମଣ ମଝି ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଜର ମତ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଶରତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଛାତ୍ରୀମାନଙ୍କ ଦାରା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ବରିହା ଶିକ୍ଷାନୁଷ୍ଠାନର ବାର୍ଷିକ ବିବରଣୀ ପଠନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଧନଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନାମୟୀ ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପକ ରାଜୀବ ମହାପାତ୍ର, ଗୋପାଳ ସାହୁ, ବିଷ୍ଣୁପ୍ରିୟା ମହାକୁର, ସୁମନ୍ତ ଦଳାଇ, ମଧୁସୂଦନ କର୍ଣ୍ଣ, ସତ୍ୟମୋହନ ପ୍ରଧାନ, ରାଧେଶ୍ୟାମ ବାରିକ, ସୁଦାମ ଉର୍ମା, ସୀତାକାନ୍ତ ଭୋଇ, ସୁଦର୍ଶନ ପଣ୍ଡା, ଚକ୍ରଧର ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ଗଡ଼ିଲା ସଚେତନତା ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ସୋନପୁର,୩।୨(ମୃତ୍ୟୁଞ୍ଜୟ ଶତପଥୀ)

ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ବନ ବିଭାଗ ପାଇଁ କଷ୍ଟକର ବ୍ୟାପାର ହୋଇପଡିଛି। କ୍ଷେତରେ ନିଆଁ ଲଗାଇବା କାରଣରୁ ଏହା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଜଙ୍ଗଲକୁ ବ୍ୟାପି ଯାଉଛି। ଫଳରେ ଶତାଧିକ ଏକର ପୁରାତନ ଓ ନୂତନ ଜଙ୍ଗଲ ପୋଡି ନଷ୍ଟ ହୋଇଯାଉଛି। ଏହା ସୁବର୍ଣ୍ଣପୁର ଜିଲା ପାଇଁ ବଡ ସମସ୍ୟା ସୃଷ୍ଟି କରିଛି। କିଛି ଚାଷୀ ରବି ଚାଷ କରିବା ପାଇଁ କ୍ଷେତରେ ନିଆଁ ଲଗାଇ ଦେଉଛନ୍ତି। ତେଣୁ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ପାଇଁ ବନ ବିଭାଗ ଉଦ୍ୟମ କରିଛି। ସୋମବାର ସୋନପୁର ବନାଞ୍ଚଳ ପକ୍ଷରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଜିଲାପାଳ ଅନ୍ୟା ଦାସ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଏକ ମାସ ଧରି ସୋନପୁର ବନାଞ୍ଚଳ ସଂଲଗ୍ନ ଗାଁଗୁଡିକୁ ପରିକ୍ରମା କରି ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରିବ ବୋଲି ବନଖଣ୍ଡ ଅଧିକାରୀ ମଦନ ଲାଲ ଶର୍ମା କହିଛନ୍ତି। ଏସ୍‌ପି ରାମ ପ୍ରସାଦ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ସହକାରୀ ବନ ସଂରକ୍ଷକ ଗିରିଧାରୀ ନାଗ ଓ ବନପାଳ ଭକ୍ତବନ୍ଧୁ ମିଶ୍ର ଏହି ଅବସରରେ ଉପସ୍ଥିତ ଥିଲେ।

# ୪୪ ପଞ୍ଜୀକୃତ ଅଭିଯୋଗରୁ ୧୩ ସାମୂହିକ

**ସୁବର୍ଣ୍ଣପୁରରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**



ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସୋନପୁର,୩।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ ଶିବିରରେ ଯୋଗଦାନ କରି ୪୪ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୧୩ଟି ସାମୂହିକ ଥିଲା। ୪ଗୋଟି ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ସୋନପୁର ଉପଜିଲାପାଳ ସୌମ୍ୟାରୂପା ରଥ, ସୋନପୁର ତହସିଲଦାର ଜି ରଶ୍ମିରେଖା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅନୁପମା ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ସାମଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

# ରାସ୍ତା ନିର୍ମାଣ ପାଇଁ ରାସ୍ତାରୋକୋ

**ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଶାସନିକ ବୈଠକ**

ବିନିକା, ୩।୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ପାପକ୍ଷୟ ଗେଟରୁ ଡଭଲା ଛକ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ବିପର୍ଯ୍ୟସ୍ତ ରାସ୍ତାରେ ଯାତାୟାତ ବେଳେ ଛୋଟବଡ ଦୁର୍ଘଟଣା ଘଟୁଛି। ରାସ୍ତା ମରାମତି ପାଇଁ ଏକାଧିକବାର ଜନ ଶୁଣାଣିରେ ଜିଲାପାଳଙ୍କୁ ସହରବାସୀ ଫେରାଦ ହୋଇଥିଲେ ହେଁ କୌଣସି ସୁଫଳ ମିଳିଲାନାହିଁ। ଶେଷରେ ବିନିକା ସଚେତନ ନାଗରିକ ମଞ୍ଚ ତରଫରୁ ସୋମବାର କାଉନସିଲର ପ୍ରଦୀପ ବାଘଙ୍କ ନେତୃତ୍ୱରେ କଲେଜ ଛକଠାରେ ରାସ୍ତାରୋକୋ କରାଯାଇଥିଲା । ପୂର୍ବାହ୍ନ ୧୦ଟାରେ ତହସିଲଦାର ସୀତାରାମ ଭୋଇ, ବିଡିଓ ମଣ୍ଟୁ ଖମାରି ଆନ୍ଦୋଳନସ୍ଥଳକୁ ଯାଇ ୭ ଦିନ ମଧ୍ୟରେ ଦାବି ପୂରଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ଓହରିଥିଲେ।



ଏନ୍‌ଏସି କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀମାନେ।

ଅପରପକ୍ଷରେ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିନିକା ଏନଏସି କାର୍ଯ୍ୟାଳୟରେ ସନ୍ଧ୍ୟା ୭ଟା୩୦ରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଲଲାଟେନ୍ଦୁ ସା, ସୁପାରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଏ.ସାହୁ, ନିର୍ବାହୀ ଯନ୍ତ୍ରୀ ଏସ ଡେଲକି, ବିଡିଓ ଖମାରୀ, ତହସିଲଦାର ସୀତାରାମ ଭୋଇ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଏ.କେ.ମୂର୍ତ୍ତି, ପିଡବ୍ଲ୍ୟୁଡି ଯନ୍ତ୍ରୀ ବିନୟ କୁମାର ସୁରେନ, ଏନଏସି ଜେଇ ସହଦେବ ପଧାନ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମିଶ୍ର ଯୋଗଦେଇଥିଲେ।

# ଯୋଗଦାନର ପ୍ରଥମ ଦିନରେ ମାଟ୍ରିକ ପରୀକ୍ଷା ସମୀକ୍ଷା

ସୋନପୁର,୩।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ନୂତନ ଜିଲା ଶିକ୍ଷାଧିକାରୀ(ଡିଇଓ) ଭାବେ ମୀନାରାଣୀ ମଙ୍ଗଳ ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗଦାନ କରିବା କ୍ଷଣି ମୀନାରାଣୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ନେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଅପରାହ୍ନରେ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକଙ୍କୁ ନେଇ ଆସନ୍ତା ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାରେ ଭଲ ଫଳାଫଳ ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହିତ ଯୋଗାଯାଗ ରକ୍ଷା କରି ଏବେ ଠାରୁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ନିଜର କାର୍ଯ୍ୟକୁ କର୍ତ୍ତବ୍ୟ ଭାବିସମୟ ଅନୁସାରେ ସମ୍ପୂର୍ଣ୍ଣ କରିବା ଏବଂ ସମସ୍ତଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ କହିଥିଲେ। ନୂତନ ଜିଲା ଶିକ୍ଷାଧିକାରୀଙ୍କ ଯୋଗଦାନ ପରେ ଜିଲାର ସମସ୍ତ ଗୋଷ୍ଠି ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ।



ଡିଇଓ ମୀନାରାଣୀ ମଙ୍ଗଳ।

# କାମ କରି ବିଲ୍ ମିଳିଲାନି, ପଞ୍ଚାୟତ ଅଫିସରେ ତାଲା



ବିଲ୍ ଟଙ୍କା ଦେବା ଦାବିରେ ଧାରଣା ଦିଆଯାଇଛି।

ହରଭଙ୍ଗା,୩।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଗ୍ରାମପଞ୍ଚାୟତ ରତନପୁର ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କରିଥିଲେ ମଧ୍ୟ ବିଲ୍ ନ ମିଳିବାରୁ ସୋମବାର କାମ କରିଥିବା ଗ୍ରାମର କିଛି ବ୍ୟକ୍ତି ପଞ୍ଚାୟତ ଅଫିସ୍‌ରେ ତାଲା ପକାଇ ଧାରଣାରେ ବସିଛନ୍ତି। ଟଙ୍କା ନ ମିଳିବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଉକ୍ତ ଗ୍ରାମର କିଛି ଲୋକ ବିଦ୍ୟାଳୟ ନିର୍ମାଣ କାମ କରିଥିଲେ। ତେବେ କାମର ବିଲ୍ ନ ମିଳିବାରୁ ସେମାନେ ଏ ନେଇ ଜିଲାପାଳ ଓ ହରଭଙ୍ଗା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲାନାହିଁ। ଫଳରେ ସୋମବାର ଗ୍ରାମର ଅଜିତ ବାରିକ, ଦିଲୀପ ପ୍ରଧାନ, ନକୁଳ ପ୍ରଧାନ, ବିମଳ ବାରିକ, ପ୍ରଭାତ ପ୍ରଧାନ ପ୍ରମୁଖ ପୁରୁଣାକଟକ ଗ୍ରାମପଞ୍ଚାୟତ ଅଫିସରେ ତାଲା ପକାଇ ଧାରଣାରେ ବସଥିଲେ।

# ବିରଳ ରୋଗରେ ପୀଡ଼ିତ ଶିଶୁଙ୍କ ଚିକିତ୍ସା ପାଇଁ ୫ ଲକ୍ଷ ସହାୟତା



ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶିଶୁକନ୍ୟା ସହ ଦମ୍ପତି।

ବଘିଆପଡା,୩।୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ିଆଲି ଗ୍ରାମର ହେରମ୍ବ ଗିରି ଓ ବିଳାସ ଗିରିଙ୍କ ଶିଶୁକନ୍ୟା ବିରଳ ରୋଗରେ ପୀଡ଼ିତ ହୋଇଛନ୍ତି। ଉକ୍ତ ଦମ୍ପତି ଘରର ସମ୍ପତ୍ତି ବିକି ଝିଅର ଚିକିତ୍ସା କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତାଙ୍କର ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଶେଷରେ ଉକ୍ତ ଦମ୍ପତି ଗତ ୨୦୨୪ ନଭେମ୍ବର ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଅଭିଯୋଗ କରିଥିଲେ। ପରେ ଏ ନେଇ ଏକ ସ୍ୱତନ୍ତ୍ର ଟିମ୍ କଟକ ବଡ଼ ମେଡିକାଲରେ ଏକ ମାସ ଧରି ଝିଅର ଚିକିତ୍ସା କରାଯାଇଥିଲା। ଏଥିରେ ସୁଫଳ ନ ମିଳିବାରୁ ସେମାନେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୁଣି ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଝିଅର ଚିକିତ୍ସା ପାଇଁ ତୁରନ୍ତ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଘୋଷଣା କରିଥିଲେ। ଏହାପୂର୍ବରୁ ଝିଅର ଚିକିତ୍ସା ପାଇଁ ବୌଦ୍ଧ ଜିଲାପାଳ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଦେଇଥିଲେ।

# ଜ୍ୟୋତିସ୍ପୋର୍ଟିଂ କ୍ରିକେଟ୍: ହିଙ୍ଗମା ଚାମ୍ପିୟନ

ଅମରପାଲି, ୩।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ହାଇସ୍କୁଲ ପଡିଆରେ ଚାଲିଥିବା ଜ୍ୟୋତିସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି ହିଙ୍ଗମା। ଫାଇନାଲ ମ୍ୟାଚ ହିଙ୍ଗମା ଓ ତେଲିପାଲି ମଧ୍ୟରେ ହୋଇଥିଲା। ଏହି ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ହିଙ୍ଗମା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୨୨ରନ କରିଥିଲା। ଜବାବରେ ତେଲିପାଲି ଦଳ ୧୦ଓଭରରେ ୫ଉଇକେଟ ହରାଇ ୧୨୩ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ହିଙ୍ଗମା ପ୍ରଥମେ ବ୍ୟାଟିଂ କରି ୬ଓଭରରେ ୫ଉଇକେଟ ହରାଇ ୭୩ ରନ କରିଥିଲା। ଜବାବରେ ତେଲିପାଲି ଦଳ ୬ ଓଭରରେ ୮ଉଇକେଟ ହରାଇ ୩୩ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ତୃତୀୟ ଫର୍ମାଟ ଖେଳ ହୋଇଥିଲା। ହିଙ୍ଗମା ପ୍ରଥମେ ବ୍ୟାଟିଂ କରି ୨ଓଭରରେ ୪୫ରନ କରିଥିବା ବେଳେ ତେଲିପାଲି ଦଳ ନିର୍ଦ୍ଧାରିତ ୨ ଓଭରରେ ୧ଉଇକେଟ ହରାଇ ୨୭ରନ କରି ପରାସ୍ତ ହୋଇଥିଲା। ଫଳରେ ହେିଙ୍ଗାମା ଦଳ ଚାମ୍ପିୟନ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ସ୍ୱେଚ୍ଛାସେବୀ ପିକୁଲ ଚନ୍ଦ୍ର ପଧାନ, ଜ୍ୟୋତି ଜବାହାର ୟୁଥ କ୍ଲବ ସଭାପତି ବ୍ୟାସଦେବ ରଥ, କେନଝିରିଆପାଲି ଗ୍ରାମ୍ୟ କମିଟି ସଭାପତି ରାଜୀବ କୁମାର ପଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ବିଜେତା ଦଳକୁ ୧୫ହଜାର ଟଙ୍କା ଓ ଟ୍ରଫି ଏବଂ ଉପବିଜେତାଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରିଥିଲେ।



ଅତିଥି ଓ ଟ୍ରଫି ସହିତ ଚାମ୍ପିୟନ ଦଳ।

# ପ୍ରତିଭାର ବିକାଶ ପାଇଁ ମହକ ପ୍ରକୃଷ୍ଟ ମଞ୍ଚ

**ବହଳପଦରରେ ମହକ କାର୍ଯ୍ୟକ୍ରମ**

ଅମରପାଲି,୩।୨(ପୀତାମ୍ବର ସାହୁ)

ପିଲାଙ୍କ ପାଇଁ ଶିକ୍ଷା ସହିତ ସହ ଶିକ୍ଷା ଜରୁରୀ। ସମସ୍ତ ପିଲାଙ୍କ ନିକଟରେ ନିର୍ଦ୍ଦିଷ୍ଟ କୌଣସି ଅନ୍ତର୍ନିହିତ ପ୍ରତିଭା ରହିଛି। ଉକ୍ତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ମଞ୍ଚ ଜରୁରୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦରରେ ଦଧିବାମନ ଯୁବକ ସଂଘ ଆନୁକୂଲ୍ୟରେ ହୋଇଥିବା ପ୍ରତିଭା ଉତ୍ସବ କାର୍ଯ୍ୟକ୍ରମ ମହକରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ପ୍ରଧାନ ପୌରୋହିତ୍ୟ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ଭାରତୀୟ ସେନାବାହିନୀରେ କାର୍ଯ୍ୟରତ ପ୍ରମୋଦ ଜଗଦଲା, ଭାଜପା ନେତା ବେଣୁଧର ଦାସ, ଆଇନଜୀବୀ ସତ୍ୟବ୍ରତ ମିଶ୍ର, ସୁମନ୍ତ ଜଗଦଲା, ଗ୍ରାମ୍ୟ ପରିଚାଳନା କମିଟି ସମ୍ପାଦକ ବାବୁଲାଲ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବହଳପଦର ଯୁବକ ସଂଘର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହା ସହିତ ପିଲାଙ୍କ ପ୍ରତିଭାର ବିକାଶ ପାଇଁ ଏଭଳିଆ ମଞ୍ଚ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ତେବେ ପ୍ରତିଭାର ବିକାଶ ପାଇଁ ମହକ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭ ରେ ମଞ୍ଚାସିନ ଅତିଥି ମାନଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଆରମ୍ଭ ହୋଇଥିଲା ନୃତ୍ୟ ପ୍ରତିଯୋଗିତା। ଏଥିରେ ପ୍ରାୟ ଶହେରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରାଣବନ୍ଧୁ ସାହୁ, ଗୋପାଳ ସେଠୀ ଓ କୃତିବାସ ସାହୁ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ମୂଲ୍ୟାଙ୍କନ କରିଥିଲେ। ଏଥିରେ ବଡ଼ମାଳର ନୃତ୍ୟ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅମରପାଲିର ନୃତ୍ୟ ଦଳ ଦ୍ୱିତୀୟ ଓ କୁଞ୍ଜାପାଲି ନୃତ୍ୟାଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ ଶହ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ କୁ ୧୫ ଶହ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧ ହଜାର ଟଙ୍କା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମରେଶ ପ୍ରଧାନ, ସୌମ୍ୟରଞ୍ଜନ ମହାକୁର, ପ୍ରଦୀପ ଜଗଦଲା, ଚନ୍ଦ୍ରଭାନୁ ଦାନ୍ତ, ମିତ୍ରଭାନୁ ଦନ୍ତା, ବିନୋଦ ସାହୁ, ଚନ୍ଦ୍ରଶେଖର ସାହୁ, ହିମାଂଶୁ ସାହୁ, ସଞ୍ଜୟ ଭୋଇ ସହଯୋଗ କରିଥିଲେ।



କୃତି ପ୍ରତିଯୋଗୀଙ୍କ ଅତିଥି, ବିଚାରକ ଓ ଆୟୋଜକମାନେ।

## ସଂକ୍ଷେପରେ

### ୫୦ ଫୁଟ୍ ତଳକୁ ଖସିଲା ବାଇକ୍, ଚାଳକ ମୃତ

**ବଡ଼ଗାଁ,୩।୨( ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ନିକଟ ରାସ୍ତାରେ ଥିବା ପୋଲ ଉପରୁ ରବିବାର ରାତିରେ ଏକ ବାଇକ ଚାଳକ ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ସୁନ୍ଦରଗଡ ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ହେମଗିର,୩।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ ଜିଲା ହେମଗିର ଥାନା ସ୍ଥିତ ଧୁମାମୁଣ୍ଡା ରାସ୍ତାରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ସରବାହାଲ ଗ୍ରାମର ମନୋଜ ଭୋଇ(୪୫)। ଖବର ପାଇ ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ପୋଲିସ ଏକ ମାମଲା ନଂ.୪୫ ରୁଜୁ କରିଛି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

**ବଡ଼ଗାଁ,୩।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସେନ୍ଦରିଟାଙ୍ଗର ଗ୍ରାମରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଗୁରୁଚରଣ ରୋହିଦାସ। ସୋମବାର ଗୁରୁଚରଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ସେନ୍ଦରିଟାଙ୍ଗର ଗ୍ରାମର କଳାବତୀ ରୋହିଦାସଙ୍କୁ ସେହି ଗ୍ରାମର ଗୁରୁଚରଣ ସାମାନ୍ୟ କଥାକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ କଳାବତୀ ବଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ।

### ବିଶ୍ରାରେ ବିଜେଡିର ବନ୍ଧୁମିଳନ

**ବନ୍ଧମୁଣ୍ଡା,୩।୨(ସୁବ୍ରତ ଦେ) :** ବିଶ୍ରା ବ୍ଲକ୍ ବାଙ୍ଗୁରକେଲା ନଦୀଘାଟଠାରେ ବିଜେଡି ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏବଂ ବିଧାୟକ ରୋହିତ ଯୋସେଫ୍ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ତାଙ୍କ ସହିତ ସୋମନାଥ ରାହା, ତାରିକ ଅଜିଜ ଅନସାରି, ଗୋପାଳ ସିଂହ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବିଜେଡି କର୍ମୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରୋହିତ ତିର୍କୀ ଦଳକୁ ମଜଭୁତ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଚା ମିଞ୍ଜ, ବିକ୍ରମ ସିଂହ, ଦୀପକ ତିର୍କୀ, ସୁଜିତ ଲାକ୍ରା, ମାଲକୁ ସିଂହ ପ୍ରମୁଖ ଯୋଗଦେଇଥିଲେ।

# କୋଇଲା ପ୍ରଦୂଷଣ, ଦୁର୍ଘଟଣା ପ୍ରତିକାର ପାଇଁ ଦାବିପତ୍ର

**ହେମଗିର,୩।୨(ଚୈତନ୍ୟ ପଟେଲ)**



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ସୋମବାର ସୁନ୍ଦରଗଡ଼ ଜିଲାପାଳଙ୍କୁ ହେମଗିର ବ୍ଲକ ଅଞ୍ଚଳରେ କୋଇଲା ପରିବହନ ଯୋଗୁ ହେଉଥିବା ପ୍ରଦୂଷଣ ଓ ଦୁର୍ଘଟଣାର ପ୍ରତିକାର ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ କପି ମୁଖ୍ୟମନ୍ତ୍ରୀ, ଏମ୍ପି, ଏମ୍ଏଲ୍ଏ,ଏସ୍ପି, ବିଡିଓ ଓ କୋଇଲା ଖଣିର ଜିଏମ୍ଙ୍କୁ ପ୍ରଦାନ କରିଛନ୍ତି । ଆଗାମୀ ୮ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ କରା ନ ଗଲେ କୋଇଲା ଟ୍ରକ୍ ଚଳାଚଳକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ନଭେମ୍ବର ୧୨ରେ ସୁନ୍ଦରଗଡ଼ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ହେମଗିର ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା, ଏମ୍ସିଏଲ୍ ବସୁନ୍ଧରା ଓ ମହାଲକ୍ଷ୍ମୀ କୋଇଲା ଖଣିର ମହାପ୍ରବନ୍ଧକ, ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ ଓ ବିଜିଏମ୍ଏସ୍ର ସଭ୍ୟ, ଏସ୍ଡିଓ, ଆର୍ଟିଓ, ହେମଗିର ତହସିଲଦାରଙ୍କୁ ନେଇ କୋଇଲା ପରିବହନର ସୁପରିଚାଳନା ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋଇଲା ପରିବହନ ଓ ପ୍ରଦୂଷଣ ପାଇଁ ବିସ୍ତୃତ ଭାବରେ ଆଲୋଚନା କରାଯାଇ ୧୧ଟି ପ୍ରସ୍ତାବ ଗ୍ରହଣ କରାଯାଇଥିଲା, ଯାହାକି ଦୀର୍ଘଦିନ ବିତି ଯାଇଥିଲେ ସୁଦ୍ଧା ଗୋଟିଏ ମଧ୍ୟ ପ୍ରସ୍ତାବର କାର୍ଯ୍ୟକାରୀ ହୋଇନାହିଁ । ଯାହାଦ୍ୱାରା ବର୍ତ୍ତମାନ ପ୍ରଦୂଷଣ ଓ ଦୁର୍ଘଟଣାଜନିତ ସମସ୍ୟା ବଢ଼ିବାରେ ଲାଗିଛି । ତେଣୁ ହେମଗିର ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରେମାନନ୍ଦ ସାଙ୍କ ଅଧ୍ୟକ୍ଷତାରେ ଉକ୍ତ ସମସ୍ୟାକୁ ନେଇ ସୋମବାର ବ୍ଲକ ଅଫିସସ୍ଥିତ ମିଟିଂ ହଲ୍ଠାରେ ଏକ ଜରୁରୀ ବୈଠକ ହୋଇଥିଲା ; ଯେଉଁଥିରେ ୧୧ ଦଫା ଦାବିର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ହେମଗିରର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ସରପଞ୍ଚ ସଂଘର ସଭାପତି ଜୟକୃଷ୍ଣ ମାଝୀ, ସରପଞ୍ଚ ଉପେନ୍ଦ୍ର ମଲ୍ଲିକ, ମାନସୀ ଦର୍ଜୀ, ଗୀତା କୁଆର, ଲିଜା ନାଏକ, ଡିସେମ୍ବର ବାଗ, ଶାନ୍ତ ଧୂଆ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଗୁଳିମାଡ଼ ଅଭିଯୋଗ

**ସୁନ୍ଦରଗଡ,୩।୨(ଜୟ ନାରାୟଣ ମେଣ୍ଡୁଲି)**

### ଥାନାରେ ଏତଲା

ସୁନ୍ଦରଗଡ଼ କରମଡିହି ଛକରେ ରବିବାର ଭୋର ସମୟରେ ଜଣେ ଯୁବକଙ୍କ ଉପରେ ଗୁଳିମାଡ ହୋଇଥିବା ନେଇ ସଦର ଥାନାରେ ରିପୋର୍ଟ ହୋଇଛି। ଗୁଳିମାଡରେ ଆହତ ଯୁବକ ଜଣକ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହେଲେ କରମଡିହିର ନୟନ ଜୟପୁରିଆ। ରବିବାର ରାତି ୧୧ଟାରେ ରିପୋର୍ଟ ହେବାପରେ ପୋଲିସ ଥାନାରେ କେଶ ନଂ.୪୦/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ତାଙ୍କ ସାଙ୍ଗମାନଙ୍କ ସହିତ ମର୍ଣ୍ଣିଂୱାର୍କ କରୁଥିବା ବେଳେ ସୁନ୍ଦରଗଡ ପଟୁ ଏକ ସ୍କୋର୍ପିଓରେ କେତେଜଣ ବ୍ୟକ୍ତି ଆସି ତାଙ୍କ ନାମ ପଚାରି ଗାଳି କରିଥିଲେ। ସେଠାରୁ ନୟନ ଓ ସାଙ୍ଗମାନେ ଦୌଡି ପଳାଉଥିବା ବେଳେ ସେମାନେ ପଛରୁ ଗୁଳି ଚଳାଇଥିଲେ। ଫଳରେ ଗୋଟିଏ ଗୁଳି ନୟନଙ୍କ ଡାହାଣ ଗୋଡରେ ବାଜି ଚାଲିଯାଇଥିଲା। ଅପରପକ୍ଷରେ ଆକ୍ରମଣକାରୀମାନେ ଗୋରୁଚାଲାଣ କରୁଥିବା ଓ ସ୍ଥାନୀୟ ଯୁବକମାନେ ଏହାକୁ ବିରୋଧ କରୁଥିବାରୁ ତାଙ୍କ ଉପରକୁ ଏଭଳି ଆକ୍ରମଣ ହୋଇଥିବା ଆଲୋଚନା ହେଉଛି।

# ୧୨ ଆର୍ଏସ୍ପି କର୍ମଚାରୀ ପୁରସ୍କୃତ



ପୁରସ୍କୃତ କର୍ମଚାରୀଗଣ।

**ରାଉରକେଲା,୩।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍ଏସ୍ପି ଇଡି(ୱାର୍କ୍ସ) ସମ୍ମିଳନୀ କକ୍ଷରେ ଜାନୁଆରୀ ୩୦ତାରିଖରେ ଆୟୋଜିତ ଏକ ଉତ୍ସବରେ ମୋ ଆରଏସ୍ପି ମୋ ପରିଚୟ ପ୍ରୟାସ ଅଧୀନରେ ଆର୍ଏସ୍ପିର ୧୨ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଆରଏସ୍ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଉତ୍ସବରେ ଅଧ୍ୟକ୍ଷତା କରି କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗତ ଜାନୁଆରୀ ୧ରୁ ୧୫ତାରିଖ ଯାଏ ଉନ୍ମୁକ୍ତ ଥିବା ପ୍ରତିଯୋଗିତା ସମୟରେ ଆରଏସ୍ପି ପୋର୍ଟାଲ ଏମ୍ପ୍ଲଇ ଜୋନରେ ପୋଷ୍ଟ ହୋଇଥିବା ସର୍ବୋତ୍ତମ ଚିନ୍ତାଧାରା ଓ ମତାମତକୁ ଏହି ପୁରସ୍କାର ମାଧ୍ୟମରେ ସ୍ୱୀକୃତି ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ମୋ ଆରଏସ୍ପି ମୋ ପରିଚୟ ପୁରସ୍କାର ଯୋଜନା ଆରଏସ୍ପି କର୍ମଚାରୀମାନଙ୍କ ଗର୍ବ ଭାବନାକୁ ସୁଦୃଢ କରିବା ସହ ସକାରାତ୍ମକ ଚିନ୍ତାଧାରା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା। ଏହି ଯୋଜନା ଅନୁଯାୟୀ କର୍ମଚାରୀମାନଙ୍କୁ ୧୫ଦିନ ପାଇଁ କ୍ରମାଗତ ଭାବେ ଆରଏସ୍ପି ସମ୍ବନ୍ଧରେ ସକାରାତ୍ମକ ବାର୍ତ୍ତା ସର୍ବନିମ୍ନ ଗୋଟିଏ ବାକ୍ୟରେ ଲେଖିବାକୁ ଆବଶ୍ୟକତା ରହିଛି। ପ୍ରତିଯୋଗିତାର ୫ମ ପର୍ଯ୍ୟାୟରେ ଆରଏସ୍ପି-ପୋର୍ଟାଲ କର୍ମଚାରୀ ଜୋନ ଏବଂ ମୋବାଇଲ ଆପ୍-କର୍ମୀ ମିତ୍ରରେ ୨୭୯୮ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଅଧିକାରୀମାନଙ୍କ ଏକ କମିଟି ପଞ୍ଜୀକୃତ ବାର୍ତ୍ତାଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ।

# ଶ୍ରମିକମାନେ ରାଷ୍ଟ୍ର ନିର୍ମାଣର ମୂଳପିଣ୍ଡ

**ସୁନ୍ଦରଗଡ,୩।୨(ଜୟ ନାରାୟଣ ମେଣ୍ଡୁଲି)**




ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଶିବିର ସୋମବାର କିରେଇ ପଞ୍ଚାୟତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରା ଜଜ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବାସୀ ଶ୍ରମିକ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସମ୍ପର୍କରେ ଏହି ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଡ. ରୀନତି ମିଶ୍ର, ନ୍ୟାୟ ରକ୍ଷକ କମଳ ଲୋଚନ ସେନ, ଅନିମା ପୃଷ୍ଟି, ସଦର ଥାନା ଆଇଆଇସି ସୁସ୍ମିତା ଦେବତା, କିରେଇ ସରପଞ୍ଚ ଝରଣା ବଘୁଆର, ନାଏବ ସରପଞ୍ଚ ଦୀପାରାଣୀ ପଟେଲ, ସମିତି ସଭ୍ୟ ଶେଷଧର ଧରୁଆ, ସିଡିପିଓ ସ୍ମିତାରାଣୀ ମହାପାତ୍ର, ଅଧିକାର ମିତ୍ର ଗୀତାଞ୍ଜଳୀ କିଷାନ, ସୁଦର୍ଶନ ତାଜନ, ଶିବଲାଲ ବଗୁଆର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକ ଓ ପ୍ରବାସୀ ଶ୍ରମିକମାନଙ୍କ ସହିତ ଜଡିତ ନିୟମାବଳୀ, ସେମାନଙ୍କ ବିଭିନ୍ନ ଅସୁବିଧା ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ, ଗରିବୀ ହଟାଇବା ଯୋଜନା ସହିତ ରହିଥିବା ବିଭିନ୍ନ ନିୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଉପସ୍ଥିତ ଶ୍ରମିକ, ପ୍ରବାସୀ ଶ୍ରମିକ ତଥା ଅନ୍ୟମାନଙ୍କ ବିଭିନ୍ନ ପ୍ରଶ୍ନ ଗୁଡ଼ିକର ଉତ୍ତର ପ୍ରଦାନ କରାଯାଇଥିଲା। ପ୍ରାଧିକରଣର ସଚିବ ଡକ୍ଟର ମିଶ୍ର ଶ୍ରମିକମାନେ ରାଷ୍ଟ୍ର ନିର୍ମାଣର ମୂଳପିଣ୍ଡ। ସେମାନଙ୍କ ସହଯୋଗ ବିନା କୌଣସି ସ୍ଥାୟୀ, ଅସ୍ଥାୟୀ ନିର୍ମାଣ ଅସମ୍ଭବ। ତେଣୁ ଶ୍ରମିକମାନଙ୍କୁ ଆଇନତ ସମସ୍ତ ସୁରକ୍ଷା ଯୋଗାଇଦେବା ଏବଂ ରାଷ୍ଟ୍ରର ଗରିବି ହଟେଇବା ଦିଗରେ ସାମର୍ଥ୍ୟ ଅନୁସାରେ ସହଯୋଗ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେ କହିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ଲହୁଣୀପଡା,୩।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ରାଜାମୁଣ୍ଡା ବାଇପାସଠାରେ ରାତି ପ୍ରାୟ ୯ଟା ସମୟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦୟାନିଧି ମାହାନ୍ତ (୪୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲହୁଣୀପଡା ଥାନା ଅନ୍ତର୍ଗତ ବଡ ପୁରୁଣାପାଣି ପଞ୍ଚାୟତ କପଣ୍ଡ ଗ୍ରାମର ଦୟାନିଧିଙ୍କୁ ଏକ ଅଜଣା ଗାଡି ଧକ୍କା ଦେବାରୁ ସେ ତଳେ ପଡି ଯାଇଥିବା ବେଳେ ତାଙ୍କ ଉପରେ ଗାଡି ଚଢ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବା ବେଳେ କପଣ୍ଡ ଗ୍ରାମବାସୀ ପହଞ୍ଚି କ୍ଷତି ପୂରଣ ଦାବିରେ ରାସ୍ତା ରୋକୋ କରିବା ସହ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ଗ୍ରାମବାସୀଙ୍କ ସହିତ ପୋଲିସ ଆଲୋଚନା କରୁଥିବା ଜଣାପଡିଛି।

# ୧୨ ଅଭିଯୋଗର ତତ୍କ୍ଷଣାତ ସମାଧାନ



**ରାଜଗାଙ୍ଗପୁର,୩।୨( ଅଶୋକ ପାଣି)**

ରାଜଗାଙ୍ଗପୁର ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୯୮ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ, ୫୬ଟି ସାମୂହିକ ଅଭିଯୋଗ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୨ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୫ ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୨ଟି ଆବେଦନ ରହିଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରାକ୍ ପ୍ରସ୍ତୁତି ବୈଠକ



କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**କୁଆଁରମୁଣ୍ଡା,୩।୨(ମହେନ୍ଦ୍ର କୁମାର ସାହୁ)**

ଚଳିତ ମାସ ୫ ତାରିଖରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେନେଇ ସୋମବାର କୁଆଁରମୁଣ୍ଡା ବ୍ଲକରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଜଗଦୀଶ ଚନ୍ଦ୍ର ମହନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହିକାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା ଅଧ୍ୟକ୍ଷତା କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ହେମ୍ବ୍ରମ, କୁଆଁରମୁଣ୍ଡା ତହସିଲଦାର ଚନ୍ଦ୍ରଜିତ ବେହେରା,ଏବିଡିଓ ପ୍ରଶାନ୍ତ ଜେନା ପ୍ରମୁଖ ମଞ୍ଚାସୀନ ରହି ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ କିଭଳି ସଫଳ କରାଯିବ ସେ ନେଇ ସମସ୍ତ ୨୦ଟି ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି ଓ ଜିଲାପରିଷଦ ସଭ୍ୟମାନଙ୍କ ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରତନପୁର ହାଇସ୍କୁଲରେ ବାର୍ଷିକ ଉତ୍ସବ

**ହେମଗିର,୩।୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ରତନପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସେଟଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପଦ୍ମନ ରାଉତ ଯୋଗେଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ସୁଜନ ବଢ଼େଇ, ସମ୍ମାନିତ ଅତିଥି ସ୍କୁଲ କମିଟି ସଭାପତି ଦେବେନ୍ଦ୍ର ବାଗ, ଅବସରପ୍ରାପ୍ତ ଶିକ୍ଷକ ପ୍ରସୂତ ଭୋଇ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରୋହିଣୀ ସେଟ, ସାମାଜିକ କର୍ମୀ ବଂଶୀଧର କଉଡି, ଗୋପାଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କ୍ଷମାଶୀଳ ମାଝୀ, ସଉକି ଲାଲ ଖମାରୀ, ଟିକେଶ୍ୱର ପ୍ରଧାନ, ସହଦେବ ମହାକୁଡ, ଉମାକାନ୍ତ ପ୍ରଧାନ, ମହେଶର ମାଝୀ, ସମୀର ରଞ୍ଜନ ମିଶ୍ର, ଗୁଣ୍ଠାବତୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସରପଞ୍ଚଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ



**ସୁନ୍ଦରଗଡ,୩।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ ପଞ୍ଚାୟତର ସରପଞ୍ଚ ବେନିୟମ କାର୍ଯ୍ୟ କରୁଥିବା ଅଭିଯୋଗ କରି ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାୟଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଦିଗରେ ୫ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ପଞ୍ଚାୟତ ଅଫିସରେ ତାଲା ପକାଇବା ପାଇଁ ଚେତାବନୀ ଦେଇଛନ୍ତି।

# ନିଜ ଭାଷା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବାର ପ୍ରୟାସ ଅତୁଳନୀୟ

**ଟେନ୍ସା,୩।୨(ସମୀର କୁମାର ପାଢୀ)**



କୋଇଡା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଆନୁକୂଲ୍ୟରେ "ଝରଣା ମହୋତ୍ସବ ୨୦୨୫" ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦଘାଟନୀ ଉତ୍ସବର ପୂର୍ବାହ୍ନରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଅନ୍ୟ ଅତିଥି ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, କୋଇଡା ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ରାଜ୍ୟ ଟ୍ରେଡ ୟୁନିୟନ ସଭ୍ୟ ପ୍ରଭାତ ପଣ୍ଡା, କୋଇଡା ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ନାଏକ, ସଭ୍ୟା ସୁଶୀଳା ମୁଣ୍ଡା, ଅଶୋକ ସାମଲ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗୀରଥି ନାୟକ ପ୍ରମୁଖ ଯୋଗଦେଇ ପ୍ରଥମେ ଲାଗିଥିବା ସମସ୍ତ ଷ୍ଟଲ ଉଦ୍ଘାଟନ କରି ମଞ୍ଚରେ ପହଞ୍ଚି ଥିଲେ। ପରେ ମହୋତ୍ସବକୁ ଉଦ୍ଘାଟନ କରିଥିଲେ। ମହୋତ୍ସବ ବିବରଣୀ ପାଠ ସଂଘ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାହୁନ୍ତ କରିବା ପରେ ଅତିଥିମାନେ ମହୋତ୍ସବର ଭବ୍ୟ ଆୟୋଜନ, ଉଦ୍ଦେଶ୍ୟକୁ ବହୁ ପ୍ରଶଂସା କରିଥିଲେ। କୋଇଡା ଅଞ୍ଚଳର କଳାକାର, ଶିଶୁ, ଛାତ୍ରୀଛାତ୍ର, ସମାଜ, କଳା ପରିଷଦଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାକାଳୀନ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ଅନ୍ୟ ଅତିଥି ମଧ୍ୟରେ ଜିଲା ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ତ୍ରିପାଠୀ, ବଣାଇଁ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ରଞ୍ଜିତ ଚୌଧୁରୀ, ସତ୍ୟନାରାୟଣ ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରି ନାୟକ ଝରଣା ମହୋତ୍ସବ ସବୁ ମହୋତ୍ସବ ଠାରୁ ନିଆରା ଯାହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଓ ବହୁ ଉଚ୍ଚ କୋଟିର ବୋଲି ପରିପ୍ରକାଶ କରିଥିଲେ। ପରେ ବହୁ ପ୍ରତିକ୍ଷୀତ ସାମାଜିକ ନାଟକ " ବେଳେ ବେଳେ ଆଖି କାନ୍ଦି ପାରେନା " ପରିବେଷଣ କରାଯାଇଥିଲା। ନାଟକରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ ଓ ଅନ୍ୟ ସ୍ଥାନୀୟ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ପରେ ଜଗା ହେ ଭଜନ ଗାୟକ ଟ୍ରେଣ୍ଡିଂ କଣ୍ଠଶିଳ୍ପୀ ସୌରଭ ଭାରଦ୍ୱାଜ ନିଜ ଭଜନ ମାଧ୍ୟମରେ ମନ୍ତ୍ରମୁଗ୍ଧ କରିଥିଲେ। ଝରଣା ମହୋତ୍ସବର ଦ୍ୱିତୀୟ ଦିନ ଅପରାହ୍ନରେ ମୁଖ୍ୟ ଅତିଥିଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁରଞ୍ଜନ ସାହୁ, ଅନ୍ୟ ଅତିଥି ମଧ୍ୟରେ କୋଇଡା ବିଡିଓ ରଶ୍ମି ରେଖା ପାତ୍ର, କୋଇଡା ଖଣି ଉପନିର୍ଦ୍ଦେଶକ ଅସିତ କୁମାର ବେହେରା, କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, ସିଆରସିସି ପ୍ରଶାନ୍ତ କୁମାର ପରିଡା, ଆସ୍ପାୟାର୍ ମୁଖ୍ୟ ବାପିଲି ଗୋସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ। କୋଇଡା ଅଞ୍ଚଳର ବହୁ କଳାକାର, ସମାଜସେବୀ, ଛାତ୍ରୀଛାତ୍ର, ବ୍ୟକ୍ତି ବିଶେଷଙ୍କୁ ଝରଣା ସମ୍ମାନ ମାନପତ୍ର, ଉପଢ଼ୌକନ, ସ୍ମୃତି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେହିପରି ତୃତୀୟ ଦିନରେ କୋଇଡା ତହସିଲଦାର ଆଶିଷ ରାଉତ, ଟାଟା ଷ୍ଟିଲ କୋଇଡା ମୁଖ୍ୟ ଦିପକ ବେହେରା, ସମାଜସେବୀ କୁଶ ଆପଟ, ନବକିଶୋର ଆଚାର୍ଯ୍ୟ, କେ.ବଲାଙ୍ଗ, କୋଇଡା, ଟେନସା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, ଅଶୋକ ବେହେରା, ସୁଦର୍ଶନ ଦେହୁରୀ ସମେତ ସମସ୍ତ ସରକାରୀ ବିଭାଗର ଅଧିକାରୀ, ପିଆରଆଇ ସଦସ୍ୟ ଉପସ୍ଥିତ ରହିଥିଲେ। ଶେଷ ସନ୍ଧ୍ୟାରେ ମହୋତ୍ସବ ଉଦ୍ଦେଶ୍ୟରେ ଏକ ସ୍ମରଣିକା ଝରଣା ଉନ୍ମୋଚିତ ହୋଇଥିଲା। ମହୋତ୍ସବରେ ବିଭିନ୍ନ ଷ୍ଟଲ ଗୁଡିକରେ ଅନୁଷ୍ଠାନ, ମହିଳା ସଂଘ ଦ୍ୱାରା ହଜିଯାଇଥିବା ଐତିହ୍ୟ, ପାରମ୍ପରିକ ସାମଗ୍ରୀ ପ୍ରଦର୍ଶନୀ କରାଯାଇଥିଲା। ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମର ଉପସ୍ଥାପନା ଦୂରଦର୍ଶନର ଉପସ୍ଥାପିକା ଆନି ଶତପଥୀ ସମେତ ମଡେଲ ଓଡିଶା କମଲ କରିଥିବା ବେଳେ କୋଇଡା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (କେୟୁଜେ) ସଂଘ ବରିଷ୍ଠ ଉପଦେଷ୍ଟା ପ୍ରଶାନ୍ତ ଦାଶ, ସଭାପତି ସଞ୍ଜୀବ ମହାପାତ୍ର, ଉପସଭାପତି ସମୀର କୁମାର ପାଢୀ, ସାଧାରଣ ସମ୍ପାଦକ ଅବିନାଶ ଶର୍ମା, କୋଷାଧ୍ୟକ୍ଷ ସୁଶାନ୍ତ ଦାଶ, କଳା ସଂସ୍କୃତି ବିଭାଗ ସୁନିଲ କୁମାର ପଣ୍ଡା, ରାକେଶ ମହାନ୍ତି, ସହ ସମ୍ପାଦକ ପ୍ରମିଳା ନାଏକ, ବାର୍ତ୍ତା ବିଭାଗ ସୁଦାମ ବାରିକ ପ୍ରମୁଖ ଭୂମିକା ସମ୍ପାଦନ କରିଥିଲେ। ଶେଷରେ ସଂଘ ସଭାପତି ସଞ୍ଜୀବ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ବ୍ଲକ ହିର୍ମା ଗ୍ରାମପଞ୍ଚାୟତ ହିର୍ମା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଜାନୁଆରୀ ୩୦ରୁ ସଂଗୀତ ମୟ ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଚାଲୁଛି। ଛତିଶଗଡ ନିବାସୀ ପଣ୍ଡିତ ଆୟୁଷ୍ମାନଜୀ ମହାରାଜ ଭାଗବତ ତଥା ପ୍ରବଚନ ଦେଉଥିବା ଥିବା ବେଳେ ବିନୋଦ ତିୱାରୀ, ଅନିଲ ସାହୁ, ଆଶିଷ ପଣ୍ଡା, ଲୋଚନ ତିୱାରୀ ଏବଂ ସତ୍ୟମ ତିୱାରୀ ଶାସ୍ତ୍ରିକ ଯଜମାନ ରୂପେ ଆର୍ଯ୍ୟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଅଞ୍ଚଳର ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆଧାତ୍ମିକ ଆନନ୍ଦ ଲାଭ କରୁଛନ୍ତି।

## ସଂକ୍ଷେପରେ

### ଗୋକର୍ଣ୍ଣେଶ୍ୱର ମନ୍ଦିରର ନୂତନ କମିଟି ଗଠିତ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଶାସନ ସାହିସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରର ଏକ ନୂତନ କମିଟି ଗଠନ ହେଇଯାଇଛି। ସର୍ବସହମତିକ୍ରମେ ସଭାପତି ଭାବେ ସୁବାସ ଚନ୍ଦ୍ର ଦାଶ, ସମ୍ପାଦକ ଭାବେ ଅନିଲ ପାଣି ଓ କୋଷାଧକ୍ଷ ଭାବେ ସନ୍ତୋଷ ଦ୍ୱିବେଦୀ ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ ସାହିର ବହୁତ ସଦସ୍ୟ ଉପସ୍ଥିତ ଥିଲେ।

### ଜିଲା ବିଜେଡି ସାଧାରଣ ସମ୍ପାଦକଙ୍କ ବିୟୋଗ

ଝାରସୁଗୁଡ଼ା,୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବିଜେଡି ସାଧାରଣ ସମ୍ପାଦକ ସୁରେନ୍ଦ୍ର ବେହେରା (୬୭)ଙ୍କ ସୋମବାର ମଧ୍ୟାହ୍ନ ୧୨ଟାରେ ଲଖନପୁର ବ୍ଲକ ଅନ୍ତର୍ଗତ ପିଫିଣ୍ଡା ଗ୍ରାମଠାରେ ପରଲୋକ ହୋଇଯାଇଛି। ସୂଚନା ଅନୁସାରେ ବେହେରା ମଧୁମେହ ରୋଗରେ ଦୀର୍ଘ ଦିନ ହେଲା ପୀଡିତ ଥିଲେ। ସେ ପିଫିଣ୍ଡା ପଞ୍ଚାୟତ ସରପଞ୍ଚ, ସମବାୟ ସମିତି ସଭାପତି ତଥା ଜିଲାରେ ବିଜେଡିର ଜଣେ ଦୃଢ଼ ସଂଘଠକ ଥିଲେ। ତାଙ୍କ ଅକାଳ ବିୟୋଗରେ ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ବିଜେଡିର ବରିଷ୍ଠ ନେତା ଓ ଝାରସୁଗୁଡ଼ା ଓକିଲ ସଂଘ ବରିଷ୍ଠ ଆଇନଜୀବୀ ତ୍ରିନାଥ ଗୁଆଳ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

### ଗୟଳମରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଡକୁଦରସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ଗୟଳମରା ଆଶ୍ରମ ବିଦ୍ୟାଳୟ ପରିସରରେ ବୁଧବାର ଉକ୍ତ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର କିସାନଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବାରକୋଟ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଓ ସିଆର୍‌ସିସି ଧିରେନ କୁମାର ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଚିନ୍ତାମଣୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ସିମନ୍ତିନୀ ଗଡନାୟକ, ସିଷ୍ଣାଶ୍ରୀ ବେହେରା, ଡଲି ପ୍ରଧାନ, ନିବେଦିତା ବେହେରା ଓ ବୁଲୁ ମାଝି ପ୍ରମୁଖ ସହଯୋଗ କରିଥିଲେ।

### ବୁଢାପାଳ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢାପାଳ କ୍ଲଷ୍ଟର ଅନ୍ତର୍ଗତ ସେଣ୍ଠାସ୍ଥିତ ବହୁମୁଖି ସଞ୍ଜୁକ୍ତ ସରକାରୀ ବିଦ୍ୟାପୀଠରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ବୁଢାପାଳ ସିଆର୍‌ସିସି ଉତମ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ତଥା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରିଣୀ ବନିତା ବେହେରା, ସମ୍ମାନିତ ଅତିଥି ଭାବେ ପରା ୟୁଜିୟୁପି ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଗମ୍ଭାରୀପାଳ ବିଦ୍ୟାଳୟର ଶିକ୍ଷକ ଧିଣୀଧର ନାୟକ ସଞ୍ଚାଳନ କରିଥିଲେ। ମେଳାରେ ବୁଢାପାଳ କ୍ଲଷ୍ଟରର ସମସ୍ତ ୯ଟି ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀର ୧୦ଜଣ ଲେଖାଏଁ ଛାତ୍ରୀଛାତ୍ର ଅଭିଭାବକମାନଙ୍କ ସହିତ ଯୋଗଦେଇ ସମସ୍ତ ଷ୍ଟଲ ବୁଲି ଦେଖିଥିଲେ। ଦ୍ୱିତୀୟ ଅଧିବେଶନର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୁଢାପାଳ ଗ୍ରାମପଞ୍ଚାୟତର ସରପଞ୍ଚ ଦିଲୀପ କୁମାର ଆଚାର୍ଯ୍ୟ, ସମିତି ସଦସ୍ୟ ଲିଙ୍ଗରାଜ ସାହୁ ଯୋଗଦେଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଉଦ୍ୟାନ କୃଷି ପ୍ରତି ଆକର୍ଷିତ ହେଉଛନ୍ତି ଚାଷୀ

## ଜିଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ପାରମ୍ପରିକ ଚାଷ ଛାଡି ଉନ୍ନତ ଜ୍ଞାନ କୌଶଳ ଏବଂ କୃଷି ଯନ୍ତ୍ରପାତି ବ୍ୟବହାର କରି ଉଦ୍ୟାନ କୃଷି ଦ୍ୱାରା ଚାଷୀ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି। ଉଦ୍ୟାନ କୃଷି କ୍ଷେତ୍ରରେ ଚାଷୀଙ୍କୁ ସାହାଯ୍ୟର ହାତ ବଢାଇବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଦେବଗଡ଼ ଜିଲାର ଚାଷୀ ମଧ୍ୟ ଧୀରେ ଧୀରେ ଉଦ୍ୟାନ କୃଷି ପ୍ରତି ଆକର୍ଷିତ ହେଉଥିବା ବେଳେ ଲକ୍ଷାଧିକ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି। ଜିଲା ମହୋତ୍ସବ ଉତ୍ସବ ପ୍ରଧାନପାଟ ଉପଲକ୍ଷେ ଦେବଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଜିଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ ଏଭଳି ମତ ରଖିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ



ଜଣେ ଚାଷୀଙ୍କୁ ସମ୍ମାନିତ କରାଯାଉଛି।

ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ମାନସୀ ଭୋଳ, ଦେବଗଡ଼ ଜିଲା ଶିଳ୍ପକେନ୍ଦ୍ର ପ୍ରତିଷ୍ଠାନ ଜେନେରାଲ ମ୍ୟାନେଜର ରମେଶ କୁମାର ପଟେଲ ଏବଂ ତିଲେଇବଣି ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ଅତିଥି ଭାବେ ମଞ୍ଚାସୀନ ରହି ନିଜ ବିଭାଗ ଅଧୀନରେ ଚାଷୀଙ୍କୁ ସ୍ୱାବଲମ୍ବୀ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ରିଆମାଳ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ କୁମାର ସାହୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଜିଲା ମହୋତ୍ସବ ଉତ୍ସବ ପ୍ରଧାନପାଟରେ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଖୋଲାଯାଇଥିବା ପ୍ରଦର୍ଶନୀ ଷ୍ଟଲରେ ଜିଲାର ୧୫୨ଜଣ ଉଦ୍ୟାନ ଚାଷୀ ଉତ୍ପାଦନ କରୁଥିବା ଫୁଲ, ଫଳ ଏବଂ ପନିପରିବା ପ୍ରଦର୍ଶିତ କରାଯାଇଥିବା ବେଳେ ଶ୍ରେଷ୍ଠ ୫୦ଜଣ ଚାଷୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ କିରଣ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ କୃଷି ଯନ୍ତ୍ରୀ ଅମରେନ୍ଦ୍ର ପ୍ରଧାନ ଏବଂ ବିଭାଗର ଉଦ୍ୟାନ ବିଭାଗର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ଜୀବିକା ମିଶନ ଇସି ପକ୍ଷରୁ ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘର ମହିଳାମାନେ ବିକ୍ଷୋଭ କରୁଛନ୍ତି।

ଝାରସୁଗୁଡ଼ା,୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ନ ୧୦ଟାରେ ଓଡ଼ିଶା ଜୀବିକା ମିଶନ ଇ.ସି ସଂଘ ପକ୍ଷରୁ ସଂଘର ରି–ଷ୍ଟ୍ରକଚରିଙ୍ଗକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଥମେ ଜିଲାର ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘର ମହିଳାମାନେ ବେହେରାମାଲ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି କରି ଯାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ଜୀବିକା ମିଶନ ରାଜ୍ୟ ସଭାପତି ଯୋଗମାୟା ନନ୍ଦ, ରାଜ୍ୟ ସହ ସମ୍ପାଦକ ରୋଜାଲିନ ମହାନ୍ତି ଓ ଝାରସୁଗୁଡ଼ା ଜିଲା ଜୀବିକା ମିଶନର ସଭାପତି ବିନୋଦିନୀ ପଟେଲ ବିକ୍ଷୋଭ ପ୍ରଦର୍ଶନର ନେତୃତ୍ୱ ନେଇଥିଲେ। ରାଜ୍ୟ ଜୀବିକା ମିଶନ ସଭାପତି କହିବା ମୁତାବକ ରାଜ୍ୟ ସରକାର ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘର ରି–ଷ୍ଟ୍ରକଚରିଙ୍ଗ କରିବା ନେଇ ଗତ ଜାନୁୟାରୀ ୨୨ ତାରିଖ ଏକ ଗାଇଡ଼ ଲାଇନ ଜାରି କରିଛନ୍ତି। ଏହାକୁ ବିରୋଧ କରି ୬ଦଫା ଦାବି ନେଇ ମହିଳାମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏହି ରି–ଷ୍ଟ୍ରକଚରିଙ୍ଗକୁ ବନ୍ଦ କରନ୍ତୁ ବୋଲି କହିଛନ୍ତି। ଯଦି ସରକାର ଏହାପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଆଗାମୀ ଦିନରେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଝାରସୁଗୁଡ଼ା ଜୀବିକା ମିଶନ ସଭାପତି ବିନୋଦିନୀ ପଟେଲ କହିଛନ୍ତି ଯେ ଯେତେବେଳେ କରୋନା ଭଳି ମାରାତ୍ମକ ରୋଗ ସହିତ ଲଢେଇ ହେଉଥିଲା, ସେତେବେଳେ ଜୀବିକା ମିଶନ ମହିଳାମାନେ ନିଜର ଜୀବନକୁ ବିପଦରେ ପକାଇ ମାସ୍କ ଓ ଔଷଧ ବଣ୍ଟନ, ସଚେତନତା ପାଇଁ ଘର ଘର ବୁଲୁଥିଲୁ। ପୁଣି ଏବେ ଏକ ପେଡ ମା କେ ନାମ, ଲକ୍ଷପତି ଦିଦି, ସୁଭଦ୍ରା ଯୋଜନା ପରି କାର୍ଯ୍ୟକ୍ରମରେ ବିନା ମୂଲ୍ୟରେ ଜନସାଧାରଣଙ୍କ ସଚେତନ କରିବା ସହିତ କାର୍ଯ୍ୟକ୍ରମରେ ସାମିଲ କରୁଛୁ। ଯଦି ସରକାର ଜୀବିକା ମିଶନ ବିରୋଧ ଜାରି କରିଥିବା ଗାଇଡ଼ ଲାଇନ ଫେରାଇ ନ ନିଅନ୍ତି ତେବେ ଆଗକୁ ବିଧାନସଭା ଆଗରେ ବିକ୍ଷୋଭ କରିବୁ ବୋଲି କହିଛନ୍ତି।

## ମହାଶିବରାତ୍ରି ପାଳନ ପ୍ରସ୍ତୁତି ବୈଠକ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ଫେବୃଆରୀ ୨୬ ତାରିଖରେ ମହାଶିବରାତ୍ରୀ ତଥା ଜାଗର ଯାତ୍ରା ପାଳିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ଅପରାହ୍ନରେ ଦେବଗଡ଼ ପ୍ରଧାନପାଟ ନିକଟସ୍ଥ ବାବା ଚମ୍ପକେଶ୍ୱର ମହାଦେବ ମନ୍ଦିରରେ ବେଶ ଧୁମଧାମ ସହିତ ମହାଶିବରାତ୍ରୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟ ସମ୍ପାଦକ ଈଶ୍ୱର ପ୍ରସାଦ ଦାଶଙ୍କ ଆବାହକତ୍ୱରେ ଉକ୍ତ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ସୁବାସ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଗତବର୍ଷର ଆୟ ଓ ବ୍ୟୟ ଏବଂ ଚଳିତବର୍ଷର କାର୍ଯ୍ୟ ବିବରଣୀ ଉପରେ ଆଲୋଚନା କରିଥିଲେ। ଚଳିତବର୍ଷ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ପାଇଁ ସୁଚାରୁ ରୂପେ ପ୍ରସାଦ ବଣ୍ଟନ, ମନ୍ଦିର ପରିସର ଆଲୋକିକରଣ ଉପରେ ଆଲୋଚନା କରାଯାଇଥିଲା। ଶାନ୍ତିଶୃଙ୍ଖଳା ସହ କିଭଳି ଆୟୋଜନ ହୋଇପାରିବ ସେ ନେଇ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ବୈଠକରେ ଦେବଗଡ଼ ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ମହେଶ୍ୱର ପାଣି, ସୁଧିର କୁମାର ଦାସ, ପ୍ରଦୀପ ଛତ୍ରିଆ, ଶଶାଙ୍କ ଶେଖର ନାୟକ, ବାବୁଲେନ୍ଦ୍ର ନାୟକ, ସତ୍ୟାନନ୍ଦ ସାହୁ, ଶ୍ରବଣ କୁମାର ନାୟକ, ରେଜେଶ ଦେବ, ବେଣୁଧର ଭଞ୍ଜ, ଶିବଲୁ ଅଗ୍ରୱାଲ, ସଞ୍ଜୀବ କୁମାର ଧର ପ୍ରମୁଖ ଉପସ୍ଥିତ ରହିଥିଲେ। ସଭା ଶେଷରେ ମନ୍ଦିର ଟ୍ରଷ୍ଟି ସୁଧିର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୩।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୬୨ଟି ଅଭିଯୋଗ ମଧ୍ୟରୁ ୪୮ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଥିଲା। ଶିବିରରେ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ଜଣେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଚିକିତ୍ସା ସହାୟତା ବାବଦକୁ ୩ଜଣଙ୍କୁ ରେଡକସ୍ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ହାଇଟେକ ସର୍ଭେ ବାତିଲ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ହୋଇଥିବା ହାଇଟେକ ସର୍ଭେରେ ବ୍ୟାପକ ତ୍ରୁଟି ରହିଥିବା ବେଳେ ଏହାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ ମଧ୍ୟ ସ୍ୱିକାର କରିଛନ୍ତି। ହାଇଟେକ ସର୍ଭେରେ ତ୍ରୁଟି ଥିବା ନେଇ ଜିଲା ପ୍ରଶାସନ ନିକଟରେ ପ୍ରାୟ ୫ ହଜାରରୁ ଅଧିକ ଅଭିଯୋଗ ହୋଇ ସାରିଛି। ଫଳରେ ଏହାକୁ ସଂଶୋଧନ ପାଇଁ ସରକାର ପଦକ୍ଷେପ ନେଉଥିବା ବେଳେ ସମ୍ପୂର୍ଣ୍ଣ ବାତିଲ କରିବାକୁ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବି ହୋଇଛି। ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସହିତ ଆଲୋଚନା କରି ଜିଲାର ହାଇଟେକ ସର୍ଭେକୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତ। ଶିଳ୍ପ ବିହିନ ଦେବଗଡ଼ ଜିଲାର ଜନସାଧାରଣ ସମ୍ପୂର୍ଣ୍ଣ ଭାବେ ଚାଷ ଉପରେ ନିର୍ଭର କରନ୍ତି। ମାତ୍ର ହାଇଟେକ ସର୍ଭେରେ ଭୁଲଭାଲ ଯୋଗୁ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଫଳରେ ରାଜ୍ୟ ସରକାର ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ହାଇଟେକ ସର୍ଭେ ବାତିଲ ପାଇଁ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବି କରାଯାଇଛି। ଏଥିସହ ଭୂମିହୀନଙ୍କୁ ଘରଡିହ ପଟ୍ଟା, ଜଙ୍ଗଲ ଜମି ପଟ୍ଟା, ଦଖଲରେ ଥିବା ସରକାରୀ ଜମିର ସ୍ଥାୟୀ ପଟ୍ଟା, ଜମିର କିସମ ପରିବର୍ତ୍ତନ ଏବଂ ରେଙ୍ଗାଲି ବାସଚ୍ୟୁତଙ୍କୁ ତୁରନ୍ତ ଜମି ଯୋଗାଇଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।



ଜିଲା କୃଷକ ସଂଘର୍ଷ ସଂଘ ସଭାପତି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଉତ୍ସବ ପ୍ରଧାନପାଟ ଖବର

# ଖାଦ୍ୟମେଳାରେ ଚଢ଼ାଉ



ବାସି ଖାଦ୍ୟକୁ ଡଷ୍ଟବିନ୍‌ରେ ପକାଯାଉଛି।

## ବାସି ଖାଦ୍ୟ ନଷ୍ଟ କଲା ପ୍ରଶାସନ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବଡ଼ବଗିଚା ପଡ଼ିଆରେ ଚାଲିଥିବା ଜିଲା ମହୋତ୍ସବ ଉତ୍ସବ ପ୍ରଧାନପାଟ ଖାଦ୍ୟ ମେଳାରେ ଅତ୍ୟଧିକ ରଙ୍ଗ ବୋଳା ଏବଂ ବାସିଖାଦ୍ୟ ଦିଆଯାଉଥିବା ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବାସିଖାଦ୍ୟ ନଷ୍ଟ କରାଯାଇଛି। ଜିଲା ତଥା ଜିଲା ବାହାରୁ ଅନେକ ଦୋକାନୀ ଖାଦ୍ୟ ମେଳାରେ ବିଭିନ୍ନ ପ୍ରକାରର ଖାଦ୍ୟ ବିକ୍ରି କରୁଛନ୍ତି। ମାତ୍ର ବିଭିନ୍ନ ଦୋକାନରେ ବାସି ଖାଦ୍ୟ ଦିଆଯାଉଥିବା ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ନିରୀକ୍ଷିକା ମଞ୍ଜୁଳତା ହେସଙ୍କ ନେତୃତ୍ୱରେ ଏକ ଟିମ୍ ଖାଦ୍ୟ ମେଳାରେ ଚଢ଼ାଉ କରିଥିଲା। ଚଢ଼ାଉ କରି ୬ଜଣ ଦୋକାନୀଙ୍କ ପ୍ରାୟ ୪୦ କିଲୋ ଓଜନର ବାସିଖାଦ୍ୟ ଜବତ କରି ନଷ୍ଟ କରାଯାଇଛି। ୬ଟି ଦୋକାନରେ ଥିବା ବାସିଖାଦ୍ୟ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଇଥିବା ପନିର ପକୋଡ଼ା, ଚିକେନ ପକୋଡ଼ା, ଚାଓମିନ, ମନଚୁରିୟାନ ଆଦିକୁ ନଷ୍ଟ କରାଯାଇଛି। ଜବତ ଖାଦ୍ୟ ସବୁ ଫିଙ୍ଗାଯାଇଥିବା ବେଳେ ଆଗକୁ ଏଭଳି ବାସିଖାଦ୍ୟ ନ ଦେବା ପାଇଁ ଚେତାବନୀ ଦିଆଯାଇଛି। ଉତ୍ସବ ପ୍ରଧାନପାଟରେ ମଜା ନେବା ପାଇଁ ହଜାର ହଜାର ଦର୍ଶକ ଆସୁଥିବା ବେଳେ ଖାଦ୍ୟ ମେଳାରେ ଗହଳି ଲାଗୁଛି। ଫଳରେ ଖାଦ୍ୟ ଖାଇ କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯେଭଳି ନ ହେବ ସେଥିପ୍ରତି ପ୍ରଶାସନ ସଜାଗ ରହିବା ସହିତ ଲୋକଙ୍କୁ ସୁସ୍ୱାଦୁ ଖାଦ୍ୟ ଯୋଗାଇ ଦେବା ପାଇଁ ପ୍ରତିଦିନ ଖାଦ୍ୟ ମେଳାରେ ଚଢ଼ାଉ କରାଯିବ ବୋଲି କୁହାଯାଇଛି।

# ମଦୁଆ ଧରପକଡ଼ ଯାନ

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଜିଲା ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଦେବଗଡ ବଡବଗିଚା ପଡ଼ିଆରେ ଜିଲା ମହୋତ୍ସବ ଉତ୍ସବ ପ୍ରଧାନପାଟ ଏବଂ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଶନିବାର ଉଦ୍‌ଘାଟିତ ହୋଇଥିବା ବେଳେ ଏହା ଆସନ୍ତା ୫ ତାରିଖ ଯାଏଁ ଚାଲିବ। ଶାନ୍ତିଶୃଙ୍ଖଳା ପାଇଁ ଦେବଗଡ଼ ପୋଲିସ ପକ୍ଷରୁ ଉତ୍ସବ ସମେତ ସହର ମଧ୍ୟରେ ଏକ ମଦୁଆ ଧରପକଡ ଯାନ ପାଟ୍ରୋଲିଂ କରୁଛି। ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୋଲିସ ଏଭଳି ପଦକ୍ଷେପ ନେଇଥିବା ଦେବଗଡ଼ ଥାନା ଅଧିକାରୀ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି। ଶନିବାର ଉଦ୍‌ଘାଟନୀ ଦିବସରେ ମଦୁଆ ଧରପକଡ





ଯାନ ପାଟ୍ରୋଲିଂ କରୁଥିବା ବେଳେ ଜଣେ ମଦ୍ୟପ ସ୍କୁଟର ଚାଳକ ଧରା ପଡିଛନ୍ତି। ତାଙ୍କ ବିରୋଧରେ ଦେବଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ସ୍କୁଟର ଜବତ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଉତ୍ସବ ପ୍ରଧାନପାଟର ମଜା ନେବା ପାଇଁ ଆସୁଥିବା ହଜାର ହଜାର ଦର୍ଶକ ମଦ୍ୟପାନ କରି ଗାଡି ନ ଚଳାଇବାକୁ ପୋଲିସ ସଚେତନ କରିବା ସହିତ ମଦ୍ୟପ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୨ଟି ସାମୁହିକ ଅଭିଯୋଗ ରହିଥିବା ଜଣାପଡିଛି। ବିଶେଷ କରି ଫ୍ୟାମିଲି ପେନ୍‌ସନ, ଘରବାଡି ପଟ୍ଟା, ପିଲାଙ୍କ ପାଠ ପଢା ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଉପ ଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଗୀତରେ ଝୁମିଲେ ଦର୍ଶକ



ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଉପସ୍ଥିତ ଅତିଥି।

## ଉତ୍ସବ ପ୍ରଧାନପାଟ-୨୦୨୫ର ତୃତୀୟ ସନ୍ଧ୍ୟା

### ■ନାଚିଲେ ଗାଇଲେ କଳାକାର

ଦେବଗଡ଼,୩।୨(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ବଡ଼ବଗିଚା ପଡ଼ିଆର ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ଦେବଗଡ଼ ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ–୨୦୨୫' ସୋମବାର ତୃତୀୟ ଦିବସରେ ପହଞ୍ଚିଛି। ଉପଜିଲାପାଳ ତଥା ଭାରପ୍ରାପ୍ତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପରକ୍ଷିତ ସାହୁଙ୍କ ସଭାପତିତ୍ୱରେ ସନ୍ଧ୍ୟାର ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି ପ୍ରାଣବନ୍ଧୁ ଘଡେଇ ସଭା ପରିଚାଳନା କରିଥିଲେ। ଓରମାସ ଡେପୁଟି ସିଇଓ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଉଦ୍‌ଘାଟନୀ ପୂର୍ବରୁ ସ୍ଥାନୀୟ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିଲେଇବଣି ବ୍ଲକ ଟିଙ୍କିଲିଝରଣ ଗୁମକୁଞ୍ଚୁମା ଜାଗୃତୀ ସାଂସ୍କୃତିକ କ୍ଲବ ଦ୍ୱାରା ଆଦିବାସୀ ନୃତ୍ୟ, ଦେବଗଡ଼ ମାହାରୀ ନୃତ୍ୟ କଳା ମଣ୍ଡପ ଦ୍ୱାରା ଓଡ଼ିଶୀ, କଳାମାଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପକ୍ଷରୁ ଡାଲଖାଇ, ମାନିନୀ ନୃତ୍ୟ କଳା ପରିଷଦ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପରେ ଦେବଗଡ଼ ଲାଲ ବାହାଦୁର ଶାସ୍ତ୍ରୀ କ୍ଲବ ଦ୍ୱାରା ରଙ୍ଗବତୀ, ସମ୍ବଲପୁରୀ ସାଂସ୍କୃତିକ ଅନୁଷ୍ଠାନ ଗୁରୁ ଧବଳେଶ୍ୱର କରାଳୀଙ୍କ ମାଇଲାଜଡ ଏବଂ ସମ୍ବଲପୁରୀ କଣ୍ଠ ଶିଳ୍ପି ଉପେଶ ଏବଂ ଆରତୀ ତାଙ୍କ ସାଥି ସହିତ ସମ୍ବଲପୁରୀ ଗୀତ ଏବଂ ନୃତ୍ୟ ପରିବେଷଣ ହୋଇଥିଲା। ଏଥିସହ ମୁଖ୍ୟ ଆକର୍ଷଣ ସୁନାମଧନ୍ୟ କଣ୍ଠଶିଳ୍ପୀ ତିଲକ ଚକ୍ରବର୍ତୀ ଏବଂ ସାଥିଙ୍କ ଦ୍ୱାରା ରଙ୍ଗାରଙ୍ଗ ମେଲୋଡିରେ ତାଳେ ତାଳେ ହଜାର ହଜାର ଦର୍ଶକ ଝୁମି ଉଠିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ପିଏ ଆଇଟିଡିଏ ସନ୍ଧ୍ୟା ମାଝି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଏବଂ ଦେବଗଡ଼ ଥାନା ଅଧିକାରୀ ସରୋଜ କୁମାର ସେଠୀଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ତଦାରଖ କରାଯାଇଥିଲା। ସଂସ୍କୃତି ପରିଷଦର ସୁଜିତ କୁମାର ପାତ୍ର, ଟିକେଶ୍ୱର ଗୁରୁ, ଅବନୀ କାନ୍ତ ମିଶ୍ର, ଉପେନ୍ଦ୍ର ଭଞ୍ଜ, ଶ୍ରବଣ ନାୟକ, ଦିଲୀପ କୁମାର ଗୁରୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାଳରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଭବାନୀପାଟଣା, ୩।୨(ଉତ୍ତମ କୁମାର ଦାଶ):** ଭବାନୀପାଟଣା ଜଳେଶ୍ୱର ମନ୍ଦିର ନିକଟ ପିପଲ ନାଳରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଗାନ୍ଧୀ ଛକର ବିନୋଦ ଅଗ୍ରୱାଲଙ୍କ ପୁଅ ଶ୍ଳୋକ ଅଗ୍ରୱାଲ (୧୫)। ଶ୍ଳୋକ ବିମଳା କନ୍‌ଭେଣ୍ଟ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ସେ ଅନ୍ୟ ୨ସାଙ୍ଗ ସହିତ ଜଳେଶ୍ୱର ମନ୍ଦିର ଆଡ଼କୁ ବୁଲିବାକୁ ଯାଇଥିଲେ। ହେଲେ ଅସାବଧାନତାବଶତଃ ସେଠାରେ ନାଳପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମୃତଦେହ ପାଇଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଭବାନୀପାଟଣା, ୩।୨(ଉତ୍ତମ କୁମାର ଦାଶ):** ଭବାନୀପାଟଣା ଟାଉନ ଥାନା ଅନ୍ତର୍ଗତ ପରମାନନ୍ଦପୁର ଛକ ନିକଟରେ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଠାବ ହୋଇଛି। ମୃତା ମହିଳାଙ୍କ ନାମ ସୁସ୍ମିତା ସାହ। ୩ବର୍ଷ ତଳେ ସେ ବିବାହ କରିଥିଲେ। ତାଙ୍କ ପୈତୃକଘର କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଯୌତୁକ ପାଇଁ ତାଙ୍କ ଝିଅକୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ମାରିଦେଇଥିବା ମହିଳାଙ୍କ ବାପଘର ଲୋକେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୫) ରୁଜୁ କରି ତଦନ୍ତ ଚଳାଇଛି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ

**ବୋଡ଼େନ, ୩।୨ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ସରକାରୀ ଜନଶକ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଅଧକ୍ଷ ଅନନ୍ତ ରାମ ମେହେରଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ନୀଳିମା ବାରିକ, ବରିଷ୍ଠ ଶିକ୍ଷକ ଯୋଗେନ୍ଦ୍ରନାଥ ଦଣ୍ଡସେନା, ହରିହର ମାଝୀ, ବର୍ଷାରାଣୀ ନାୟକ, କୀର୍ତ୍ତି ରାମ ମାଝୀ, ପୁଷ୍ପା ମାଝୀ, ସନ୍ତୋଷ ବାଗ, ପ୍ରତ୍ୟାଶ ଦାନୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରୀମାନେ କିଭଳି କୌଶଳ ପ୍ରଦର୍ଶନକରି ଆତ୍ମରକ୍ଷା କରିବେ ତା' ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିବିରଟି ଆସନ୍ତା ୧୧ ତାରିଖରେ ଉଦ୍‌ଯାପିତ ହେବ।

### ମାଇନିଂ ସ୍କିଲ୍ ଡେଭଲପ୍‌ମେଣ୍ଟ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ




**ଥୁଆମୂଳ ରାମପୁର, ୩।୨(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ଠାରେ ଏସ୍‌ସିଏମ୍‌ସି, ସ୍କିଲ୍ ଓଡ଼ିଶା ଓ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଡିଏମ୍‌ଏଫ୍‌ଟି ଯୋଜନାରେ ମାଇନିଂ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଓ ବିଡିଓ ଧ୍ରୁବ ଚରଣ ମୁଦୁଲି, ଡିଏମ୍‌ଏଫ୍‌ଟି ଟିମ୍ ଲିଡର ପ୍ରଶାନ୍ତ ମିଶ୍ର, ସ୍କିଲ କାଉନସିଲ ମାଇନିଂ ସେଣ୍ଟର୍ ଷ୍ଟେଟ ହେଡ ରାହୁଲ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସେଣ୍ଟରରେ ପ୍ରଶିକ୍ଷକ ଭାବରେ ଥବିର ନାଏକ ନିଯୁକ୍ତି ପାଇଛନ୍ତି। ମାଇନିଂ ସ୍କିଲ ଡେଭଲପମେଣ୍ଟ ସେଣ୍ଟର ଦ୍ୱାରା ବର୍ତ୍ତମାନ ଭବାନୀପାଟଣାଠାରେ ୬୦ ଜଣ ଯୁବତୀଯୁବକ ତାଲିମ ନେଉଥିବା ବେଳେ ଥୁଆମୂଳ ରାମପୁର ଆଦିବାସୀ ଅଞ୍ଚଳରେ ବିଭିନ୍ନ ଖଣି କମ୍ପାନୀ ଦ୍ୱାରା ପ୍ରଭାବିତ ବେକାର ଯୁବତୀଯୁବକଙ୍କୁ ତାଲିମ ଦେବାପାଇଁ ଜିଲାପାଳ ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି। ଏଥିରେ ଯୁବକମାନେ ଡମ୍ପର ଚଳାଇବା ଓ ଇଲେକ୍ଟ୍ରିକାଲ କାମ ପାଇଁ ତାଲିମ ଦେବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ବ୍ଲକ୍‌ର ଅତ୍ରି, ଗୋପୀନାଥପୁର, ମାଲିଗାଁ, ପୋଡ଼ାପଦର, ତଳ ଆମ୍ବପଦର, ସିଲେଟ, କେରପାଇ ଭଳି ୨୪ ପଞ୍ଚାୟତର ଯୁବତୀଯୁବକଙ୍କୁ ତାଲିମ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଜିଲାରେ ୫କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ

**ଜାତୀୟ ସଡ଼କ ସୁରକ୍ଷା ମାସ**

- ୨୦୭ ଜଣଙ୍କ ଲାଇସେନ୍ସ ବାତିଲ
- ଫେବୃଆରୀ, ମାର୍ଚ୍ଚରେ ଟାର୍ଗେଟ ପୂରିବ କହିଲେ ପରିବହନ ଅଧିକାରୀ

**ଭବାନୀପାଟଣା, ୩।୨(ଉତ୍ତମ କୁମାର ଦାଶ)**




ଚଳିତବର୍ଷ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ କରାଯାଇଥିଲା। ଏପରିସ୍ଥଳେ କଳାହାଣ୍ଡି ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାନୁଆରୀ ମାସରେ ଜିଲାର ବିଭିନ୍ନ ସ୍ଥାନରେ ଧରପଗଡ କରାଯାଇ ୫ କୋଟି ୪ଲକ୍ଷ ୧୮ହଜାର ୯୨୯ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। ଯାହାକି ଗତବର୍ଷ ୩କୋଟି ୯୮ ଲକ୍ଷ ରହିଥିଲା। ଗତ ବର୍ଷଠାରୁ ଏବର୍ଷ ୧ କୋଟି ୨୦ ଲକ୍ଷ ଟଙ୍କା ଅଧିକ ରାଜସ୍ୱ ସଂଗ୍ରହ ହୋଇଛି। ଜାନୁଆରୀ ମାସରେ ଜିଲାର ବିଭିନ୍ନ ସ୍ଥାନରେ ଯାଞ୍ଚ ସମୟରେ ବିନା ହେଲ୍‌ମେଟରେ ବାଇକ୍ ଚଳାଉଥିବା ୫୯୧ ଜଣ, ଦ୍ରୁତ ଗାଡିଚାଳନା ୪୭୭, ମୋବାଇଲ ଫୋନ ଧରି କଥା ହେଉଥିବାବେଳେ ୮, ମଦ୍ୟପାନ କରି ଗାଡି ଚଳାଇବାବେଳେ ୧୦୪, ମାଲ ପରିବହନ ଗାଡିରେ ଯାତ୍ରୀ ନେଉଥିବା ୧୪ ଗାଡିକୁ ଧରପଗଡ କରାଯାଇଥିଲା। ସେହିପରି ସଡକ ସୁରକ୍ଷା ନିୟମକୁ ଅବମାନନା କରିଥିବା ୨୦୭ ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି। କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟଙ୍କ ନେତୃତ୍ୱରେ ଏହି ଧରପଗଡ କରାଯାଇଥିଲା। ଜିଲାରେ ଚଳିତ ବର୍ଷର ରାଜସ୍ୱ ଟାର୍ଗେଟ ୫୨ କୋଟି ରହିଥିବାବେଳେ ଜାନୁଆରୀ ମାସ ଶେଷ ସୁଦ୍ଧା ୩୭ କୋଟିରେ ପହଞ୍ଚିଛି। ତେବେ ଫେବୃଆରୀ ଓ ମାର୍ଚ୍ଚ ମାସରେ ଏହି ଟାର୍ଗେଟ ପୂରିଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସାମନ୍ତରାୟ ପ୍ରକାଶ କରିଛନ୍ତି। ସଡକ ସୁରକ୍ଷା ମାନୁ ନ ଥିବା ଅମାନିଆଙ୍କୁ ଧରିବା ପାଇଁ ଜିଲାରେ ଏପରି ଧରପଗଡ ଜାରିରହିବ ବୋଲି ସେ ପ୍ରକାଶ କରିଛନ୍ତି।

# ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ନୃତ୍ୟଗୀତ



କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ଖଡିଆଳ, ୩।୨(ସୁଜିତ କୁମାର ପ୍ରଧାନ)**

**ଖଡିଆଳ ମହୋତ୍ସବ ଉଦ୍‌ଘାଟିତ**

କଳା, ସାହିତ୍ୟ, ସଂସ୍କୃତି ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବା ଖଡିଆଳ ମହୋତ୍ସବ ସୋମବାର ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ନୂଆପଡ଼ା ଜିଲା ପରିଷଦ ଅଧକ୍ଷା ଡଲି ମାଝୀ ମୁଖ୍ୟ ଅତିଥି, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଫଣିନ୍ଦମ ସିଂଦେଓ ମୁଖ୍ୟବକ୍ତା ଓ ପ୍ରତ୍ନତାତ୍ତ୍ୱିକବିତ୍ ତଥା ଖଡ଼ିଆଳ ରାଜା ସାହେବ ଡ. ଜିତାମିତ୍ର ସିଂଦେଓ, ନୂଆପଡା ଜିଲା ପରିଷଦ ଉପସଭାପତି ଦୀପିକା ଦୀପ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ବୋଡ଼େନ ପଞ୍ଚାୟତ ସମିତି ଅଧକ୍ଷା ପ୍ରେମଶିଳା ନାଗ, ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ପ୍ରଧାନୀ, ଖଡ଼ିଆଳ ବିଡିଓ ନରସିଙ୍ଗ ଗାଦବା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସଂଯୋଜକ ଡ. ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। କମିଟି ସମ୍ପାଦକ ସୁନୀଲ କୁମାର ସାହୁ ସମ୍ପାଦକୀୟ ବିବରଣୀ ପଠନ ଓ ଅନ୍ୟତମ ସଂଯୋଜକ ପବିତ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ କଳାକାର ନୃତ୍ୟଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଐତିହାସିକ ଯୋଗିମଠ ରକ୍ଷିପୀଠରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ମଶାଲ ସ୍ଥାପନ କରିବା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭବାନୀପାଟଣା କଳାକେନ୍ଦ୍ରର ଓଡ଼ିଶୀ, ଡ୍ୟାନ୍ସ ଏକ୍ସଡେମୀ କୋଲକାତାର ଆଦି ନୃତ୍ୟକଳା, ଖଡ଼ିଆଳ ଡ୍ୟାନ୍ସ ହବ, ଖଡ଼ିଆଳ ଧର୍ମେସ ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମା' ଅଷ୍ଟଚଣ୍ଡୀଙ୍କ ଉଲଗନଦିଆ ସମ୍ପନ୍ନ

**ରିଷିଡ଼ା, ୩।୨(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ମା' ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରା ଅବସରରେ ମା' ଚଣ୍ଡୀଙ୍କ ଉଲଗନ ଦିଆ ପୂଜା ସମ୍ପନ୍ନ ହୋଇଛି। ଏଥିରେ ମରାମପୁର କଢ଼େଲଠାରୁ ମାଧବ ମାଝୀ ମା'ଙ୍କ ପାଟବସ୍ତ୍ର ଆଣିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ନରେ ଘଣ୍ଟ, ଶଙ୍ଖ, ନିଶାଣ, ହୁଳହୁଳି, ବାଜା ସହ ଗ୍ରାମର ମା' ତାରିଣୀ ପୀଠରୁ ନୀଳକଣ୍ଠେଶର ଶିବମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା କରିଥିଲେ। ଏଥିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଯାତ୍ରାରେ ଚଣ୍ଡୀଙ୍କ ସମେତ ପାର୍ଶ୍ୱ ଦେବୀ ମଧ ପରିକ୍ରମା କରିଥିଲେ। ସେବାୟତ ରଞ୍ଜନ ରଣା, ହରି ବାରିକ, ହୃଦାନନ୍ଦ ମଲ୍ଲିକ, ବୃହସ୍ପତି ରଣା, ସୂର୍ଯ୍ୟମଣି ରଣା ମହେନ୍ଦ୍ର ପ୍ରଧାନୀ, ଶେଷଦେବ ରଣା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ଚୈତ୍ର ମାସରେ ୭ ଦିନବ୍ୟାପୀ ମା' ଅଷ୍ଟଚଣ୍ଡୀ ତାରିଣୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହେବ।

## ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଭୂମିପୂଜନ

**ନୂଆପଡ଼ା, ୩।୨(ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ୍ ମାନିଗୁଡ଼ାଠାରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ରବିବାର ସରସ୍ୱତୀ ପୂଜାରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ଦୟାସାଗର ପ୍ରଧାନ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ବେମାଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଘନେଶ୍ୱର ତାଣ୍ଡି, ନାଏବ ସରପଞ୍ଚ ଡୁମରେବତୀ ଜଗତ ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିକାଶ ଉପରେ ଆଲୋକପାତ କରିଥିଲେ। ୨୦୧୬ରେ ମାନିଗୁଡ଼ା ନୂତନ ପଞ୍ଚାୟତ ଭାବରେ ମାନ୍ୟତା ପାଇଲା। ୨୦୧୭ ନିର୍ବାଚନରେ ରାମସିଂ ମାଝି ନିର୍ବାଚିତ ହୋଇ ନୂତନ ସରପଞ୍ଚ ଭାବରେ ଦାୟିତ୍ୱ ନେଲେ। ଚତୁର୍ଥ ଏସ୍‌ଏଫ୍‌ସି ପାଣ୍ଠିରୁ ୧୫ ଲକ୍ଷ ଓ ଏମ୍‌ଜିଏନ୍‌ଆର୍‌ଇଜିଏରୁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ପଞ୍ଚାୟତ କାର୍ଯ୍ୟାଳୟ କୋଠା ଆରମ୍ଭ ହୋଇଥିଲା। ଫାଉଣ୍ଡେଶନ କାର୍ଯ୍ୟ ସରିଥିଲେ ମଧ ନିର୍ବାଚନରେ ପରାଜିତ ବ୍ୟକ୍ତି ହାଇକୋର୍ଟଙ୍କ ଆଶ୍ରୟ ନେଇ କାର୍ଯ୍ୟ ବନ୍ଦ କରିଦେଇଥିଲେ। ୨୦୨୪ ଡିସେମ୍ବର ୨୨ରେ ହାଇକୋର୍ଟ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେବାରୁ ପଞ୍ଚାୟତବାସୀ ଉତ୍ସାହିତ ହୋଇ ଶୁଭ ମୁହୂର୍ତ୍ତ ଅପେକ୍ଷାରେ ଥିଲେ।

# ଫେବୃଆରୀ ୧୪ରୁ ଜୁନାଗଡ଼ ମହୋତ୍ସବ



ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା।

**ଜୁନାଗଡ଼, ୩।୨(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ହାଇସ୍କୁଲ ଖେଳ ପଡ଼ିଆଠାରେ ଫେବୃଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଜୁନାଗଡ଼ ମହୋତ୍ସବ ପାଳନ କରାଯିବ। ଏହାକୁ ନେଇ ମହୋତ୍ସବ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ଦୁର୍ଗାପ୍ରସାଦ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହିମାଂଶୁ ବରାଡ଼, ଈଶ୍ୱର ପୂଜାରୀ, ଅଶୋକ ପଟ୍ଟନାୟକ, ଲଳିତ ଅଗ୍ରୱାଲ, ଉଦ୍ଧବ ଚରଣ ସାହୁ, ବିଘ୍ନରାଜ ବରାଡ଼ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ କମିଟିର ମିଡିଆ ଅଧକ୍ଷ ସନ୍ତୋଷ କୁମାର ସିଂଦେଓ ସଭା ପରିଚଳନା କରିଥିଲେ। ଜୁନାଗଡ଼ର ଐତିହ୍ୟ, ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମହୋତ୍ସବ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ମହୋତ୍ସବ ଯେଭଳି ସୁଚାରୁରୂପେ ପାଳନ ହେବ ସେଥିପାଇଁ ସମସ୍ତେ ଆଗେଇ ଆସିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ମହୋତ୍ସବକୁ ସଫଳ କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ।

# ନିମ୍ନମାନର କମ୍ୟୁନିଟି ଗୃହ ନିର୍ମାଣ ଅଭିଯୋଗ

**ଗୋଲାମୁଣ୍ଡା, ୩।୨(ବଟକୃଷ୍ଣ ପଣ୍ଡା)**

**ଘରୋଇ ଜାଗାରେ ସରକାରୀ କାର୍ଯ୍ୟ ନେଇ ଅସନ୍ତୋଷ**

ଗୋଲାମୁଣ୍ଡା ବ୍ଲକ୍ ବୃନ୍ଦାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୈଜଳପୁରଠାରେ ଆଦିବାସୀଙ୍କ ବିକାଶ ପାଇଁ ନିର୍ମାଣ ହେଉଥିବା କମ୍ୟୁନିଟି ଗୃହ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଏହି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସୂଚନା ଫଳକରୁ ଏହା ଜଣାପଡିଛି। ବିଭାଗୀୟ ଅଧିକାରୀ ଓ ଠିକାଦାର ମିଶି ଉକ୍ତ ଗ୍ରାମର ଏକ ବେସରକାରୀ ଜାଗାରେ ଗୃହ ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହି କାର୍ଯ୍ୟ ପ୍ରାୟ ୮୦% ସରିବାକୁ ବସିଲାଣି। ହେଲେ ନିମ୍ନମାନର କାର୍ଯ୍ୟ ଓ ଘରୋଇ ଜାଗାରେ ଗୃହ ନିର୍ମାଣ ନେଇ ଗ୍ରାମବାସୀ ବାରମ୍ବାର ଠିକାଦାରଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ସେ ଏହାକୁ ଅଣଦେଖାକରି କାର୍ଯ୍ୟ କରିଚାଲିଛନ୍ତି। ଏହାକୁ ନେଇ ଗାଁର ଆଦିବାସୀ ସମ୍ପ୍ରଦାୟର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସେମାନେ କଳାହାଣ୍ଡି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ବୈଜଳପୁରର ସାମାଜିକ କର୍ମୀ ଓ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ ଦାଶଙ୍କୁ ପଚାରିବାରୁ ଯେହେତୁ ମୁଁ ନୂଆ ଆସିଛି ମୋତେ ଜଣା ନ ଥିଲା। ଅଭିଯୋଗକୁ ପ୍ରାଧାନ୍ୟ ଦେଇ ଖୁବଶୀଘ୍ର ଆମେ ଏହି କାର୍ଯ୍ୟର ସମୀକ୍ଷା କରିବୁ ବୋଲି ମତ ପ୍ରକାଶ କରିଥିଲେ।

# ବ୍ଲକ୍‌ସ୍ତରୀୟ ଓବିସି ସଚେତନତା ମଞ୍ଚର ବୈଠକ

**କୋକସରା, ୩।୨ (ଦୁଷ୍ମନ୍ତ କୁମାର ପାଢଯୋଷୀ)**



ବୈଠକରେ ଯୋଗଦେଇଥିବା ମଞ୍ଚର କର୍ମକର୍ତ୍ତା।

କଳାହାଣ୍ଡି ଜିଲା କୋକସରା ବ୍ଲକ ପଛୁଆବର୍ଗ ଓବିସି ସଚେତନ ମଞ୍ଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କୋକସରା ଧାନ ମଣ୍ଡିରେ ମଞ୍ଚ ଆବାହକ ଶିବପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାର ଓବିସି ବର୍ଗର ବସବାସ କରୁଥିବା ରାଜ୍ୟର ୫୦ ପ୍ରତିଶତ ବିଭିନ୍ନ ସମ୍ପ୍ରଦାୟର ଜନ ସାଧାରଣଙ୍କୁ ସାମାଜିକ, ଅର୍ଥନୈତିକ, ସଂରକ୍ଷଣରୁ ବଞ୍ଚିତ କରିରଖିଛନ୍ତି। ଫଳରେ ପଛୁଆବର୍ଗର ଲୋକେ ଆଜି ମଧ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହେବାସହ ଶିକ୍ଷା, ଚାକିରି କ୍ଷେତ୍ରରେ ଅବହେଳାର ଶିକାର ହୋଇଆସୁଛନ୍ତି। ଏଣୁ ସମସ୍ତେ ଏକତ୍ରିତ ହୋଇ ସଙ୍ଗଠିତ ହେବାକୁ ଉପସ୍ଥିତ ପଛୁଆବର୍ଗର କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଧର୍ମଗଡ଼ ଉପଖଣ୍ଡର ପୂର୍ବତନ ବିଧାୟକ ମୌଷଧି ବାଗ, ବ୍ଲକ୍ ଯାଦବ ସମାଜ ସଭାପତି ବିନୋଦ ବିହାରୀ ରାଉତ, ସୁନାରୀ ସମାଜ ପ୍ରତିନିଧି ବୁଟୁନାଥ ସରାବୁ, ନିଖିଳ ବାରିକ ସମାଜ ସଭାପତି ନିଳାମ୍ବର ବାରିକ, ଦୈତାରି ବାରିକ, ଶୌଣ୍ଡିକ ସମାଜ ସଭାପତି ଅଖିଳ ଚନ୍ଦ୍ର ସାହୁ, ପଣ୍ଡରା ମାଲି ସମାଜ ସମ୍ପାଦକ ନକୁଳ ନାଏକ, ବୈରାଗୀ ସମାଜ ପ୍ରତିନିଧି ଅଶୋକ କୁମାର ଦାସ, ଝାଙ୍କଡ଼ ପାଇକ ସମାଜର ପ୍ରତିନିଧି ମୀନିକେତନ ପ୍ରଧାନୀ, ପଛୁଆବର୍ଗ ମଞ୍ଚର ପଞ୍ଚକ ପୋଢ଼ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ୧୬ରେ ଏକ ବୈଠକକରି କମିଟି ଗଠନ ସହ ଆଗାମୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି।

# ସୁନାବେଡ଼ାଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଶିବିରରେ ମେଡିକାଲ ଷ୍ଟାଫ୍‌ଙ୍କ ସହ ଅଞ୍ଚଳବାସୀ।

**ନୂଆପଡ଼ା, ୩।୨(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ସୁନାବେଡ଼ାଠାରେ ଜିଲା ସ୍ୱାସ୍ଥ୍ୟ ସମିତି ନୂଆପଡ଼ା, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସୁନାବେଡ଼ା ଓ ଏସ୍‌ବିଆଇ ସଞ୍ଜୀବନୀଙ୍କ ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ସଞ୍ଜୀବନୀ ଭ୍ୟାନ ସୁନାବେଡା ଅଞ୍ଚଳରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରୁଛନ୍ତି। ଏଥିରେ ମେଡିକାଲ ଅଫିସର, ଫାର୍ମାସିଷ୍ଟ, ନର୍ସିଂ ଅଫିସର ଭଳି ୫ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଶିବିରରେ ସୁନାବେଡ଼ା ଓ ସୋସେଙ୍ଗ ପଞ୍ଚାୟତର ୨ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ଦିଆଯାଇଥିଲା। କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରିୟରଞ୍ଜନ ସାହ, ଡା. ଶ୍ରୀତମ ସାହୁ, ଡା. ଶିବାଙ୍ଗୀ ରଥ, ଦେବଦତ୍ତ ସିଂହ, ମୀନା କୁମାରୀ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ବିଜୟାନନ୍ଦ ମଲ୍ଲିକ, ପୋଷଣ ଅଧିକାରୀ ପ୍ରସନ୍ନ କୁମାର ନାୟକ, ଜିତେନ୍ଦ୍ର ପ୍ରସାଦ ସିଂହ ପ୍ରମୁଖ ଆୟୋଜନ କରିଥିଲେ।

# ଟିପିଗୁଡ଼ାରେ ବ୍ଲକ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଧର୍ମଗଡ଼, ୩।୨ (ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ଟିପିଗୁଡ଼ାରେ ନୂତନ ବ୍ଲକ ଗଠନ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ ବିରାଟ ପଟୁଆରାରେ ସେମାନେ ଉତ୍ସବ ପଡିଆରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପଜିଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ସଭାପତି ସନ୍ତୋଷ ନାଏକଙ୍କ ନେତୃତ୍ୱରେ କମିଟି ଉପଦେଷ୍ଟା ଅଶୋକ ପଟ୍ଟଯୋଶୀ, ଉପସଭାପତି ଡୁମେରଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେଶ ଭଏଁସାଲ, ଚୈତନ୍ୟ ନାଏକ, ସମ୍ପାଦକ ଟିକେରାମ ସାହୁ, ସହସମ୍ପାଦକ ମଙ୍ଗନିଆ ଦୁର୍ଗା, ଯୁଗ୍ମ ସମ୍ପାଦକ ଟିପିଗୁଡା ସରପଞ୍ଚ ତଥା ଧର୍ମଗଡ଼ ବ୍ଲକ୍ ସରପଞ୍ଚ ସଂଘ ସଭାପତି ହାତୀରାମ ଦୁର୍ଗା, ସମିତି ସଭ୍ୟା ଲତିକା ବାଗ, ପୂର୍ବତନ ଟିପିଗୁଡା ସରପଞ୍ଚ ଗଜିନ୍ଦ୍ର ନାଏକ ପ୍ରମୁଖ ସାମିଲ ଥିଲେ।



# ଅଭିଶପ୍ତ ଜୀବନ ବିତାଉଛନ୍ତି ସୀମାନ୍ତ ଗ୍ରାମବାସୀ

**ସମାଧାନ ହେଉନି ମୌଳିକ ସମସ୍ୟା**

**ନୂଆପଡ଼ା, ୩।୨(ମକାରୁ ବେମାଲ)**



ଲୋକେ ଆମଝରନ ନାଳ ପାରିହୋଇ ଯାଉଛନ୍ତି।

ନୂଆପଡ଼ା ସଦର ବ୍ଲକ୍ ବୂଲାଭାଟ ପଞ୍ଚାୟତ ତଥା ଛତିଶଗଡ଼ ସୀମାନ୍ତ ଗ୍ରାମବାସୀ ଅଭିଶପ୍ତ ଜୀବନ ବିତାଉଛନ୍ତି। ଗାଁକୁ ଭଲ ରାସ୍ତା ନ ଥିବାବେଳେ ପିଲାମାନଙ୍କ ଶିକ୍ଷା ପାଇଁ ଅଙ୍ଗନୱାଡି କେନ୍ଦ୍ର କିମ୍ବା ବିଦ୍ୟାଳୟ ନାହିଁ। ବିଜୁଳି ଆଲୁଅ, ବିଶୁଦ୍ଧ ପାନୀୟ ଜଳ ଓ ସରକାରୀ ଯୋଜନା ସାତସପନ ହୋଇଛି। ବୂଲାଭାଟ ପଞ୍ଚାୟତ ପଣ୍ଡରିପାଣି ଗାଁର ପାଖାପାଖି ୧୧ଟିପଡ଼ା ରହିଛି। ସେହି ପଡ଼ାକୁ ଯିବା ପାଇଁ ନାଳ ପାରିହେବାକୁ ପଡ଼େ। ଖରା ୬ମାସ ସୁବିଧାରେ ଲୋକେ ଯାତାୟାତ କରିଥାନ୍ତି। ବର୍ଷାଦିନ ହେଲେ ନାଳ ପାରି ହେବା ବହୁତ କଷ୍ଟ। ନାଳରେ ବ୍ରିଜ୍ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗୋନ୍ଦଲାବାହାରାରେ ୨୦ ପରିବାର ରହିଥିବା ବେଳେ ଭାଲୁପାଣିରେ ୧୫, ଖଳିଆପଡ଼ାରେ ୧୦, ବାଉଁଶ ଡୋଙ୍ଗରିରେ ୫, ଚନ୍ଦାପଡାରେ ୧୦, ପଖାନ ପଦରରେ ୧୦, ଦିଆପଡାରେ ୧୫ ପରିବାର ବସବାସ କରୁଥିଲେ ମଧ ଅଙ୍ଗନୱାଡି କେନ୍ଦ୍ର କି ବିଦ୍ୟାଳୟ ନାହିଁ। ଛତିଶଗଡ ସୀମାନ୍ତ ନୂଆପଡା ଜିଲାର ପଶ୍ଚିମକୁ ଶେଷ ଗାଁ ଗଙ୍ଗାଦିଗଡ଼ରେ ଏମାନଙ୍କ ଲାଗି ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ରହିଛି। ଏହି ଗାଁଠାରୁ ଗଙ୍ଗାଦିଗଡ ୫ କି.ମି. ଦୂର ହେବ। ଜଙ୍ଗଲିଆ ରାସ୍ତା ଓ ପାହାଡ ଥିବାରୁ ଶିଶୁ ବା ଅନ୍ୟ ଛାତ୍ରୀଛାତ୍ର ଯାଇ ନ ପାରି ପ୍ରାକ୍ ଶିକ୍ଷା ସହ ପୁଷ୍ଟିକର ଖାଦ୍ୟ ଓ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଦର୍ଲିପଡ଼ାରେ କେବଳ ଅଙ୍ଗନୱାଡି କେନ୍ଦ୍ର ଓ ଗୋନ୍ଦଲାବାହାରା, ସନ୍ତୋଷପଡା, ଛୋଟଲାଙ୍ଗିମାର, ପଣ୍ଡରିପାଣି ଗାଁରେ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ରହିଛି। ହେଲେ ନାଳ ବାଧକ ସାଜିଛି। ଉପାନ୍ତ ଅଞ୍ଚଳ ହୋଇଥିବାରୁ କୌଣସି ଜନ ପ୍ରତିନିଧି କିମ୍ବା ପ୍ରଶାସନର ନଜର ନ ଥିବା ଲୋକେ ପ୍ରକାଶ କରିଛନ୍ତ। ଅଧିକାଂଶ ଗାଁକୁ ଜଳ ଯୋଗାଣ ନ ହେବାରୁ ନାଳ ପାଣି ବ୍ୟବହାର କରୁଛନ୍ତି। କିଛି ଗାଁକୁ କାଁ ଭାଁ ବିଦ୍ୟୁତ୍ ସଂଯୋଗ ହୋଇଛି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଅଞ୍ଚଳବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ମଧୁସୂଦନ ଦାସଙ୍କୁ ପଚାରିବାରୁ କିଛିଦିନ ହେବ ଅଧିକାରୀମାନଙ୍କ ସହ ବୂଲାଭାଟ ପଞ୍ଚାୟତ ପରିଦର୍ଶନରେ ଯାଇଥିଲୁ। ଅଞ୍ଚଳର ସମସ୍ୟା ଉପରେ ଅବଗତ ହୋଇଛି। ଶୀଘ୍ର ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି କହିଥିଲେ।

**କୁଲୁଣ୍ଡା ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

**ସରଣ୍ଡା (ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଅଧୀନ କୁଲୁଣ୍ଡା ସ୍ୱାମୀ ବିବେକାନନ୍ଦ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କୁଲୁଣ୍ଡା ସରପଞ୍ଚ ହେମାନନ୍ଦ ସେଠ, ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଶୈଳ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଦାନନ୍ଦ ପୂଜାରୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମିଲର୍ସ ମାନୁନାହାନ୍ତି ପ୍ରଦୂଷଣ ନିୟମ

**ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)**


OFFICE OF THE REGIONAL OFFICE, SAMBALPUR
STATE POLLUTION CONTROL BOARD, ODISHA

■ ମାସକରେ ୫ମିଲର୍ସଙ୍କୁ କାରଣ ଦର୍ଶାଅ ନୋଟିସ୍

■ ନୋଟିସ୍‌ରେ ସୀମିତ ରହି ଯାଉଛି କାର୍ଯ୍ୟାନୁଷ୍ଠାନ

■ ପ୍ରଦୂଷଣ ବୋର୍ଡ଼ର ଭୂମିକାକୁ ନେଇ କଳ୍ପନାଜଳ୍ପନା

ବରଗଡ଼ ଜିଲାରେ ଶତାଧିକ ରାଇସ ମିଲ୍ ଗଢ଼ି ଉଠିଛି। କିନ୍ତୁ କିଛି ରାଇସ୍ ମିଲ୍ ମାଲିକ(ମିଲର୍ସ) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ କାନୁନଙ୍କୁ ଖାତିର କରୁ ନାହାନ୍ତି। କେତେକ ସ୍ଥାନରେ ମିଲ୍‌ରେ ସ୍ଥାପିତ ଧୂଆଁ ନିଷ୍କାସନ ଫେଲ୍ ମାରିଥିବାବେଳେ ମିଲ୍‌ରୁ ନିର୍ଗତ ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ଠିକ୍‌ଭାବେ ହେଉ ନାହିଁ। ଏହାକୁ ନେଇ ରାଜ୍ୟ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ମାସକ ମଧ୍ୟରେ ଜିଲାର ୫ରାଇସ୍ ମିଲ୍‌ର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ନିର୍ଦ୍ଧାରିତ ଅବଧି ମଧ୍ୟରେ ସ୍ପଷ୍ଟୀକରଣ ନ ଦେଲେ ସମ୍ପୃକ୍ତ ରାଇସ୍ ମିଲ୍ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି।

ବରଗଡ଼ ଜିଲା ଝାଙ୍କରପାଲିସ୍ଥିତ ଲାଠ୍ ଇଣ୍ଡଷ୍ଟ୍ରିଜ୍‌କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପରିଷଦ ପକ୍ଷରୁ ଦିଆଯାଇଥିବା ନୋଟିସ୍ ନଂ-୩୩୬ ତା ୩୧।୧।୨୦୨୫ରିଖରେ ଉଲ୍ଲେଖ ରହିଛି, ଉକ୍ତ ରାଇସ୍ ମିଲ ଚଲାଇବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦେଇଥିବା ଅନୁମତି ଅବଧି ଆସନ୍ତା ମାର୍ଚ୍ଚ ମାସ ୩୧ତାରିଖ ସୁଦ୍ଧା ରହିଛି। ମାତ୍ର ଅନୁମତି ଦେବା ସମୟରେ ଯେଉଁ ସର୍ତ୍ତ ରଖାଯାଇଥିଲା, ସେଥିରୁ କିଛି ଏଠାରେ ଖିଲାପ୍ କରାଯାଇଛି ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ଗତବର୍ଷ ଡିସେମ୍ବର ମାସ ୧୧ତାରିଖ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଏକ ପ୍ରତିନିଧି ଦଳ ଉକ୍ତ ରାଇସ୍ ମିଲକୁ ପରିଦର୍ଶନରେ ଯାଇଥିବାବେଳେ ସେଠାରେ ଧୂଆଁ ନିଷ୍କାସନ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ନଥିବା ଅନୁଧ୍ୟାନ କରିଥିଲେ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି। ମିଲ୍‌ରୁ ନିର୍ଗତ ପାଉଁଶ ଗୁଣ୍ଡ(ଆଶ୍) ମିଲ୍ ବାହାର ଖୋଲାଜମିରେ ପକାଯାଇଥିବା ଏବଂ ତାହା ନ ଉଡ଼ିବା ପାଇଁ ପାଣି ମଧ୍ୟ ସିଞ୍ଚନ କରାଯାଇ ନଥିବା ଦେଖିବାକୁ ମିଳିଥିଲା ବୋଲି ନୋଟିସରେ ଉଲ୍ଲେଖ ରହିଛି। ସେହିପରି ନିର୍ଗତ ବର୍ଜ୍ୟବସ୍ତୁକୁ ମିଲ୍ ବାହାରକୁ ବିନା ପରିଚାଳନାରେ ଛଡ଼ା ଯାଉଥିବା ଦେଖିବାକୁ ମିଳିଥିଲା ବୋଲି ଏହି ନୋଟିସ୍‌ରେ ଦର୍ଶାଯାଇଛି। ଫଳରେ ଏ ନେଇ ନୋଟିସ୍ ହେବାର ୧୫ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୧ଦିନ ମଧ୍ୟରେ କୌଣସି ସ୍ପଷ୍ଟୀକରଣ ନ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍‌ରେ ସ୍ପଷ୍ଟ କରି ଦିଆଯାଇଛି।

ଅନୁରୂପଭାବେ ଅତାବିରା ବ୍ଲକ ଅନ୍ତର୍ଗତ ଭୁର୍ଷିପାଲିସ୍ଥିତ ଘଣ୍ଟେଶ୍ୱରୀ ରାଇସ୍ ମିଲକୁ ରାଜ୍ୟ ନିୟନ୍ତ୍ରଣ ବୋର୍ଡ଼, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟର ପତ୍ରସଂଖ୍ୟା ୪୧, ଗତ ମାସ ୨ ତରିଖରେ ନୋଟିସ୍ ଜାରି କରାଯାଇଥିଲା। ସେହିପରି ବରଗଡ଼ ବ୍ଲକ ଧାଙ୍ଗେରସ୍ଥିତ ଶ୍ରୀକ୍ରୀଷ୍ଣା ଫୁଡ୍ସକୁ ପତ୍ରସଂଖ୍ୟା ୨୮୦ ତା ୨୭।୧।୨୦୨୫ରିଖ, ବରପାଲିସ୍ଥିତ ଶ୍ରୀ ମହାଲକ୍ଷ୍ମୀ ରାଇସ୍ ଇଣ୍ଡଷ୍ଟ୍ରିଜ୍‌କୁ ପତ୍ରସଂଖ୍ୟା ୩୮ ତା ୨।୧।୨୦୨୫ରିଖ ଏବଂ ବରଗଡ଼ ବ୍ଲକ ଧାଙ୍ଗେରସ୍ଥିତ ଶ୍ୟାମଜୀ ଫୁଡ୍ସକୁ ପତ୍ରସଂଖ୍ୟା ୨୭୭ ତା ୨୭।୧।୨୦୨୫ରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଇସ୍ ମିଲ୍ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ଏଭଳି କାରଣ ଦର୍ଶାଅ ନୋଟିସ୍ ଜାରି କରିବା ନୂଆ ନୁହେଁ। ପ୍ରତିବର୍ଷ ଏଭଳି ନୋଟିସ୍ ଜାରି କରାଯାଉଛି। ହେଲେ ପରବର୍ତ୍ତୀ ସମୟରେ ନିୟମ ଖିଲାପ୍‌କାରୀଙ୍କ ବିରୋଧରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାନୁଷ୍ଠାନ ନେବା ପରିଲକ୍ଷିତ ହେଉ ନାହିଁ। କାର୍ଯ୍ୟାନୁଷ୍ଠାନ କେବଳ କାରଣ ଦର୍ଶାଅ ନୋଟିସ୍‌ରେ ସୀମିତ ରହି ଯାଉଥିବା ଯୋଗୁ ଏଥିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୂମିକାକୁ ନେଇ ମଧ୍ୟ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି।

((ଫଟୋ-ବିଜି୦୩୦୨ବି- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନୋଟିସ୍‌ର ଏକ ନକଲ।

## ସଂକ୍ଷେପରେ

### ସରସ୍ୱତୀ ପୂଜାରେ ୨୫ ୟୁନିଟ ରକ୍ତ ସଂଗ୍ରହ

**ସରଣ୍ଡା,୩।୨(ଯୁଧିଷ୍ଠିର ମହାପାତ୍ର):** ସରସ୍ୱତୀ ପୂଜା ଅବସରରେ ଅତାବିରା ବ୍ଲକ ଅଧୀନ ବରାହମୁଣ୍ଡା ଗ୍ରାମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅମୃତକୁମ୍ଭ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ରାମନିବାସ ଅଗ୍ରୱାଲ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅମୃତକୁମ୍ଭର ସଭାପତି ଆନନ୍ଦ ଚନ୍ଦ୍ର ସୁନା, ଭବାନୀଶଙ୍କର ପାଢ଼ୀ ଓ ଭୀମ ଦୁବ ସାଗର ଓ ଗ୍ରାମର ଅର୍ପଣ ପଧାନ, ଅମନ ପଧାନ, ରିଜୁ ପଧାନ, ବଷ୍ଟି ସାହୁ, ଅରମାନ ପଧାନ, ପିଙ୍କୁ ପଧାନ, ତରଣୀସେନ ଦଳାଇ, ଗୋପାଳ ପଧାନ, ଅନିଲ ପଧାନ, ଅଭିଲାଷ ଭୋଇ, ଅମିୟ ପଧାନ, ଘନଶ୍ୟାମ ଭୋଇ, ମହନ ମାଝି, ନିର୍ମଳ ପଧାନ, ସୁମିତ ପଧାନ, କ୍ଷୀରୋଦ ପଧାନ, ଭବାନୀ ସାହୁ, ବାଦଲ ଭୋଇ, ରାକେଶ ଭୋଇ, ଟଙ୍କଧର ପଧାନ, ଜେନିଥ ପଧାନ, ସୁଦାମ ପଧାନ, ଅଜିତ ପଧାନ, ଧୀରୋଜ ପଧାନ, ସୌମ୍ୟରଞ୍ଜନ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

### ଚଣ୍ଡୀପାଲି ଜମଲା ରାସ୍ତା ମରଣ ଯନ୍ତା, ମରାମତି ଦାବି



**ପଦ୍ମପୁର, ୩।୨(ପ୍ରଦୀପ୍ତଦାଶ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଚଣ୍ଡୀପାଲି ଛକରୁ ଜମଲା ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇ ମରଣଯନ୍ତା ସାଜିଛି । ପ୍ରତିଦିନ କଲେଜ ଛାତ୍ରୀଛାତ୍ର ଏହି ରାସ୍ତାରେ ପାଠ ପଢ଼ିବାକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଜଣାଯାଇଥିଲେ ମଧ୍ୟ ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶୀଘ୍ର ଏହି ସମସ୍ୟାର ସମାଧାନ କରିବାକ ପାଇଁ ଦାବି ହେଉଛି।

# ଘରେ ପାନୀୟ ଜଳ ଯୋଗାଣ ନ ହେଲେ ଆନ୍ଦୋଳନ


ଅଭିଯୋଗ ଶୁଣାଣି ଶିବରରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ।

**ପାଇକମାଳ ୩।୨(ବଡ଼ ଶତପଥି)**

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ବରଗଡ଼ ପାଇକମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଅତିରିକ୍ତ ଜିଲାପାଳ କୃଣାଲ ମୋତିରାମ ଚୌହାନ, ପଦ୍ମପୁର ଉପଜିଲାପାଳ କୁମାରୀ ଅରୁଗୁଲା ସ୍ନେହା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମୃତପାଲ କୌର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୩୬ଟି ଅଭିଯୋଗ ମଧ୍ୟରୁ ୧୮ଟି ବ୍ୟକ୍ତିଗତ, ୧୮ ଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ଶୀଘ୍ର ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଜର୍ଜଗଡ଼ ଗ୍ରାମର ଅନେକ ମହିଳା ଓ ଯୁବକମାନେ ଗ୍ରାମରେ ପ୍ରାୟ ତିନି ବର୍ଷ ହେଲା ପିଇବା ପାଣି ଯୋଗାଣ ହୋଇପାରୁ ନଥିବାରୁ ଜିଲାପାଳଙ୍କୁ ଅଭିଯୋଗ କରି ୧୦ ଦିନ ମଧ୍ୟରେ ପାଣି ଯୋଗାଣ ନହେଲେ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଥିଲେ। ନୃସିଂହ ନାଥ ରାସ୍ତା କେତେକ ହୋଟେଲରେ ମଦ ବିକ୍ରୟ ହେଉଥିବା ଓ ଅବକାରୀ କାର୍ଯ୍ୟାଳୟ ଏହି ରାସ୍ତାରେ ଥାଇ କିପରି ଦେଖିପାରୁ ନାହିଁ ବୋଲି ଅଭିଯୋଗ ହୋଇଥିଲା।

# ଏସ୍‌ଏଚ୍‌ଜି ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ପାଇକମାଳ,୩।୨(ବଡ଼ ଶତପଥି)**




ବରଗଡ଼ ଜିଲା, ପାଇକମାଳ ବ୍ଲକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ପକ୍ଷରୁ ସୋମବାର ବିଡିଓଙ୍କ ଜରିଆରେ ୫ଦଫା ଦାବିପତ୍ର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପ୍ରଦାନ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଏକ ବିରାଟ ଶୋଭାଯାତ୍ରା ନୃସିଂହନାଥ ଧର୍ମଶାଳାରୁ ବାହାରି ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ସେଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାରୁ ଏକ ଦାବିପତ୍ର ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଥିଲେ। ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଜିପିଏଲ୍‌ଏଫ୍‌ଇସି ସ୍ତରରେ ରିଷ୍ଟ୍ରକ୍ଚରିଂ ପାଇଁ ନିର୍ଦ୍ଦେଶାନାମା ଓ ନୂଆଗାଇଡ ଲାଇନକୁ ପ୍ରତ୍ୟାହାର କରିବା, ମିଶନ ଶକ୍ତି ଅଧୀନ ଓଡ଼ିଶା ଜୀବିକା ମିଶନର ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ (ଜିପିଏଲ୍‌ଏଫ୍)ରେ ଇସି ଭାବେ କାର୍ଯ୍ୟରତ ମହିଳା ଇସି ସଦସ୍ୟାଙ୍କ କାର୍ଯ୍ୟାକାଳର ସମୟସୀମା ବୃଦ୍ଧି କରାଯିବା, ମିଶନ ଶକ୍ତି ବିଭାଗର ସ୍କୁଟି ଋଣ ଯୋଜନାର ସର୍ତ୍ତାବଳୀ ଅନୁଯାୟୀ ୪୮ଟି କିସ୍ତି ମଧ୍ୟରୁ ୧୨ଟି କିସ୍ତି ଦେୟ ହୋଇଥିବା ବେଳେ ବାକି କିସ୍ତି ଗୁଡ଼ିକ ସମ୍ପର୍କରେ ସରକାର ବିଚାର କରିବା, ମିଶନ ଶକ୍ତି ଅଧିନସ୍ଥ ଓଡ଼ିଶା ଜୀବିକା ମିଶନର କାର୍ଯ୍ୟରତ ଏହି ମହିଳା ଇସି କର୍ମୀଙ୍କୁ ସାମାଜିକ ନିରାପତ୍ତା ଓ କାର୍ଯ୍ୟକାଳ ସମୟରେ ଦୁର୍ଘଟଣା ଜନିତ ବିମା ଯୋଜନା ପ୍ରଦାନ କରାଯିବା ସହ ବକେୟା ଦରମା ପ୍ରଦାନ କରାଯିବା ଆଦି ୫ଦଫା ଦାବି ନେଇ ଉପମୁଖ୍ୟମନ୍ତ୍ରୀଙ୍କୁ ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ଜରିଆରେ ପ୍ରଦାନ କରିଥିଲେ। ହଜାର ହଜାର ସଂଖ୍ୟାରେ ମହିଳାମାନେ ଏକତ୍ରିତ ହୋଇ ସେମାନଙ୍କ ଦାବି ପୂରଣ ପାଇଁ ବିରାଟ ରାଲିରେ ଆସି ଦାବିପତ୍ର ଦେବା ସହ ଚେତାବନୀ ଦେଇଛନ୍ତି।

## ଗ୍ରୀଷ୍ମ ଆସି ନାହିଁ ଅଙ୍ଗ ନଦୀ ଶୁଷ୍କ, ପଦ୍ମପୁର ସହରକୁ ଜଳ ଯୋଗାଣ ଠପ

**ପଦ୍ମପୁର,୩।୨(ପ୍ରଦୀପ୍ତ ଦାଶ)**

ଗ୍ରୀଷ୍ମ ଆସି ନାହିଁ। ପଦ୍ମପୁର ସହର ନିକଟସ୍ଥ ଅଙ୍ଗ ନଦୀ ଏବେ ଶୁଖିଲା ପଡିଛି। ନଦୀରେ ପାଣି ନଥିବାରୁ ବରଗଡ଼ ଜିଲା ପଦ୍ମପୁର ସହରକୁ ଜଳଯୋଗାଣ ଠପ ହୋଇଯାଇଛି। ଜାନୁଆରୀ ଶେଷ ସପ୍ତାହରୁ ଜଳ ସମସ୍ୟା ଗୁରୁତର ହେଲାଣି। ପ୍ରତ୍ୟେକ ଦିନ ପଦ୍ମପୁର ସହରକୁ ଜଳଯୋଗାଣ ହେଉଥିବା ଅଙ୍ଗ ନଦୀରେ ପାଣି ଧାର ଶୁଖି ଗଲାଣି ଫଳରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଗଲାଣି। ଆଗକୁ ଅବସ୍ଥା ଆହୁରି ଗୁରୁତର ହେବ ସହରବାସୀ ନାହିଁ ନ ଥିବା କଷ୍ଟ ଭୋଗିବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ ତରଫରୁ ଯଦି ପିଇବା ପାଣି ର ତୁରନ୍ତ ସମାଧାନ କରାନଯାଏ ତା' ହେଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଶିକ୍ଷୟିତ୍ରୀଶିକ୍ଷକଙ୍କ ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ


ଅତାବିରା ବ୍ଲକସ୍ତରୀୟ ନିପୁଣ ଓ ମେଳାରେ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଅତିଥି।

**ସରଣ୍ଡା, ୩।୨(ଯୁଧିଷ୍ଠିର ମହାପାତ୍ର)**

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ଅତାବିରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅତାବିରାଠାରେ ବ୍ଲକ ସ୍ତରୀୟ ନିପୁଣ ଓଡ଼ିଶା ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ ଅତିଥି, ଛାତ୍ରୀଛାତ୍ର, ଅଭିଭାବିକା ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ସଚେତନତା ରାଲି ବିଦ୍ୟାଳୟରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନୀତ ଅତିଥି ରୂପେ ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ବନମାଳୀ ବରିହା, ପ୍ରାକ୍ତନ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ, ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ, କାଉନ୍ସେଲର ଦୀପକ ରାୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାସ,ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା,ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା,ଅତାବିରା ସିଆରସିସି. ନୃପ ଭୋଇ ମଞ୍ଚାସୀନ ଥିଲେ। ସି.ଆର.ସି.ସି କେଶବ ଛନ୍ଦ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ, ଆଦର୍ଶ ବହୁ ଶ୍ରେଣୀ ପରିଚାଳନା, ଭୂମିକା ନିର୍ବାହ ଆଦି ପ୍ରଦର୍ଶନ ହୋଇଥିଲା। ଅଭିଭାବିକା ଅଭିଭାବକମାନଙ୍କୁ ସଚେତନ ପାଇଁ ନିପୁଣ ଓଡ଼ିଶାର ତଥ୍ୟ ଫର୍ଦ୍ଦ ମାନ ବଣ୍ଟନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସରଣ୍ଡା, ୩।୨(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଅନ୍ତର୍ଗତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଝିଲିମିଣ୍ଡାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶିଶିର କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଭୀମସାର୍ ବୁର୍ଲାର ୟୁରୋଲୋଜି ମୁଖ୍ୟ ପ୍ରଫେସର ଡ. ସଞ୍ଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଝିଲିମିଣ୍ଡା ସରପଞ୍ଚ ପୂଜା କୁମ୍ଭାର, ସମିତି ସଭ୍ୟା ମଞ୍ଜୁଲତା ବଢ଼େଇ, ପୂର୍ବତନ ସରପଞ୍ଚ ମକରଧ୍ୱଜ ଭୋଇ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବିଭାଗରେ ପାରଦର୍ଶିତା ପାଇଁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବାର୍ଷିକ ଖେଳରେ ବାଳକ ବିଭାଗରେ ରୋଶନ ସାହୁ ଏବଂ ବାଳିକା ବିଭାଗରେ ଅଲିଭା ପଧାନ ଚାମ୍ପିୟନ ହୋଇଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ଟ୍ରଫିମାନ ଦିଆଯାଇଥିଲା। ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସରେ ଜାତୀୟ ସ୍ତରରେ ଭୋପାଳ ଯାଇ ନିଜର ପ୍ରକଳ୍ପ ପ୍ରଦର୍ଶନ କରି ବିଦ୍ୟାଳୟର ସୁନାମ ଆଣିଥିବାରୁ ଜିଜ୍ଞାସା ବେହେରା ଓ ସୋମେଶ କୁମାର ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଧର୍ମରାଜ ପ୍ରଧାନ ସଭା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।


କଳସଯାତ୍ରାରେ ସସ୍ତ୍ରୀକ କର୍ତ୍ତାଗଣ।

# ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା

**ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)**

## ଜୀରାନଦୀରୁ ଜଳପୂର୍ଣ୍ଣ କଳସ ନେଲେ ଶତାଧିକ ମହିଳା

ବରଗଡ଼ ବ୍ଲକ ଅନ୍ତର୍ଗତ ଡାଙ୍ଗ(ପ୍ରଧାନଚିକ୍ରା)ରେ ସୋମବାରରୁ ଭୁର୍ଷୁଣ୍ଡପାଟ୍ ମନ୍ଦିର, ହନୁମାନ ମନ୍ଦିର ଏବଂ ଶିବଲିଙ୍ଗ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ଜୀରାନଦୀରୁ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ନବନିର୍ମିତ ମନ୍ଦିର ନିକଟସ୍ଥ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସମେତ ପଣ୍ଡିତ ହେମଚନ୍ଦ୍ର ପଣ୍ଡା, ରଘୁନନ୍ଦନ ବିର୍ଡିଆ, ସୁରେନ୍ଦ୍ର ମିଶ୍ର, ସଂସାର ପଣ୍ଡା, ଚନ୍ଦନ ପଣ୍ଡା, ଈଶ୍ୱର ଦାଶ, ବିମଳ ପଣ୍ଡା, ସୁବୋଧ ମହାପାତ୍ର, ରିଙ୍କୁ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ମନୋଜ ସେଠ, ପଧାନ ପ୍ରଧାନ, ସୁବାସ ପ୍ରଧାନ, ସୁବଳ ପ୍ରଧାନ, ଦିପକ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ପ୍ରଭାତ ପ୍ରଧାନ, ଗୋପୀ ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରୁଛନ୍ତି। ଆସନ୍ତା ୭ତାରିଖ ଯାଏ ଏହି ମହୋତ୍ସବ ଚାଲିବ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଦିବସରେ ମଣ୍ଡପ ପୂଜା, ଯୁପାଧିବାସ, ବିଗ୍ରହମାନଙ୍କର ଧାନ୍ୟାଭିଷେକ, ଦେବତା ମହାସ୍ନାନ, ମନ୍ଦିର ଅଧିବାସ, ପ୍ରାଣ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରତିଦିନ ସନ୍ଧ୍ୟାରେ ଜଳନ୍ଧର ଦରବାର ସହିତ ପାରାୟଣ, ସଂକୀର୍ତ୍ତନ୍ୟ, କବି ସମ୍ମିଳନୀ ମହିଷାସୁର ଦରବାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ କମିଟିର ସଭାପତି ନାରାୟଣ ପ୍ରଧାନ, ଉପସଭାପତି ସୁବଳ ପ୍ରଧାନ, ସମ୍ପାଦକ ସୁବାସ ପ୍ରଧାନ, କୋଷାଧ୍ୟକ୍ଷ ପ୍ରତାପ ପ୍ରଧାନ ଏବଂ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଛନ୍ତି।

# ସଚେତନତା ମାରାଥନ ରାଲି ପାଇଁ ପ୍ରସ୍ତୁତି

**ସରଣ୍ଡା,୩।୨(ଯୁଧିଷ୍ଠିର ମହାପାତ୍ର)**

## ଆଜି ବିଶ୍ୱ କର୍କଟ ଦିବସ

ଆଜି (୪ତାରିଖ) ବିଶ୍ୱ କର୍କଟ ଦିବସ ପାଳନ କରାଯିବ। ଏହି ଅବସରରେ ମଙ୍ଗଳବାର ଅତାବିରାରେ ଏକ କର୍କଟ ସଚେତନତା ପଦଯାତ୍ରା ମାରାଥନ ରାଲିର ଆୟୋଜନ କରାଯିବ। ଏଥିପାଇଁ ସ୍ଥାନୀୟ ଅଗ୍ରସେନ ଭବନଠାରେ ସଂଯୋଜକ ଯୁଧିଷ୍ଠିର ମହାପାତ୍ରଙ୍କ ସଂଯୋଜନାରେ ରବି ପଣ୍ଡାଙ୍କ ସଭାପତିତ୍ୱରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି । ୪ତାରିଖ ସକାଳ ସାଢ଼େ ୭.ଟାରେ ଅଗ୍ରସେନ ଭବନରୁ ଏକ ଶୋଭାଯାତ୍ରା ବାହାରି ଦୂର୍ଗାମନ୍ଦିରରେ ସମାପ୍ତ ହେବ। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ସବୁଜ ପତାକା ଦେଖାଇ ଅତାବିରା ମହାବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଳିକା ଓ ଉଚ୍ଚ ବିଦ୍ୟାଳୟ, ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କ ସମେତ ଅତାବିରାର ବିଭିନ୍ନ ସାମାଜିକ ସଙ୍ଗଠନ ଶୋଭାଯାତ୍ରାରେ ଯୋଗଦେବେ। ପ୍ରସ୍ତୁତି ବୈଠକରେ ଅଶିନୀ ଦର୍ଜି,ଅତାବିରା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ପ୍ରଧାନ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଟିକେଲାଲ ଚାନ୍ଦ, ବେଣୁଧର ମିଶ୍ର, ଅରୁଣ ବାରିକ, ଡ଼ା.ପ୍ରକାଶ ମିଶ୍ର, ବୀରେନ୍ଦ୍ର କର, ସୁରେନ୍ଦ୍ର ସ୍ୱାଇଁ, ଯୁବରାଜ ପ୍ରଧାନ, ଉମେଶ ଅଗ୍ରୱାଲ, ଥାନା ଅଧିକାରୀ ସୁକୁମାର ତ୍ରିପାଠୀ, ଦୀପକ ଶର୍ମା, ସୁରେଶ ଦାଶ, ସୁରେନ୍ଦ୍ର କଠାର, ଖିରୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ।

# କଂସବଧ ସହ ପାରାୟଣ ମହୋତ୍ସବ ଶେଷ


ପାରାୟଣ ମହୋତ୍ସବରେ କଂସବଧ ଦୃଶ୍ୟାଭିନୟ।

**ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)**

## ପାରାୟଣ ମହୋତ୍ସବ ଉଦ୍‌ଯାପିତ

ବରଗଡ଼ ତଳିପଡ଼ାସ୍ଥିତ ଘୁଡ଼ାଦାନୀ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ପାରାୟଣ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମହୋତ୍ସବରେ ଗୋପଲୀଳା ପାରାୟଣ ହୋଇଥିଲା। ଏଥିରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମଙ୍କ ଦୃଶ୍ୟାଭିନୟ ଚିତ୍ତାକର୍ଷ ହୋଇଥିଲା। ଶ୍ରୀକୃଷ୍ଣଙ୍କ ସ୍ୱର୍ଶରେ କଂସବଧ ହୋଇଥିଲା। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ବରଗଡ଼ ଧନୁଯାତ୍ରା ମହୋତ୍ସବ ସରିବାର କିଛିଦିନ ପରେ ହୋଇଥିବା ଏହି ମହୋତ୍ସବରେ ଧନୁଯାତ୍ରା ଦେଖିବାକୁ ମିଳିଥିଲା। ଦେବକୀ-ବସୁଦେବଙ୍କ ବିବାହ, ଶ୍ରୀକୃଷ୍ଣ ଜନ୍ମଠାରୁ ଆରମ୍ଭ କରି କଂସବଧ ଯାଏ ଦୃଶ୍ୟାଭିନୟ ବରଗଡ଼ ଧନୁଯାତ୍ରାକୁ ପୁଣିଥରେ ମନେ ପକାଇ ଦେଇଥିଲା। ଗତମାସ ୩୧ତାରିଖରୁ ଏହି ମହୋତ୍ସବ ଆରମ୍ଭ ହୋଇ ୪ଦିନ ଧରି ଚାଲିଥିଲା। ବରପାଲିର ସୁରଜ ଦେବତା ପାରାୟଣ ଗାନ କରିଥିଲେ। ସବୁଦିନ ଏହି ମହୋତ୍ସବ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

# ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲକୁ ହରାଇଲା କ୍ରୀଷ୍ଣା ବିକାଶ ସ୍କୁଲ

**ବରଗଡ଼,୩।୨(ପ୍ରେମାନନ୍ଦ ଖମାରୀ)**




## ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଚାଲିଥିବା ଜିଲା ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ବରଗଡ଼ କ୍ରିଷ୍ଣା ବିକାଶ ସ୍କୁଲ ପ୍ରତିପକ୍ଷ ବରପାଲିର ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲକୁ ହରାଇ ଚାମ୍ପିୟନ ହୋଇଛି। ଲିଟିଲ୍ ଏଞ୍ଜେଲ ପବ୍ଲିକ ସ୍କୁଲ ଦଳ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଉକ୍ତ ଦଳ ୨୩.୧ ଓଭରରେ ମାତ୍ର ୭୧ରନ୍ ସଂଗ୍ରହ କରି ସମସ୍ତ ଉଇକେଟ୍ ହରାଇଥିଲା। ଦଳର ଆୟୁଷ ଅବସ୍ଥି ୧୪ରନ ସଂଗ୍ରହ କରିଥିବାବେଳେ ବାକି ଖେଳାଳିମାନେ ୨ଅଙ୍କକୁ ଛୁଇଁ ପାରି ନଥିଲେ। କ୍ରୀଷ୍ଣା ବିକାଶ ସ୍କୁଲର ପଙ୍କଜ ସାହୁ ୪ରନ୍ ବିନିମୟରେ ୩, ସାଇଶିସ୍ ମିଶ୍ର ୨୮ରନ ବିନିମୟରେ ୨, ଦେବାଶିଷ ପତି ୯ରନ୍ ବିନିମୟରେ ଗୋଟିଏ, ଅଭିଷେକ ସାହୁ ୧୭ରନ ବିନିମୟରେ ଗୋଟିଏ ଏବଂ ନିତ ପାତ୍ର କୌଣସି ରନ୍ ନ ଦେଇ ଗୋଟିଏ ଉଇକେଟ୍ ନେଇଥିଲେ।

ଜବାବ୍‌ରେ କ୍ରୀଷ୍ଣା ବିକାଶ ସ୍କୁଲ ୧୨.୨ ଓଭରରେ ୭ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ ସହିତ ଚାମ୍ପିୟନ ହୋଇଥିଲା। ବରପାଲି ଦଳର ସିଦ୍ଧାର୍ଥ ଖାଡ଼ାଙ୍ଗା ୨୩ରନ ବିନିମୟରେ ୨, ଅନ୍ୱେଷ ମେହେର ୮ରନ ବିନିମୟରେ ୨ ଏବଂ ପ୍ରିୟମ ପ୍ରଧାନ ୪୦ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ଅମିୟ ଭୂଷଣ ସାହୁ ଏବଂ ଭରତ ଚେତନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ମନୋଜ ପାତ୍ର, ଅଶୋକ ସାହୁ ସ୍କୋରର ଦାୟିତ୍ୱରେ ଥିଲେ।

ଜିଲା କ୍ରିକେଟ୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଯାପନୀ ସମାରୋହ ହୋଇଥିଲା। ସଭାପତି ହରିହର ପ୍ରଧାନ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ନନ୍ଦ, ବରିଷ୍ଠ ସଦସ୍ୟ ରଜତ ଦାଶ, ସୌର୍ଯ୍ୟରଞ୍ଜନ ରାୟ, କ୍ରୀଷ୍ଣା ବିକାଶ ସ୍କୁଲର କ୍ରୀଡ଼ା ବିଭାଗ ମୁଖ୍ୟ ପିତାମ୍ବର ପ୍ରଧାନ, କ୍ରିକେଟ କୋଚ୍ ଅଶୋକ ସିଂ, ରୂପକ ପ୍ରଧାନ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ରୀଷ୍ଣା ବିକାଶ ସ୍କୁଲକୁ ଚାମ୍ପିୟନ ଏବଂ ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି କ୍ରୀଷ୍ଣା ବିକାଶ ସ୍କୁଲର ପଙ୍କଜ ସାହୁଙ୍କୁ ଫାଇନାଲ ଏବଂ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର ପ୍ରିୟମ ପ୍ରଧାନଙ୍କୁ ଶ୍ରେଷ୍ଠ ବୋଲର୍ ଏବଂ କ୍ରୀଷ୍ଣା ବିକାଶ ସ୍କୁଲର ସ୍ୱରିତ୍ ଦାଶଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ତଥା ଶ୍ରେଷ୍ଠ ପ୍ରତିଭାବାନ ଖେଳାଳିଭାବେ ପୁରସ୍କୃତ କରାଯାଇଥିଲା।

## ୨ ଗୋଷ୍ଠୀ ମାଡପିଟ୍ ମାମଲା: ୪ ଗିରଫ

ରାଉରକେଲା, ୩।୨ (ସଙ୍ଗୀତା ଜେନା)

ଟାଙ୍ଗରପାଲି ଥାନା ଅନ୍ତର୍ଗତ ବ୍ରିଟାନିଆ କଲୋନି ଅଞ୍ଚଳରେ ଗତ ୧ ତାରିଖ ରାତିରେ ମଦ୍ୟପାନକୁ ନେଇ ୨ଗୋଷ୍ଠୀ ମଧ୍ୟରେ ସଙ୍ଗଠିତ ମାଡପିଟ୍ ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୁର୍ଯ୍ୟୋଧନ ମଲ୍ଲ, ଗୌରବ ବିଶ୍ୱାଳ, ସୌରଭ ବିଶ୍ୱାଳ ଓ ଅନ୍ୟ ଗୋଷ୍ଠୀର ସଚିନ ସାହୁ। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର ଅପରାହ୍ନ ୫ଟାରେ କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ବ୍ୟତୀତ ଅନ୍ୟ ଜଣେ ଅଭିଯୁକ୍ତ ଚିକିତ୍ସାଧୀନ ଥିବାରୁ ପରେ ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଘଟଣାଦିନ କିଛି ଅସାମାଜିକ ତତ୍ତ୍ୱ ମଦ୍ୟପାନକୁ କେନ୍ଦ୍ର କରି ଗଣ୍ଡଗୋଳ କରିଥିଲେ। ବିଅର ବୋତଲ, ଖଣ୍ଡା ଆଦିରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାଡପିଟ୍ ହୋଇଥିଲା। ପରେ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଥିଲା।

# ସୁବିଧାରୁ ବଞ୍ଚିତ ଶିଶୁ ଶ୍ରମିକ

ରାଉରକେଲା, ୩।୨ (ସଙ୍ଗୀତା ଜେନା)

**୩ବର୍ଷ ହେଲା ଏନ୍‌ସିଏଲ୍‌ପି ବନ୍ଦ**

ବିଭିନ୍ନ ହୋଟେଲ, ବିପଜ୍ଜନକ ସ୍ଥାନ, ଦୋକାନ ବଜାର ଆଦିରେ କାମ କରୁଥିବା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସେମାନଙ୍କ ଶିକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ପକ୍ଷରୁ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ (ଏନ୍‌ସିଏଲ୍‌ପି) ଆରମ୍ଭ କରାଯାଇଥିଲା। ଏହି ପ୍ରକଳ୍ପ ଅଧୀନରେ ୯ରୁ ୧୨ ବର୍ଷ ବୟସର ଶିଶୁମାନଙ୍କୁ ଶିକ୍ଷିତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଏହି ପ୍ରକଳ୍ପ ରାଉରକେଲା ସମେତ ଓଡ଼ିଶାରେ ୨୦୦୭ରେ ଆରମ୍ଭ ହୋଇଥିଲା। ୨୦୨୨ରେ ସର୍ବଶିକ୍ଷା ଅଭିଯାନରେ ଏହି ପ୍ରକଳ୍ପକୁ ସାମିଲ କରାଯିବା ପରେ ଏନ୍‌ସିଏଲ୍‌ପି ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଗଲା। ଫଳରେ ଏଥିରେ ଉପକୃତ ହେଉଥିବା ଶିଶୁମାନେ ସୁବିଧାରୁ ବଞ୍ଚିତ ହେଲେ ଏବଂ ସେମାନେ ପୂର୍ବଭଳି ଶିଶୁ ଶ୍ରମିକ ଭାବେ କାମ କରୁଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୦୭ରେ ରାଉରକେଲା ସହରର ବନ୍ଧମୁଣ୍ଡା, ଗୋପବନ୍ଧୁପାଲୀ, ମାଲଗୋଦାମ, ଶୀତଳପଡ଼ା, ସେକ୍ଟର-୬, ପାନପୋଷ ବସ୍ତି, ଦକ୍ଷିଣ ରାଉରକେଲାର ଫର୍ଟିଲାଇଜର, ଲାଲଟାଙ୍କି, ବନ୍ଧବସା, ମୁଣ୍ଡାଟୋଲା ସମେତ ୧୭ଟି ସ୍ଥାନରେ ଏନ୍‌ସିଏଲ୍‌ପି ସ୍କୁଲ ଚାଲିଥିଲା। ଏହାକୁ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପରିଚାଳନା କରୁଥିଲେ। ପ୍ରତ୍ୟେକ କେନ୍ଦ୍ରରେ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକ ଶିକ୍ଷା ଗ୍ରହଣ କରୁଥିଲେ। ସେମାନଙ୍କୁ ଶିକ୍ଷାଦାନ ପାଇଁ ୨ ଜଣ ଏଜୁକେଶନ ଭଲୁଣ୍ଟିୟର ନିୟୋଜିତ କରାଯାଇଥିଲା। ଏହି ପ୍ରକଳ୍ପ ପ୍ରତ୍ୟେକ ୨-୩ ବର୍ଷ ଚାଲିବା ପରେ ବନ୍ଦ ହେଉଥିଲା। ପୁନଃ ସର୍ଭେ କରି ଏହାକୁ ପୁଣି ଚାଲୁ କରାଯାଉଥିଲା। ୨୦୦୭ରେ ୩୦ଟି ଏବଂ ୨୦୧୪ରେ ୨୨ଟି କେନ୍ଦ୍ରରେ ଶିକ୍ଷାଦାନ ହେଉଥିଲା। ଶେଷରେ ଏହାକୁ ୨୦୨୨ରେ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଗଲା। ଶ୍ରମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୨ରେ ୮ଜଣ, ୨୦୨୩ରେ ୪ଜଣ ଏବଂ ୨୦୨୪ରେ ୧୦ଜଣ ୧୪ବର୍ଷରୁ କମ୍ ଏବଂ ୧୮ବର୍ଷରୁ କମ୍ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ତେବେ ଏହି ଶିଶୁ ଶ୍ରମିକମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ହେଲା କି ନାହିଁ ସେ ନେଇ ବିଭାଗ ପାଖରେ କୌଣସି ଖବର ନାହିଁ। ଏ ନେଇ ସାମାଜିକ କର୍ମୀ ଅରୁଣ ପରିଡ଼ା କୁହନ୍ତି, ସମାଜରେ ଶିଶୁ ଶ୍ରମିକମୁକ୍ତ କରିବା ପାଇଁ ଏହି ପ୍ରକଳ୍ପ କରାଯାଇଥିଲା। ଆନୁସଙ୍ଗିକ ଶିକ୍ଷା ପରେ ସେମାନଙ୍କୁ ସ୍କୁଲରେ ପୁନଃ ପ୍ରବେଶ ସୁଯୋଗ ମିଳୁଥିଲା। ଏହାକୁ ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯିବା ପରେ ଶିଶୁ ଶ୍ରମିକ ମୁକ୍ତ ଦର୍ଶାଇ ଏହି ପ୍ରକଳ୍ପକୁ ବନ୍ଦ କରିଦିଆଗଲା। କିନ୍ତୁ ଶିଶୁ ଶ୍ରମିକ ଏବେ ମଧ୍ୟ ରହିଛନ୍ତି। ଏହି ପ୍ରକଳ୍ପ ପାଇଁ ଜିଲା ଖଣିଜ ପାଣ୍ଠିରୁ ସହଯୋଗ ପ୍ରସ୍ତାବ ଲୋଡାଯାଇଥିଲା। ହେଲେ ପ୍ରକଳ୍ପ ବନ୍ଦ ରହିଛି ବୋଲି ପରିଡ଼ା କହିଥିଲେ।

ସାମାଜିକ କର୍ମୀ ରାମଚନ୍ଦ୍ର ବେହେରା କହିଛନ୍ତି, ଉକ୍ତ ପ୍ରକଳ୍ପର ମଡେଲ ପରିବର୍ତ୍ତନ କରି ଆଉଥରେ ଅଣାଯାଉ। ବ୍ରିଜ୍‌କୋର୍ସରେ ନୂତନ ପାଠ୍ୟଖସଡ଼ା ପ୍ରସ୍ତୁତ କରାଯାଉ। ସେଥିପାଇଁ ବିଶେଷଜ୍ଞମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଡିଜାଇନ୍ କରାଯାଉ। ନିଶାଗ୍ରସ୍ତ, ବାଳ ଅପରାଧ ଓ ଡ୍ରପ୍ ଆଉଟ୍ ପିଲାମାନେ ଏଥିରୁ ଲାଭବାନ୍ ହେବେ ବୋଲି ବେହେରା କହିଥିଲେ। ଏ ସମ୍ପର୍କରେ ଶିଶୁ କଲ୍ୟାଣ ଅଧିକାରୀ ଗୋପାଳ ଚନ୍ଦ୍ର ମଙ୍ଗରାଜଙ୍କୁ ପଚରାଯିବାରୁ ସେ କହିଲେ, ଏନ୍‌ସିଏଲ୍‌ପି ଏକ ସ୍ୱତନ୍ତ୍ର ପ୍ରକଳ୍ପ ଅଟେ। ଏହା ସମ୍ପ୍ରତି ବନ୍ଦ ରହିଛି। ସର୍ବଶିକ୍ଷା ଅଭିଯାନରେ ଏହାକୁ ସଂଯୋଗ କରାଯାଇଛି। କେନ୍ଦ୍ର ସରକାରଙ୍କ ପରିଚାଳିତ ଏହି ପ୍ରକଳ୍ପ ପୁନଃ ଚାଲୁ ପାଇଁ ନିର୍ଦ୍ଦେଶ ଆସିଲେ କାର୍ଯ୍ୟ ଚାଲିବ ବୋଲି ମଙ୍ଗରାଜ କହିଥିଲେ।

## ସୁଶୀଳାବତୀ ମହିଳା କଲେଜରେ ଖାଦ୍ୟ ପ୍ରଦର୍ଶନୀ



ଛାତ୍ରୀମାନେ ଅତିଥିମାନଙ୍କୁ ଖାଦ୍ୟ ବିଷୟରେ ସୂଚନା ଦେଉଛନ୍ତି।

ରାଉରକେଲା, ୩।୨ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟାରେ ଖାଦ୍ୟ ପ୍ରଦର୍ଶନୀ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ରାଉରକେଲା ପର୍ଯ୍ୟଟନ ବିଭାଗର ସହାୟକ ନିର୍ଦ୍ଦେଶକ ନିରଞ୍ଜନ ମହାପାତ୍ର, ଡିଆର୍‌ଡିଏର ସେକ୍ରେଟାରୀ ଲଙ୍କେଶ୍ୱର ଅମାତ ଓ ପରିସଂଖ୍ୟାନ ଅଧିକାରୀ ଦମୟନ୍ତୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କଲେଜର ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ଖାଦ୍ୟ ପ୍ରଦର୍ଶନୀ ଷ୍ଟଲଗୁଡ଼ିକ ବୁଲି ଦେଖିବା ସହିତ ଖାଦ୍ୟ ପ୍ରସ୍ତୁତି ପଦ୍ଧତି, ଉପାଦେୟତା ଓ ସ୍ୱାଦ ବିଷୟରେ ଆଲୋଚନା କରି ପ୍ରଦର୍ଶିତ ଖାଦ୍ୟ ବ୍ୟଞ୍ଜନର ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ କଲେଜ ଛାତ୍ରୀମାନଙ୍କ ଦ୍ୱାରା ସମୁଦାୟ ୧୫ଟି ଖାଦ୍ୟ ଷ୍ଟଲ ପ୍ରସ୍ତୁତ ହୋଇଥିଲା। ଖାଦ୍ୟ ଉପସ୍ଥାପନା, ସାଜସଜ୍ଜା, କୁପନ ବିକ୍ରୟ ଅନୁପାତ ଏବଂ ଖାଦ୍ୟ ପରିବେଷଣରେ ସ୍ୱଚ୍ଛତାକୁ ବିଚାର କରାଯାଇଥିଲା। ଏଥିରେ ରାଜନୀତି ବିଜ୍ଞାନ ବିଭାଗ ପ୍ରଥମ, ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱିତୀୟ, ଅର୍ଥନୀତି ବିଭାଗ ତୃତୀୟ ଓ ଶିକ୍ଷା ବିଭାଗ ବିଶେଷ ପୁରସ୍କାର ଲାଭ କରିଥିଲା। କଲେଜ ଅଧ୍ୟକ୍ଷା ଇପ୍‌ସିବା ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ପ୍ରଶାସନିକ ମୁଖ୍ୟ ମାନସ କୁମାର ବେହେରା ଓ ଈଶ୍ୱର ମେହର ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ପରିଷଦ ଅଧିକାରୀ ଦୀପିକା ମାଝୀ, ସବିତା ନାଏକ, ଭାରତୀ ମିର୍ଦ୍ଧା, ଡ୍ରାମା ପରିଚାଳକ ଅଧିକାରୀ ଶ୍ରଦ୍ଧାଞ୍ଜଳି ମିଶ୍ର, ରେବା ପାଣିଗ୍ରାହୀ ପ୍ରମୁଖ ମହୋତ୍ସବ ପରିଚାଳନା କରିଥିଲେ।

## ପୁସ୍ତକମେଳା ଜ୍ଞାନ ପରିସୀମାକୁ ବୃଦ୍ଧି କରିଥାଏ

ରାଉରକେଲା, ୩।୨ (ବିପ୍ଳବ ରଞ୍ଜନ ଦାଶ)

**ପୁସ୍ତକ ମେଳାର ତୃତୀୟ ଦିବସରେ ଆଲୋଚନାଚକ୍ର**

ଆଦର୍ଶ ପାଠାଗାର ଆୟୋଜିତ ୩୦ତମ ରାଉରକେଲା ପୁସ୍ତକମେଳାର ସୋମବାର ତୃତୀୟ ଦିବସରେ ଗୀତିକବି ସମାଜର ସାହିତ୍ୟ ସଭା ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଶିକ୍ଷାବିତ୍ ତାରିଣୀ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆରଏସ୍‌ପିର ପ୍ରାକ୍ତନ ସହ ମହାପ୍ରବନ୍ଧକ କୁମାର ବେହେରା ମୁଖ୍ୟ ଅତିଥି, ଡାକ୍ତର ତରୁଣାଦିତ୍ୟ ମିଶ୍ର, ଆଇନଜୀବୀ ବିକ୍ରମ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଗୀତିକବିତା ପ୍ରତି ସମର୍ପିତ ଭାବକୁ ପ୍ରଶଂସା କରିଥିଲେ। ଉପସଭାପତି ରାମକୃଷ୍ଣ ତ୍ରିପାଠୀ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସାଧାରଣ ସମ୍ପାଦକ ଭୋଳେଶ୍ୱର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଭୁ ନାୟକ ସଂଯୋଜନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବରେ ବିଜୟ ସେନାପତି ସଭାପତିତ୍ୱ କରିଥିଲେ। ସୁସ୍ମିତା ମହାପାତ୍ର ତଥା ହରପ୍ରିୟା ସାମଲଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ବହୁ କବି ଗୀତିକବିତା ପାଠ କରିଥିଲେ। ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଅଧ୍ୟାପକ କରୁଣାକର ପାଢ଼ଶାଣୀଙ୍କ ସଂଯୋଜନା, ଉପସଭାପତି ବାଉରୀବନ୍ଧୁ ସାହୁଙ୍କ ସଭାପତିତ୍ୱରେ ତୃତୀୟ ଦିବସ କାର୍ଯ୍ୟକ୍ରମକୁ ସେକ୍ଟର-୭ ଥାନା ପ୍ରଭାରୀ ବିକ୍ରମ ଜୟପୁରିଆ ଉଦ୍‌ଘାଟନ କରିଥିଲେ। ପୁସ୍ତକମେଳା ଜ୍ଞାନ ପରିସୀମାକୁ ବୃଦ୍ଧି କରିଥାଏ ବୋଲି ସେ ମତ ରଖିଥିଲେ। ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପାଠାଗାର ଉପଦେଷ୍ଟା ଅଭୟ କୁମାର ଦାସ, କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ପର୍ଶୁରାମ ପଟ୍ଟନାୟକ, କୁଞ୍ଜବିହାରୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

## ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

ରାଉରକେଲା, ୩।୨ (ବିପ୍ଳବ ରଞ୍ଜନ ଦାଶ)

କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଓ ବୈଷୟିକ ଦକ୍ଷତା ପାଇଁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରାଉରକେଲା ହମିରପୁରଠାରେ ସୋମବାର ଏକ ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର (ହ୍ୟାଣ୍ଡ୍ସଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର) ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହାକୁ ଉଦ୍‌ଘାଟନ କରିଥିଲେ। ଟାଟା ପାୱାର (ଟି ଆଣ୍ଡ ଡି)ର ସୁରକ୍ଷା ମୁଖ୍ୟ ସୁରେଶ ଖେତୱାନୀଙ୍କ ସମେତ ଟିପିଡବ୍ଲ୍ୟୁଓଡିଏଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ବର୍ମା କହିଥିଲେ, ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରେ ଲାଇନମ୍ୟାନ ଏବଂ ହେଲପରମାନଙ୍କ ତାଲିମ ପାଇଁ 'ପ୍ରାକ୍ଟିସ୍ ୟାର୍ଡ' ସ୍ଥାପନ କରାଯାଇଛି। ଏହି ବୈଷୟିକ ତାଲିମ କେନ୍ଦ୍ର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ସୁରକ୍ଷା ଓ ପରିଚାଳନାର ନିରନ୍ତର ଉନ୍ନତି ପାଇଁ ଆମର ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରିବ। ବ୍ୟବହାରିକ ଦକ୍ଷତା ସହ ଶ୍ରମଶକ୍ତିକୁ ସଶକ୍ତ କରି ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଉତ୍କର୍ଷତା ପାଇଁ ନୂତନ ମାନକ ସ୍ଥାପନ କରୁଛୁ ବୋଲି ସିଇଓ ବର୍ମା ପ୍ରକାଶ କରିଥିଲେ। ସେହିପରି ଟିପିଡବ୍ଲ୍ୟୁଓଡିଏଲର ବିଦ୍ୟୁତ୍ ବିତରଣ ଶେଷ ସମାପ୍ତ ହେବାକୁ ଯାଉଛି ଏବଂ ସେଗୁଡ଼ିକ ଖୁବ୍‌ଶୀଘ୍ର କର୍ମଚାରୀମାନଙ୍କ ପାଇଁ ଉତ୍ସର୍ଗ କରାଯିବ ବୋଲି ବର୍ମା ସୂଚନା ଦେଇଥିଲେ।

ପଶ୍ଚିମ ଓଡ଼ିଶାରେ ଏହି ପଦକ୍ଷେପ ଟିପିଡବ୍ଲ୍ୟୁଓଡିଏଲର ପରିଚାଳନା ଉତ୍କର୍ଷତା ଏବଂ ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। କମ୍ପାନୀର ବୈଷୟିକ କର୍ମଚାରୀମାନଙ୍କୁ ବ୍ୟବହାରିକ ଜ୍ଞାନ ତଥା 'ରିଅଲ ଟାଇମ୍ ଟ୍ରେନିଂ' ପ୍ରଦାନ କରିବା ପାଇଁ ଏହି ତାଲିମ କେନ୍ଦ୍ରର ପରିକଳ୍ପନା କରାଯାଇଛି, ଯାହା କମ୍ପାନୀର 'ମିଶନ୍ ଜିରୋ ଆକ୍ସିଡେଣ୍ଟ' ଆଦର୍ଶକୁ ସୁନିଶ୍ଚିତ କରିବ। ସେହିପରି କର୍ମଚାରୀମାନଙ୍କୁ ସୁରକ୍ଷା ମାନଦଣ୍ଡ ସହିତ ଦକ୍ଷତାର ସହ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଆବଶ୍ୟକ କୌଶଳ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଥିଲା। ଉକ୍ତ ତାଲିମ କେନ୍ଦ୍ରରେ କର୍ମଚାରୀମାନଙ୍କୁ ଶ୍ରେଣୀଗୃହ ଆଧାରିତ ଶିକ୍ଷାଠାରୁ ଆରମ୍ଭ କରି 'ପ୍ରାକ୍ଟିସ୍ ୟାର୍ଡ' ପର୍ଯ୍ୟନ୍ତ ସବୁକିଛି ପ୍ରଦାନ କରିବ। ଏଠାରେ କମ୍ପାନୀର ବୈଷୟିକ କର୍ମଚାରୀମାନେ ଲୋ ଟେନସନ୍ (ଏଲଟି) ଏବଂ ହାଇ ଟେନସନ୍ (ଏଚ୍‌ଟି) ବିତରଣ ନେଟୱର୍କ ପ୍ରଶିକ୍ଷଣ ଲାଭ କରିପାରିବେ। ଯାହା କର୍ମଚାରୀମାନଙ୍କୁ ସେମାନେ ନୀତିଦିନ ବ୍ୟବହାର କରୁଥିବା 'ରିଅଲ୍ ଟାଇମ୍' ଉପକରଣ ସହ ଅଭିଜ୍ଞତା ହାସଲ କରିବାରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଗୋପବନ୍ଧୁ ପାଠାଗାରରେ ନାଟ୍ୟ ପଠନ କାର୍ଯ୍ୟକ୍ରମ

ରାଉରକେଲା, ୩।୨ (ଦିନେଶ ମିଶ୍ର)

ରାଉରକେଲା ସହରରେ ୨୫ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ ଏକତ୍ର ରାଉରକେଲା ପକ୍ଷରୁ ଆୟୋଜିତ ହୋଇ ଆସୁଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନାଟ୍ୟ ପଠନର ଅଂଶବିଶେଷ ଭାବେ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ଏକ ନାଟ୍ୟ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହରର ଅନ୍ୟତମ ନାଟ୍ୟାନୁଷ୍ଠାନ ରଙ୍ଗମଞ୍ଚ ପ୍ରାୟୋଜିତ ଡକ୍ଟର ପଞ୍ଚାନନ ପାତ୍ରଙ୍କ ରଚିତ ତଥା ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ କୈଳାସ ପାଣିଗ୍ରାହୀଙ୍କ ନିର୍ଦ୍ଦେଶିତ ନାଟକ 'ଜୀବନ ଯେମିତି'କୁ ପଠନ କରାଯାଇଥିଲା। ବ୍ୟକ୍ତିଙ୍କୁ ନେଇ ପରିବାର ଓ ସମାଜ ଗଠିତ ହୋଇଥାଏ। ଜଣେ ମଣିଷ ଅନ୍ୟ ଜଣେ ମଣିଷକୁ ବୁଝିପାରିଲେ ପରିବାର ତିଷ୍ଠି ରୁହେ। ଏଥିରୁ ବ୍ୟତିକ୍ରମ ହେଲେ ସମ୍ପର୍କ ବେଶିଦିନ ତିଷ୍ଠି ପାରେନାହିଁ। ସମ୍ପର୍କ ମଧ୍ୟରେ ତାଳମେଳ ନ ରହିଲେ ଜୀବନରୁ ଛନ୍ଦ ହଜିଯାଏ। ଏଭଳି କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକ 'ଜୀବନ ଯେମିତି'। ଏହି ନାଟ୍ୟ ପଠନରେ ବିଭିନ୍ନ ଭୂମିକାରେ ପ୍ରସନ୍ନ ମହାନ୍ତି, ସରୋଜ ଶଙ୍ଖୁଆ, ସୌମ୍ୟରଞ୍ଜନ ଲେଙ୍କା, ଉମାଶଙ୍କର ପଣ୍ଡା, ସୌମ୍ୟ ସୁଚିରିତା, କୈଳାସ ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ। ଆରମ୍ଭରେ ସେବା ନିବୃତ୍ତ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ, ଏକତ୍ର ସଭାପତି ରାଜୀବ ପାଣି, କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ ପ୍ରମୁଖ ନାଟ୍ୟ ପଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖି କିପରି ସ୍ୱଳ୍ପ ଖର୍ଚ୍ଚରେ ଜୀବନ୍ତ ନାଟକ ପ୍ରଦର୍ଶିତ ହୋଇପାରୁଛି ଏବଂ ଏକତ୍ରର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ସୁଦେଶ ନାୟକ ଧନ୍ୟବାଦ ଅର୍ପଣ କରଥିଲେ। ନାଟ୍ୟ ପଠନ ସମ୍ପର୍କରେ ଡାକ୍ତର କୃପାସିନ୍ଧୁ ନାୟକ, ବିଜୟଲକ୍ଷ୍ମୀ ନଟ୍ଟନାୟକ, ଶର୍ମିଷ୍ଠାକବି ଶତପଥୀ, ପଲ୍ଲବୀ ଚାଟାର୍ଜୀ, ବିଜୟ ବରାଳ, ଡାକ୍ତର ସୁଶାନ୍ତ ପାଣି, ବିଲୋଚନ ପାତ୍ର, ଗିରିଜା ଶଙ୍କର ଗୋସ୍ୱାମୀ, ଅଶୋକ ପଟ୍ଟନାୟକ ପ୍ରମୁଖ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କନକଲତା ଦାସ, କବିତା ମହାଳିକ, କିଶୋରୀ ମୋହନ କର, ଅକ୍ଷୟ ଧଳ, ରାଜକୁମାର ମହାନ୍ତି, ସୁଦେଶ ନାୟକ ପ୍ରମୁଖ ପଚିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ନାଟକ ପଠନ କରାଯାଉଛି।

## ୪ ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ରାଉରକେଲା, ୩।୨ (ସଙ୍ଗୀତା ଜେନା)

ଉଦିତନଗର ଏବଂ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ମିଳିତ ଭାବେ ଚଢାଉ କରି ଏକ ବାଇକ୍ ଚୋରି ଗ୍ୟାଙ୍ଗର ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରେଳବାଇ କଲୋନିର ରାକେଶ ସାଗର(୩୬)। ଅଭିଯୁକ୍ତଙ୍କୁ ରବିବାର ଅପରାହ୍ନରେ କୋର୍ଟଚାଲଣ କରାଯାଇଛି। ତାଙ୍କଠାରୁ ଗୋଟିଏ ବାଇକ୍ ଏବଂ ୩ ସ୍କୁଟି ଜବତ ହୋଇଛି। ଏ ନେଇ ପୋଲିସ ୪ଟି ପୃଥକ୍ ମାମଲା (ନଂ.୩୧/୨୫, ନଂ.୩୨/୨୫, ନଂ.୩୩/୨୫ ଏବଂ ନଂ.୬୦/୨୫) ରୁଜୁ କରିଛି। ଯାନବାହନ ଚୋରି ଅଭିଯୋଗ ହେବାରୁ ଦୁଇଟି ଥାନା ପୋଲିସ ମିଳିତ ଭାବେ ଏହି ଅଭିଯାନ ଚଳାଇଥିଲେ। ମୋଟ ୧୪ଟି ମାମଲାରେ ପ୍ରଥମ ପର୍ଯ୍ୟାୟରେ ୪ଟି ମାମଲା ଧରାପଡ଼ିଛି।

## ଓଲଟିଲା ଆମ୍ବୁଲାନ୍ସ, ବର୍ତ୍ତିଲେ ଚାଳକ

ରାଉରକେଲା, ୩।୨ (ଦିନେଶ ମିଶ୍ର)

**ବିନା କାଗଜପତ୍ରରେ ଚାଲୁଛି ଘରୋଇ ଆମ୍ବୁଲାନ୍ସ**

ଆଇଜିଏଚ୍ ପଟରୁ ରାଉରକେଲା ଅଭିମୁଖେ ଦ୍ରୁତଗତିରେ ଆସୁଥିବା ବେଳେ ଏକ ଘରୋଇ ଆମ୍ବୁଲାନ୍ସ (ନଂ.ଓଆର୧୪ଡବ୍ଲ୍ୟୁ/୧୩୧୧) ଭାରସାମ୍ୟ ହରାଇ ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ଛେଣ୍ଡ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ଭୋର୍ ସାଢେ ୪ଟାରେ ଓଲଟି ପଡିଥିଲା। ଡ୍ରାଇଭର ଗାଡିରୁ ଡେଇଁ ପଡିବାରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଥାନାକୁ ନେବାକୁ ଡ୍ରାଇଭରଙ୍କୁ କହି ପଳାଇ ଯାଇଥିଲା। ମାତ୍ର ଉକ୍ତ ଗାଡ଼ିର ଫିଟନେସ୍ ଓ ଲାଇସେନ୍ସ ନ ଥିବାରୁ ଆମ୍ବୁଲାନ୍ସ ଥାନାକୁ ନ ଯାଇ କିଛି ସମୟ ପରେ ରାଉରକେଲା ଅଭିମୁଖେ ପଳାଇ ଯାଇଥିଲା। ଏ ନେଇ ସେକ୍ଟର-୭ ଥାନା ଦାୟିତ୍ୱରେ ଥିବା ସବ୍ ଇନ୍ସପେକ୍ଟର ମାନସ ରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଏ ବିଷୟରେ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣାସ୍ଥଳକୁ କେଉଁ ପିସିଆର ଯାଇଥିଲା ତାହାର ଅନୁସନ୍ଧାନ କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ନାୟକ କହିଥିଲେ।

## ୫ରେ ବିପିୟୁଟିର ସମାବର୍ତ୍ତନ ସମାରୋହ

ରାଉରକେଲା, ୩।୨ (ଦିନେଶ ମିଶ୍ର)

ରାଉରକେଲାସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ଏକାଦଶ ତମ ସମାବର୍ତ୍ତନ ସମାରୋହ ଆସନ୍ତା ୫ ତାରିଖରେ ବିପିୟୁଟି ନେତାଜୀ ସୁବାଷ ବୋଷ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ଅପରାହ୍ନ ସାଢେ ୩ଟାରେ ବିପିୟୁଟି ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ ଯୋଗଦେଇ କହିଥିଲେ, ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଅଧ୍ୟକ୍ଷତା କରିବେ। ବିଶିଷ୍ଟ ବୈଜ୍ଞାନିକ ଡ. ବିନୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଉତ୍ସବରେ ଯୋଗଦେବେ। ସମାବର୍ତ୍ତନ ଉତ୍ସବରେ ୟୁଜି, ପିଜି ଓ ପିଏଚ୍‌ଡି ପାଠ୍ୟକ୍ରମ ସମାପ୍ତ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯିବା ବ୍ୟବସ୍ଥା ହୋଇଛି ବୋଲି ପ୍ରଫେସର ରଥ ସୂଚନା ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ସ୍ୱର୍ଣ୍ଣ ପ୍ରଦକ ପ୍ରଦାନ କରାଯିବ। ୟୁଜି ଓ ପିଜି କାର୍ଯ୍ୟକ୍ରମ ପାଇଁ ୨୦୨୩-୨୪ ପର୍ଯ୍ୟନ୍ତ ମୋଟ ୨୯୨୮୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବାକୁ ଥିବାବେଳେ ୧୯ ଜଣ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ପାଇବେ। ବିଶେଷ ସ୍ୱର୍ଣ୍ଣ ପଦକ ୩ ଜଣଙ୍କୁ ପ୍ରଦାନ କରାଯିବ। ସେହିଭଳି ୬୬ ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଡିଗ୍ରୀ ମଧ୍ୟ ପ୍ରଦାନ କରାଯିବ। ଇଞ୍ଜିନିୟରିଂ ବିଭାଗରେ ୩୦ ଜଣ ଓ ମାନେଜମେଣ୍ଟ ବିଭାଗରେ ୬ ଜଣଙ୍କ ସହିତ ଫାର୍ମାସୀ ବିଷୟରେ ୨୭ ଜଣ ଓ କମ୍ପ୍ୟୁଟର ଆପ୍ଲିକେସନ୍ ଓ ସାଇନ୍ସର ୩ ଜଣଙ୍କୁ ପଦକ ସହ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏଥିସହ ବିପିୟୁଟି ଟେକ୍ କାର୍ନିଭାଲ, ବିପିୟୁଟି ରିସର୍ଚ୍ଚ କନ୍‌କ୍ଲେଭ ସହ ବିଭିନ୍ନ ପ୍ରୋଜେକ୍ଟ ପ୍ରଦର୍ଶନ କରାଯିବ। ୨୦୨୪-୨୫ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ପରିଚାଳନା କରିଥିବା ନୂତନ କାର୍ଯ୍ୟକ୍ରମ ବିପିୟୁଟି ହାକାଥନ୍ ଓ ବିପିୟୁଟି ଇଣ୍ଡଷ୍ଟ୍ରି ଏକାଡେମିକ୍ କନ୍‌କ୍ଲେଭର ସଫଳତା ଉପରେ ବିବରଣୀ ପ୍ରଦାନ କରାଯିବ ବୋଲି ପ୍ରଫେସର ରଥ କହିଥିଲେ। ଖବରଦାତା ସମ୍ମିଳନୀରେ ବିପିୟୁଟି ରେଜିଷ୍ଟ୍ରାର ନିଶି ପୁନମ ମିଞ୍ଜ, ଫାଇନାନ୍ସ ଅଫିସର ସେବତୀ ଦନସନା, ପିୟୁଷ ରଞ୍ଜନ ଦାସ, ମାନସ ରଞ୍ଜନ ନାୟକ, ଡ. ସୁଜିତ କୁମାର ଖୁଣ୍ଟିଆ, ମନୋରଞ୍ଜନ ମହାପାତ୍ର, ପ୍ରରମଜିତ ସିଂ, ଶିବକୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

## ବଢୁଛନ୍ତି ନିଶା କବଳିତ ମାନସିକ ରୋଗୀ

ରାଉରକେଲା, ୩।୨ (ବିପ୍ଳବ ରଞ୍ଜନ ଦାଶ)

**ସହରାଞ୍ଚଳ ମାନସିକ ସ୍ୱାସ୍ଥ୍ୟକେନ୍ଦ୍ର**




- ରାଉରକେଲା ସହରରେ ନିଶା ନିବାରଣ କେନ୍ଦ୍ର ନାହିଁ
- ସୁଦୃଢ ହେଉନି ମାନସିକ ସ୍ୱାସ୍ଥ୍ୟ ସେବା ବିଭାଗ ଭିତ୍ତିଭୂମି

ରାଜ୍ୟରେ ନିଶା କବଳିତ ମାନସିକ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଁ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ସମସ୍ତ ଜିଲାରେ ପ୍ରତିବର୍ଷ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଥିରେ ମାନସିକ ରୋଗୀ ଚିହ୍ନଟ କରାଯିବା ସହ ସେମାନଙ୍କୁ ସମାଜରେ ସୁସ୍ଥ ଜୀବନଯାପନ କରିବାର ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ରହିଛି। ମାତ୍ର ପରିତାପର ବିଷୟ ରାଉରକେଲା ସହରରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଭିତ୍ତିଭୂମି ଅଭାବରୁ ବାଟବଣା ହୋଇଛି। ଫଳରେ ସହରରେ ନିଶା କବଳିତ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ନିୟନ୍ତ୍ରଣ ହୋଇପାରୁନି।

ରାଉରକେଲା ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ନିଶାମୁକ୍ତ ଅଭିଯାନ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ଘାତକ ସାଜୁଥିବା ନିଶା ଦ୍ରବ୍ୟରୁ ଦୂରେଇ ରହିବା ପାଇଁ ସଚେତନ କରାଯାଉଛି। ମାତ୍ର ସହରରେ ବୃଦ୍ଧି ପାଉଥିବା ନିଶାଗ୍ରସ୍ତଙ୍କ ପାଇଁ ନିଶା ନିବାରଣ କେନ୍ଦ୍ର ସ୍ଥାପନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସହରରେ ନିଶା କବଳିତ ମାନସିକ ରୋଗୀ ମାମଲା ବୃଦ୍ଧି ପାଉଛି। ଅନ୍ୟପକ୍ଷେ ଭିତ୍ତିଭୂମି ଅଭାବରୁ ସହରାଞ୍ଚଳ ମାନସିକ ସ୍ୱାସ୍ଥ୍ୟ ସେବା ବିଭାଗ ମଧ୍ୟ ଏଥିରେ ଲଗାମ ଲଗାଇ ପାରୁନି। ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ମାନସିକ ସ୍ୱାସ୍ଥ୍ୟ ସେବା ବିଭାଗର ଭିତ୍ତିଭୂମି ବର୍ଷ ବର୍ଷ ଧରି ସୁଦୃଢ ନ ହେବା ମଧ୍ୟ ଏହାର କାରଣ ସାଜିଥିବା ସହରର ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି। ପ୍ରାୟ ପ୍ରତିଦିନ ଆର୍‌ଜିଏଚ୍ ମାନସିକ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ୧୦ରୁ ଊର୍ଦ୍ଧ୍ୱ ଏଭଳି ନିଶା କବଳିତ ମାନସିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ବିଭାଗରେ ମନୋ ବିଶେଷଜ୍ଞ ଡାକ୍ତର ନ ଥିବାରୁ ମାନସିକ ରୋଗୀ ଉଚିତ ଚିକିତ୍ସା ସେବା ନ ପାଇ ଅନ୍ୟତ୍ର ରେଫର ହେଉଛନ୍ତି। ଏଥିସହିତ ବିଭାଗରେ ଆଇପିଡି ବ୍ୟବସ୍ଥା ମଧ୍ୟ ନାହିଁ। ଜଣେ ମନସ୍ତତ୍ତ୍ୱବିତ୍ ଏବଂ ଜଣେ ପିଏସ୍‌ଡବ୍ଲ୍ୟୁଙ୍କ ଭରସାରେ ରୋଗୀ ଚିକିତ୍ସା ଚାଲିଛି। ସେହିପରି ସହରାଞ୍ଚଳ ମାନସିକ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଏଭଳି ରୋଗୀମାନଙ୍କ ପାଇଁ ଶଯ୍ୟା ସୁବିଧା ଉପଲବ୍ଧ ହୋଇପାରିନାହିଁ। ଏଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ମାନସିକ ସ୍ୱାସ୍ଥ୍ୟସେବା ବିଭାଗର ଭିତ୍ତିଭୂମି ସୁଦୃଢ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

ଏ ନେଇ ବିଭାଗୀୟ ମନସ୍ତତ୍ତ୍ୱବିତ୍ ମନୋରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଲେ, ଦୈନିକ ୧୦ରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ଆମ ବିଭାଗକୁ ଆସୁଛନ୍ତି। ଓପିଡିରେ ଯଥାସମ୍ଭବ ଚିକିତ୍ସା ସେବା ପ୍ରଦାନ କରୁଛୁ। ମାତ୍ର ଅତି ଜଟିଳ ମାନସିକ ରୋଗ ଜନିତ ମାମଲା ଥିଲେ ଅନ୍ୟତ୍ର ରେଫର କରୁଛୁ। ଏଠାରେ ସମସ୍ତ ପ୍ରକାରର ଚିକିତ୍ସା ସେବା ଉପଲବ୍ଧ ହେବା ସରକାରଙ୍କ ହାତରେ ବୋଲି ନାୟକ କହିଥିଲେ। ସେହିପରି ଆର୍‌ଜିଏଚ୍ ନିର୍ଦ୍ଦେଶକ ଏମ୍. ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ବିଭାଗର ଭିତ୍ତିଭୂମି ସୁଦୃଢୀକରଣ ପାଇଁ ସରକାରଙ୍କୁ ଅବଗତ କରାଯାଇଥିଲା। ପୁଣିଥରେ ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଗୋଟିଏ ରାତିରେ ୪ସ୍କୁଲରୁ ଚୋରି

**ଜମନକିରା,୩।୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅଞ୍ଚଳରେ ରବିବାର ରାତିରେ ୪ ସ୍କୁଲରୁ ଚୋରି ହୋଇଛି। ଏନେଇ ଗୌଡ଼ପାଲି ଫାଣ୍ଡିରେ ଅଭିଯୋଗ କରିଛନ୍ତି ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟି। ଜମନକିରା ଥାନା କୁଲୁଣ୍ଡି ପଞ୍ଚାୟତର ୩ଟି ଓ ବଡ଼ରମା ପଞ୍ଚାୟତର ଗୋଟିଏ ବିଦ୍ୟାଳୟରେ ଚୋରି ହୋଇଛି। କୁଲୁଣ୍ଡି ପ୍ରାଥମିକ ବିଦ୍ୟାଳୟ, ବଡ଼କୁଣ୍ଢେଇସରା ପ୍ରାଥମିକ ବିଦ୍ୟାଳୟ ଏବଂ କଦଳିପାଳ ପ୍ରାଥମିକ ବିଦ୍ୟାଳୟର ଆଲମାରି ଭାଙ୍ଗି ଟଙ୍କା ଓ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ସେହିଭଳି ବଡ଼ରମା କୁରେଇବାହାଲ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସରସ୍ୱତୀ ପୂଜାର ଗୋଟିଏ ଦିନ ପୂର୍ବରୁ ଚୋରି ହୋଇଛି। ଦୁଇଦିନ ତଳେ ଯୁଯୁମୁରା ବ୍ଲକର ବିଭିନ୍ନ ସ୍କୁଲରୁ ମଧ୍ୟ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ତେଣୁ କୌଣସି ଏକ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ ଗ୍ରାମାଞ୍ଚଳରେ ଥିବା ସ୍କୁଲରେ ପଶି ଏହା କରୁଥିବା ଅନୁମାନ କରାଯାଉଛି। ଗାଁ ମୁଣ୍ଡ ତଥା ନିଛାଟିଆ ସ୍ଥାନରେ ଥିବା ସ୍କୁଲ ଏମାନଙ୍କ ଟାର୍ଗେଟ ରହୁଛି। ଏସଂକ୍ରାନ୍ତରେ ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କୁ ପଚାରିବାରୁ ୨ଟି ସ୍କୁଲରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଅଭିଯୁକ୍ତ ଏହି ଚୋରିରେ ସାମିଲ ଥାଇପାରନ୍ତି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଆସାମୀ ମାନଙ୍କୁ ଧରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

### ଜମିଲା ବହୁଭାଷୀ କବିତା ଆସର

**ସମ୍ବଲପୁର,୩।୨(ବି.ଶଙ୍କର)**

ସାହିତ୍ୟ ଅନୁଷ୍ଠାନ କଲମ ପରିବାର ପକ୍ଷରୁ କବିତା ଆସର ଓ ବାର୍ଷିକ ଉତ୍ସବ ସକାଶେ ପ୍ରସ୍ତୁତି ବୈଠକ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ତଫିଜୁଲ ହୁସେନଙ୍କ ଅଧ୍ୟକ୍ଷତା କରିଥିଲେ । ଚଳିତ ମାସ ୨୩ ତାରିଖରେ ହେବାକୁ ଥିବା କଲମର ତୃତୀୟ ବାର୍ଷିକ ଉତ୍ସବ ସକାଶେ ସଭ୍ୟମାନେ ଆଲୋଚନା କରିଥିଲେ । ଏଥିସହ ସ୍ମରଣିକା ପ୍ରକାଶ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ସେହିପରି ରାଜ୍ୟସ୍ତରୀୟ କବି ସମ୍ମିଳନୀ ସହ କବିତା ପାଠ , ସାହିତ୍ୟ ସୃଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଲମ ଯୁବ ସାହିତ୍ୟ ସମ୍ମାନ ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଥିଲା । ଅନୁଷ୍ଠାନର ସହ ସମ୍ପାଦକ ଡ.ସତ୍ୟନାରାୟଣ ଠାକୁରଙ୍କ ସଂଯୋଜନାରେ ବହୁଭାଷୀ କବିତା ପାଠ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲଳିତ ମୋହନ ବେବର୍ତ୍ତା, ଉପ ସଭାପତି ଜୟକୃଷ୍ଣ ବେହେରା, ଗଦାଧର ନିଆଲ, ଅଳକା ମହାନ୍ତି, ନାର୍ସି ଫରାଜ, ପ୍ରଣତି ମହାପାତ୍ର, ମମତା ନାଥ, ଅନୁପମା ବିଶ୍ୱାଳ, ଆଭାସ ପଣ୍ଡା, ଉଲ୍ଲାସ ପଣ୍ଡା, ପ୍ରମୋଦ କୁମାର ମିଶ୍ର, କାହ୍ନୁ କେଶବ ବହିଦାର, ରମଣିକାନ୍ତ ସାହୁ, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ପ୍ରଦୀପ ଯୋଶୀ, ବବଲୁ ବାଗ, କମଳଲୋଚନ ପଣ୍ଡା, ପ୍ରଭଞ୍ଜନ ପୁରୋହିତ, ସ୍ୱପ୍ନିକା ସାହୁ, ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ ।

### ବନାଗ୍ନି ନିରାକରଣ ପ୍ରଶିକ୍ଷଣ ଶିବିର

**ଜମନକିରା, ୩।୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ବାମରା ବନଖଣ୍ଡ ଅଧିନ ବନ୍ୟପ୍ରାଣୀ ବନାଞ୍ଚଳ ଭୋଜପୁର ରେଞ୍ଜରେ ସୋମବାର ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ବନାଗ୍ନି ନିରାକରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମ୍ବଲପୁର ଡିସିଏଫ ଯଦୁମଣି କେରକେଟା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବାମରା ଏସିଏଫ ଆଲୋକ କୁମାର ଷଡ଼ଙ୍ଗୀ, ଏସଡିଏମ ଶିଶିର କୁମାର ନାୟକ ଏବଂ ଡକ୍ଟର ହୃଦାନନ୍ଦ ନାୟକ ସମ୍ମାନିତ ଅତିଥି ଯୋଗଦେଇଥିଲେ । ଏଇ ଶିବିରରେ ବାମରା, ଜମନକିରା, ଭୋଜପୁର ରେଞ୍ଜ ଅଧିନସ୍ତ ସମସ୍ତ ବନପାଳ, ବନରକ୍ଷୀ, ପ୍ରତ୍ୟେକ ଭିଏସଏସ କମିଟି ସଭ୍ୟମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ନିଆଁଦାଉରୁ ଜଙ୍ଗଲକୁ କିପରି ସୁରକ୍ଷା ଦିଆଯାଇ ପାରିବ, ନିଆଁ ଲାଗିବା ପୂର୍ବରୁ ଜନସାଧାରଣଙ୍କୁ ସଚେତନ କରାଯିବ ସେ ନେଇ ଅତିଥିମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରକୁ ଆମ ଜଙ୍ଗଲ ଯୋଜନା ଟିମ ଲିଡର ସନ୍ତୋଷ ସାମଲ, ଲକ୍ଷ୍ମୀଧର ବିହାଣି ଏବଂ ଜିତପ୍ରକାଶ ପାଣିଗ୍ରାହୀ ସହଯୋଗ କରିଥିଲେ। ଶେଷରେ ରେଞ୍ଜର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରନ୍ତର ସାଧନ ସଫଳତାର ମୂଳମନ୍ତ୍ର

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ମୁଖ୍ୟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ଉଦ୍‌ବୋଧନ ଦେଉଛନ୍ତି।

**କୁଚିଣ୍ଡା,୩।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଚନ୍ଦନିମାଲ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ୭୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭୁବନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟ ଅତିଥି, କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ଏମପି ପ୍ରତିନିଧି ରୁଦ୍ର ପ୍ରତାପ ଦେଓ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ, ଭଲ ମଣିଷ ହେବା ପାଇଁ ଗୁରୁ ଓ ପିତାମାତାଙ୍କ ଉପଦେଶକୁ ପ୍ରାଧାନ୍ୟ ଦେବା ଜରୁରୀ। ଏହାଛଡା ବାର୍ଷିକ ଉତ୍ସବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ବିକଶିତ ହୋଇଥାଏ। ତେଣୁ ନିଷ୍ଠା ଓ ନିରନ୍ତର ସାଧନା ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ।

ମୋ ସ୍କୁଲ ଅଭିଯାନ ସଭାପତି ତଥା ଅଧ୍ୟାପକ ସତ୍ୟନାରାୟଣ ପଟେଲଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷୟିତ୍ରୀ କଲ୍ୟାଣୀ ପଟେଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା କ୍ରୀଡା ସହ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରାବାସ ସହାୟକ କିଶୋର ନାଏକ ଓ ନିରାକାର ନାଏକ, ପାଚିକା ତପସ୍ୱିନୀ ପଟେଲ, ଅନୁପମା କଉଡି ଓ ଦୁଲେଶ୍ୱରୀ ପଟେଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ କ୍ରୀଷ୍ଣା ବରିହା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ବିଶ୍ୱରଞ୍ଜନ ନାୟକ ଓ ହରେକୃଷ୍ଣ ଖର୍ସେଲ ସହଯୋଗ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କେନ୍ଦ୍ର ରେଳ ବଜେଟ
# ସମ୍ବଲପୁରରେ ନିର୍ମାଣ ହେବ ୩ ଫ୍ଲାଏଓଭର

**ସମ୍ବଲପୁର,୩।୨(ପ୍ରମୋଦ ବହିଦାର)**

ଚଳିତ ରେଳ ବଜେଟ୍‌ରେ ଓଡ଼ିଶାରେ ରେଳବାଇର ବିକାଶରେ ବିନିଯୋଗ ପାଇଁ ୧୦ ହଜାର ୫୯୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଓଡ଼ିଶା ପାଇଁ ରେଳ ବଜେଟରେ ମଞ୍ଜୁର ହୋଇଥିବା ସର୍ବାଧିକ ରାଶି ବୋଲି କହିଛନ୍ତି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ। ସମ୍ବଲପୁର ରେଳ ମଣ୍ଡଳ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ଆଭାସୀ ମାଧ୍ୟମ ଆୟୋଜିତ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଖବରଦାତା ସମ୍ମିଳନୀରେ ଯୋଗଦେବା ଅବସରରେ ମଣ୍ଡଳ ପ୍ରବନ୍ଧକ ପାଣ୍ଡେ ଏହା କହିଛନ୍ତି। ସେ କହିଛନ୍ତି, ଚଳିତ ରେଳ ବଜେଟ୍‌ରେ ସମ୍ବଲପୁର ରେଳ ମଣ୍ଡଳ



ଖବରଦାତା ସମ୍ମିଳନୀରେ ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ।

ଅଧିନ ଟିଟିଲାଗଡ଼ରେ ଏକ ରେଳ ଫ୍ଲାଏ ଓଭର୍ ନିର୍ମାଣ ପାଇଁ ୩ ଶହ କୋଟି ବ୍ୟୟ ଅଟକଳ କରାଯାଇଛି। ଯାହା ରାୟପୁରରୁ ବିଶାଖାପାଟଣା ଯାତାୟାତ କରୁଥିବା ଟ୍ରାକ୍‌ରେ ରେଳଚଳାଚଳ ପାଇଁ ସୁବିଧା ହେବ। ସେହିପରି ସମ୍ବଲପୁରରେ ମଧ୍ୟ ୩ଟି ଫ୍ଲାଏଓଭର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ସେଥିମଧ୍ୟରେ ସିଟି ଷ୍ଟେଶନରୁ ଝାରସୁଗୁଡ଼ା ଟ୍ରାକରେ ଯାତାୟାତ କରୁଥିବା ଟ୍ରେନ୍ ଓ ଭୁବନେଶ୍ୱର ଚଳାଚଳ କରୁଥିବା ଟ୍ରେନ୍ ପାଇଁ ସରଳାରୁ ଉଭୟ ଦିଗରେ ଗୋଟିଏ ଲେଖାଏ ଏବଂ ଏହି ରୁଟ୍‌ରେ ନିର୍ମିତ ନୂତନ ବାଇପାସ ରୋଡ ଉପରେ ଗୋଟିଏ ଫ୍ଲାଏଓଭର ନିର୍ମାଣକୁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରି ମିଳିଛି। ଏହା ସହିତ ଝାରସୁଗୁଡ଼ାରେ ମଧ୍ୟ ଅନୁରୂପ ଭବେ ୩ଟି ଫ୍ଲାଏ ଓଭର ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି ବୋଲି ରେଳ ମଣ୍ଡଳ ପ୍ରବନ୍ଧକ ପାଣ୍ଡେ କହିଛନ୍ତି।

### ବିଡିଓଙ୍କୁ ଫେରାଦ ଠିକାଦାର, ଆନ୍ଦୋଳନ ଚେତାବନୀ
## କାମ ସରିବା ପରେ ବି ମିଳୁନି ପ୍ରାପ୍ୟ

**ନାକଟିଦେଉଳ, ୩।୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ବିଭିନ୍ନ ଉନ୍ନୟନ କାମ ବ୍ୟାହତ ହୋଇପଡିଛି। ବ୍ଲକ ପ୍ରଶାସନର ଖାମଖିଆଲି ନୀତି ଯୋଗୁ ବିଭିନ୍ନ ଉନ୍ନୟନ କାମ କରି ସାରିବା ପରେ ମଧ୍ୟ ଠିକାଦାରମାନେ ପ୍ରାପ୍ୟ ପାଇ ପାରୁନାହାନ୍ତି। କନିଷ୍ଠ ଯନ୍ତ୍ରୀ ଯୋଗେନ୍ଦ୍ର ସେଠଙ୍କ ମୌଖିକ ନିର୍ଦ୍ଦେଶକ୍ରମେ ସଢ଼ୋ ଗ୍ରାମର ଶିବ ମନ୍ଦିର ନିକଟରେ ୭ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏବଂ କିସିଣ୍ଡା ପଞ୍ଚାୟତ ହୀରାଲୋଇ ଗ୍ରାମରେ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଗୋଟିଏ ଲେଖାଏ ଗୃହ ନିର୍ମାଣ କରାଯାଇଛି । ସେହିପରି କନିଷ୍ଠ ଯନ୍ତ୍ରୀ ଅଜୟ ପଟେଲଙ୍କ ମୌଖିକ ନିର୍ଦ୍ଦେଶ କ୍ରମେ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ କଞ୍ଚନପୁର ଗ୍ରାମ ନିକଟ ଦେଦରା ଶିବ ମନ୍ଦିର ନିକଟରେ ୯ ଲକ୍ଷ ୫୦ ହଜାର ବ୍ୟୟ ଅଟକଳରେ ଏକ ଗୃହ ନିର୍ମାଣ କରାଯାଇଛି। ସମ୍ପୃକ୍ତ ଠିକାଦାରମାନେ ୪ମାସରୁ ଅଧିକ ହେଲା କାମ ଶେଷ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାଉଣା ପାଇନାହାନ୍ତି। ସୋମବାର ସମ୍ପୃକ୍ତ ଠିକାଦାର ରାଜକିଶୋର ପ୍ରଧାନ, ସୁଦାମ ଚରଣ ପ୍ରଧାନ ଏବଂ ହେମନ୍ତ ଧଳ ବ୍ଲକ କାର୍ଯ୍ୟାଳୟ ଆସି ବିଡ଼ିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟଙ୍କୁ ଏକ ଦାବିପତ୍ର ଦେଇଥିଲେ। ଆସନ୍ତା ୯ ତାରିଖ ମଧ୍ୟରେ ସମ୍ପୃକ୍ତ କାମର ପାଉଣା ପ୍ରଦାନ କରା ନ ଗଲେ ୧୦ତାରିଖଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ଦାବିପତ୍ରରେ ସେମାନେ ଚେତାବନୀ ଦେଇଛନ୍ତି। ଏଥିସହିତ ସମ୍ପୃକ୍ତ ଠିକାଦାରମାନେ ରେଢ଼ାଖୋଲ ବିଧାୟକ, ଉପଜିଲାପାଳ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ଏବଂ ଥାନା ଅଧିକାରୀଙ୍କୁ ମଧ୍ୟ ଲିଖିତଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରେ ଠିକାଦାରମାନଙ୍କ ଏହି ସମସ୍ୟାଗୁଡିକ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

# ସ୍ନାତକ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର



ଆତ୍ମରକ୍ଷା ତାଲିମ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ନାକଟିଦେଉଳ, ୩।୨(ବୈକୁଣ୍ଠନାଥ ସାହୁ )**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସାତଦିନିଆ ଆତ୍ମରକ୍ଷା ତାଲିମ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁ ଏହି ଶିବିରକୁ ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ ଯୋଗଦେଇ ବର୍ତ୍ତମାନର ସଙ୍କଟମୟ ପରିସ୍ଥିତିରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ଡିଟିପି ପ୍ରୋଗ୍ରାମ ଅଫିସର ସଙ୍ଗୀତା ସେଠ ଶିବିରର ଆଭିମୁଖ୍ୟ ଓ ପରିବର୍ତ୍ତିତ ପରିସ୍ଥିତିରେ ଛାତ୍ରୀମାନଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନ କ୍ରୀଡା ଶିକ୍ଷକ ଧନଞ୍ଜୟ ମହାକୁଡଙ୍କ ସହଯୋଗରେ ଆରମ୍ଭ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ୧୦୫ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ତେଜସ୍ୱିତା ସାହୁ ମାଷ୍ଟର ଟ୍ରେନରଭାବେ ଯୋଗ ଦେଇଛନ୍ତି।

# ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ
## ଶିକ୍ଷୟିତ୍ରୀଶିକ୍ଷକଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ କଲେ ଲୋକେ



ସରକାରୀ ଗଡମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ପରେ ବିଧାୟକ ସୁଦର୍ଶନ ହରିପାଲ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରୁଛନ୍ତି।

**ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡମୁଣ୍ଡାକୁ ସୋମବାର ସ୍ଥାନୀୟ ବିଧାୟକ ସୁଦର୍ଶନ ହରିପାଲ ଅଚାନକ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କାର୍ଯ୍ୟ ଅବହେଳା କରୁଥିବା ଏବଂ ମନଇଚ୍ଛା ଛୁଟିରେ ରହିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହାପରେ ବିଧାୟକ ବିଦ୍ୟାଳୟର ଆଟେଣ୍ଡାନ୍ସ ରେଜିଷ୍ଟ୍ରାର ଚେକ୍ କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଦ୍ୟାଳୟକୁ ଆସିବାର ସମୟ ଥିଲା, କିନ୍ତୁ ପ୍ରସ୍ଥାନ ସମୟ ଉଲ୍ଲେଖ ନ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ଉପସ୍ଥିତ ଶିକ୍ଷକମାନଙ୍କୁ ବିଧାୟକ ପ୍ରଶ୍ନ କରିବାରୁ ସେମାନଙ୍କ ଛୁଟି ଦରଖାସ୍ତ ବିଧାୟକଙ୍କୁ ଦେଇଥିଲେ। ତେବେ ଏନେଇ ବିଧାୟକ ହରିପାଲ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରି କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅନୁରୋଧ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ବିଧାୟକଙ୍କଠାରୁ ଅଭିଯୋଗ ଶୁଣିବା ପରେ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି କହିଛନ୍ତି। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲ କହିଛନ୍ତି ।

# ୨ ନୂତନ ଅତିରିକ୍ତ ଜିଲାପାଳଙ୍କ ଯୋଗଦାନ

**ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲାର ଅତିରିକ୍ତ ଜିଲାପାଳ ଭାବେ ସୋମବାର ସନ୍ଧ୍ୟାରେ ଅଶୋକ କୁମାର ଭୋଇ ଏବଂ ଈଶ୍ୱରଚନ୍ଦ୍ର ନାଏକ ଯୋଗଦାନ କରିଛନ୍ତି।



ଅଶୋକ କୁମାର ଭୋଇ



ଈଶ୍ୱର ଚନ୍ଦ୍ର ନାଏକ

ଦୁଇ ଅତିରିକ୍ତ ଜିଲାପାଳଙ୍କ ଯୋଗଦାନ ପରେ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇବା ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ସୂଚନାଯୋଗ୍ୟ, ଯେ ଅଶୋକ କୁମାର ଭୋଇ ପୂର୍ବରୁ କନ୍ଧମାଳ ଜିଲାରେ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରତ ଥିବାବେଳେ ଈଶ୍ୱର ଚନ୍ଦ୍ର ନାଏକ ମୟୂରଭଞ୍ଜ ଜିଲାର ବାରିପଦାଠାରେ ଉପଜିଲାପାଳ ଭାବେ କାର୍ଯ୍ୟରତ ଥିଲେ।

# କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**କୁଚିଣ୍ଡା,୩।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜଲା କୁଚିଣ୍ଡା ବ୍ଲକ ସାଲେଭାଡି ପଞ୍ଚାୟତର ବଡବାହାଲ ଓ କୁ.ଜମନକିରା ପଞ୍ଚାୟତର ବଡମୁଣ୍ଡାଲୋଇଠାରେ ସୋମବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବିଡିଓ ଜୟନ୍ତ ସାହୁ, ସାଲେଭାଡି ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞାପରମିତା ନାୟକ,ଅବସରପ୍ରାପ୍ତ କର୍ମଚାରୀ ମିତ୍ରଭାନୁ ପଟେଲ ଯୋଗଦେଇଥିଲେ। ସେହିପରି କୁ.ଜମନକିରା ପଞ୍ଚାୟତର ବଡମୁଣ୍ଡାଲୋଇଠାରେ ମଧ୍ୟ ମନ୍ତ୍ରୀ ନାଏକ ଏକ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପରୋକ୍ତ ଅତିଥିଙ୍କ ସହ କୁ.ଜମନକିରା ପଞ୍ଚାୟତ ସରପଞ୍ଚ ପବିତ୍ର କିଷାନ ଉପସ୍ଥିତ ଥିଲେ।



ମନ୍ତ୍ରୀ ରବିନାରାୟଣ ନାଏକ ବଡବାହାଲ କମ୍ୟୁନିଟି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ମାନେଶ୍ୱର ବ୍ଲକରେ ମିଳିତ ଜନଅଭିଯୋଗ ଶୁଣାଣି

**ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ)**

ମାନେଶ୍ୱର ବ୍ଲକକାର୍ଯ୍ୟାଳୟରେ ସୋମବାର ଅପରାହ୍ନ ୧ଟାରେ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶର ବଳିରାମ ବୋନ୍ଦର, ଜିଲା ପରିଷଦ ନିର୍ବାହୀ ଏବଂ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ପ୍ରସନ୍ନ ପାତ୍ର, ଅତିରିକ୍ତ ଏସ୍‌ପି ଏଲଭିନେସ କେରକେଟା, ଉପ ଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୨୨ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିରୁ ୧୯ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମୀଣ ସମସ୍ୟା ଥିଲା। ୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ପରେ ବ୍ଲକ ପରିସରରେ ମିଶନ ଶକ୍ତି ପକ୍ଷରୁ ଲଗାଯାଇଥିବା ହସ୍ତଶିଳ୍ପ ପ୍ରଦର୍ଶନୀକୁ ଜିଲାପାଳ ଏବଂ ଅନ୍ୟ ଅଧିକାରୀ ବୁଲି ଦେଖିଥିଲେ।



ହସ୍ତଶିଳ୍ପ ପ୍ରଦର୍ଶନୀକୁ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ବୁଲି ଦେଖୁଛନ୍ତି ।

# ଭାରତୀୟ ଜ୍ଞାନ ପରମ୍ପରାର ମୂଳ ଉତ୍ସ ସଂସ୍କୃତ

### ଏଜିଏମୟୁ ସଂସ୍କୃତ ବିଭାଗରେ ନୈତିକ ବକ୍ତୃତା

**ସମ୍ବଲପୁର,୩।୨(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସ୍ନାତକୋତ୍ତର ସଂସ୍କୃତ ବିଭାଗରେ ନୈତିକ ବକ୍ତୃତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଦିଲ୍ଲୀ ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗର ଆଚାର୍ଯ୍ୟ ପ୍ରଫେସର ଧର୍ମାନନ୍ଦ ରାଉତ ଅତିଥି ବକ୍ତାଭାବେ ଯୋଗଦେଇ ରସର ଅଲୌକିକତା ଓ ଅଖଣ୍ଡ ଆନନ୍ଦ ଅନୁଭବ ବିଷୟରେ ବକ୍ତବ୍ୟ ରଖିଥିଲେ। ପୁରୀ ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ସଂସ୍କୃତ ବିଭାଗର ସହାୟକ ଆଚାର୍ଯ୍ୟ ଡ. ରାକେଶ କୁମାର ମିଶ୍ର ଭାରତୀୟ ଜ୍ଞାନ ପରମ୍ପରା ଉପରେ ବକ୍ତବ୍ୟ ପ୍ରଦାନ



ସୋମବାର ସମ୍ବଲପୁର ସ୍ଥିତ ଜିଏମ୍‌ୟୁ ସ୍ନାତକୋତ୍ତର ସଂସ୍କୃତ ବିଭାଗରେ ନୈତିକ ବକ୍ତୃତା କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ।

କରିଥିଲେ। ଭାରତୀୟ ଜ୍ଞାନ ପରମ୍ପରାର ମୂଳ ଉତ୍ସ ହେଉଛି ସଂସ୍କୃତ ଭାଷାରେ ରଚିତ ବେଦ ବେଦାଙ୍ଗ । ସାମ୍ପ୍ରତିକ ଯୁଗରେ ସେହି ବୈଦିକ ଜ୍ଞାନ ପଲ୍ଲବିତ ହୋଇ ବିସ୍ତାର ଲାଭ କରିଛି ବୋଲି ଡ. ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଜିଏମ୍‌ୟୁ ସଂସ୍କୃତ ବିଭାଗର ମୁଖ୍ୟା ଡ. ସୁନେଲୀ ଦେଇ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ସଂସ୍କୃତବିଭାଗର ସହାୟକ ଆଚାର୍ଯ୍ୟ ଡ. ସାଲ ବେସ୍ରା, ସହାୟକ ଆଚାର୍ଯ୍ୟ ଡ. ବଳଭଦ୍ର କର୍ଣ୍ଣ, ଅତିଥି ଅଧ୍ୟାପକ ଦୀପକ ସାହୁ ଏବଂ ଅତିଥି ଅଧ୍ୟାପିକା କୁମାରୀ ପ୍ରଣତି ବଢେଇ କାର୍ଯ୍ୟକ୍ରମରେ ସହାୟତା କରିଥିବାବେଳେ ସହାୟକ ଆଚାର୍ଯ୍ୟା ଡ. ସୁଶ୍ରୀ ସସ୍ମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଭାଗର ଛାତ୍ର ବିବେକାନନ୍ଦ ସେଠୀ, ତିଳୋତ୍ତମା ଉଗାର, ପବିତ୍ର ଭୋଇଙ୍କ ସମେତ ଅନ୍ୟ ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ମଧ୍ୟ ଉପସ୍ଥିତ ଥିଲେ ।

# ଜେଲରେ ହଂସିତା, ଅନିଲଙ୍କୁ ଆୟକର ଜେରା

ଭୁବନେଶ୍ୱର,୩।୨(ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭୀଲିପ୍‌ସା ଓରଫ ବିଷ୍ଣୁପ୍ରିୟା ଚାନ୍ଦ ଓ ଅନିଲ କୁମାର ମହାନ୍ତିଙ୍କୁ ସୋମବାର ଆୟକର ବିଭାଗ ମାରାଥନ୍ ଜେରା କରିଛି। ଆୟକର ବିଭାଗ ପକ୍ଷରୁ ଦୁଇଟି ଟିମ୍‌ରେ ୭ଜଣିଆ ଅଧିକାରୀ ଝାରପଡ଼ା ଜେଲର ଏକ ସ୍ୱତନ୍ତ୍ର କୋଠରିରେ ଅଭିଯୁକ୍ତଦ୍ୱୟଙ୍କୁ ପ୍ରାୟ ୫ ଘଣ୍ଟା ଜେରା କରି ବହୁ ତଥ୍ୟ ନେଇଛି। ଅନିଲ ଓ ହଂସିତାଙ୍କ କାହା ସହ ଲିଙ୍କ୍ ରହିଛି, ବିପୁଳ ସମ୍ପତ୍ତିର ଉତ୍ସ କଣ, ଉଭୟ କେତେ ଟଙ୍କା ଟିକସ ଫାଙ୍କିଛନ୍ତି ଆଦି ବିଷୟରେ ଆଇଟି ପକ୍ଷରୁ ପଚରାଯାଇଛି।

ଆୟକର ଅଧିକାରୀମାନେ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ରେ ଝାରପଡ଼ା ଜେଲରେ ପହଞ୍ଚି ଜେରା ପ୍ରକ୍ରିୟା ଆରମ୍ଭ କରିଥିଲେ। ପରେ ଅପରାହ୍ନ ପ୍ରାୟ ୩ଟା ୩୦ ବେଳେ ଜେରା ସାରି ଫେରି ଯାଇଥିଲେ। ଅନିଲ ଓ ହଂସିତାଙ୍କୁ ରିମାଣ୍ଡରେ ନେଇ ଜେରା କରିବାକୁ ଆୟକର ବିଭାଗ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲେ ମଧ୍ୟ ଏଥିପାଇଁ ବିଚାରପତି ଅନୁମତି ଦେଇ ନ ଥିଲେ। ଜେଲରେ ହିଁ ଗୋଟିଏ ଦିନ ଜେରା କରିବାକୁ କୋର୍ଟ ଆୟକର ବିଭାଗକୁ ଅନୁମତି ଦେଇଥିଲେ। ଗତ ଜାନୁଆରୀ ୭ରେ ଆୟକର ବିଭାଗ ପକ୍ଷରୁ ହଂସିତା ଓ ଅନିଲଙ୍କ ଦିଲ୍ଲୀ, ଝାଡ଼ଖଣ୍ଡ, ଓଡ଼ିଶାର ୧୨ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଆଇଟି ବିଭାଗ ଚଢ଼ାଉ କରି ଆର୍ଥିକ କାରବାର ସମ୍ବନ୍ଧୀୟ ବହୁ ଦସ୍ତାବିଜ୍ ଆଦି ଜବତ କରିଥିଲା। ଏଥିସହ ହଂସିତାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟଙ୍କ ଘରେ ମଧ୍ୟ ଆୟକର ଟିମ୍ ଚଢ଼ାଉ କରିଥିଲା। ଅପରପକ୍ଷରେ ଅନିଲ ଓ ହଂସିତା ଜାମିନ ପାଇଁ ଆବେଦନ କରିଥିବାବେଳେ କୋର୍ଟ ଏହାକୁ ଖାରଜ କରିଥିବାରୁ ସେମାନଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ, ବହୁ ଲୋକଙ୍କୁ ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନା ପକ୍ଷରୁ ହଂସିତା ଏବଂ ଅନିଲଙ୍କୁ ଗିରଫ କରାଯାଇଥିଲା। ପରେ ପୋଲିସ ଓ ଆୟକର ବିଭାଗ ଉଭୟଙ୍କ ଅନେକ କୋଟିର ଦାମୀ ଗାଡ଼ି ସହ ସମ୍ପତ୍ତି ଠାବ କରିଥିଲା। ଏପରିକି ଅନିଲ ଓ ହଂସିତାଙ୍କ ବିରୋଧରେ ହୋଇଥିବା ଏତଲା କପି, ସମସ୍ତ ତଥ୍ୟ ଓ କାଗଜପତ୍ର ପୋଲିସ ଏବଂ ଆୟକର ବିଭାଗଠାରୁ ଇଡି ସଂଗ୍ରହ କରି ଆର୍ଥିକ ଦିଗ ଉପରେ ଅଧିକ ଖୋଳତାଡ଼ କରୁଛି।

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁ ପରିଚୟ ଦେଇ ଠକେଇ ଘଟଣା**



# ନାବାଳିକାଙ୍କ ନଗ୍ନ ଫଟୋ ଭାଇରାଲ: ଯୁବକ ଗିରଫ

କୁଜଙ୍ଗ,୩।୨(ମନୋଜ ପ୍ରଧାନ)

ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ନଗ୍ନ ଫଟୋ ଉଠାଇ ଭାଇରାଲ କରିବା ଅଭିଯୋଗରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ପୋଲିସ ସୋମବାର ଜଣକୁ ଗିରଫ କରି ପୋକ୍‌ସୋ କୋର୍ଟରେ ହାଜିର କରାଯାଇଛି। ସେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ସୌରଭ ସ୍ୱାଇଁ(୪୪)। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାବିଭାଗୀୟ ହାଜତ କୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ୪ ବର୍ଷ ପୂର୍ବେ କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ମୋବାଇଲ୍ ଫୋନ ଯୋଗେ ସୌରଭ ସମ୍ପର୍କ ଯୋଡ଼ିଥିଲେ। ନିଜକୁ ଜଣେ ଛାତ୍ର ଓ ତାଙ୍କ ବାପା ଜଣେ ପାରାଦୀପର ଠିକାଦାର ବୋଲି ଦର୍ଶାଇ ସୌରଭ ସମ୍ପୃକ୍ତା ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ଏହପରେ ଅନେକ ସମୟରେ ତାଙ୍କ ସହ ଭିଡିଓ କଲିଂରେ କଥା ହୋଇ ନାବାଳିକାଙ୍କ କିଛି ନଗ୍ନ ଫଟୋ ଉତ୍ତୋଳନ କରିବାକୁ ସକ୍ଷମ ହୋଇଥିଲେ । ସେହି ଫଟୋ ଦେଖାଇ ନାବାଳିକାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ସୌରଭ ବାଧ କରିଥିଲେ। ଏଥିସହ ୫ ଲକ୍ଷ ଟଙ୍କା ନ ଦେଲେ ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ପୀଡ଼ିତା ଅଭିଯୁକ୍ତଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରି ଦେଇଥିଲେ। ଏହାପରେ ସୌରଭ ନାବାଳିକାଙ୍କ ନଗ୍ନ ଫଟୋକୁ ଜଣେ ସମ୍ପର୍କୀୟଙ୍କ ମୋବାଇଲକୁ ପଠାଇ ଦେଇଥିଲେ। ଏ ସମ୍ପର୍କରେ ପୀଡ଼ିତା କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତି କରି ମାମଲା (ନଂ.୪୫/୨୫ )ରୁଜୁ କରିଥିଲା।

# ହତ୍ୟା ମାମଲାରେ ୫ ଜଣଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୩।୨
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ସୋମବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ଡ. ଇନ୍ଦୁ ଶର୍ମା ଅଭିଯୁକ୍ତ ଦୁଇ ଭାଇଙ୍କ ସମେତ ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଡିମ୍ବିରା ବାଉରି ସାହିର ସୁଧୀର ଦାସ (୨୩), ତାଙ୍କ ବଡ଼ଭାଇ କେଦାର ଦାସ(୨୫), ସୁଶାନ୍ତ ଦାସ(୨୪), କାହ୍ନୁ ଦାସ (୨୬) ଓ ବାପି ଦାସ(୨୫)। କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ସେମାନେ ଅଧିକ ୧ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଡିମ୍ବିରା ବାଉରିସାହିର ତ୍ରିନାଥ ଦାସ (୪୫) ୨୦୨୦ ମେ ୨୭ ତାରିଖରେ ଘର ବାହାରେ ବସିଥିବା ବେଳେ ସାହିର କେତେଜଣ ଯୁବକ ଆସି ତାଙ୍କ ପୁଅ କୁଆଡ଼େ ଗଲା ବୋଲି ପଚାରି ଗାଳିଗୁଲଜ କରିଥିଲେ। ତ୍ରିନାଥ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିବା ସହିତ ଖଣ୍ଡାରେ ହାଣି ଚମ୍ପଟ ମାରିଥିଲେ। ତ୍ରିନାଥଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ନଂ.୮୨/୨୦ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତହ୍ଲାଳନୀ ଥାନା ଅଧିକାରୀ ସୁମିତ କୁମାର ସୋରେନ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାରକରି କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ବରଯାତ୍ରୀରେ ଆସି ବିବାହ ମଣ୍ଡପରୁ ସୁନା ଗହଣା ଲୁଟିନେଲେ

ଭୁବନେଶ୍ୱର,୩।୨(ସୂର୍ଯ୍ୟକାନ୍ତ ବେହେରା)

ବରଯାତ୍ରୀରେ ଆସି ବିବାହ ମଣ୍ଡପରୁ ୭୦ରୁ ୮୦ ଗ୍ରାମ ସୁନା ଗହଣା ସହ ଦେଢ଼ ଲକ୍ଷ ଟଙ୍କା ନେଇଗଲେ ୨ ଲୁଟେରା। ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ନାଲ୍‌କୋ ଛକ ପାଖରେ ଥିବା ଏକ ହୋଟେଲ ପରିସରରେ ଏହି ଘଟଣା ରବିବାର ରାତିରେ ଘଟିଛି। ଲୁଟେରାଦ୍ୱୟଙ୍କ ଚୋରି କାରନାମାର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ଶାସ୍ତ୍ରୀନଗରର ସରୋଜ ମିଶ୍ର ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୋଟିଏ ଗୋଲ୍ଡ ଡାଇମଣ୍ଡ ରିଙ୍ଗ୍, ୨ଟି ଚୁଡ଼ି, ନେକ୍‌ଲେସ, ମଙ୍ଗଳସୂତ୍ର, ଏକାଧିକ ସୁନା ମୁଦି ଏବଂ ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟେରା ନେଇଯାଇଥିବା ଅଭିଯୋଗ ହୋଇଛି। ଚୋରି ହୋଇଥିବା ସୁନାର ମୂଲ୍ୟ ୧୩ ଲକ୍ଷରୁ ଅଧିକ ହେବ। ଏନେଇ ଡିସିପି ପିନାକ ମିଶ୍ର ମୂଲ୍ୟବାନ ଜିନିଷକୁ ହାତଛଡ଼ା ନ କରି ପରିବାର ଲୋକଙ୍କ ଦାୟିତ୍ୱରେ ଦିଅନ୍ତୁ ବୋଲି ସହରବାସୀଙ୍କୁ ନିବେଦନ କରିଛନ୍ତି।

ସୂଚନାନୁସାରେ, ସରୋଜଙ୍କ ଡାକ୍ତରାଣୀ ଝିଅଙ୍କ ବାହାଘର କାର୍ଯ୍ୟକ୍ରମ ଏକ ହୋଟେଲରେ ରବିବାର ଚାଲିଥିଲା। କନ୍ୟା ଷ୍ଟେଜରେ ଥିବାବେଳେ ବରଯାତ୍ରୀ ଗାଡ଼ି ପହଞ୍ଚିଥିଲା। ଏହି ସମୟରେ ୨ଜଣ ବରଯାତ୍ରୀଙ୍କ ସହ ଚତୁରତାର ସହ ହୋଟେଲ ମଧ୍ୟକୁ ପ୍ରବେଶ କରି କନ୍ୟା ଥିବା ଷ୍ଟେଜ୍ ପାଖରେ ଛିଡ଼ା ହୋଇଥିଲେ। କେହି ଯେମିତି ସନ୍ଦେହ ନ କରିବେ ଲୁଟେରାଦ୍ୱୟ ସୁଟ୍ ବୁଟ୍ ପିନ୍ଧି ଆସିଥିଲେ। ଏପଟେ କନ୍ୟା ଘର ଲୋକେ ଓ ଅନ୍ୟଅତିଥି ବରଙ୍କୁ ଦେଖିବାକୁ ବାହାରକୁ ଯାଇଥିଲେ। ସରୋଜଙ୍କ ସ୍ତ୍ରୀଙ୍କ କେତେଜଣ ଅତିଥି ଷ୍ଟେଜ ପାଖକୁ ଆସୁଥିବାରୁ ସେମାନଙ୍କୁ ରିସିଭ କରିବା ସମୟରେ ସେ ଭ୍ୟାନିଟି ବ୍ୟାଗକୁ ଷ୍ଟେଜରେ ଥୋଇ ଦେଇଥିଲେ। ଏହାର ସୁଯୋଗ ନେଇ ସେଠାରେ ଥିବା ଲୁଟେରାଦ୍ୱୟ ବିଳମ୍ବ ନ କରି ଭ୍ୟାନିଟି ବ୍ୟାଗକୁ ନେଇ ତୁରନ୍ତ ବାହାରକୁ ପଳାଇଥିଲେ। ଏହାପରେ ବ୍ୟାଗ ନ ପାଇବାରୁ ସରୋଜ ତୁରନ୍ତ ହୋଟେଲ କର୍ତ୍ତୃପକ୍ଷଙ୍କୁ ସିସିଟିଭି ଫୁଟେଜ ଯାଞ୍ଚ କରିବାକୁ କହିଥିଲେ। ହେଲେ ହୋଟେଲ କର୍ତ୍ତୃପକ୍ଷ ନ ଶୁଣି ପୋଲିସକୁ ଜଣାନ୍ତୁ ବୋଲି କହିଥିଲେ। ଏହାପରେ ସରୋଜ ପୋଲିସକୁ ଘଟଣା ସଂକ୍ରାନ୍ତରେ ଫୋନ ଯୋଗେ କହିବା ସହ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଦ୍ୱୟ ଫେରାର ହୋଇଥିବା ଗାଡ଼ିକୁ ଚିହ୍ନଟ କରି ଧରିବାକୁ ଉଦ୍ୟମ ଚଳାଇଥିଲେ ମଧ୍ୟ ଖବର ଲେଖା ହେବାପର୍ଯ୍ୟନ୍ତ କାବୁ କରିପାରି ନାହିଁ ।

# ବ୍ରାଉନ୍‌ସୁଗାର ଚାଲାଣ ବେଳେ ଧରାପଡ଼ିଲେ ଟାକୁଲୁ



ଗିରଫ ଅଭିଯୁକ୍ତ।

ଜଳେଶ୍ୱର, ୩।୨(ନବୀନ ସାହୁ/ରବିନାରାୟଣ ପାତ୍ର)

**୩୪୫ ଗ୍ରାମ ବ୍ରାଉନସୁଗାର, ବୁଲେଟ ଜବତ**

ପଶ୍ଚିମବଙ୍ଗରୁ ଓଡ଼ିଶା ଜଳେଶ୍ୱରକୁ ବ୍ରାଉନ୍‌ସୁଗାର ଆଣି ଆସୁଥିବାବେଳେ ଜଳେଶ୍ୱର ପୋଲିସ ରବିବାର ଜଣେ ବ୍ୟକ୍ତିଙ୍କୁ କାବୁ କରି ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ସେକ୍ ସମିରୁଦ୍ଦିନ ଓରଫ ଟାକୁଲୁ ରାଜା(୪୦)। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱର ଅଞ୍ଚଳରେ। ଟାକୁଲୁଙ୍କ ଠାରୁ ୩୪୫ଗ୍ରାମ ବ୍ରାଉନ୍ ସୁଗାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୪.୫ ଲକ୍ଷ ଟଙ୍କା ହେବ। ଘଟଣାସ୍ଥଳରୁ ବ୍ରାଉନ୍ ସୁଗାର ସହିତ ଏକ ବୁଲେଟ(ନଂ.ଓଡି୦୧-ଏଡବ୍ଲୁ-୩୮୨୨), କଳା ରଙ୍ଗର ମୋବାଇଲ ଫୋନ୍ ଏବଂ ୩,୮୦୦ ଟଙ୍କା ଜବତ ହୋଇଛି। ତାଙ୍କ ବିରୋଧରେ ଏକ ମାମଲା(ନଂ.୭୦/୨୦୨୫) ରୁଜୁ ହୋଇଛି। ଟାକୁଲୁଙ୍କ ବିରୋଧରେ ୨୦୨୦ରେ ବିଭିନ୍ନ ଥାନାରେ ୭ଟି ନିଶା କାରବାର ମାମଲା ରୁଜୁ ହୋଇଥିଲା। ସେ ୨୦୨୧ରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବାବେଳେ ୨୦୨୩ରେ ଜାମିନରେ ବାହାରିଥିଲେ ବୋଲି ବାଲେଶ୍ୱର ଏସ୍‌ପି ରାଜପ୍ରସାଦ ସୋମବାର ଜଳେଶ୍ୱର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନାନୁଯାୟୀ, ଟାକୁଲୁ ପଡ଼ୋଶୀ ବାଂଲାଦେଶ, ନେପାଳ, ଦୁବାଇରୁ ବ୍ରାଉନ୍ ସୁଗାର ଆଣି କାରବାର କରନ୍ତି। ଦୀର୍ଘ ଦିନ ଏସ୍‌ଟିଏଫ୍ ସ୍କାନରରେ ରହିବା ପରେ ୨୦୨୧ ମସିହାରେ ସେ ଆତ୍ମସମର୍ପଣ କରିଥିଲା। ଜଳେଶ୍ୱର ଅଞ୍ଚଳରେ ଟାକୁଲୁଙ୍କ ଆନୁମାନିକ ୧୦କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି ଫରଫିଚର ଅଫ୍ ପ୍ରପର୍ଟି ଆଇନ ବଳରେ କେନ୍ଦ୍ରୀୟ ନାର୍କୋଟିକ୍ସ ଡ୍ରଗ୍‌ସ ବିଭାଗ କୋଲକାତାସ୍ଥିତ ଇଷ୍ଟର୍ନ ରିଜିଓନାଲ ଜୋନ୍‌ର ଅଧିକାରୀଙ୍କୁ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ ଦେଇଥିଲା। ଏସ୍‌ଟିଏଫ୍ ମଧ୍ୟ ଜଳେଶ୍ୱର ତହସିଲଦାରଙ୍କ ସହାୟତାରେ ଟାକୁଲୁଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଚଳାଇଛି। ଟାକୁଲୁଙ୍କ ବିରୋଧରେ ଜଳେଶ୍ୱର ଥାନାରେ ୩ଟି, ଶିଂଲା ଥାନାରେ ୧ଟି, ଭଦ୍ରକ ଥାନାରେ ୧ଟି, ବିଞ୍ଝାରପୁର ଥାନାରେ ୧ଟି ଓ ଏସ୍‌ଆଇଟି ଥାନାରେ ୨ଟି ମାମଲା ରହିଥିବା ଏସ୍‌ପି ରାଜପ୍ରସାଦ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ ସାହୁ, ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨ଦିନିଆ ରିମାଣ୍ଡରେ ସମର୍ଥ ସମ୍ପାଦକ

**ଅନ୍ତେବାସୀଙ୍କୁ ନିର୍ଯ୍ୟାତନା ଘଟଣା**

- ବଳାତ୍କାର ମାମଲାର ହେବ ଖୋଳତାଡ଼
- ୬ ଅନ୍ତେବାସୀଙ୍କ ମୃତ୍ୟୁର କାରଣ ଖୋଜିବ ପୋଲିସ

ସମ୍ବଲପୁର,୩।୨(ପ୍ରମୋଦ ବହିଦାର)



ରିମାଣ୍ଡ ମିଳିବା ପରେ ସମର୍ଥ ଥଇଥାନ କେନ୍ଦ୍ର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କୁ ପୋଲିସ ନେଉଛି।

ସମ୍ବଲପୁର ନେତାଜୀନଗରରେ ଥିବା ସମର୍ଥ ମାନସିକ ଅନଗ୍ରସର ରୋଗୀ ଥଇଥାନ କେନ୍ଦ୍ରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କୁ ପୋଲିସ ସୋମବାର ୨ଦିନିଆ ରିମାଣ୍ଡରେ ନେଇଛି। ଏହି ସମୟରେ ସମର୍ଥ କେନ୍ଦ୍ରରେ ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କ ଉପରେ ହୋଇଥିବା ନିର୍ଯ୍ୟାତନାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ତାଙ୍କୁ ପୋଲିସ ପଚରାଉଚରା କରିବ। ଫଳରେ ଜନସେବା ନାମରେ ଦାଶ ଚଳାଇଥିବା କାରନାମାର ଗୁମର ଖୋଲିବ ବୋଲି ଆଶା କରାଯାଉଛି। ସେଥିମଧ୍ୟରେ ଜଣେ ଅନ୍ତେବାସୀଙ୍କୁ ବଳାତ୍କାର ସହ ୬ ଜଣ ଅନ୍ତେବାସୀଙ୍କ ମୃତ୍ୟୁ ରହସ୍ୟ ମଧ୍ୟ ଉନ୍ମୋଚିତ ହେବା ଆଶା କରାଯାଉଛି।

ଏ ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି, ସମର୍ଥ କେନ୍ଦ୍ରରେ ଅନ୍ତେବାସୀଙ୍କୁ ନିର୍ଯ୍ୟାତନା ମାମଲାରେ ଧନୁପାଲି ଥାନାରେ ଏକ ମାମଲା ରୁଜୁହୋଇଥିଲା। ଏହାବାଦ ତାଙ୍କ ବିରୋଧରେ ଜଣେ ଅନ୍ତେବାସୀଙ୍କ ପକ୍ଷରୁ ବଳାତ୍କାର ଅଭିଯୋଗ ହୋଇଥିଲା ପରେ ଏହାକୁ ନେଇ ଆଉ ଏକ ମାମଲା ରୁଜୁହୋଇଥିଲା। ଏହାର ତଦନ୍ତ ପାଇଁ ସମର୍ଥ ସମ୍ପାଦକ ଦାଶଙ୍କୁ ରିମାଣ୍ଡରେ ନେବା ପାଇଁ ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଦେଇଥିବା ୨ଦିନିଆ ରିମାଣ୍ଡ ଅବଧି କାଳରେ ତାଙ୍କ ବିରୋଧରେ ଯେଉଁ ସବୁ ଅଭିଯୋଗ ପୋଲିସ ନିକଟରେ ପହଞ୍ଚିଛି ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ମସିହାରେ ଆଦର୍ଶ ଶିଶୁ ମନ୍ଦିର ଅଧୀନରେ ସ୍ୱୀକୃତିପ୍ରାପ୍ତ ଏହି କେନ୍ଦ୍ରରେ ୫୦ଜଣ ଅନ୍ତେବାସୀଙ୍କ ପାଇଁ ସ୍ୱୀକୃତି ମିଳିଥିଲା। ସେମାନଙ୍କୁ ଅତ୍ୟନ୍ତ ଅପରିଷ୍କାର ପରିବେଶରେ ମାତ୍ର ଦୁଇଟି କୋଠରିରେ ସର୍ବଦା ତାଲାବନ୍ଦ କରି ରଖାଯାଉଥିଲା ବୋଲି ମଧ୍ୟ ଅଭିଯୋଗ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଲା ଏହି କେନ୍ଦ୍ରରେ ବିଗତ ଦିନରେ ୬ରୁ ୭ଜଣ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଥିଲା। ଏପରିକି ମୃତ୍ୟୁ ପରେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ମଧ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି। ସମର୍ଥ ଥଇଥାନ କେନ୍ଦ୍ରରେ ଅନ୍ତେବାସୀଙ୍କୁ ଅମାନୁଷିକ ନିର୍ଯ୍ୟାତନା ଘଟଣାର ଭିଡିଓ ଭାଇରାଲ ହେବା ପରେ ଏହା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛପନ କୋଟି ଜୀବଙ୍କୁ,
ବାଆନ କୋଟି ଭଣ୍ଡାର।**

ଈଶ୍ୱର ହେଉଛନ୍ତି ସକଳ ସୃଷ୍ଟିର ଆଧାର। ସେ ହିଁ ସୃଷ୍ଟିକର୍ତ୍ତା, ତ୍ରାଣକର୍ତ୍ତା ଓ ପ୍ରାଣକର୍ତ୍ତା। ଜୀବମାନଙ୍କ ପାଇଁ ଈଶ୍ୱରଙ୍କ ସଂସାରରେ ଖାଦ୍ୟର ଅଭାବ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛିରେ ପେଟୁ,
ଯେତେ ଖାଇଥିଲେ ଖାଇବା ରଟୁ।**

ଯାହାର ଖାଦ୍ୟ ପ୍ରତି ଅଧିକ ଲୋଭ ରହିଥାଏ ସେ ଯେତେ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାଏ। ସେହିପରି ଖାଦ୍ୟ ଛଡ଼ା ତାଙ୍କୁ ଆଉ କିଛି ବି ଦୃଶ୍ୟ ହୋଇ ନ ଥାଏ। ପେଟୁ ସଭା ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଭଡ଼ାଘରୁ ସିଟି ଛାତ୍ରୀଙ୍କ ମୃତଦେହ ଜବତ

ଭଞ୍ଜନଗର,୩।୨(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଭଞ୍ଜନଗର ସିଟି ସ୍କୁଲର ଜଣେ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ମୃତଦେହ ସୋମବାର ଭଡ଼ାଘରୁ ଝୁଲନ୍ତା ଅବସ୍ଥାରେ ଜବତ ହୋଇଛି। ସେ ହେଲେ ସୋରଡ଼ା ଥାନା ଅନ୍ତର୍ଗତ କେଶରା ଗ୍ରାମର ଜ୍ୟୋତିରାଣୀ ସେଠୀ। ଜ୍ୟୋତି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଭଞ୍ଜନଗର ଏସ୍‌ଡିପିଓ ସୁଜିତ୍ କୁମାର ନାୟକ, ଥାନା ଅଧିକାରୀ କୁମାର ମୁଦୁଲି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ଭଞ୍ଜନଗର ସିଟି ସ୍କୁଲ ଛାତ୍ରୀ ଜ୍ୟୋତି ନିକଟସ୍ଥ ମାଳସାହିରେ ତାଙ୍କର ଆଉ ୩ ସାଙ୍ଗଙ୍କ ସହ ମିଶି ଏକ ଭଡ଼ାଘରେ ରହୁଥିଲେ। ସୋମବାର ପୂର୍ବାହ୍ନ ୧୦ଟାରେ ସାଙ୍ଗମାନେ ମିଶି ସ୍କୁଲ ଯିବାପାଇଁ ଜ୍ୟୋତିରାଣୀଙ୍କୁ ଡାକିଥିଲେ। କିନ୍ତୁ ସେ ପରେ ଯିବେ କହି ଯାଇ ନ ଥିଲେ। କିଛି ସମୟ ପରେ ସେହି ନିକଟରେ ରହୁଥିବା ଅନ୍ୟ ଜଣେ ଛାତ୍ରୀ କୌଣସି ଜିନିଷ ନେବାକୁ ଜ୍ୟୋତିଙ୍କ ରୁମ୍‌କୁ ଆସିଥିଲେ। ସେ ସମୟରେ ଜ୍ୟୋତି ଆତ୍ମହତ୍ୟା କରିଥିବା ଦେଖିଥିଲେ। ଘର ମାଲିକ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ଏ ନେଇ ନଂ.୬/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଡିଜିପିଙ୍କୁ ସାକ୍ଷାତ୍ କଲେ ନ୍ୟାଶନାଲ ଡିଫେନ୍ସ କଲେଜର ୧୭ ପ୍ରତିନିଧି

ଭୁବନେଶ୍ୱର,୩।୨(ସୂର୍ଯ୍ୟକାନ୍ତ ବେହେରା)



ନ୍ୟାଶନାଲ ଡିଫେନ୍ସ କଲେଜର ୧୭ ଜଣିଆ ପ୍ରତିନିଧିମଣ୍ଡଳୀ ସୋମବାର ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ସାକ୍ଷାତ ଆଲୋଚନା କରୁଛନ୍ତି।

ଭୁବନେଶ୍ୱରଠାରେ ନ୍ୟାଶନାଲ ଡିଫେନ୍ସ କଲେଜର ୧୭ ଜଣିଆ ପ୍ରତିନିଧିମଣ୍ଡଳୀ ଶୈକ୍ଷିକ ଭାରତ ଭ୍ରମଣ ଅବସରରେ ଓଡ଼ିଶାକୁ ୪ଦିନିଆ ଗସ୍ତରେ ଆସିଛନ୍ତି। ଏହି ପ୍ରତିନିଧିମଣ୍ଡଳୀ ସୋମବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ପୋଲିସ ବ୍ୟବସ୍ଥା ଓ ତଟ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଡିଜି ଖୁରାନିଆ ରାଜ୍ୟର ପୋଲିସ ବ୍ୟବସ୍ଥାରେ ଆଧୁନିକୀକରଣ, ମାଓବାଦ ସମସ୍ୟାର ମୁକାବିଲା, ସଂଗଠିତ ଅପରାଧର ନିରାକରଣ ଓ ରାଜ୍ୟର ତଟବର୍ତ୍ତୀ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସାଇବର ଅପରାଧ, ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଏବଂ ପ୍ରତିକାର, ସଡ଼କ ଦୁର୍ଘଟଣା ଏବଂ ଏହାର ନିରାକରଣ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ପୋଲିସ ପ୍ରତି ଆହ୍ୱାନ ଏବଂ ଏହାର ମୁକାବିଲା ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଡିଜିପି ସୂଚନା ପ୍ରଦାନ କରିଥିଲେ। ଏହା ବ୍ୟତୀତ ସଦ୍ୟ ସମାପ୍ତ ହୋଇଥିବା ଡିଜିପି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡିଶା ଭଳି ମେଗା ଇଭେଣ୍ଟକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାରେ ଓଡ଼ିଶା ପୋଲିସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ଡିଜିପି କହିଥିଲେ । ସୂଚନାଯୋଗ୍ୟ, ଏହିପ୍ରତିନିଧିମଣ୍ଡଳୀରେ ବ୍ରାଜିଲ, ଭୁଟାନ, ଦକ୍ଷିଣ ଆଫ୍ରିକା, ନେପାଳ, ବାଂଲାଦେଶ ଭଳି ଦେଶର ପ୍ରତିନିଧିଗଣ ସାମିଲ ହୋଇଥିଲେ। ଏହା ବ୍ୟତୀତ ଭାରତୀୟ ନୌସେନା, ଭାରତୀୟ ବାୟୁସେନା ଏବଂ ସ୍ଥଳ ବାହିନୀର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସ୍ୱତନ୍ତ୍ର ଡିଜିପି କ୍ରାଇମ୍‌ବ୍ରାଞ୍ଚ ବିନୟତୋଷ ମିଶ୍ର, ଗୋଇନ୍ଦା ନିର୍ଦ୍ଦେଶକ ଆର୍. ପି. କୋଚେ, ବିପିଏସ୍‌ପିଏ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ସନ୍ତୋଷ ବାଲା, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଏସ୍‌ଏପି)ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜି(କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜି(ଅପରେଶନ) ଜୟ ନାରାୟଣ ପଙ୍କଜଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା

## ହରଭଙ୍ଗା ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ

**ହରଭଙ୍ଗା,୩।୨(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଅଷ୍ଟମ ସାଧାରଣ ବୈଠକ ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ପ୍ରଧାନ, ଉପାଧକ୍ଷ କାହ୍ନୁ ଚରଣ ନାଥ, ବିଡିଓ ଶରତ ଚନ୍ଦ୍ର ସେଠୀ, କନ୍ଧମାଳ ଏମ୍‌ପି ପ୍ରତିନିଧି ରବିନାରାୟଣ ପ୍ରଧାନ, ଅତିରିକ୍ତ ତହସିଲଦାର ସସ୍ମିତ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ପୂର୍ବ ବୈଠକର ବିବରଣୀ ପଠନ, ଅନୁମୋଦନ ଓ ଆଲୋଚନା ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନକୃଷି, ମତ୍ସ୍ୟ, ପ୍ରାଣୀଚିକିତ୍ସା, ଖାଦ୍ୟ ନିରାପତ୍ତା,



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଏବଂ ସରକାରୀ ଅଧିକାରୀଗଣ।

ସାମାଜିକ ସୁରକ୍ଷା, ଜଙ୍ଗଲ ବିଭାଗ, ଆଇନ ଶୃଙ୍ଖଳା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

ହରଭଙ୍ଗା ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ନେଇ ଜନ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିବା ସହ ମାଳ ମାଳ ଅଭିଯୋଗ କରିଥିଲେ। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫ କିମି ଦୂର କରଞ୍ଜକଟା ଗ୍ରାମରେ ଉଚ୍ଚ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ଦୀର୍ଘଦିନ ହେବ ୩ କୋଟି ଟଙ୍କା ଅନୁଦାନ ମିଳିଥିବା ବେଳେ ଏ ନେଇ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଆସନ୍ତା ୭ ଦିନ ଭିତରେ ନୂତନ ବିଦ୍ୟାଳୟ କୋଠା ଭିତ୍ତିପ୍ରସ୍ତର ସ୍ଥାପନ କରା ନ ଗଲେ ହରଭଙ୍ଗା ବ୍ଲକ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦିଆଯାଇଥିଲା। ଏହାସହ ତିଳେଶ୍ୱର ସମିତି ସଭ୍ୟ ତାକୁଡ ବିଦ୍ୟାଳୟ ବିପଦସଙ୍କୁଳ ଥିବା ନେଇ ଅଭିଯୋଗ କରିଥିଲେ। ବିରନରସିଂହପୁର ପଞ୍ଚାୟତର କରଡି ବିଦ୍ୟାଳୟରେ ଶିକ୍ଷକ ଅଭାବ, ପଇଦାଭୂଇଁ ବିଦ୍ୟାଳୟ ଛାତ ଭୁଶୁଡିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ରାଜିଙ୍ଗ ବିଦ୍ୟାଳୟ ବିପଦଶଙ୍କୁଳ ଅବସ୍ଥାରେ ଥିବାବେଳେ ରେଳପଥ ଓଭର ବ୍ରିଜ୍ ଅତିକ୍ରମ କରି ପିଲାମାନେ ୩ କି.ମି. ଚାଲି ଚାଲି ପୁରୁଣାକଟକ ଆସୁଥିବା ନେଇ ପୁରୁଣାକଟକ ସମିତି ସଭ୍ୟ ସରୋଜ ପ୍ରଧାନ ଅଭିଯୋଗ କରିଥିଲେ।

ଔଷଧ ଠିକ୍ ଭାବେ ବଣ୍ଟନ କରାଯାଉ ନ ଥିବା ଯୋଗୁ ପିଲାମାନେ ରକ୍ତହୀନତା ରୋଗରେ ପଡୁଥିବା ନେଇ ହରଭଙ୍ଗା ବ୍ଲକ ମେଡିକାଲ ଅଫିସର ସୂଚନା ଦେଇଥିଲେ। ହରଭଙ୍ଗା ବ୍ଲକରେ ବିହନ ଠିକ୍ ଭାବେ ବିତରଣ ହୋଇ ନ ଥିବା ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ସେହିପରି ପୁରୁଣାକଟକ ପ୍ରାଣୀ ଚିକିତ୍ସାଧିକାରୀଙ୍କ ବ୍ୟବହାରକୁ ନେଇ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ଅଭିଯୋଗ କରିଥିଲେ। ଏହାସହ ଉଦ୍ୟାନ କୃଷି, ସମାଜ ମଙ୍ଗଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମତ୍ସ୍ୟ ପୋଖରୀ ଆଦି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟ୍ରେନ୍‌ରୁ ୪ ଲୁଟେରା ଗିରଫ

- ସୁନା, ରୁପା ଚେନ୍ ଜବତ
- ଝାରସୁଗୁଡ଼ାରେ ଭଡ଼ା ଘରେ ରହି ନିୟମିତ ଯାତ୍ରୀଙ୍କୁ ଲୁଟୁଥିଲେ

**ସମ୍ବଲପୁର,୩।୨(ପ୍ରମୋଦ ବହିଦାର)**

ରାଉରକେଲାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ରାଉରକେଲା ଇଣ୍ଟରସିଟି ଟ୍ରେନ୍‌ରୁ ୪ ଜଣ ଲୁଟେରାଙ୍କୁ ସୋମବାର ସନ୍ଧ୍ୟାରେ ଗିରଫ କରିଛି ରେଳବାଇ ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ର ଦୁର୍ଗ ଜିଲା ରାଜୀବନଗର ଗ୍ରାମର ସିରାଜ ନିସାଦ(୨୪), ବିହାର ଭାଗଲପୁର ଜିଲା ବାଗଡି ଗ୍ରାମର ପଙ୍କଜ କୁମାର ଯାଦବ(୩୫), ବିହାର ଖଗରିଆ ସହରର ଧର୍ମେନ୍ଦ କୁମର ମଣ୍ଡଳ(୨୫) ଓ ସୌରଭ ମଣ୍ଡଳ(୨୩)। ରାଉରକେଲା ଭୁବନେଶ୍ୱର ଟ୍ରେନ୍‌ରେ ଉକ୍ତ ଯାତ୍ରୀଙ୍କ ସୁନା ଓ ରୂପା ଗହଣ ଚୋରି କରିବା ସମୟରେ ଟେନ୍‌ରେ କାର୍ଯ୍ୟରତ ରେଳ ସୁରକ୍ଷାବଳ ଓ ରେଳବାଇ ପୋଲିସ ସୁରକ୍ଷା କର୍ମୀ ସମ୍ବଲପୁର ସିଟି ଷ୍ଟେଶନରେ ଉକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲେ।



ଡାକ୍ତରୀ ଯାଞ୍ଚ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗିରଫ ୪ ଟ୍ରେନ୍ ଲୁଟେରା ।

ସେମାନଙ୍କଠାରୁ ଗୋଟିଏ ଲେଖାଏ ସୁନା ଓ ରୂପାର ଚେନ୍ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ରେଳବାଇ ଥାନା ଆଇଆଇସି ସୌଦାମିନୀ ନାଗ କହିଛନ୍ତି, ରାଉରକେଲା ଇଣ୍ଟରସିଟି ଟ୍ରେନ୍‌ରୁ ନିୟମିତଭାବେ ଚୋରି ହେଉଥିବା ଅଭିଯୋଗ ହେଉଥିଲା। ତେଣୁ ଟ୍ରେନ୍‌ରେ ଲୁଟେରାମାନଙ୍କୁ ଧରିବା ପାଇଁ ରେଳବାଇ ପୋଲିସ ଓ ରେଳ ସୁରକ୍ଷା ବଳ ସୁରକ୍ଷାକର୍ମୀଙ୍କ ଏକ ମିଳିତ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ସୋମବାର ଝାରସୁଗୁଡ଼ାରୁ ଟ୍ରେନ୍‌ରେ ସମ୍ବଲପୁର ଫେରିବା ବାଟରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ଜେରା ବେଳେ ଯାତ୍ରୀଙ୍କୁ ଲୁଟ ଘଟଣାକୁ ସେମାନେ ସ୍ୱୀକାର କରିଥିଲେ। ଉକ୍ତ ଲୁଟେରାମାନେ ଦୀର୍ଘ ଦିନ ହେଲା ଝାରୁସଗୁଡ଼ା ପୁରୁଣାବସ୍ତିରେ ଏକ ଘର ଭଡ଼ା ନେଇ ରହୁଛନ୍ତି। ଏହା ସହ ନିୟମିତ ବ୍ୟବଧାନରେ ଯାତ୍ରୀଙ୍କୁ ସୁନା ଓ ରୁପା ଗହଣା ସହ ଟଙ୍କା, ମୋବାଇଲ୍ ଆଦି ଦାମିକା ସାମଗ୍ରୀ ଚୋରି କରୁଥିଲେ ବୋଲି ଥାନା ଆଇଆଇସି ନାଗ କହିଛନ୍ତି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୩।୨(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳରେ ଜଣେ ୫୦ବର୍ଷିୟା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଲଲୋବିରା ଗ୍ରାମର ବ୍ରହ୍ମାନନ୍ଦ ବୁଦୁଲା(୨୫)ଙ୍କୁ ଗିରଫ କରିଛି।



ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଦଫା ୬୪(୨)(ଏମ)ବିଏନଏସ (ନଂ.୧୬/୨୫)ରେ ଏକ ମାମଲା ରୁଜୁ କରି ସୋମବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ମହିଳା ଜଣକ ଗତ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ଘର ପାଖ ନଳକୁ ଶୌଚ ପାଇଁ ଯାଇଥିଲେ। ପୂର୍ବରୁ ଛକି ରହିଥିବା ଅଭିଯୁକ୍ତ ତାଙ୍କୁ ନାଳ ଭିତରକୁ ଟାଣି ନେଇ ବଳାତ୍କାର କରିଥିଲେ। ସ୍ୱାମୀଙ୍କ ସହାୟତାରେ ସେ ସୋମବାର ଗୋବିନ୍ଦପୁର ଥାନାରେ ରିପୋର୍ଟ କରିଥିଲେ।

# ଜିଲାପାଳଙ୍କୁ ଭେଟିଲେ ୧୧ ପଞ୍ଚାୟତର ଜନପ୍ରତିନିଧି



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଜନପ୍ରତିନିଧି।

## ବ୍ଲକ ପ୍ରତିଷ୍ଠା ଦାବି

**ବେହେରା,୩।୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ୧୧ ପଞ୍ଚାୟତକୁ ନେଇ ନୂତନ ବ୍ଲକ ଘୋଷଣା ପାଇଁ ଜନପ୍ରତିନିଧି ସୋମବାର ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଧର୍ମଗଡ଼ ବ୍ଲକର ବେହେରା, ଜୟନ୍ତପୁର, ଛଞ୍ଚାଣବାହଲି, ଧଅଁରପୁର, ତେଣ୍ଟାପାଲି ପଞ୍ଚାୟତ ଓ କୋକସରା ବ୍ଲକର ଗୋତମୁଣ୍ଡା, ସାନ ପୋଡାଗୁଡା, ଡାଲଗୁମା, ମୁଷାପାଲି, ଡହଗାଁ ଓ ଖୁଣ୍ଟିଆ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ ଜିଲାପାଳଙ୍କୁ ଭେଟି ବେହେରାଠାରେ ଦଣ୍ଡପାଟ ବ୍ଲକ ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। ସେମାନେ ଦର୍ଶାଇଥିଲେ, ବେହେରା ଗ୍ରାମ ହେଉଛି ଦଣ୍ଡପାଟ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର। ଏହା ଉପରେ ପଡୋଶୀ ନବରଙ୍ଗପୁର ଜିଲା ଓ ଛତିଶଗଡ଼ ରାଜ୍ୟର ଲୋକେ ଜୀବନଜୀବିକା ପାଇଁ ନିର୍ଭର କରିଥାନ୍ତି। ଏହାଛଡା ଏଠାରେ କଲେଜ, ପ୍ରାଥମିକ ଚିକିତ୍ସାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଭଳି ଅନେକ ସରକାରୀ କାର୍ଯ୍ୟାଳୟ ଥିବାରୁ ଲୋକେ ସରକାରୀ ସୁବିଧା ସୁଯୋଗ ପାଇଥାନ୍ତି। ତେଣୁ ନୂଆ ସରକାର ଦଣ୍ଡପାଟରେ ଏକ ନୂତନ ବ୍ଲକ ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଉକ୍ତ ଦାବି ଉପରେ ପ୍ରତିକ୍ରିୟା ରଖି ଜିଲାପାଳ ସରକାର ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ବ୍ଲକ ପୁନର୍ଗଠନ ପାଇଁ କୌଣସି ନୋଟିସ ଜାରି କରି ନାହାନ୍ତି। ଭବିଷ୍ୟତରେ ଏଭଳି ବିଜ୍ଞପ୍ତି ପ୍ରକାଶ ପାଇଲେ ସେ ସରକାରଙ୍କ ନିୟମ ମୁତାବକ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଦଣ୍ଡପାଟ ବ୍ଲକ କ୍ରିୟାନୁଷ୍ଠାନ କମିଟି ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ, ସମ୍ପାଦକ ପ୍ରଶାନ୍ତ ତିୱାରି, ଉପଦେଷ୍ଟା କମିଟି ଅଧକ୍ଷ ଧର୍ମାନନ୍ଦ ସେଠିଆ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ସରପଞ୍ଚ ଗୌଲୋଚନ ଗୋପାଳ, ପୂର୍ବତନ ବ୍ଲକ ଅଧକ୍ଷ ବଳରାମ ପୂଜାରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭିକାରି ନିଆଲ, ସମିତି ସଭ୍ୟ କିଶୋର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ବାଲିଚାଲାଣ ଘଟଣାରେ ଲିଜ୍‌ଧାରୀଙ୍କୁ ଜରିମାନା

**କୋଲାବିରା,୩।୨(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ଭେଡେନ ନଦୀ ପଠା ଖାତା ନଂ. ୧୧୩ ପ୍ଲଟ ନଂ. ୧୩୧୭ରୁ ଶହଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ବେଳେ ଗ୍ରାମବାସୀ ସମୟ ସମୟରେ ଗାଡି ଅଟକାଇ ପୋଲିସ ଏବଂ ପ୍ରଶାସନକୁ ସୂଚନା ଦେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସମ୍ମିଳିତ ଅଦିବାସୀ ସମାଜ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଖଣି ବିଭାଗ ନିକଟରେ ସମ୍ମିଳିତ ଅଦିବାସୀ ସମାଜ ଅଭିଯୋଗ ପରେ ଖଣି ବିଭାଗ ପକ୍ଷରୁ ଖଣି ଯୁଗ୍ମ ନିର୍ଦ୍ଦେଶକ ସମ୍ବଲପୁର ଏବଂ ଖଣି ଅଧିକାରୀ ଝାରସୁଗୁଡ଼ା ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଇଥିଲା। ଉକ୍ତ ସ୍ଥାନରୁ ୬ ହଜାର୨୦୨ ଘନ ମିଟର ବାଲି ଚୋରାଚାଲାଣ ହୋଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ତଦନ୍ତ ରିପୋର୍ଟ ଉଚ୍ଚ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଉକ୍ତ ସ୍ଥାନରୁ ଉଠାଯାଇଥିବା ବାଲିର ମୂଲ୍ୟ ରୟାଲଟି ବାବଦକୁ ୧ ଲକ୍ଷ ୪୯ ହଜାର୨୩୭ ଟଙ୍କା, ପାରିପାର୍ଶ୍ୱିକ କ୍ଷତିସାଧନ ବାବଦକୁ ୪ ଲକ୍ଷ ୯୭ ହଜାର୯୮୯ ଟଙ୍କା ଏବଂ ପେନାଲଟି ବାବଦକୁ ୨ଲକ୍ଷ ଟଙ୍କା, ମୋଟ ୮ଲକ୍ଷ ୪୬ ହଜାର୨୨୬ ଟଙ୍କା ଜରିମାନା ଦେୟରାଶି ୧୫ ଦିନ ମଧ୍ୟରେ ଦାଖଲ କରିବାକୁ ଖଣି ଅଧିକାରୀଙ୍କ ପତ୍ର ସଂଖ୍ୟା ୧୧୫୮ ତାରିଖ ୨୧/୧/୨୫ ଜରିଆରେ ଭେଡେନ ନଦୀ ଗୁଛାପାଲି ବାଲିଶର୍ଯ୍ୟା- (ବି)ର ଲିଜଧାରୀ ସମାସିଂହାର ଅଜୟ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ୧୫ ଦିନ ମଧ୍ୟରେ ଜରିମାନା ଦେୟରାଶି ଦାଖଲରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି।

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୧/୧, ତାରିଖ: ୩୧।୦୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିଜି.), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ପାଇଁ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଣ୍ଟିକାରେ ଖୋଲାଯିବ: ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୩-୨୦୨୪ । କାର୍ଯ୍ୟର ବର୍ଣ୍ଣନା: "କ୍ୟାରିଏଜ୍ ଶପ୍, ଖଡ଼ଗପୁର ୱାର୍କଶପର ସ୍ପ୍ରିଙ୍ଗ୍ ସେକ୍ସନ"ର ପରିବର୍ଦ୍ଧନ । ଟେଣ୍ଡର ମୂଲ୍ୟ: ₹୯୯,୧୨,୧୭୭.୪୮ । ଅମାନତ ରାଶି: ₹୧,୯୮,୩୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୦୬ ମାସ । ଖୋଲାଯିବା ତାରିଖ: ତା୧୩।୦୨।୨୦୨୫ରିଖ । ବିଡିଂ ଆରମ୍ଭ ତାରିଖ: ତା୩୦।୦୧।୨୦୨୫ରିଖରୁ ତା୧୩।୦୨।୨୦୨୫ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି।

(PR-1093)

# ମହାବିଦ୍ୟାଳୟରେ ବିଜ୍ଞାନ କର୍ମଶାଳା

**ବୌଦ୍ଧ,୩।୨(ଅଜିତ କୁମାର ବାରିକ)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ବିଜ୍ଞାନ ସଂସଦ ପକ୍ଷରୁ ସୋମବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ନିରଞ୍ଜନ ମିଶ୍ର ଅଧକ୍ଷତା କରିଥିଲେ। ସଂସଦର ଉପାଧକ୍ଷା ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଗୀତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି, ଅଧ୍ୟାପକ ଡ. ପ୍ରବୀର କୁମାର ଦାସ ଓ ଅଧ୍ୟାପକ ରୋଶନ କୁମାର ତ୍ରିପାଠୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କର୍ମଶାଳାର ମୁଖ୍ୟ ଆଲୋଚକ ଭାବେ ଡ. ସାନନ୍ଦ କୁମାର ଝାଙ୍କର ପରିସଂଖ୍ୟାନ ବିଶ୍ଳେଷଣ ଏବଂ ବୈଜ୍ଞାନିକ ଲେଖନ ଉପରେ ଏକ ସନ୍ଦର୍ଭ ପାଠ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଝାରକୁଣ୍ଡାମାଲ ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳିମାନେ।

**କୋକସରା,୩।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତ ଦାବ୍ରିଗୁଡା ଖେଳ ପଡିଆଠାରେ ଜୟ ବର୍ଷେଲ ମାଝୀ ଲାଲ ବାହାଦୁର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ସିଙ୍ଗମାଝୀ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବଙ୍କାପଲା ଓ ଝାରକୁଣ୍ଡାମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ ସ୍କୋର କରି ନ ପାରିବାରୁ ଟାଇବ୍ରେକରରେ ଝାରକୁଣ୍ଡାମାଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଜେଡି ନେତା ଦୁର୍ଗା ପ୍ରସାଦ ନାଏକ ମୁଖ୍ୟ ଅତିଥି ଓ ନିଳାମ୍ବର ମାଝୀ, ଦିଲୀପ କୁମାର ଯୋଷୀ, ପଙ୍କଜ ପୋଡ଼, ଗୋକୁଳ ଖମାରି, ରମେଶ ଚନ୍ଦ୍ର ଦୁର୍ଗା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଶଙ୍କର ପୋଡ଼, ଅଜୟ ସରାଫ, ଚିତ୍ତରଞ୍ଜନ ଠାକୁର ଓ ରାଧାକାନ୍ତ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।

# ସମ୍ବଲପୁରରେ ୭୭୫ ତୀର୍ଥଯାତ୍ରୀଙ୍କ ରହଣି ବ୍ୟବସ୍ଥା

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୩।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନିମନ୍ତେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ବୈଠକରେ ଅଧକ୍ଷତା କରିଥିଲେ। ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନ୍ତର୍ଗତ ସମ୍ବଲପୁରରୁ କୋଲକାତା- କାମାଖ୍ୟା ଅଭିମୁଖେ ଫେବୃଆରୀ ୭ରୁ ଯାତ୍ରା ଆରମ୍ଭ ହେବ। ସମ୍ବଲପୁର ଷ୍ଟେଶନରୁ ୭୭୫ ଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଛି। ସେଥିରେ ସମ୍ବଲପୁର ଜିଲାରୁ ୮୯ ଯାତ୍ରୀ ସାମିଲ ରହିଛନ୍ତି। ଏହି ବୈଠକରେ ତିର୍ଥଯାତ୍ରୀଙ୍କୁ ରହଣି ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାଇ ସମ୍ବଲପୁର ପାନ୍ଥନିବାସଠାରେ ସମ୍ବଲପୁର ଜିଲାର ୮୯, ସୁବର୍ଣ୍ଣପୁର ଜିଲାର ୫୨ ଏବଂ ଦେବଗଡ଼ ଜିଲାର ୨୭ଜଣ ଯାତ୍ରୀଙ୍କ ପାଇଁ ରହଣି ବ୍ୟବସ୍ଥା କରାଯାଇଛି । ସେହିପରି ସମ୍ବଲପୁର ପର୍ଶୁରାମ ଭବନଠାରେ ଅନୁଗୋଳ ଜିଲାର ୧୦୯ ଜଣ ଯାତ୍ରୀଙ୍କ ପାଇଁ, ସମ୍ବଲପୁର ରେଲୱେ କମ୍ୟୁନିଟି ହଲରେ ଝାରସୁଗୁଡ଼ା ଜିଲାର ୫୦ ଜଣ , ସୁନ୍ଦରଗଡ଼ ଜିଲାର ୧୮୦ ଜଣ, ବଲାଙ୍ଗୀର ଜିଲାର ୧୪୧ ଜଣ ଯାତ୍ରୀଙ୍କ ପାଇଁ, ସମ୍ବଲପୁର କ୍ଷେତରାଜପୁରରେ ସ୍ଥିତ ମାରୱାଡି ପଞ୍ଚାୟତି ଧର୍ମଶାଳାଠାରେ ବରଗଡ ଜିଲାର ୧୨୭ ଜଣ ଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଥିବା ମହାନଗର କମିଶନର ସୂଚନା ଦେଇଛନ୍ତି ।


ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉପସ୍ଥିତ ଅଧିକାରୀ।

**ପୂର୍ବ ତଟ ରେଳପଥ**

**ସାଙ୍କେତିକ ସୂଚନା**

**ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଅବସରପ୍ରାପ୍ତ ରେଳ କର୍ମଚାରୀମାନଙ୍କର ପୁନଃନିଯୁକ୍ତି**

ସଂ.: SBP/Pers/Staff/Re-engagement of retired staff/01, ତାରିଖ : 31.01.2025

ବିସ୍ତୃତ ବିଜ୍ଞପ୍ତି ସ. SBP/Pers/Staff/Re-engagement of retired staff, ତାରିଖ 31.01.2025, ପୂର୍ବ ତଟ ରେଳପଥର ୱେବସାଇଟ୍‌ର ନିମ୍ନଲିଖିତ ଠିକଣାରେ ଉପଲବ୍ଧ : www.eastcoastrail.indianrailways.gov.in ➲ About us ➲ Division ➲ Sambalpur Division ➲ Recruitment.

ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ) / ସମ୍ବଲପୁର

PR-944/P/24-25

**PUBLIC NOTICE**

WE THE LEGAL HEIRS OF LATE KAILASH MAHANTA AND LATE. KASHINATH MAHANTA, S/O. LATE. GUHIRAM MAHANTA OF VILLAGE/TOWN - BARBIL MAHANTA BASTI, P.O./P.S. BARBIL, TAHASIL - BARBIL, DIST. - KEONJHAR HEREBY NOTIFY BY THIS PUBLIC NOTICE THAT WE ARE GOING TO SALE ONE OF OUR LAND BEARING PLOT NO. 75 IN KHATA NO. 15 OF MOUZA- SADING UNIT - 6, BARBIL COMPRISING AN AREA OF A 2.870 DECIMALS, UNDER BARBIL TAHASIL IN THE DISTRICT OF KEONJHAR, ODISHA. IF ANY DEMAND BY ANY PERSON REGARDING THIS LAND MAY CONTACT WITH ONE OF THE LEGAL HEIR NAMELY MANAS RANJAN MAHANTA, S/O. LATE. MANOHAR MAHANTA WITHIN A PERIOD OF 7 DAYS FROM TODAY. OTHERWISE NO CLAIM SHALL BE ENTERTAINED IN FUTURE.

MANAS RANJAN MAHANTA
(CONTACT NO. 7064704178)

**LIFE INSURANCE CORPORATION OF INDIA**
**DIVISIONAL OFFICE, JEEVAN PRAKASH, AINTHAPALI, SAMBALPUR-768004**
**Ph.0663-2541550, E-mail Id:os.sambalpur@licindia.com**

**NOTICE FOR EMPANELMENT: 2025-28**

Applications are invited from reputed firms for empanelment for Printing & order supply of Stationery forms and Envelops, Printing of Continuous Stationery Items and Supplier of I.T. consumable items at Sambalpur Divisional Office. **For complete details please log on to our website www.licindia.in and go to "Tenders" and click on the link "NOTICE FOR EMPANELMENT SAMBALPUR DIVISION, F.Y. 2025-28"** Application forms may be obtained from OS department of Sambalpur Divisional Office of LIC of India at above mentioned address from **04.02.2025 to 25.02.2025** on all working days from **10.00 a.m. to 04.00 p.m. except on Saturdays, Sundays** and holidays. **Last date for submission of application form is 25.02.2025 (4.00 p.m.). Any subsequent change in Terms & Conditions of the Notice of Empanelment will be published on our website only.**

**Dt- 03.02.2025** **Sd/- Sr. Divisional Manager**

# ଜଳ ଆବଣ୍ଟନକୁ ନେଇ ଧାରଣାରେ ଚାଷୀ

**ନୂଆପଡ଼ା,୩।୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ପତୋରାସ୍ଥିତ ଉପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ରବିରୁତୁରେ ଜଳ ଆବଣ୍ଟନକୁ ନେଇ ସମସ୍ୟା ଲାଗିରହିଛି। ୬ରୁ ୧୬ ପାଣି ପଞ୍ଚାୟତ ତଳମୁଣ୍ଡ ଚାଷୀ ଠିକ ଭାବରେ ପାଣି ମିଳୁ ନ ଥିବା ଅଭିଯୋଗ କରି ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ପ୍ରକୋଷ୍ଠ ସମ୍ମୁଖରେ ଧାରଣାରେ ବସିଥିଲେ। ଉପଜିଲାପାଳ ଯୋଗେନ୍ଦ୍ର ମାଝି ପହଞ୍ଚି ଧାରଣାକାରୀ ସହ ଆଲୋଚନା କରିଥିଲେ। ହେଲେ ସେମାନେ ଜିଲାପାଳ ସହ ଆଲୋଚନା କରିବାକୁ ଅଡି ବସିଥିଲେ । ଜିଲାପାଳ ମଧୁସୂଦନ ଦାସ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଉପରମୁଣ୍ଡ ଓ ତଳମୁଣ୍ଡର ସମସ୍ତ ଚାଷିଙ୍କୁ ସୁଚାରୁ ରୂପେ ପାଣି ଯୋଗାଇ ଦିଆଯିବ ।


ଧାରଣାରେ ବସିଥିବା ଚାଷୀ।

## ଜୋଙ୍କ ଜଳସେଚନ ପ୍ରକଳ୍ପ

ଏସ୍‌ପି ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯିବ। ସେମାନେ ପ୍ରତିଦିନ ଯାଇ ପାଣି ଆବଣ୍ଟନ ତଦାରଖ କରିବେ ବୋଲି କହିଥିଲେ। ଚାଷୀମାନେ ଜିଲାପାଳଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ବୁଣିବା ସହ ପହ୍ଲା ପକାଇଛନ୍ତି । ପାଣି ଠିକ ପରିମାଣରେ ଆସୁ ନାହିଁ। ଧାନ ଗଜା ଓ ପହ୍ଲା ମରିବାକୁ ବସିଲାଣି। ୨ରୁ ୩ ଦିନ ଭିତରେ ପାଣି ନ ଦେଲେ ସମ୍ପୂର୍ଣ୍ଣ ମରିଯିବ ବୋଲି କହିଥିଲେ। ହେଲେ ଜିଲାପାଳ କହିଥିଲେ, କୌଣସି ଚାଷୀର ଧାନ ମରିବାକୁ ଦିଆଯିବ ନାହିଁ। ସେଥିପ୍ରତି ଜିଲା ପ୍ରଶାସନ ସବୁବେଳେ ସଜାଗ ରହିଛି ଓ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ୧୩୫ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଭବାନୀପାଟଣା,୩।୨ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୧୩୫ ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରେ ୧୧୬ ବ୍ୟକ୍ତିଗତ ଓ ୧୯ଟି ସାମୂହିକ ରହିଥିଲା। ସେହିପରି ୧୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ପାନୀୟଜଳ, ଜମିବିବାଦ, ଶିକ୍ଷା, ସାସ୍ଥ୍ୟ, କୃଷି, ଜଳସେଚନ, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂହ, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ , ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡିଆର୍‌ସିଏସ୍, ପ୍ରମୋଦ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
କୌଶଲ୍ୟାଗଂଗ, ଭୁବନେଶ୍ୱର-751002, ଓଡ଼ିଶା
Kausalyaganga, Bhubaneswar-751002, Odisha

Advertisement No. 22/2024-25 Date of Insertion: 04.02.2025

**ADVERTISEMENT FOR RECRUITMENT OF CONTRACTUAL STAFF UNDER THE MULTINATIONAL PROJECT 'AQUALIVELIHOOD'**

Applications are invited through Speed Post/Registered Post only up to 05:30 PM on 24.02.2025 for the following contractual positions under the SAARC Development Fund (SDF) sponsored project titled: "Livelihood Enhancement of Small-Scale Fish Farmers and Nutrition Security of Rural Masses in the SAARC Region through Aquaculture Development" (AquaLivelihood).

**Available Positions:**
- Communication Specialist – 01 (One)
- Aquaculture Specialist – 01 (One)
- Administration and Operations Officer – 01 (One)
- Project Finance & Account Officer – 01 (One)

The positions are purely on a contractual basis and coterminous with the completion of the project, at the Aqualivelihood Project Coordination Unit, ICAR-CIFA, Bhubaneswar.

For detailed information on eligibility, qualifications, and application procedures, please visit the ICAR-CIFA website: **www.cifa.nic.in**

**Project Coordinator, Bhubaneswar**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରେପୋ ହାର ହ୍ରାସ ସମ୍ଭାବନା

## ଆଜି ଆରବିଆଇ ଏମପିସି ବୈଠକ

**ଭୁବନେଶ୍ୱର,୩।୨(ଅନୁରାଧା ମହାରଣା)**





ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ର ନୂତନ ମୁଦ୍ରା ନୀତି କମିଟି (ଏମପିସି) ବୈଠକ ଫେବୃଆରୀ ୪ରୁ ୭ ଯାଏଁ ଅନୁଷ୍ଠିତ ହେବ। ଏଥିରେ ଆରବିଆଇ ଗଭର୍ନର ସଞ୍ଜୟ ମଲହୋତ୍ରା ଅଧ୍ୟକ୍ଷତା କରିବେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଏହି ବୈଠକରେ ରେପୋ ହାର ୨୫ ଆଧାର ପଏଣ୍ଟ (ବିପିଏସ) ହ୍ରାସ ହୋଇପାରେ, ଯାହା ଏହାକୁ ୬.୫% ରୁ ୬.୨୫% କୁ ହ୍ରାସ କରିବ। ଫେବୃଆରୀ ୭ରେ ସୁଧ ହାର ଉପରେ ଏମ୍‌ପିସି ନିଷ୍ପତ୍ତି ଘୋଷଣା କରିବ। ଯଦିଓ ମୁଦ୍ରାସ୍ଫୀତି ୪% ର ଆରବିଆଇ ଲକ୍ଷ୍ୟଠାରୁ ଅଧିକ ରହିଛି, ଅର୍ଥନୈତିକ ମନ୍ଥରତା ଦୃଷ୍ଟିରୁ ଏହି ହାର ହ୍ରାସ ହେବାର ସମ୍ଭାବନା ଅଧିକ ଦୃଢ଼ୀଭୂତ ହୋଇଛି। ଗତ ସପ୍ତାହରେ ଆରବିଆଇ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧.୫ ଲକ୍ଷ କୋଟିର ଲିକ୍ୱିଡିଟି ଅର୍ନ୍ତଭୁକ୍ତ କରିବାକୁ ଘୋଷଣା କରିଥିଲା। ଏହାପୂର୍ବରୁ ଡିସେମ୍ବର ମାସରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସିଷ୍ଟମରେ ୧୬ ୧.୧୬ ଲକ୍ଷ କୋଟି ଲିକ୍ୱିଡିଟି ଅର୍ନ୍ତଭୁକ୍ତ କରିଥିଲା। ଯେତେବେଳେ କ୍ୟାସ ରିଜର୍ଭ ଅନୁପାତ (ସିଆରଆର) ୫୦ ବିପିଏସ କଟାଯାଇଥିଲା। ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ଫେବୃଆରୀ ବୈଠକରେ ରେପୋ ହାର ହ୍ରାସ ହୁଏ, ତେବେ ଏହା ଚାହିଦାକୁ ଦୃଢ଼ କରିବାରେ ସାହାଯ୍ୟ କରିବ। ବିଶେଷକରି ଯେତେବେଳେ ସରକାର କରଦାତାମାନଙ୍କୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ପ୍ରଦାନ କରିଛନ୍ତି। କମ ସୁଧ ହାର ଋଣକୁ ଶସ୍ତା କରିବ, ଯାହା ଉଭୟ ବ୍ୟବହାର ଏବଂ ବିନିଯୋଗକୁ ବୃଦ୍ଧି କରିବ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୪% ହେବ ବୋଲି ଆକଳନ କରାଯାଇଛି, ଯାହା ଗତ ୪ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର ହେବ। ଏହାପୂର୍ବରୁ ଡିସେମ୍ବର ମାସରେ ଆରବିଆଇ ଜିଡିପି ଅଭିବୃଦ୍ଧି ଆକଳନକୁ ୭.୨% ରୁ ୬.୬% କୁ ହ୍ରାସ କରିଥିଲା। ବିଶେଷଜ୍ଞଙ୍କ ମତାନୁସାରେ, ଫେବୃଆରୀ ପରେ, ଏପ୍ରିଲ କିମ୍ବା ଜୁଲାଇରେ ମଧ୍ୟ ୨୫-୫୦ ବିପିଏସ ହ୍ରାସ ହୋଇପାରେ।

## ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୩।୨**

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୩୧୯ (୩୧୯.୨୨) ପଏଣ୍ଟ କମି ୭୭,୧୮୭ (୭୭,୧୮୬.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୨୧ (୧୨୧.୧୦) ପଏଣ୍ଟ ହ୍ରାସ ଘଟି ୨୩,୩୬୧(୨୩,୩୬୧.୦୫) ଅଙ୍କରେ କାରବାର ଶେଷ ହୋଇଥିଲା।

## ଇନୋଭେଶନ ଇକୋସିଷ୍ଟମକୁ ସୁଦୃଢ଼ କରିବ

**ଭୁବନେଶ୍ୱର,୩।୨**

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଶନିବାର କେନ୍ଦ୍ରୀୟ ବଜେଟ ସଂସଦରେ ଉପସ୍ଥାପିତ ହୋଇଯାଇଛି। ଏହି ବଜେଟରେ ଏକ ପ୍ରମୁଖ ପଦକ୍ଷେପ ଭାବେ ଷ୍ଟାର୍ଟଅପ୍‌ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି, ଯାହା ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବ ଏବଂ ଭାରତର ଇନୋଭେଶନ ଇକୋସିଷ୍ଟମକୁ ଏହା ସୁଦୃଢ଼ କରିବ ବୋଲି ଆସୋଚାମର ଓଡ଼ିଶା ରାଜ୍ୟ ବିକାଶ ପରିଷଦ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ମତପ୍ରକାଶ କରିଛନ୍ତି। ସେହିଭଳି ଏହି ବଜେଟ ସ୍ଥାୟୀ ଅଭିବୃଦ୍ଧି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଏକ ସ୍ଥିର ଅର୍ଥନୀତି ପାଇଁ ଭାରତର ଲକ୍ଷ୍ୟ ସହ ଜଡ଼ିତ ରହିଛି। ଏହା ଓଡ଼ିଶାର ଶିଳ୍ପ ଓ କର୍ମବଳ ପାଇଁ ନୂତନ ସୁଯୋଗ ସୃଷ୍ଟିକରିବ। ଏପରିକି ବ୍ୟବସାୟ କରିବାର ସହଜତା (ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍), ଦକ୍ଷତା ଅଭିଯାନ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡିକ ଉପରେ ସରକାରଙ୍କ ଗୁରୁତ୍ୱ ଶିଳ୍ପ ଅଭିବୃଦ୍ଧି ଓ ଉଦ୍ଭାବନକୁ ଆଗକୁ ବଢ଼ାଇବ। ଏପରିକି ଆଇଆଇଟି ଭିତ୍ତିଭୂମିର ବିସ୍ତାର, ଏଆଇ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସର ସ୍ଥାପନ ଓ ମେଡିକାଲ ଶିକ୍ଷାର ବିକାଶ ସହ ଭାରତର ଶିକ୍ଷା ଅର୍ଥନୀତିକୁ ଏହା ମଜବୁତ କରିବ। ଟିକସ ଛାଡ ପଦକ୍ଷେପ ଟିକସ ପରବର୍ତ୍ତୀ ଆୟ ବୃଦ୍ଧି ସହ ଘରୋଇ ଖର୍ଚ୍ଚକୁ ବୃଦ୍ଧି କରିବ ଏବଂ ଉପଭୋକ୍ତା ଅର୍ଥନୀତିକୁ ଆଗକୁ ବଢ଼ାଇବ। ସେହିପରି କେନ୍ଦ୍ରୀୟ ବଜେଟ ୨୦୨୫ ଅଭିବୃଦ୍ଧି, ଅନ୍ତର୍ଭୁକ୍ତୀକରଣ ଓ ନିବେଶ ପାଇଁ ଏକ ମଜବୁତ ମୂଳଦୁଆ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲ ପାଇଁ ୬ ବର୍ଷର ମିଶନ କୃଷି ଉତ୍ପାଦକତା ଓ କୃଷକଙ୍କ ଆୟ ବୃଦ୍ଧି କରିବ। ବର୍ଦ୍ଧିତ କିଷାନ କ୍ରେଡିଟ୍ କାର୍ଡ ସୀମା ଗ୍ରାମାଞ୍ଚଳରେ ଋଣ ଉପଲବ୍ଧତାରେ ଅଧିକ ସହଯୋଗ କରିବ।

ଏହାବ୍ୟତୀତ ଏହି ବଜେଟ ମେଡିକାଲ ଟୁରିଜମ୍ ଉପରେ ମଧ୍ୟ ଗୁରୁତ୍ୱ ଦେଇଛି। ଏହା ଭାରତକୁ ସ୍ୱାସ୍ଥ୍ୟସେବା ପାଇଁ ଏକ ଅନ୍ତର୍ଜାତୀୟ କେନ୍ଦ୍ର ଭାବେ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏହା କେବଳ ବିଶ୍ୱବ୍ୟାପୀ ରୋଗୀମାନଙ୍କୁ ଆକର୍ଷିତ କରିବ ନାହିଁ ବରଂ ସ୍ୱାସ୍ଥ୍ୟସେବା କ୍ଷେତ୍ର ଓ ସମ୍ବନ୍ଧିତ ଶିଳ୍ପଗୁଡିକ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

## ଗଣତନ୍ତ୍ର ଦିବସ ପରେଡ୍‌ରେ ୟୁପି ପ୍ରଥମ



**ଭୁବନେଶ୍ୱର,୩।୨**

ଚଳିତ ବର୍ଷର ଗଣତନ୍ତ୍ର ଦିବସ ପରେଡ୍‌ରେ ଉତ୍ତର ପ୍ରଦେଶ (ୟୁପି) ପ୍ରଥମ ସ୍ଥାନ ଅଧିକାର କରିଛି। ଏପରିକି ନୂଆଦିଲ୍ଲୀର ଜାତୀୟ ଥିଏଟରଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ୟୁପି ଟେବ୍ଲୁକୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ୟୁପି ସରକାରଙ୍କ ବରିଷ୍ଠ ଅଧିକାରୀ ଓ ପ୍ରତିନିଧି ଯୋଗଦେଇ ଅତିଥିଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସେଠଙ୍କଠାରୁ ୟୁପି ସରକାରଙ୍କ ପ୍ରତିନିଧି ଓ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଅର୍ଚ୍ଚିତା ଏଙ୍କରର ବ୍ରାଣ୍ଡ୍ ଆମ୍ବାସାଡର



ଅର୍ଚ୍ଚିତାକୁ ସମ୍ମାନିତ କରିବା ଅବସରରେ ଏଙ୍କରର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୩।୨: (ଅଭୟ ଦାଶ)**

ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସ୍‌ର ପ୍ରମୁଖ ବ୍ରାଣ୍ଡ୍ ତଥା ଏଙ୍କର ଓରାଲ୍ କେୟାର୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଓଡ଼ିଆ ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ ନିଯୁକ୍ତ କରାଯାଇଛି। ଏପରିକି ଏଙ୍କର ପାଇଁ ଓଡ଼ିଶା ଏକ ପ୍ରମୁଖ ବଜାର ହୋଇଥିଲାବେଳେ ଅର୍ଚ୍ଚିତା ବ୍ରାଣ୍ଡ୍‌ର ଉପସ୍ଥିତି ବଢ଼ାଇବା ସହିତ ବଜାରର ସ୍ଥିତିକୁ ସୁଦୃଢ଼ କରିବାରେ ସହାୟକ ହେବେ ବୋଲି ବ୍ରାଣ୍ଡ୍‌ର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି। ଏହି ଅବସରରେ ବ୍ରାଣ୍ଡ୍‌ର ନୂତନ ଉତ୍ପାଦ ଏବଂ ଟିଭିସିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ସେହିଭଳି ଏଙ୍କର ଓରାଲ୍ କେୟାର ପକ୍ଷରୁ ବ୍ରାଣ୍ଡ୍‌ର ପ୍ରମୁଖ ଉତ୍ପାଦ ଏଙ୍କର ରେଡ୍ ଟୁଥ୍‌ପେଷ୍ଟ ସମେତ ଏହାର ଉତ୍କୃଷ୍ଟ ଓରାଲ୍ କେୟାର ଉତ୍ପାଦ ବର୍ଗମାଳାକୁ ବର୍ଣ୍ଣନା କରୁଥିବା ଦୁଇଟି ଅଭିଯାନକୁ ମଧ୍ୟ ରାଜ୍ୟରେ ଉନ୍ମୋଚନ କରାଯାଇଛି। ଏପରିକି ଓଡ଼ିଶା ପାଇଁ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭିସି 'ଲାଲ୍, କମାଲ୍, ବେମିସାଲ୍' ଓ 'ନୟି ଜମାନେ କି ନୟି ସୁରକ୍ଷା'ର ଶୁଭାରମ୍ଭ କରାଯାଇଛି।

ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସର ନିର୍ଦ୍ଦେଶକ କରନ ଶାହା କହିଛନ୍ତି, ଆମେ ଆମର ଉଚ୍ଚ ଗୁଣବତ୍ତା, ପ୍ରଭାବଶାଳୀ ଏବଂ ପ୍ରାକୃତିକ ଓରାଲ କେୟାର ସମାଧାନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଅର୍ଚ୍ଚିତା ସାହୁଙ୍କ ସହ ଭାଗୀଦାରି କରି ଆମେ ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛୁ। ରାଜ୍ୟର ଓରାଲ କେୟାର ସଚେତନତା ବୃଦ୍ଧିରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଏବଂ ବିଶ୍ୱାସ ଓ ଗୁଣବତ୍ତାର ପରମ୍ପରା ସହିତ ଏଙ୍କର ଓରାଲ କେୟାର ଓଡ଼ିଆ ଉପଭୋକ୍ତାଙ୍କୁ ଅଭିନବ ସମାଧାନ ପ୍ରଦାନ କରିବ। ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସର କ୍ରିଏଟିଭ୍ ଡାଇରେକ୍ଟର କୁନାଲ ଶାହା କହିଛନ୍ତି, ଲାଲ୍, କମାଲ, ବେମିସାଲ ଏବଂ ନୟି ଜମାନେ କି ନୟି ସୁରକ୍ଷା ସହ ଆମେ ଏକ ନୂତନ ଏବଂ ସାଂସ୍କୃତିକ ପ୍ରାସଙ୍ଗିକ କାହାଣୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

ଅର୍ଚ୍ଚିତା ସାହୁ କହିଥିଲେ, ଏଙ୍କର ଓରାଲ୍ କେୟାର ସହିତ ସହଭାଗିତା କରି ମୁଁ ବେଶ ଉତ୍ସାହିତ ଅଛି। ବ୍ରାଣ୍ଡ ବିଶ୍ୱାସ, ନବସୃଜନ ଓ ସାମଗ୍ରିକ ମୁଖ ସ୍ୱାସ୍ଥ୍ୟ ସହ ପରିପୂରକ ରହିଛି,ସାମଗ୍ରିକ କଲ୍ୟାଣ ପାଇଁ ଉତ୍ତମ ମୁଖ ସ୍ୱଚ୍ଛତା ଜରୁରୀ ଏବଂ ମୋର ପୂର୍ଣ୍ଣ ବିଶ୍ୱସ ଅଛି। ଏଙ୍କର ଗ୍ରାହକମାନଙ୍କ ଆବଶ୍ୟକତା ଅନୁଯାୟୀ ଆଧୁନିକ ଓ ପ୍ରଭାବଶାଳୀ ସମାଧାନ ପ୍ରଦାନ କରିବ।

ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସ୍‌ର ବରିଷ୍ଠ ଉପାଧ୍ୟକ୍ଷ-ବିକ୍ରି ଅସିତ ରାୟ କହିଛନ୍ତି, ଓଡ଼ିଶା ଏକ ଗତିଶୀଳ ଏବଂ ବିକଶିତ ବଜାର। ଯେଉଁଠାରେ ବିଶ୍ୱସ୍ତ, ଉଚ୍ଚମାନର ଓରାଲ କେୟାର ଉତ୍ପାଦକୁ ଅଧିକ ପସନ୍ଦ କରାଯାଉଛି। ଅର୍ଚ୍ଚିତା ସାହୁଙ୍କ ସହ ଆମର ସହଭାଗିତା ଏବଂ ଆମର ନୂତନ ଅଭିଯାନ ଆମକୁ ଉପଭୋକ୍ତାଙ୍କ ସହିତ ଆମର ସମ୍ପର୍କକୁ ସୁଦୃଢ଼ କରିବାରେ ସକ୍ଷମ କରିବ। ଏଙ୍କର କଞ୍ଜ୍ୟୁମର ପ୍ରଡକ୍ଟସର ମାର୍କେଟିଂ ମୁଖ୍ୟ ସନ୍ଦୀପ ଆବି କହିଛନ୍ତି, ଅର୍ଚ୍ଚିତା ସାହୁ ଓଡ଼ିଶାର ପ୍ରତି ପରିବାର ସହିତ ପରିଚିତ ଥିଲାବେଳେ ତାଙ୍କର ଦୃଢ଼ ବିଶ୍ୱସନୀୟତା ଏବଂ ସମ୍ପର୍କ ତାଙ୍କୁ ଏଙ୍କର ଓରାଲ କେୟାରକୁ ପ୍ରତିନିଧିତ୍ୱ କରିବା ପାଇଁ ଉପଯୁକ୍ତ ପସନ୍ଦ ଭାବେ ଚୟନ କରିଛି।

## ମେଡିକା ହସ୍ପିଟାଲରେ ସେବା ଦେବେ ମଣିପାଲ ହସ୍ପିଟାଲ ଡାକ୍ତର

**ଭୁବନେଶ୍ୱର,୩।୨**

କଳିଙ୍ଗ ନଗର ସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଚିକିତ୍ସକମାନେ ରୋଗୀ ସେବା ଆରମ୍ଭ କରିଛନ୍ତି। ଏପରିକି ପ୍ରାରମ୍ଭିକ ଷ୍ଟେଜରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ସହ ହୃଦରୋଗୀ, ବ୍ରେନ୍ ବା ସ୍ନାୟୁରୋଗୀ ଏବଂ କ୍ୟାନସର ରୋଗୀମାନେ ଡାକ୍ତରଙ୍କ ପରାମର୍ଶ କରିପାରିବେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଲିଙ୍ଗରାଜ ନାଥ ପ୍ରତିମାସ ଦ୍ୱିତୀୟ ଶୁକ୍ରବାର, ବରିଷ୍ଠ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ଦୀପକ କୁମାର ପରିଡ଼ା ପ୍ରତିମାସ ପ୍ରଥମ ଏବଂ ତୃତୀୟ ମଙ୍ଗଳବାର ଏବଂ କ୍ୟାନସର ରୋଗ ବିଶେଷଜ୍ଞ ଡାକ୍ତର ସଚିନ ଶେଖର ବିଶ୍ୱାଳ ପ୍ରତିମାସ ତୃତୀୟ ଗୁରୁବାର ଟାଟା ମେଡିକାରେ ସକାଳ ୧୦ଟା୩୦ ମିନିଟ୍‌ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଟାଟା ମେଡିକାରେ ରୋଗୀଙ୍କୁ ପରାମର୍ଶ ଦେବେ। ହୃଦ୍‌ରୋଗ ବିଶେଷଜ୍ଞ ତଥା ଡାଇରେକ୍ଟର କ୍ୟାଥଲାବ ଡା. ଲିଙ୍ଗରାଜ ନାଥଙ୍କ ୧୬ରୁ ଊର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ଅଛି, ସେ ଆଞ୍ଜିଓପ୍ଲାଷ୍ଟି, ଜଟିଳ ହୃଦ୍‌ରୋଗ ଏବଂ ଆଡଭାନସ୍ କାର୍ଡିଓଭାସ୍କୁଲାର ରୋଗର ସଫଳ ଚିକିତ୍ସା ପାଇଁ ସୁପରିଚିତ ଥିଲାବେଳେ ଡା. ଦୀପକ କୁମାର ପରିଡାଙ୍କର ଦୀର୍ଘ ୧୫ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି। ସେ ଦୁର୍ଘଟଣା ଜନିତ ମସ୍ତିଷ୍କ ଆଘାତ, ବ୍ରେନ୍ କ୍ୟାନସର, ମେରୁଦଣ୍ଡ ସମସ୍ୟା, ଜଟିଳ ସ୍ନାୟୁଗତ ସମସ୍ୟା, ଅପସ୍ମାର ବାତ ରୋଗ, ଛୋଟ ପିଲାଙ୍କ ବ୍ରେନ୍ ସର୍ଜରି ପାଇଁ ସୁପରିଚିତ ଅଟନ୍ତି। ଠିକ୍ ସେହିଭଳି କ୍ୟାନସର ରୋଗ ବିଶେଷଜ୍ଞ ସଚିନ ଶେଖର ବିଶ୍ୱାଳଙ୍କର ବ୍ରେଷ୍ଟ କ୍ୟାନସର, ଫୁସଫୁସ୍ କ୍ୟାନସର ସମେତ ଅନ୍ୟାନ୍ୟ କ୍ୟାନସର ରୋଗର ସଫଳ ଚିକିତ୍ସା କରିବାରେ ୧୫ ବର୍ଷରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି।

ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ମାଆ ବିରଜାଙ୍କ କ୍ଷେତ୍ର ଯାଜପୁରରେ ରୋଗୀ ସେବା ଆରମ୍ଭ କରିବା ଆମ ପାଇଁ ଗର୍ବର ବିଷୟ। ଏହା ଫଳରେ ଯାଜପୁର ଓ ଏହାର ଆଖପାଖ ଜିଲାର ରୋଗୀମାନେ ସହଜରେ ମଣିପାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଆଗାମୀ ଦିନରେ ଟାଟା ମେଡିକା ହସ୍ପିଟାଲରେ ମଣିପାଲ ହସ୍ପିଟାଲ ପକ୍ଷରୁ ଉଚ୍ଚମାନର ସ୍ୱାସ୍ଥ୍ୟସେବ ଯୋଗାଇ ଦିଆଯିବ, ଆଗାମୀ ଦିନରେ ଅନ୍ୟ ବିଭାଗର ଡାକ୍ତରମାନେ ମଧ୍ୟ ରୋଗୀ ସେବା ଆରମ୍ଭ କରିବେ।


# Classified Everyday

0674-2580101, 9692975378





### REAL ESTATE

**SALE**

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**11700 sqft. Gharabari land sale at Pitapalli, NH Side - 7008634668.** D-76234

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ) । Contact- 8917622925 D-2762

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399.** D-2772

### GENERAL

**SALE**

**For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222.** D-75591





Positively Health benefited spa by expert female therapist, Nayapalli. 7846814019 D-76190

Herbal full body massage by smart/ expert therapist. 8327740003, 7205178829. D-76413

### LOST

Lost of ROR- I Ramesh Biswal(57), S/o- Purushottam Biswal, Village/P.O.- Sama, P.S.- Purushottampur, Gm reported at P.S. that landed property of an Sama Mouza vide Khata No.- 383, Plot No.- 1114, Area Ac- 0.010dec. reporting in writting along with an Purushottampur P.S.- GD No.-15, dated 25.01.2025 on dtd 20.01.2025 at about 4 PM while I was returned from Purushottampur to Sama with keeping Original ROR. I searched the same but could not traced out. If anybody find the same please contact nearest Police Station or mentioned above address.
Sd./- Ramesh Biswal D-2800

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before Executive Magistrate, Angul, dated 03.02.2025, I, Suchitra Mukhi, Address: Village/ P.O.- Hulurisinga, P.S./ Dist.- Angul, Odisha 759132 declare that I have changed my son's name from Rudra Prasad Mukhi to Biswa Rudra Prasad Mukhi. Henceforth, he shall be known as Biswa Rudra Prasad Mukhi for all purposes.
Suchitra Mukhi D-2803

By virtue of an affidavit sworn before Executive Magistrate, Kamakhyanagar dated 08.01.2025, I Suresh Patra, Address: Village- Chilida, P.O.- Kantol, P.S.- Kankadahad, Dist.- Dhenkanal, Odisha- 759028 declare that I have changed my son's name from Anaresh Patra to Amaresh Patra. Henceforth, he shall be known as Amaresh Patra for all purposes.
Suresh Patra D-2797

By virtue of an affidavit sworn before Executive Magistrate, dated 03.02.2025, Sujata Pradhan, Address At/P.O.- Tamando, P.S.- Tamando, BBSR, Dist.- Khordha, declare that I have changed my name from Priyadarshini Panda to Sujata Pradhan. Henceforth, I shall be known as Sujata Pradhan for all purposes.
Sujata Pradhan D- 2799

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, dated 31.01.2025, I, Jhilli Paraseth, At- Dhudusi, P.O.- Bilamal, P.S.- Belghar, Dist.- Kandhamal, declare that I have changed my daughter's name from N.Anmal Aisha to Aisha Nayak. Henceforth, she shall be known as Aisha Nayak for all purposes.
Jhilli Paraseth D-2802

By virtue of an affidavit sworn before Notary Public, Bhubaneswar, dated 30th January 2025, I, Prabhasini Jena, Address AT-Benagadia, P.O.-Patabandha, P.S.-Bolgarh, Dist.- Khordha, PIN-752066, Odisha, declare that I have changed my son's name from Pratish Jena to Pratyush Jena. Henceforth, he shall be known as Pratyush Jena for all purposes.
Prabhasini Jena D-2805

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LEGAL NOTICE

IN THE COURT OF THE 1st ADDITIONAL SENIOR CIVIL JUDGE, BHUBANESWAR
CIVIL SUIT NO.1232 of 2017
Aliva Khuntia, aged about 49 years, W/o Sarat Chandra Khuntia, Resident of at Saheed Nagar, Plot No.- 553, Saheed Nagar, P.O./P.S.-Saheed Nagar, Bhubaneswar-751001, Dist.- Khurda, Odisha ......Plaintiff
-Versus-
Bedajyoti Samantray and others ...Defendants
NOTICE U/O-5 RULE 20 OF C.P.C.
To
1. Bedajyoti Samantray, aged about 45 years, D/o Bansidhar Samantray of Village/P.O.- Ninima, P.S.- Gangapur, Dist.- Ganjam,
2. Maa Tarini Eastcon Pvt. Ltd., represented by its Managing Director Niranjan Rana, aged about 47 years, S/o Late Bansidhar Rana, Village- Balianta, P.O./P.S.-Balianta, Dist.- Khurda.

Take notice that the above named plaintiff has instituted a civil suit No.-1232 of 2017 in the Court of the 1st Additional Senior Civil Judge, Bhubaneswar against you. You are directed to appear in person or through pleader before the Court of the 1st Additional Senior Civil Judge, Bhubaneswar on 08.04.2025 at 10.30 AM positively to file WS. Why the Civil suit shall not be heard and in default your appearance on the above mentioned date and time, the Civil suit shall be heard and determined in your absence exparte.

Given under my hand and seal of the Court 30.01.2025.
Sd./- THE 1st ADDITIONAL SENIOR CIVIL JUDGE, BHUBANESWAR, Dt. 30.01.2025
D-75489

ଫ୍ୟାଶନ

# ପାଇପିଂ ଡିଜାଇନ ବ୍ଲାଉଜ୍

ସମୟ ବଦଳୁଛି। ତା'ସହ ପାଦମିଳାଇ ଫ୍ୟାଶନ ଦୁନିଆରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯୁବତୀ ହୁଅନ୍ତୁ ଅବା ଗୃହିଣୀ ଦିନକୁ ଦିନ ନୂଆ ଟ୍ରେଣ୍ଡକୁ ଆପଣଉଛନ୍ତି। ଆଉଟଫିଟ୍ ୱେଷ୍ଟର୍ନ ହେଉ କି ଇଣ୍ଡିଆନ୍ ତାହାର ଚାହିଦା ବଢ଼ିଚାଲିଛି। ତାହା ମଧ୍ୟରୁ ଅନ୍ୟତମ ହେଲା ପାଇପିଂ ଡିଜାଇନ ବ୍ଲାଉଜ୍। ଜାଣନ୍ତୁ ସେ ସମ୍ପର୍କରେ..



**ରାଉଣ୍ଡ ନେକ୍ ପାଇପିଂ ବ୍ଲାଉଜ୍**

ଅଶୀ ଦଶକରେ ରାଉଣ୍ଡ ନେକ୍ ବ୍ଲାଉଜ୍ ଉପରେ ପାଇପିଂ ବ୍ଲାଉଜ୍‌ର ବହୁ ପ୍ରଚଳନ ଥିଲା। ଏହି ଡିଜାଇନ ସବୁ ବର୍ଗର ମହିଳାଙ୍କୁ ବେଶ୍ ପସନ୍ଦ ଆସିଥାଏ। ଆଜି ବି ଏହିପରି ବ୍ଲାଉଜ୍‌ରେ ସବୁ ପ୍ରକାର ଶାଢ଼ି ପିନ୍ଧିପାରିବେ। ଆପଣ ନିଜ ବ୍ଲାଉଜ୍‌ର ନେକ୍ ଲାଇନକୁ ଆଉଟ୍ ଲାଇନ୍ କରିବା ପାଇଁ ଡାର୍କ ଏବଂ ଲାଇଟ୍ ଶେଡ୍ ପାଇପିଂ ଲଗାଇପାରିବେ। ପୁଣି କ୍ଲାସିକ୍ ଲୁକ୍ ପାଇବାକୁ ହେଲେ ମଲ୍‌ଟି କଲର ପାଇପିଂ ଲଗାଇପାରିବେ। ଏହିଭଳି ବ୍ଲାଉଜ୍‌କୁ ଆପଣ କର୍ଟନ ,ସିଲ୍‌କ କିମ୍ବା ସାଟନ ଫାବ୍ରିକ୍ ଶାଢ଼ି ସହ ପିନ୍ଧିପାରିବେ।

**ଭି –ନେକ୍ ପାଇପିଂ ବ୍ଲାଉଜ୍**

ଭି ନେକ୍ ବ୍ଲାଉଜ୍‌ର ସାଇଡ୍‌ରେ କଣ୍ଟ୍ରାଷ୍ଟ ପାଇପିଂ ଲଗାନ୍ତୁ। ତେବେ ଶାଢ଼ି ଲୁକ୍‌ରେ ଏକ ଅଲଗା ଗ୍ଲାମର ଯୋଡ଼ିହୋଇଯିବ। ଆଜି ବି ଏହି ପାଇପିଂ ଡିଜାଇନ୍‌ର ବହୁତ କ୍ରେଜ୍ ଚାଲିଛି। ଏହା ଆପଣଙ୍କ ଲୁକ୍‌କୁ ମର୍ଡନ ଟଚ୍ ଦେବ।

**ବ୍ୟାକ୍‌ଲେସ୍ ପାଇପିଂ ବ୍ଲାଉଜ୍**

ବ୍ୟାକ୍‌ଲେସ୍ ବ୍ଲାଉଜ୍ କ୍ରିସ୍ କ୍ରସ୍ ପାଇପିଂ ଡିଜାଇନ ସେ ସମୟରେ ବହୁତ ବୋଲ୍ଡ ମାନିଥାନ୍ତି। ଆଜି ବି ଏହିପରି ବ୍ଲାଉଜ୍ ଡିଜାଇନ୍‌ର ପ୍ରଚଳନ ଚାଲିଛି। ଏହି ପ୍ରକାର ବ୍ଲାଉଜ୍ ଆପଣ କୌଣସି ପାର୍ଟି, ବାହାଘର ଆଦିରେ ପିନ୍ଧିପାରିବେ।

ବେଲ୍ ସ୍ଲିଭ୍ ପାଇପିଂ ବ୍ଲାଉଜ୍ ୮୦ ଦଶକରେ ଏହି ପ୍ରକାର ବ୍ଲାଉଜ୍ ବହୁ ଲୋକପ୍ରିୟ ଥିଲା। ଏହି ଡିଜାଇନ ହାଲ୍‌କା ଫାବ୍ରିକ୍ ଏବଂ ଚମକିଲା ଭଳି ରଙ୍ଗ ସହ ବହୁତ ସୁନ୍ଦର ମାନିଥାଏ।

## ବାସ୍ତୁ ଟିପ୍ସ

- ଘରେ କୁଣ୍ଡରେ ଲାଗିଥିବା ଗଛକୁ ନିୟମିତି ରୂପେ ପାଣି ଦେବାକୁ ଭୁଲନ୍ତୁ ନାହିଁ। ଯଦି ଗଛ କୁଣ୍ଡରେ ଶୁଖିଯାଇଛି ତେବେ ତାକୁ ସେ ସ୍ଥାନରୁ କାଢ଼ି ଦିଅନ୍ତୁ।
- ଘରର କବାଟ ଖୋଲିବା ସମୟରେ ଦେଖି ଚାହିଁ ବନ୍ଦ କରନ୍ତୁ। ଲକ୍ଷ୍ୟକରନ୍ତୁ ଯେପରି କବାଟ ମଧ୍ୟରୁ କୌଣସି ଶବ୍ଦ ନ ବାହାରେ।
- ବେଡ୍ ରୁମ୍‌ରେ ସବୁବେଳେ ଡ୍ରେସିଂ ଟେବୁଲ ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଆବଶ୍ୟକ। ଶୋଇବା ପୂର୍ବରୁ ଡ୍ରେସିଂ ଟେବୁଲକୁ ଢାଙ୍କି ରଖନ୍ତୁ।
- ଶୋଇବା ସମୟରେ ଗୋଡ଼କୁ ଦୁଆରମୁହଁ ଆଡ଼କୁ ଦେଇ ଶୁଅନ୍ତୁ ନାହିଁ।
- ଘର ସଜାଇବା ଲାଗି କଣ୍ଟାଜାତୀୟ ଗଛ ରଖନ୍ତୁନାହିଁ।
- ଆପଣଙ୍କ ଘର ସାମ୍ନା କେବେ ବି ଅନ୍ଧାର ରଖନ୍ତୁ ନାହିଁ। କାରଣ ହେଉଥିବା କାମ ବି ଅଧାରୁ ବନ୍ଦ ହୋଇଯିବ।
- ଭାଙ୍ଗିଯାଇଥିବା ଫଟୋଫ୍ରେମ୍ ଘରେ ରଖନ୍ତୁ ନାହିଁ। ଏହାକୁ ରଖିବା ଦ୍ୱାରା ସମ୍ପର୍କରେ ତିକ୍ତତା ଆସିଥାଏ।
- ଯଦି ଆପଣଙ୍କ ଘରେ କପଡ଼ା, ଜୋତା ଆଦିକୁ ଇଆଡ଼େ ସିଆଡ଼େକରି ଫୋପାଡ଼ନ୍ତି ତେବେ ଏହା ବହୁତ ଖରାପ। କାରଣ ଏପରି କରିବା ଦ୍ୱାରା ମା'ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି।
- ଘରେ ସବୁବେଳେ ଟ୍ୟାପ୍ ବନ୍ଦ ରଖନ୍ତୁ। କେବେ ବି କୌଣସି ଟ୍ୟାପ୍ ଖୋଲା ରଖନ୍ତୁନାହିଁ।
- ଘରେ ଚେମେଣିର ପ୍ରବେଶ ଅଶୁଭ ମନାଯାଏ। ଏମାନେ ଯେପରି ଘରେ ପ୍ରବେଶ ନ କରିବେ ସେଥିପ୍ରତି ଦୃଷ୍ଟିଦିଅନ୍ତୁ।

# ଜରାୟୁ କର୍କଟ ରୋଗର ପ୍ରତିଷେଧକ ଟିକା

–ଡା.ସରୋଜିନୀ ଷଡ଼ଙ୍ଗୀ



ଫେବୃୟାରୀ ୪ରେ ସାରା ପୃଥିବୀରେ ବିଶ୍ୱ କର୍କଟ ଦିବସ ପାଳନ କରାଯାଉଛି। ମଣିଷ ଶରୀରରେ ହେଉଥିବା କର୍କଟ ରୋଗର କାରଣ ବିଷୟରେ ଜାଣି ସଚେତନ ହେବା ତଥା ଏହାର ରିସ୍କ(ବିପଦ) କମାଇବା ପାଇଁ ପଦକ୍ଷେପ ମାନ ନେବା ଏହି ଦିବସର ଲକ୍ଷ୍ୟ। ସବୁ ବର୍ଷ ଭଳି ଏ ବର୍ଷର ଥିମ୍ ହେଉଛି 'ୟୁନାଇଟେଡ୍ ବାଏ ୟୁନିକ୍'।

ମହିଳାମାନଙ୍କ କର୍କଟ ରୋଗକୁ ବିଚାରକୁ ନେଲେ ଆମେ ଜାଣିପାରିବା ଯେ ଭାରତରେ ମହିଳାମାନଙ୍କ ସ୍ତନ କର୍କଟ

**ଆଜି ବିଶ୍ୱ କର୍କଟ ଦିବସ**



ରୋଗ ଅପେକ୍ଷା ଜରାୟୁ ଗ୍ରୀବା କର୍କଟ(ସର୍ଭାଇକାଲ୍ କ୍ୟାନ୍‌ସର) ରୋଗ ବେଶି ଦେଖାଯାଇଥାଏ ଏବଂ ସାରା ଶରୀରରେ ଏହା ଏପରି ଏକ କର୍କଟ ରୋଗ ଯାହାର ପ୍ରତିଷେଧକ ଟିକା ନେଲେ ଏହାକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିହତ କରିହୋଇଥାଏ।

ଭାରତରେ କର୍କଟ ରୋଗ ଭୋଗୁଥିବା ଶତକଡ଼ା ୯୦ଭାଗ ମହିଳାଙ୍କର ଜରାୟୁ ଗ୍ରୀବା କର୍କଟ ରୋଗ ହୋଇଥାଏ। ପ୍ରତିବର୍ଷ ପ୍ରାୟ ୧୦ ଲକ୍ଷ ନୂତନ ଜରାୟୁ ଗ୍ରୀବା କର୍କଟରୋଗୀ ଚିକସା ପାଇଁ ଆସିଥାନ୍ତି। ଯେଉଁ ରୋଗୀମାନେ ସାଧାରଣତଃ ଚିକିତ୍ସା ପାଇଁ ଆସିଥାନ୍ତି ତନ୍ମଧ୍ୟରୁ ଶତକଡ଼ା ୯୦ଭାଗ ରୋଗୀ ଶେଷ ପର୍ଯ୍ୟାୟ (ତୃତୀୟ, ଚତୁର୍ଥ ଷ୍ଟେଜ୍)ରେ ପହଞ୍ଚିଥାନ୍ତି। ଫଳରେ ରୋଗୀର ଅସ୍ତ୍ରୋପଚାର ତଥା ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରେ ନାହିଁ ଓ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ରିପୋର୍ଟ ଅନୁଯାୟୀ ଭାରତବର୍ଷରେ ପ୍ରତି ୧ଲକ୍ଷରେ ୨୩–୨୪ ଜଣ ମହିଳା କ୍ୟାନ୍‌ସର ସର୍ଭିକ୍ସ ରୋଗରେ ପୀଡ଼ିତ ହୋଇଥାନ୍ତି ଏବଂ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁ ଗ୍ରୀବା କର୍କଟ ରୋଗର ଚିହ୍ନଟ ଓ ଚିକିତ୍ସା କରିପାରିଲେ ୯୨% ରୋଗୀ ଭଲ ହୋଇଯାନ୍ତି। ଆଗରୁ ସତର୍କ ରହିଲେ ଓ ଝିଅମାନେ ଏଚ୍‌ପିଭି ଭାକ୍ସିନ୍ ନେଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିହତ କରିହେବ।

କ୍ୟାନ୍‌ସର ସର୍ଭିକ୍ସ ପାଇଁ 'ହାଇରିସ୍କ' ମହିଳା–

ଅଳ୍ପ ବୟସରେ ବିବାହ ଓ ଅଳ୍ପ ବୟସରେ ଯୌନ ଜୀବନର ଆରମ୍ଭ, ଅଳ୍ପ ବୟସରେ ପ୍ରଥମ ଗର୍ଭଧାରଣ, ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ, ନିମ୍ନ ମଧ୍ୟବିତ୍ତ ପରିବାରର ମହିଳା, ଅସ୍ୱାସ୍ଥ୍ୟକର ପରିବେଶରେ ବାସକରୁଥିବା ମହିଳା, ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା ହାଇରିସ୍କ 'ହ୍ୟୁମାନ୍ ପାପିଲୋମା ଭାଇରସ୍' ଓ 'ହର୍‌ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ'କୁ ଏକ୍ସପୋଜର, ଯେଉଁ ମହିଳାମାନଙ୍କର ଅନେକ ଯୌନ ସଙ୍ଗୀ ଥାଆନ୍ତି, ଯେଉଁ ମହିଳାଙ୍କର ସ୍ୱାମୀଙ୍କର ପୂର୍ବ ସ୍ତ୍ରୀ ଜରାୟୁ ଗ୍ରୀବା କର୍କଟ ରୋଗରେ ମୃତ୍ୟୁବରଣ କରିଥାଆନ୍ତି, ଏଚ୍‌ଆଇଭି ପଜିଟିଭ ମହିଳା, ଗର୍ଭନିରୋଧକ ବଟିକା ସେବନ, ଧୂମପାନ କରୁଥିବା ମହିଳା।

**ଏଚ୍‌ପିଭି ଭାକ୍ସିନ୍ ବା ଟିକା :**

ସମ୍ପ୍ରତି ଅନୁଧ୍ୟାନରୁ ଜଣାଯାଇଛି ଯେ ହ୍ୟୁମାନ ପାପିଲୋମା ଭାଇରସ୍ ସଂକ୍ରମଣ ଅନେକାଂଶରେ କ୍ୟାନ୍‌ସର ସର୍ଭିକ୍ସ ପାଇଁ ଏକ ବଡ଼ ରିସ୍କ ଫ୍ୟାକ୍ଟର। ଏଚ୍‌ପିଭି ଭୂତାଣୁର କ୍ୟାାନ୍‌ସର ଉଦ୍ରେକକାରୀ ଗୁଣ ଯୋଗୁ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି। ଏଥିରେ 'ହାଇ ଅଙ୍କୋଜେନିକ୍ ରିସ୍କ' ହେଉଛି ଟାଇପ୍ ୧୬,୧.୩୧,୩.୩୫,୪୮ ଏବଂ ୮୬ ଏବଂ 'ଲୋ ଅଙ୍କୋଜେନିକ୍ ରିସ୍କ' ହେଉଛି ଟାଇପ୍ ୬,୧.୪୨ ଏବଂ ୪୩। ଶତକଡା ୪୪ .୭ ପ୍ରତିଶତ ଜରାୟୁ ଗ୍ରୀବା କର୍କଟରୋଗୀମାନଙ୍କର ପ୍ରାୟ ହାଇରିସ୍କ ଏଚ୍‌ପିଭି ସଂକ୍ରମଣ ଥାଏ ଓ ଡିଏନ୍‌ଏ ଟେଷ୍ଟ ପଜିଟିଭ୍ ହୋଇଥାଏ।

ଏଭଳି ଏକ ମାରାତ୍ମକ ରୋଗର ନିରାକରଣ ପାଇଁ ଆଜିକାଲି ୨ପ୍ରକାର ଭାକ୍ସିନ୍ ବା ଟିକା ଉପଲବ୍ଧ 'ବାଇଭାଲେଣ୍ଟ ଭାକ୍ସିନ୍ ବା' ସର୍ଭାରିକ୍ସ' ଏହା ଏଚ୍‌ପିଭିର ଦୁଇଟି ଷ୍ଟ୍ରେନ୍ ୧୬,୧୮ ଏବଂ କ୍ୱାଡ୍ରିଭେଲେଣ୍ଟ ଭାକ୍ସିନ(ଗାର୍ଡାସିଲ) ଏଚ୍‌ପିଭି ଟାଇପ ୧୬,୧.୬ ଏବଂ ୧୧ (ଚାରିଟି ଷ୍ଟ୍ରେନ୍) ବିପକ୍ଷରେ କାମ କରିଥାଏ। ଏହି ଟିକା ପ୍ରାୟ ଶତକଡ଼ା ୯୦ ଭାଗ ସର୍ଭାଇକାଲ କ୍ୟାନ୍‌ସରକୁ ପ୍ରତିରୋଧ କରିଥାଏ। ବର୍ତ୍ତମାନ ମୋନାଭାଲେଣ୍ଟ ଟିକା ମଧ୍ୟ ଉପଲବ୍ଧ। ପ୍ରତ୍ୟେକ ଟିକା ଏଚ୍‌ପିଭି ଟାଇପ ୩୧,୩୩ ଏବଂ ୪୫କୁ କ୍ରସ୍ ପ୍ରୋଟେକ୍ସନ୍ ଦେଇଥାଏ।

**ବୟସ:** ଏହି ଟିକା ସାଧାରଣତଃ ୯ ରୁ ୧୪ ବର୍ଷର ଝିଅମାନଙ୍କୁ ୨ଟି ଡୋଜ୍‌ରେ ଦିଆଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(WHO)ର କାର୍ଯ୍ୟସୂଚୀ ଅନୁଯାୟୀ ୧୪ ବର୍ଷରୁ କମ୍ ବୟସର ଝିଅମାନଙ୍କୁ ୨ଟି ଡୋଜ୍‌ରେ (୦ ଓ ୬ ମାସ) ସମୟରେ ଏବଂ ୧୪ ବର୍ଷରୁ ଉର୍ଦ୍ଧ୍ୱ ବୟସର ଝିଅମାନଙ୍କୁ ଯଥା ୧୫ ରୁ ୨୬ ବର୍ଷ ଏମିତିକି ସ୍ଥଳବିଶେଷରେ ୩୫ ଓ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ଦିଆଯାଇପାରିବ। ତେବେ ୩୫ରୁ ୪୫ବର୍ଷ ବୟସର ମହିଳାମାନଙ୍କର ଏହି ଟିକା ଦେବା ପୂର୍ବରୁ ପାପ୍‌ସ୍ମିଅର ଓ ଏଚ୍‌ପିଭି ଟେଷ୍ଟ କରାଇବା ଜରୁରୀ। ସେମାନଙ୍କୁ ୩ଟି ଡୋଜ୍ ଯଥା (୦, ୨ ମାସ ତଥା ୬ ମାସ) ସମୟରେ ଦିଆଯାଇଥାଏ। ତେବେ ମଝିରେ ମଝିରେ ଏହି ମହିଳାମାନଙ୍କ ଡାଉନ ଷ୍ଟେଜିଂ ଓ ପାପ୍‌ସ୍ମିଅର ଟେଷ୍ଟ କରିବା ଆବଶ୍ୟକ।

ପ୍ରତ୍ୟେକ ମା' ନିଜ ଝିଅଙ୍କୁ କ୍ୟାନ୍‌ସର ସର୍ଭିକ୍ସ ଭଳି ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏଚ୍‌ପିଭି ଭାକ୍ସିନ ଭଳି ପ୍ରତିଷେଧକ ଟିକା ଦେବା ଆବଶ୍ୟକ।

–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ







ସୌନ୍ଦର୍ଯ୍ୟ

# କଞ୍ଜିକ୍ଷୀରରେ ରୂପଚର୍ଯ୍ୟା



ମୁହଁରେ ଆମେ କେତେକ ଘରୋଇ ଉପଚାର କରିଥାଉ। ଏସବୁ ମଧ୍ୟରେ ରହିଛି କଞ୍ଚାକ୍ଷୀର। କଞ୍ଚାକ୍ଷୀର ପ୍ରାକୃତିକ ଏବଂ ଶସ୍ତା ବିଉଟି ଟ୍ରିଟ୍‌ମେଣ୍ଟ। ସେ ସମ୍ପର୍କରେ କିଛି ଟିପ୍ସ...



- ଏଥିରେ ଭିଟାମିନ୍ ଏ,ଡି ଏବଂ ଲାକ୍‌ଟିକ୍ ଏସିଡ୍ ଭଳି କେତେକ ପୋଷକ ତତ୍ତ୍ୱ ରହିଛି । ଯାହା ତ୍ୱଚାର ଭିତରକୁ ଯାଇ ତାକୁ ହାଇଡ୍ରେଟ୍ କରିଥାଏ।
- ଏହା ବିଶେଷ ଭାବରେ ଡ୍ରାଏ ସ୍କିନ୍ ପାଇଁ ଭଲ କାମ କରିଥାଏ। କଞ୍ଚାକ୍ଷୀର ସ୍କିନ୍‌ର ଡେଡ୍ ସେଲ୍‌କୁ ବାହାର କରିଥାଏ ଏବଂ ନୂଆ ସେଲ୍ ବିକାଶରେ ସାହାଯ୍ୟ କରିଥାଏ।
- କଞ୍ଚାକ୍ଷୀର ତ୍ୱଚାର କୋଶିକାକୁ ଏକ୍ସଫୋଲିଏଟ୍ କରିଥାଏ। ଏହା ଝୁରିଆଁକୁ କମ୍ କରିଥାଏ।
- ଏଥିରେ ଲାକ୍‌ଟିକ୍ ଏସିଡ୍ ଥିବା କାରଣରୁ ଯାହା ତ୍ୱଚାକୁ ଅଧିକ ଟାଇଟ୍ ଏବଂ ୟଙ୍ଗ୍ ଦେଖାଯାଇଥାନ୍ତି।
- କ୍ଷୀରରେ ପ୍ରାକୃତିକ ଗୁଣ କାରଣରୁ ଏହା ଦାଗ ଚିହ୍ନ ଏବଂ ମୁଖବ୍ରଣର ଚିହ୍ନକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚା ଉପରେ ପିମ୍ପଲ୍ସ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରିଥାଏ।

## ଖାଦ୍ୟରୁଚି // ଭେଜିଟେବୁଲ ଇଡ୍‌ଲି



**ଆବଶ୍ୟକ ସାମଗ୍ରୀ**

ସୁଜି ଦେଢ଼ ୨ କପ, ଦହି ୨କପ, ଗାଜର ଅଧା କପ (କଦୁକସ୍ ହୋଇଥିବା), ପିଆଜ ଗୋଟିଏ ଛୋଟ ଆକାରରେ କଟାହୋଇଥିବା , କଞ୍ଚାଲଙ୍କା ୨/୩ଟି, ବିନ୍ସ ଅଧାକପ୍, ଗ୍ରୀନ୍ ମଟର ଅଧାକପ, ହଳଦୀ ପାଉଡର ଏକଚତୁର୍ଥାଂଶ,ଗୋଲମରିଚ ପାଉଡର ଏକ ଚତୁର୍ଥାଂଶ,ଜିରା ୧ଚାମଚ, ସୋରିଷ ଅଧାଚାମଚ, ହରଡ ଡାଲି ୧ ଚାମଚ, ଚଣାଡାଲି ୧ ଚାମଚ,ତେଲ ୩–୪ଚାମଚ,ସ୍ୱାଦ ଅନୁସାରେ ଲୁଣ,ବେକିଂ ସୋଡ଼ା ଚିମୁଟାଏ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ସୁଜିକୁ ଏକ ବାଓଲରେ କାଢ଼ନ୍ତୁ। ସେଥିରେ ଦହି ଏବଂ ପାଣିକୁ ଭଲ ଭାବେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ବେଟରକୁ ଢାଙ୍କି ୧୫–୨୦ମିନିଟ୍ ରଖନ୍ତୁ। ଫଳରେ ସୁଜି ଯେପରି ଫୁଲିଯିବ। ଏବେ ଏକ ପ୍ୟାନ୍‌ରେ ୨ ଚାମଚ୍ ପାଖାପାଖି ତେଲ ନିଅନ୍ତୁ । ସେଥିରେ ଚଣାଡାଲି,ହରଡ଼ ଡାଲି,ଜିରା,କଞ୍ଚାଲଙ୍କା ପକାଇ ଛୁଙ୍କ ମାରନ୍ତୁ। ପୁଣି କୁହାଯାଇଥିବା ସବୁ ପନିପରିବାକୁ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ପୁଣି ସେଥିରେ ଲୁଣ,ହଳଦୀ ପାଉଡର ଏବଂ ଗୋଲମରିଚ ଗୁଣ୍ଡ ଓ ପନିପରିବାକୁ ପକାଇ ନରମହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ପନିପରିବା ନରମ ହୋଇଗଲା ପରେ ତାକୁ ଇଡ୍‌ଲି ବେଟରରେ ପକାନ୍ତୁ। ଆବଶ୍ୟକ ପଡ଼ିଲେ ସେଥିରେ ଅଳ୍ପ ପାଣି ମିଶାନ୍ତୁ। ଏବେ ଇଡ୍‌ଲି ଷ୍ଟାଣ୍ଡରେ ତେଲ ଲଗାଇ ଦିଅନ୍ତୁ। ଏବେ ସେଥିରେ ବେଟର ପକାଇ ତାକୁ ଷ୍ଟିମ୍ କରନ୍ତୁ। ଇଡ୍‌ଲି ହୋଇଛି କି ନାହିଁ ପୁଣି ଚେକ୍ କରନ୍ତୁ। ଯଦି ଇଡ୍‌ଲି ହୋଇଯାଇଛି ତେବେ ଫ୍ଲେମ୍ ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ଇଡ୍‌ଲି ପୂରା ପ୍ରସ୍ତୁତ । ଏହାକୁ ଆପଣ ପିଲାଙ୍କୁ ଟିଫିନ୍‌ରେ ମଧ୍ୟ ଦେଇପାରିବେ।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୪/୨୦୨୫ Bhubaneswar, Tuesday, February 4/ 2025






ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପିଚ୍ କ୍ୟୁରେଟର ପ୍ରକାଶ ଯାଦବ ସୋମବାର ବାରବାଟୀ ଷ୍ଟାଡିୟମ ପିଚ୍ ନିରୀକ୍ଷଣ କରୁଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁବନ୍ଧିତ ଅନୁଷ୍ଠାନକୁ ଟିକେଟ ବିକ୍ରି କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)।

## ନକୁଳଙ୍କ ଶତକ: ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ):** ବେଙ୍ଗାଲୁରୁଠାରେ ସୋମବାର ଆରମ୍ଭ ହୋଇଥିବା ଜାତୀୟ ଦୃଷ୍ଟିବାଧିତ ନଗେଶ ଟ୍ରଫି କ୍ରିକେଟ ସୁପର-୮ରେ ଓଡ଼ିଶା ୧୦୧ ରନ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନକୁଳ ବଡ଼ନାୟକଙ୍କ ଶତକ (୧୦୨ ରନ) ଓ ପଙ୍କଜ ଭୁଏଙ୍କ ଅର୍ଦ୍ଧଶତକ (୬୨ ରନ) ସହାୟତାରେ ଓଡ଼ିଶା ୨୦ ଓଭରରେ ୬ ଉଇକେଟ ହରାଇ ୨୦୦ ରନ କରିଥିଲା। ଜବାବରେ ଝାଡ଼ଖଣ୍ଡ ପୂରା ୨୦ ଓଭର ଖେଳିଥିଲେ ମଧ୍ୟ ୭ ଉଇକେଟ ହରାଇ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦେବରାଜ ୨ଟି ଏବଂ ନକୁଳ, ପଙ୍କଜ ଓ ଲାଲ ପ୍ରସାଦ ସୋରେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ୧୬ ବର୍ଷରୁ କମ୍ ସର୍ବଭାରତୀୟ ଟେନିସ ଆରମ୍ଭ



ଉଦ୍‌ଘାଟନୀ ସମାରୋହରେ ଖେଳାଳିଙ୍କ ସହ ଅତିଥିବୃନ୍ଦ।

**ବ୍ରହ୍ମପୁର, ୩।୨ (ସୁବାସ ଚନ୍ଦ୍ର ପାଢ଼ୀ)**

ୟୁନିୟନ କ୍ଲବ ଟେନିସ ଆରେନା ଓ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରସ୍ଥ ଟେନିସ ପଡ଼ିଆରେ ୧୬ବର୍ଷରୁ କମ୍ ବାଳିକା ଓ ବାଳକ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ସର୍ବଭାରତୀୟ ଟେନିସ୍ ସଂଘ ଓ ଗଞ୍ଜାମ ଜିଲା ଟେନିସ୍ ସଂଘ (ଜିଡିଟିଏ) ଏହାକୁ ଆୟୋଜନ କରିଛି। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଡା. ସାର୍ଥକ ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଓ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଯୋଗଦେଇଥିଲେ। ଜିଡିଟିଏ ସଭାପତି ଅବଦୁଲ ସତ୍ତାର, ସମ୍ପାଦକ ରାଜେଶ ସାହୁ, ଟୁର୍ନାମେଣ୍ଟର ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଟ୍ଟନାୟକ, ୟୁନିୟନ କ୍ଲବ ସମ୍ପାଦକ ଦେବପ୍ରିୟ ଦାସ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ଦୀର୍ଘ ୯ ବର୍ଷ ପରେ ଗଞ୍ଜାମ ଜିଲା ଟେନିସ୍ ସଂଘ ଆୟୋଜନ କରିଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଚାଲିବ। ସୋମବାର ଉଭୟ ସ୍ଥାନରେ ୧୭ ମ୍ୟାଚ ଖେଳାଯାଇଛି। ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀମାନେ ଭଲ ଅଭିଜ୍ଞତା ନେଇ ଯିବେ ବୋଲି ପ୍ରକାଶ କରି ଖେଳାଳି ଓ ଆୟୋଜନକାରୀ ସଂଘକୁ ଦକ୍ଷିଣାଞ୍ଚଳ ଆଇଜି ଷଡଙ୍ଗୀ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ ଆଦି ୫ ରାଜ୍ୟରୁ ୬୦ ପ୍ରତିଯୋଗୀ ନାମ ପଞ୍ଜୀକୃତ କରିଥିବାବେଳେ କେତେକ ରାଜ୍ୟରେ ପରୀକ୍ଷା ଥିବାରୁ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବାଳକ ବିଭାଗରେ ଓଡ଼ିଶାର ଆହାନ ମିଶ୍ର ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷଙ୍କୁ ୬-୨, ୬-୧ ସେଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଯାଇଛନ୍ତି। ସେହିପରି ବାଳିକା ବିଭାଗରେ ଓଡ଼ିଶାର ଆହାନ ଓ ଆନ୍ଧ୍ର ପ୍ରଦେଶର ଲାସ୍ୟଲକ୍ଷ୍ମୀ ସୂର୍ଯ୍ୟ ପି. ୟେରାଙ୍କ ମଧ୍ୟରେ ଖେଳ ହୋଇଥିଲା। ସେଥିରେ ଆହାନ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିବା ଟୁର୍ନାମେଣ୍ଟ ନିର୍ଦ୍ଦେଶକ କହିଛନ୍ତି।

# ଓଡ଼ିଶା ୮ ଉଇକେଟରେ ବିଜୟୀ

**ସମ୍ବଲପୁର,୩।୨(ବି.ଶଙ୍କର)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଭ୍ରମଣକାରୀ ଚଣ୍ଡିଗଡ଼ ଦଳକୁ ଓଡ଼ିଶା ୮ଉଇକେଟରେ ପରାସ୍ତ କରିଛି। ଫଳରେ ଓଡ଼ିଶା ଦଳ ମ୍ୟାଚରୁ ୭ପଏଣ୍ଟ ହାସଲ କରିଛି। ସୋମବାର ଚଣ୍ଡିଗଡ ଦଳ ତୃତୀୟ ଦିବସର ଅସମାପ୍ତ ସ୍କୋର ୭୭ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଆରୁଷ ଭଣ୍ଡାରୀ ଓ ନିଖିଲ କୁମାର ବ୍ୟାଟିଂ କରିବାକୁ କ୍ରିଜ୍‌କୁ ଓହ୍ଲାଇଥିଲେ। ଆରୁଷ ଓ ନିଖିଲ ବ୍ୟକ୍ତିଗତ ସ୍କୋର ଯଥାକ୍ରମେ ୧୮ ଏବଂ ୧୦ ରନ ସଂଗ୍ରହ କରି ପାଭିଲିୟନ ଫେରିଥିଲେ। ଫଳରେ ଦଳ ପୁଣି ଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହାପରେ ଅକଶିତ ରାଣା ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୯୬ ବଲର ସମ୍ମୁଖୀନ ହୋଇ ୪୩ରନ କରିଥିଲେ; ଯଦ୍ୱାରା ଚଣ୍ଡିଗଡ ୭୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୯୩ ରନ କରିଥିଲା। ଓଡ଼ିଶାର ଆଶୁତୋଷ ଛୁରିଆ ୨୦ ଓଭର ବୋଲିଂ କରି ୭୪ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ସନ୍ଦୀପ ମହାପାତ୍ର ୨ଟି ଏବଂ ଆଶୁତୋଷ ମାରାଣ୍ଡି, ସମ୍ବିତ ବରାଳ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

୭୦ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ପନକଲା ଶଶାଙ୍କ ଓ ସାୱନ ପହରିୟାଙ୍କ ଦ୍ୱାରା ଇନିଂସ ଓପନ କରିଥିଲା। ଦଳୀୟ ସ୍କୋର ୨୦ ରନ ଥିବାବେଳେ ଓଡ଼ିଶା ପ୍ରଥମ ଏବଂ ୩୯ ଥିବା ସମୟରେ ଦ୍ୱିତୀୟ ଉଇକେଟ ହରାଇଥିଲା। କିନ୍ତୁ ଓମ୍ ମୁଣ୍ଡା ଓ ସନ୍ଦୀପ ମହାପାତ୍ର ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଓମ୍ ୩୬ ବଲରେ ୨୫(୩ଟି ଚୌକା)ଓ ସନ୍ଦୀପ ୩୬ ବଲକୁ ଖେଳି ୨୩ ରନ (୩ଟି ଚୌକା ଓ ୧ ଛକା)ସଂଗ୍ରହ କରିଥିଲେ। ଚଣ୍ଡିଗଡର ଆୟାନ ଦୁଗଲ ଓ ଇଭରାଜ ରଣାୱତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଚଣ୍ଡିଗଡ ଦଳ ପ୍ରଥମ ଇନିଂସରେ ୧୧୯ ଏବଂ ଦ୍ୱିତୀୟ ଇନିଂସରେ ୧୯୩ ରନ କରିଥିଲା। ସେହିପରି ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ଓଡ଼ିଶା ୨୬୧ ରନ କରିଥିବାବେଳେ ଦ୍ୱିତୀୟ ଇନିଂସରେ ୨ଟି ଉଇକେଟ ହରାଇ ୭୩ରନ କରିଥିଲା। ଜିଲା କ୍ରୀଡ଼ା କାଉନ୍‌ସିଲ ସଭ୍ୟ ସୁବୋଧ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ାଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ଜାତୀୟ ଅମ୍ପାୟର ସୁବ୍ରତ ଦାସ, ଜିଲା କ୍ରୀଡ଼ା ସଂଘ ଆଥ୍‌ଲେଟିକ ସମ୍ପାଦକ ବିକାଶ ମିଶ୍ର, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, କାଉନ୍‌ସିଲ ସଭ୍ୟ ମହମ୍ମଦ ଇସାକ, ଶାନ୍ତନୁ ନନ୍ଦ, ସୁବୋଧ ସାହୁ, ମନୋଜ ଭୋଇ ସମ୍ମାନିତ ଅତିଥି ଥିଲେ।




ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିଙ୍କ ସହ ଓଡ଼ିଶା ଦଳର ଖେଳାଳିମାନେ।

**ସିକେ ନାଇଡୁ ଟ୍ରଫି**

## ସଞ୍ଜୁ ସାମସନ ୬ସପ୍ତାହ ଖେଳିପାରିବେନି

**ନୂଆଦିଲ୍ଲୀ, ୩।୨ (ପି.ଟି.)**

ଷ୍ଟାର ଉଇକେଟକିପର ବ୍ୟାଟର ସଞ୍ଜୁ ସାମସନ ୫ରୁ ୬ ସପ୍ତାହ ପର୍ଯ୍ୟନ୍ତ କ୍ରିକେଟ ଖେଳିପାରିବେ ନାହିଁ। ଇଂଲଣ୍ଡ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ବେଳେ ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ତାଙ୍କ ତର୍ଜନୀ ଆଙ୍ଗୁଠି ଭାଙ୍ଗିଯାଇଛି। ଫଳରେ ସେ ଆଗାମି ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲ ମ୍ୟାଚ ଖେଳି ପାରିବେ ନାହିଁ। ଖବର ଅନୁସାରେ ସଞ୍ଜୁ ତାଙ୍କ ନିଜ ସହର ଥିରୁଭାନନ୍ଥପୂରମ ଫେରିଯାଇଛନ୍ତି। ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରିହାବିଲିଟେଶନ ଶେଷ ପରେ ସେ ଟ୍ରେନିଂ ଆରମ୍ଭ କରିପାରିବେ। ପ୍ରତିଯୋଗିତମୂଳକ କ୍ରିକେଟକୁ ଫେରିବା ପୂର୍ବରୁ ତାଙ୍କୁ ଏନ୍‌ସିଏରୁ ସବୁଜ ସଂକେତ ଆବଶ୍ୟକ। ସଞ୍ଜୁଙ୍କୁ ଫିଟ୍ ହେବାଲାଗି ୫ରୁ ୬ ସପ୍ତାହ ସମୟ ଲାଗିବାକୁଥିବାରୁ ପୁଣେଠାରେ ଫେବୃଆରୀ ୮ରୁ ୧୨ପର୍ଯ୍ୟନ୍ତ ଖେଳାଯିବାକୁଥିବା ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ତାଙ୍କର କେରଳ ପାଇଁ ଖେଳିବା ସମ୍ଭାବନା ନାହିଁ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। ତେବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିବା ବେଳକୁ ସଞ୍ଜୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ସେ କହିଛନ୍ତି।

**ଚାମ୍ପିୟନ୍ସ ଟ୍ରଫି**

## ଭାରତର ମ୍ୟାଚ ପାଇଁ ଟିକେଟ ବିକ୍ରି ଆରମ୍ଭ

**ଦୁବାଇ, ୩।୨ (ପି.ଟି.):** ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ସେମିଫାଇନାଲ ବ୍ୟତୀତ ଦୁବାଇରେ ଖେଳାଯିବାକୁ ଥିବା ଭାରତର ୩ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ପାଇଁ ଟିକେଟ ବିକ୍ରି ସୋମବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରକାଶ କରିଛି। ଚାମ୍ପିୟନ୍ସ ଟ୍ରଫିର ଏହି ସଂସ୍କରଣ ଫେବୃଆରୀ ୧୯ରୁ ପାକିସ୍ତାନ ଓ ଦୁବାଇରେ ଆରମ୍ଭ ହେବ। ଭାରତ ଏହାର ମ୍ୟାଚଗୁଡ଼ିକ ଦୁବାଇରେ ଖେଳିବ। ସର୍ବନିମ୍ନ ଟିକେଟର ମୂଲ୍ୟ ସଂଯୁକ୍ତ ଆରବ ଏମିରେଟ୍ସ ମୁଦ୍ରାରେ ୧୨୫ ଦିରାମ ରଖାଯାଇଛି। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୨,୯୦୦ ଟଙ୍କା।

## ବିଜୟ ସହ ଓଡ଼ିଶା ମହିଳା ବିଚ୍ ଭଲିବଲ ଦଳର ଅଭିଯାନ ଆରମ୍ଭ



କୋଚ୍‌ଙ୍କ ସହ କିଟ୍‌ର ଦୁଇ ଖେଳାଳି।

**ଜାତୀୟ କ୍ରୀଡ଼ା**

**ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ମହିଳା ବିଚ୍ ଭଲିବଲ୍‌ରେ ଓଡ଼ିଶା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସୋମବାର ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ୨-୦ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ଏହି ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଓ ଆଶା ମୁଣ୍ଡାରୀ ସାମିଲ ଅଛନ୍ତି।

## ଟ୍ରଫି ଟୁର୍ ଶେଷ

**ନୂଆଦିଲ୍ଲୀ, ୩।୨ (ପି.ଟି.):** ଫେବୃଆରୀ ୧୯ରୁ ଖେଳାଯିବାକୁ ଥିବା ଆଇସିସି ଚାମ୍ପିୟନ ପାଇଁ ଟ୍ରଫି ଟୁର୍ ଭାରତରେ ଶେଷ ହୋଇଛି। ଟ୍ରଫି ମୁମ୍ବାଇ ଓ ବେଙ୍ଗାଲୁରୁ ଗସ୍ତ କରିଛି। ୮ଟି ଶ୍ରେଷ୍ଠ ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ୫୦ ଓଭର ବିଶିଷ୍ଟ ଟୁର୍ନାମେଣ୍ଟ ପାକିସ୍ତାନ ଓ ଦୁବାଇରେ ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ହେବ। ବିଶ୍ୱ ପରିକ୍ରମା ଅବସରରେ ଟ୍ରଫି ଟୁର୍ ଅଂଶଗ୍ରହଣକାରୀ ୮ଟି ଦେଶ ମଧ୍ୟ ଗସ୍ତ କରିଥିଲା। ଭାରତରେ ଏହାର ଶେଷ ପର୍ଯ୍ୟାୟ ଥିଲା। ଟ୍ରଫି ବର୍ତ୍ତମାନ ପାକିସ୍ତାନରେ ଏହାର ଶେଷ ରହିଣିକୁ ଯାତ୍ରା କରିବ ବୋଲି ଆଇସିସି ସୋମବାର ପ୍ରକାଶ କରିଛି। ମୁମ୍ବାଇ ଟୁର୍ ସମୟରେ ଟ୍ରଫି ୱାଙ୍ଖେଡେ ଷ୍ଟାଡିୟମ, ଶିବାଜୀ ପାର୍କ, ଗେଟ୍‌ୱେ ଅଫ୍ ଇଣ୍ଡିଆ, କାର୍ଟର ରୋଡ୍, ଐତିହାସିକ ଶିବାଜୀ ଟର୍ମିନସ ଓ ବ୍ୟାଣ୍ଡଷ୍ଟାଣ୍ଡ ସମେତ ଅନ୍ୟ କେତେକ ସ୍ଥାନ ପରିକ୍ରମା କରିଥିଲା।

# କଳିଙ୍ଗରେ ଦର୍ଶକଙ୍କ ପାଇଁ ଫ୍ରି ଟିକେଟ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଭୁବନେଶ୍ୱର, ୩।୨ (ତପନ ସ୍ୱାଇଁ)**

ଓଡ଼ିଶା ହକି ପ୍ରେମୀଙ୍କ ପାଇଁ ଭଲ ଖବର। କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦର୍ଶକମାନେ ମାଗଣାରେ ସେମାନଙ୍କ ପ୍ରିୟ ହକି ତାରକାଙ୍କ ଆକ୍ସନକୁ ଉପଭୋଗ କରିପାରିବେ। ହକି ଇଣ୍ଡିଆ ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। କଳିଙ୍ଗରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଲିଗ୍ ଚଳିତ ମାସ ୧୫ରୁ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଷ୍ଟାଡିୟମରେ ଏକ ଫ୍ୟାନ-ଫ୍ରେଣ୍ଡଲୀ ପରିବେଶ ସୃଷ୍ଟି କରିବାକୁ ହକି ଇଣ୍ଡିଆ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଦର୍ଶକମାନେ WWW.TICK-ETGENIE.INରେ ନିଜ ସମ୍ପର୍କରେ ସବିଶେଷ ବିବରଣୀ ଦେଇ ଅତି ସହଜରେ ସହଜରେ ଭର୍ଚୁଆଲ ଟିକେଟ ହାସଲ କରିପାରିବେ। ଟିକେଟ ପାଇଁ କୌଣସି ଦାମ୍ ଦେବାକୁ ପଡୁ ନ ଥିବାରୁ ରିଡେମ୍ପଶନର ଆବଶ୍ୟକତା ନାହିଁ। ନିଜ ଭର୍ଚୁଆଲ ଟିକେଟ ଦେଖାଇ ଦର୍ଶକମାନେ ସହଜରେ ଷ୍ଟାଡିୟମରେ ପ୍ରବେଶ କରିପାରିବେ। ‘‘ଭୁବନେଶ୍ୱରରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆୟୋଜନ ଅଧିକାର ପାଇଥିବାରୁ ଆମେ ଗର୍ବିତ। ଏଠାରେ ଅନେକ ବିଶ୍ୱସ୍ତରୀୟ ହକି ଅନୁଷ୍ଠିତ ହୋଇସାରିଛି। ଫ୍ରି-ଟିକେଟ ଅଫର ଦ୍ୱାରା ଆମେ ଷ୍ଟାଡିୟମରେ ଏକ ଭିନ୍ନ ପରିବେଶ ସୃଷ୍ଟି କରିବାକୁ ଚାହୁଁଛୁ। ସମସ୍ତ କ୍ଷେତ୍ରରୁ ଦର୍ଶକମାନେ ଆସି ଏହି ଗେମ୍‌କୁ ଉପଭୋଗ କରନ୍ତୁ। ବିଶ୍ୱସ୍ତରରେ ହକିପ୍ରତି ଆମର ଆବେଗ ପ୍ରଦର୍ଶନ ପାଇଁ ଏହା ଏକ ବଡ଼ ସୁଯୋଗ’’ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସମ୍ପାଦକ ଭୋଲାନାଥ ସିଂ ମଧ୍ୟ ଖୁବ୍ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଫ୍ରିରେ ଟିକେଟ ଦେବା ଅର୍ଥ ସମସ୍ତେ ଆସି ଖେଳ ଉପଭୋଗ କରନ୍ତୁ ବୋଲି ଆମେ ଚାହୁଁଛୁ। ହକି ପ୍ରେମୀମାନେ ସେମାନଙ୍କ ଫ୍ରି ଟିକେଟକୁ ହାସଲ କରି ଆମ ଦଳକୁ ଉତ୍ସାହିତ କରନ୍ତୁ ବୋଲି ସେ କହିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣରେ ଭାରତ ପୁରୁଷ ବର୍ଗରେ ଇଂଲଣ୍ଡ, ସ୍ପେନ, ଜର୍ମାନୀ, ଆୟର୍ଲାଣ୍ଡ ସହିତ ମୁକାବିଲା କରିବ। ସେହିପରି ଭାରତୀୟ ମହିଳା ଦଳ ଜର୍ମାନୀ, ଇଂଲଣ୍ଡ, ନେଦରଲାଣ୍ଡ୍ସ ଓ ସ୍ପେନ୍ ସହିତ ଖେଳିବ। ପ୍ରତ୍ୟେକ ଦଳ ପରସ୍ପରକୁ ୨ଟି ଲେଖାଏ ମ୍ୟାଚରେ ଭେଟିବେ।

## ଫିକ୍ସିଂ ଅଭିଯୋଗରେ ଟାଏକୋଣ୍ଡୋ ଅଫିସିଆଲ ବହିଷ୍କୃତ

**ଡେରାଡୁନ୍, ୩।୨ (ପି.ଟି.):** ଫିକ୍ସିଂ ଅଭିଯୋଗରେ ନ୍ୟାଶନାଲ ଗେମ୍ସ ଟେକ୍‌ନିକାଲ କଣ୍ଡକ୍ଟ କମିଟି(ଜିଟିସିସି) ଟାଏକୋଣ୍ଡୋ ପ୍ରତିଯୋଗିତାର ନିର୍ଦ୍ଦେଶକଙ୍କୁ ବହିଷ୍କାର କରିଛନ୍ତି। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ୧୬ଟି ଓଜନ କାଟେଗୋରି ମଧ୍ୟରୁ ସେ ୧୦ଟିର ଫଳାଫଳ ପୂର୍ବରୁ ଫିକ୍ସ କରିସାରିଥିବା କେତେଜଣ ଅଫିସିଆଲଙ୍କ ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ୩ ଜଣିଆ ସଦସ୍ୟ ବିଶିଷ୍ଟ କ୍ଷମତାଶାଳୀ ପ୍ରିଭେନ୍‌ଶନ ଅଫ୍ ମାନୁପୁଲେଶନ ଅଫ୍ କମ୍ପିଟିଶନ କମିଟିର କଡ଼ା ସୁପାରିସ ପରେ ଟେକ୍‌ନିକାଲ କଣ୍ଡକ୍ଟ କମିଟି ଟି. ପ୍ରବୀନ କୁମାରଙ୍କ ସ୍ଥାନରେ ଏସ୍. ଦି ଦେଶ କୁମାରଙ୍କୁ ନୂଆ ନିର୍ଦ୍ଦେଶକ ଭାବେ ମନୋନୀତ କରିଛି। ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ପି.ଟି. ଉଷା ଏହି ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ସୋମବାର ଓଡ଼ିଶା ଏଫ୍‌ସି ଓ ନର୍ଥ ଇଷ୍ଟ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ